# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୧/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, June 21/2019 | ★★★★★★

୪୫ଶ ଭାଗ ୨୦୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-





**ଶ୍ରୀ ଇ.ଏସ୍.ଏଲ୍. ନରସିଂହନ୍**
ମାନ୍ୟବର ରାଜ୍ୟପାଳ, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ



**ଶ୍ରୀ ଦେବେନ୍ଦ୍ର ଫଡନବିସ୍**
ମାନ୍ୟବର ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ର



**ଶ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଆନ୍ଧ୍ରପ୍ରଦେଶ

## ବିଶ୍ୱର ସର୍ବବୃହତ୍ ବହୁ-ସ୍ତରୀୟ, ବହୁ-ଉଦ୍ଦେଶୀୟ ଉଠା ଜଳସଚେନ ଯୋଜନା
## ଭାରତର ଗର୍ବ ଏବଂ ତେଲେଙ୍ଗାନା ପାଇଁ ବରଦାନ

# କାଲେଶ୍ୱରମ୍

## ମଲ୍ଟି-ପର୍ପୋଜ୍ ଲିଫ୍ଟ ଇରିଗେଶନ୍ ପ୍ରୋଜେକ୍ଟ

ଆନ୍ତଃରାଜ୍ୟ ବିବାଦକୁ ସୌହାର୍ଦ୍ଦ୍ୟର ସହିତ ସମାଧାନ କରି, ସମସ୍ତ ଅନୁମତି ଓ ମଞ୍ଜୁରୀ ହାସଲ କରି, ସମସ୍ତ ବାଧାବିଘ୍ନକୁ କୁଶଳତାର ସହ ପରାସ୍ତ କରି, ମାତ୍ର ତିନିବର୍ଷର ସଂକ୍ଷିପ୍ତ ଅବଧିରେ, ତେଲେଙ୍ଗାନା ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ମିତ ବହୁ ପର୍ଯ୍ୟାୟବିଶିଷ୍ଟ, ବହୁ ଉଦ୍ଦେଶୀୟ ପ୍ରକଳ୍ପ
**କାଲେଶ୍ୱରମ୍ ଲିଫ୍ଟ ଇରିଗେସନ୍ ସ୍କିମ୍‌କୁ ଆଜି ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଉଛି ।**



ଗୋଟିଏ ବର୍ଷରେ 45 ଲକ୍ଷ ଏକରରେ ଦୁଇଟି ଫସଲ ପାଇଁ ଜଳ ଯୋଗାଣ

ପ୍ରତ୍ୟେକ ଘରକୁ ଦୈନିକ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ପାଇଁ "ମିଶନ୍ ଭଗୀରଥ" ମାଧ୍ୟମରେ 40 ଟିଏମ୍‌ସି ଜଳ

ବୃହତ ହାଇଦ୍ରାବାଦ ସହରରେ ଦୈନିକ ଏକ କୋଟି ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇଦିଆଯିବ

ଔଦ୍ୟୋଗିକ ଉପଯୋଗ ପାଇଁ ରାଜ୍ୟରେ ଥିବା ସହସ୍ରାଧିକ ଶିଳ୍ପସଂସ୍ଥାକୁ 16 ଟିଏମ୍‌ସି ଜଳ ଯୋଗାଣ

ଜଳବିଦ୍ୟୁତ୍ ଉତ୍ପାଦନର ସୁଯୋଗ

## କାଲେଶ୍ୱରମ୍ ଲିଫ୍ଟ ଇରିଗେସନ୍ ସ୍କିମ୍ ଯୋଡ଼ିଛି କରିଛି ଦେଶର ଜଳସେଚନ ଇତିହାସରେ ନୂଆ ତଥା ସଦ୍ୟତମ ରେକର୍ଡର ଅଧ୍ୟାୟ

- 139 ମେଗାୱାଟ୍‌ର ସର୍ବାଧିକ କ୍ଷମତାବିଶିଷ୍ଟ ପମ୍ପର ଉପଯୋଗ, ଯାହା ପୃଥିବୀରେ ଅନ୍ୟ କେଉଁଠି ବ୍ୟବହୃତ ହୋଇନାହିଁ
- 203 କିଲୋମିଟର ବ୍ୟାପୀ ବିଶ୍ୱର ସବୁଠାରୁ ଲମ୍ବା ସୁଡ଼ଙ୍ଗ
- କାଲେଶ୍ୱରମ୍ ହେଉଛି ବିଶ୍ୱର ଏକମାତ୍ର ପ୍ରକଳ୍ପ, ଯାହା ପ୍ରତିଦିନ 2 ଟିଏମ୍‌ସି ଜଳ ଉଠାଇପାରିବ । ଆସନ୍ତା ବର୍ଷଠାରୁ 3 ଟିମ୍‌ସି ଜଳ ଉଠାଇବାର ପ୍ରୟାସ କରାଯାଉଛି
- ଏହା ହେଉଛି ବିଶ୍ୱର ଏକମାତ୍ର ପ୍ରକଳ୍ପ, ଯାହା 45 ଲକ୍ଷ ଏକର କୃଷିଜମି, ଶହ ଶହ ଶିଳ୍ପସଂସ୍ଥା ଏବଂ ସହସ୍ରାଧିକ ଗ୍ରାମର ପାନୀୟ ଜଳ ଆବଶ୍ୟକତାକୁ ପୂରଣ କରୁଛି
- ଏପରି ମଧ୍ୟ ପ୍ରଥମ ଥର ପାଇଁ ହେଉଛି ଯେ, କୃଷିଜମିରେ ଜଳ ଯୋଗାଣ ନିମନ୍ତେ ଗୋଦାବରୀ ନଦୀର ଜଳକୁ ୨୨ ମିଟର ଉଚ୍ଚତାରୁ ପର୍ଯ୍ୟାୟକ୍ରମେ ଉଠାଯାଇ ତାହାକୁ ୬୧୮ ମିଟର ଉଚ୍ଚତା ପର୍ଯ୍ୟନ୍ତ ନିଆଯାଉଛି



ଏହା ପ୍ରକୃତରେ ତେଲେଙ୍ଗାନାବାସୀଙ୍କ ପାଇଁ ଏକ ପବିତ୍ର ଦିବସ,
ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ**

ସ୍ୱପ୍ନ ସାକାର ହୋଇଛି ଏବଂ ବହୁ ଉଦ୍ଦେଶୀୟ କାଲେଶ୍ୱରମ୍ ଲିଫ୍ଟ ଇରିଗେସନ୍ ପ୍ରୋଜେକ୍ଟ ଆଜି ଉଦ୍‌ଘାଟିତ ହେବାକୁ ଯାଉଛି । ବିଶ୍ୱର ସର୍ବବୃହତ୍ ବହୁ ସ୍ତରୀୟ, ବହୁ ଉଦ୍ଦେଶୀୟ ଉଠା ଜଳସେଚନ ଯୋଜନା କାଲେଶ୍ୱରମ୍ ଲିଫ୍ଟ ଇରିଗେସନ୍ ପ୍ରକଳ୍ପର ନିର୍ମାଣ ହେଉଛି ଭାରତ ପାଇଁ ଏକ ସମ୍ମାନ ଓ ଗର୍ବର ମୁହୂର୍ତ୍ତ ।

**ଶ୍ରୀ ଇ.ଏସ୍.ଏଲ୍. ନରସିଂହନ୍**
ମାନ୍ୟବର ରାଜ୍ୟପାଳ, ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ

**ଶ୍ରୀ ଦେବେନ୍ଦ୍ର ଫାଡନଭିସ୍**
ମାନ୍ୟବର ମୁଖ୍ୟମନ୍ତ୍ରୀ, ମହାରାଷ୍ଟ୍ର

**ଶ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଆନ୍ଧ୍ରପ୍ରଦେଶ

**ମୁଖ୍ୟ ଅତିଥି ଭାବେ ଯୋଗ ଦେବେ**

**ଶ୍ରୀ କେ. ଚନ୍ଦ୍ରଶେଖର ରାଓ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ତେଲେଙ୍ଗାନା

**କାଲେଶ୍ୱରମ୍ ଲିଫ୍ଟ ଇରିଗେସନ୍ ପ୍ରୋଜେକ୍ଟକୁ**
**ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ**

**ତାରିଖ: 21 ଜୁନ୍ 2019, ସମୟ: ପୂର୍ବାହ୍ନ 10.30 ଘଟିକା**
**ସ୍ଥାନ: ମେଡିଗଡ୍ଡା**
**ଜୟଶଙ୍କର ଭୁପାଲପାଲ୍ଲୀ ଜିଲ୍ଲା**

**୨୨ ମିଟରରୁ ୬୧୮ ମିଟରକୁ ସ୍ତର ଅନୁଯାୟୀ ଉଠା ଜଳସେଚନ ପ୍ରକ୍ରିୟା**

| କ୍ଷେତ୍ର | ଉଚ୍ଚତା (ମିଟର) | ଲିଫ୍ଟର ଉଚ୍ଚତା (ମିଟର) | ଜଳ ବ୍ୟବହାର ଟିଏମ୍‌ସିରେ |
|---|---|---|---|
| ମେଡିଗଡ୍ଡା | 92 | | 16.17 |
| ୟେଲ୍ଲାମପଲ୍ଲୀ | 148 | 56 | 75 |
| ମିଡ୍-ମାନେଆର | 318 | 170 | 25.873 |
| ଶ୍ରୀରାମ ସାଗର | 332.54 | 14.54 | 200 |
| ମାଲକପେଟ | 432.50 | 127.5 | 8.6 |
| ଅନନ୍ତଗିରି | 397 | 95 | 3 |
| ରଙ୍ଗାନାୟକ ସାଗର | 490 | 117 | 11 |
| ମାଲ୍ଲାନା ସାଗର | 557 | 103 | 108 |
| କୋଣ୍ଡା ପୋଚମ୍ମା ସାଗର | 618 | 120 | 29 |

କାରିକର୍ତ୍ତା: କମିଶନର୍, ସୂଚନା ଓ ଲୋକସମ୍ପର୍କ ବିଭାଗ, ତେଲେଙ୍ଗାନା ସରକାର



ତୁର୍କୀର ବୋଡ୍ରମ୍‌ଠାରେ ଅଭିନେତ୍ରୀ ତଥା ଏମ୍‌ପି ନୁସ୍‌ରତ ଜାହାନ କୋଲକାତାର ବ୍ୟବସାୟୀ ନିଖିଲ ଜୈନଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

## ■ ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ

# ଏକକାଳୀନ ନିର୍ବାଚନ ସମୟର ଆବଶ୍ୟକତା

ନୂଆଦିଲ୍ଲୀ,୨୦।୬(ପି.ଟି.)

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗୁରୁବାର ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ଉଭୟ ଗୃହର ସଦସ୍ୟମାନଙ୍କ ମିଳିତ ଅଧିବେଶନକୁ ଉଦ୍‌ବୋଧନ ଦେଇ ଏକକାଳୀନ ନିର୍ବାଚନ ସମୟର ଆବଶ୍ୟକତା ବୋଲି କହିଛନ୍ତି। ଦେଶର ବିଭିନ୍ନ ଭାଗରେ ବାରମ୍ବାର ନିର୍ବାଚନ ଫଳରେ ବିକାଶ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଥିବାରୁ ଏମ୍‌ପିମାନେ 'ଗୋଟିଏ ଦେଶ ଗୋଟିଏ ନିର୍ବାଚନ' ପ୍ରସ୍ତାବ ଉପରେ ଗୁରୁତ୍ୱର ସହ ଚିନ୍ତା କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏକକାଳୀନ ନିର୍ବାଚନ ଲାଗି ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦଳୀୟ ବୈଠକ ଡାକିଥିଲେ। ଏଥିରେ ଅଧିକାଂଶ ଦଳର ନେତା ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ଲୋକ ସଭା ନିର୍ବାଚନ ସହ ରାଜ୍ୟ ବିଧାନସଭାଗୁଡିକର ନିର୍ବାଚନ ଏକସଙ୍ଗେ କରାଗଲେ ଦେଶର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ଦେଶବାସୀଙ୍କ ହିତସାଧନ ହୋଇପାରିବ ବୋଲି ରାଷ୍ଟ୍ରପତି କହିଛନ୍ତି।

ଆତଙ୍କବାଦ ପ୍ରସଙ୍ଗରେ ସାରା ବିଶ୍ୱ ଭାରତ ପଛରେ ଛିଡ଼ାହୋଇଛି। ଜୈଶ୍-ଇ-ମହମ୍ମଦ(ଜେଇଏମ୍) ସଂଗଠନର ମୁଖ୍ୟ ମାସୁଦ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରାଯିବା ଏହାର ପ୍ରମାଣ ବୋଲି ରାଷ୍ଟ୍ରପତି କହିଛନ୍ତି। କେବଳ ଆତଙ୍କବାଦ ନୁହେଁ ଜଳବାୟୁ ପରିବର୍ତ୍ତନ, ଦୁର୍ନୀତି ଓ କଳାଧନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଶକ୍ତି ସୁରକ୍ଷା ଆଦି ବିଭିନ୍ନ ପ୍ରସଙ୍ଗରେ ଭାରତକୁ ବିଶ୍ୱ ସମୁଦାୟର ସମର୍ଥନ ମିଳିଥିବା ରାଷ୍ଟ୍ରପତି ସୂଚନା ଦେଇଛନ୍ତି।

ନରେନ୍ଦ୍ର ମୋଦି ସରକାର କଳାଧନ ବିରୋଧରେ ଅଭିଯାନକୁ ଦ୍ରୁତତର କରିଛନ୍ତି ଏବଂ ଦୁର୍ନୀତିକୁ ଆଦୌ ବରଦାସ୍ତ ନ କରିବା ଲାଗି ଏକ ବିସ୍ତୃତ ତଥା ପ୍ରଭାବୀ ନୀତି ପ୍ରସ୍ତୁତ କରିଛନ୍ତି। 'ସର୍ବନିମ୍ନ ସରକାର-ସର୍ବାଧିକ ଶାସନ' ଲକ୍ଷ୍ୟକୁ ସରକାର ଅଧିକ ପ୍ରାଧାନ୍ୟ ଦେବେ ବୋଲି ରାଷ୍ଟ୍ରପତି କହିଛନ୍ତି। କଳାଧନ ବିରୋଧରେ ଲଢ଼େଇ ସ୍ୱରୂପ ଗତ ଦୁଇବର୍ଷରେ ୪ ଲକ୍ଷ ୨୫ ହଜାର କମ୍ପାନୀ ନିର୍ଦ୍ଦେଶକଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ସହ ସନ୍ଦେହଜନକ କାର୍ଯ୍ୟରେ ସମ୍ପୃକ୍ତ ଥିବା ୩ ଲକ୍ଷ ୫୦ ହଜାର କମ୍ପାନୀର ପଞ୍ଜୀକରଣକୁ ରଦ୍ଦ କରାଯାଇଛି। ଅର୍ଥନୈତିକ ଅପରାଧୀମାନଙ୍କୁ ନିୟନ୍ତ୍ରଣ କରିବା ଲାଗି ସରକାର କଠୋର ଆଇନ ଆଣିଥିବା କୋବିନ୍ଦ କହିଛନ୍ତି।

ଜାତୀୟ ସୁରକ୍ଷାକୁ ନରେନ୍ଦ୍ର ମୋଦି ସରକାର ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ପୁଲ୍‌ୱାମା ଆକ୍ରମଣ ପରେ ଦେଶର ନିରାପତ୍ତାକୁ ସୁନିଶ୍ଚିତ କରିବା ଲାଗି ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନିଆଯାଉଥିବା ରାଷ୍ଟ୍ରପତି ସୂଚନା ଦେଇଛନ୍ତି। ବେଆଇନ ଅନୁପ୍ରବେଶ ଦେଶର ଆଭ୍ୟନ୍ତରୀଣ ନିରାପତ୍ତା ପ୍ରତି ବଡ଼ ବିପଦ ସାଜିବା ସହ ଦେଶର ବିଭିନ୍ନ ଭାଗରେ ସାମାଜିକ ଅସନ୍ତୁଳନ ସ୍ଥିତି ସୃଷ୍ଟି କରୁଛି। ଭାରତୀୟ ସୈନ୍ୟବାହିନୀ ସର୍ଜିକାଲ ଷ୍ଟ୍ରାଇକ୍ ଏବଂ ଏୟାର ଷ୍ଟ୍ରାଇକ୍ ମାଧ୍ୟମରେ ସୀମା ଆରପଟେ ଥିବା ଆତଙ୍କବାଦୀମାନଙ୍କ ଆଡ୍ଡାସ୍ଥଳ ଧ୍ୱଂସ କରି ତାହାର ସାମର୍ଥ୍ୟ ପ୍ରତିପାଦନ କରିପାରିଛି।

ଘୂର୍ଣ୍ଣିବାତ୍ୟା ଫନି ମୁକାବିଲା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଭୂମିକାକୁ ରାଷ୍ଟ୍ରପତି ପ୍ରଶଂସା କରିବା ସହ ମହାନଦୀ ସଫେଇ କାର୍ଯ୍ୟକ୍ରମକୁ ଜାତୀୟ ପ୍ରକଳ୍ପ ଭାବେ ଗ୍ରହଣ କରିବାକୁ ଉଦ୍ୟମ ହେବ ବୋଲି କହିଥିଲେ। ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡିକରେ ଯୋଗାଯୋଗକୁ ମୋଦି ସରକାର ସ୍ୱତନ୍ତ୍ର ପ୍ରାଧାନ୍ୟ ଦେବା ସହ ସେହି ଅଞ୍ଚଳର ଜନସାଧାରଣଙ୍କ ଜୀବନ ଧାରଣକୁ ସହଜ କରିପାରିଛନ୍ତି ବୋଲି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଛନ୍ତି। ଜମ୍ମୁ-କଶ୍ମୀରର ଜନସାଧାରଣଙ୍କ ପାଇଁ ନିରାପଦ ଓ ଶାନ୍ତିପୂର୍ଣ୍ଣ ବାତାବରଣ ସୁନିଶ୍ଚିତ କରିବା ଦିଗରେ କେନ୍ଦ୍ର ସରକାର ସମସ୍ତ ଉଦ୍ୟମ ଜାରି ରଖିଥିବା ରାଷ୍ଟ୍ରପତି ସଂସଦର ମିଳିତ ଅଧିବେଶନକୁ ସୂଚାଇଛନ୍ତି।

ଏହି ଅବସରରେ ଏମ୍‌ପିମାନଙ୍କୁ ଉପଦେଶ ଦେଇ ରାଷ୍ଟ୍ରପତି କହିଥିଲେ, ସେମାନେ ଜନପ୍ରତିନିଧି ଭାବେ ସେମାନଙ୍କ କର୍ତ୍ତବ୍ୟ ନିର୍ବାହ ଉପରେ ପ୍ରାଧାନ୍ୟ ଦେବା ଉଚିତ ଯାହା ଫଳରେ ଜନସାଧାରଣ ସେମାନଙ୍କ ଦ୍ୱାରା ଅନୁପ୍ରାଣିତ ହେବେ। ନୂତନ ଭାରତ ଗଠନ କାର୍ଯ୍ୟରେ ଏମ୍‌ପିମାନେ ସେମାନଙ୍କୁ ଉତ୍ସର୍ଗୀକୃତ କରିବା ସହ ଆଗାମୀ ୫ ବର୍ଷ ଲାଗି ସେମାନଙ୍କ କର୍ତ୍ତବ୍ୟ ଅତ୍ୟନ୍ତ ସଚ୍ଚୋଟତାର ସହ ନିର୍ବାହ କରିବା ଆବଶ୍ୟକ ବୋଲି ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ମୌଳିକ ମନ୍ତ୍ରକୁ ସର୍ବଦା ସ୍ମରଣ କରିବା ଲାଗି ସେ ଏମ୍‌ପିମାନଙ୍କୁ କହିଥିଲେ। ଆମର ପ୍ରତ୍ୟେକଟି ନିଷ୍ପତ୍ତି ସମାଜର ସବୁଠୁ ଗରିବ ଓ ଦୁର୍ବଳ ଶ୍ରେଣୀର ବ୍ୟକ୍ତି ଉପରେ କିଭଳି ପ୍ରଭାବ ପକାଇବ, ତାହାଦ୍ୱାରା ମାର୍ଗଦର୍ଶିତ ହେବା ଆବଶ୍ୟକ ବୋଲି ଗାନ୍ଧିଜୀ କହିଥିଲେ। ୨୦୧୪ରୁ ଆରମ୍ଭ ହୋଇଥିବା ମୋଦି ସରକାର ଏହାର ଅନବରତ ବିକାଶ ଯାତ୍ରାକୁ ଜାରି ରଖିଥିବାରୁ ଏଥର ନିର୍ବାଚନରେ ପୂର୍ଣ୍ଣ ବହୁମତ ହାସଲ କରିଛି। ରାଷ୍ଟ୍ରପତି ତାଙ୍କର ୧ ଘଣ୍ଟାର ଅଭିଭାଷଣରେ ଏନ୍‌ଡିଏ ସରକାରଙ୍କ ଗତ ୫ ବର୍ଷର ସଫଳତା ସମ୍ପର୍କରେ ସୂଚନା ଦେବା ସହ ଜାତୀୟ ସୁରକ୍ଷା ସରକାରଙ୍କ ସର୍ବାଧିକ ପ୍ରାଥମିକତା ବୋଲି କହିଥିଲେ।

ଚଳିତ ବର୍ଷ ରାଷ୍ଟ୍ରପତି ଦ୍ୱିତୀୟ ଥର ଲାଗି ପାର୍ଲାମେଣ୍ଟର ମିଳିତ ଅଧିବେଶନକୁ ସମ୍ବୋଧିତ କରିଛନ୍ତି। ପାର୍ଲାମେଣ୍ଟ ଭବନରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ସେଣ୍ଟ୍ରାଲ ହଲ୍ ମଧ୍ୟକୁ ପାଛୋଟି ନିଆଯାଇଥିଲା।

ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ପ୍ରତିକ୍ରିୟା ରଖି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏହାକୁ ଫମ୍ପା ଓ ପ୍ରେରଣାବିହୀନ ବୋଲି କହିଛି। ଗଣମାଧ୍ୟମକୁ ସୂଚନା ଦେଇ ବରିଷ୍ଠ କଂଗ୍ରେସ ନେତା ଆନନ୍ଦ ଶର୍ମା ଏବଂ ଲୋକସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି, ମିଳିତ ଅଧିବେଶନକୁ ରାଷ୍ଟ୍ରପତିଙ୍କ ଅଭିଭାଷଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣର ପୁନରାବୃତ୍ତି। ତାଙ୍କ ଅଭିଭାଷଣରେ ଜିଡିପି ହ୍ରାସ, ବେରୋଜଗାରୀ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନ ଥିବା ଶର୍ମା କହିଛନ୍ତି। ଦେଶର ବିବିଧତା କାରଣରୁ ଏକସଙ୍ଗେ ନିର୍ବାଚନ ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।



ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ପାର୍ଲାମେଣ୍ଟରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଅପେକ୍ଷା କରିଛନ୍ତି।



- ■ଜାତୀୟ ସୁରକ୍ଷାକୁ ସରକାରଙ୍କ ସର୍ବାଧିକ ପ୍ରାଧାନ୍ୟ
- ■ଆତଙ୍କବାଦ ପ୍ରସଙ୍ଗରେ ସାରା ବିଶ୍ୱ ଭାରତ ପଛରେ ଛିଡାହୋଇଛି
- ■କଳାଧନ ବିରୋଧରେ ଲଢ଼େଇକୁ ତ୍ୱରାନ୍ୱିତ କରାଯିବ
- ■ମହାନଦୀ ସଫେଇ ଯୋଜନା କାର୍ଯ୍ୟକାରୀ ହେବ
- ■କର୍ତ୍ତବ୍ୟ ସମ୍ପାଦନରେ ଏମ୍‌ପିମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହୁଅନ୍ତୁ: ରାଷ୍ଟ୍ରପତି
- ■ରାଷ୍ଟ୍ରପତିଙ୍କ ଅଭିଭାଷଣ ପ୍ରଧାନମନ୍ତ୍ରୀଙ୍କ ବକ୍ତୃତାର ପୁନରାବୃତ୍ତି: କଂଗ୍ରେସ

## ମୋବାଇଲ ଦେଖୁଥିଲେ ରାହୁଲ

ନୂଆଦିଲ୍ଲୀ,୨୦।୬(ଆଇଏଏନ୍‌ଏସ୍)

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗୁରୁବାର ପାର୍ଲାମେଣ୍ଟରେ ଉଭୟ ଗୃହକୁ ସମ୍ବୋଧିତ କରୁଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ତାକୁ ଆଦୌ ଗୁରୁତ୍ୱ ନ ଦେଇ ମୋବାଇଲ ଦେଖୁଥିଲେ। କେନ୍ଦ୍ରୀୟ ହଲ୍‌ରେ ରାଷ୍ଟ୍ରପତିଙ୍କ ଘଣ୍ଟିକିଆ ଅଭିଭାଷଣକୁ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଶୁଣୁଥିବାବେଳେ ତାଙ୍କ ପାଖରେ ବସିଥିବା ରାହୁଲ ୨୦ ମିନିଟ ଧରି ମୋବାଇଲ ଦେଖୁଥିଲେ। ସୋନିଆ ତାଙ୍କୁ ଏପରି ନ କରିବାକୁ ତାଗିଦ କରିଥିଲେ ମଧ୍ୟ ରାହୁଲ ମାନି ନ ଥିଲେ। ରାହୁଲଙ୍କ ଏଭଳି କାର୍ଯ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି।



## ■ ଗୁଜରାଟ ହାଜତ ମୃତ୍ୟୁ ମାମଲା

# ସଞ୍ଜୀବ ଭଟ୍ଟଙ୍କୁ ଆଜୀବନ ଜେଲ

ଜାମ୍‌ନଗର,୨୦।୬



ନିଲମ୍ବିତ ଗୁଜରାଟ କ୍ୟାଡର୍ ଆଇପିଏସ୍ ଅଫିସର ତଥା ଗୁଜରାଟ ଦଙ୍ଗାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୂମିକା ନେଇ ପ୍ରଶ୍ନ ଉଠାଇଥିବା ସଞ୍ଜୀବ ଭଟ୍ଟଙ୍କୁ ୩୦ ବର୍ଷ ତଳର ଏକ ହାଜତ ମୃତ୍ୟୁ ମାମଲାରେ ଗୁରୁବାର ଆଜୀବନ କାରାଦଣ୍ଡାଦେଶ ମିଳିଛି। ସୁପ୍ରିମକୋର୍ଟ ପକ୍ଷରୁ ଭଟ୍ଟଙ୍କ ଆବେଦନ ଉପରେ ଅଧିକ ତର୍ଜମା କରିବାକୁ ସୁପ୍ରିମକୋର୍ଟ ମନା କରିବାର ସପ୍ତାହକ ପରେ ଜାମ୍‌ନଗର କୋର୍ଟ ଏଭଳି ରାୟ ଶୁଣାଇଛନ୍ତି। ପ୍ରକାଶଥାଉ କି, ୧୯୯୬ରୁ ଭଟ୍ଟ ଅନ୍ୟ ଏକ ମାମଲାରେ ହାଜତରେ ଅଛନ୍ତି।

୧୯୮୯ରେ ଭଟ୍ଟ ଜାମ୍‌ନଗର ଜିଲା ଏଏସ୍‌ପିଭାବେ ନିଯୁକ୍ତି ପାଇବା ପରେ ଏକ ଦଙ୍ଗା ମାମଲାରେ ୧୫୦ଜଣଙ୍କୁ ଅଟକ ରଖିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଭୁଦାସ ଭୈଶନାନିଙ୍କୁ ଗିରଫ କରାଯାଇଥିଲା, ଯିଏକି ହସ୍ପିଟାଲରେ ପ୍ରାଣ ହରାଇଥିଲେ। ଏହି ଘଟଣାକୁ ନେଇ ପ୍ରଭୁଦାସଙ୍କ ଭାଇ ପୋଲିସ ଅଧିକାରୀ ଭଟ୍ଟ ଓ ଅନ୍ୟ ୬ ପୋଲିସଙ୍କ ବିରୋଧରେ ପୋଲିସରେ ଅଭିଯୋଗ କରିଥିଲେ। ଅଟକ ରଖି ଭାଇଙ୍କୁ ଏମାନେ ନିର୍ଯାତନା ଦେଇଥିବା ସେ ଅଭିଯୋଗ କରିଥିଲେ।

୨୦୦୨ ଗୋଧ୍ରା ଦଙ୍ଗା ପରେ ଭଟ୍ଟ ଭାଜପା ସରକାର ବିରୋଧରେ ମୁହଁଖୋଲି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସହଅଭିଯୁକ୍ତ ଭାବେ ଦର୍ଶାଇଥିଲେ। ତେବେ ତାଙ୍କର ଏହି ଦାବିକୁ ସୁପ୍ରିମକୋର୍ଟ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଖାରଜ କରିଥିଲା।

## ଦଳିତ ନାଏବ ସରପଞ୍ଚଙ୍କୁ ପିଟି ହତ୍ୟା

**ନୂଆଦିଲ୍ଲୀ,୨୦।୬:** ଗୁଜରାଟର ସୌରାଷ୍ଟ୍ର ଅଞ୍ଚଳରେ ବୁଧବାର ଜଣେ ଦଳିତ ନାଏବ ସରପଞ୍ଚଙ୍କୁ ଉଚ୍ଚ ଜାତିର ଲୋକମାନେ ପିଟିପିଟି ହତ୍ୟା କରିଛନ୍ତି। ମାସକ ମଧ୍ୟରେ ଗୁଜରାଟରେ ଏହା ଏହି ଧରଣର ତୃତୀୟ ଘଟଣା। ମାଞ୍ଜି ସୋଲାଙ୍କି ବାଇକ୍‌ରେ ଯାଉଥିବାବେଳେ କ୍ଷତ୍ରିୟ ସମ୍ପ୍ରଦାୟର କେତେଜଣ ଲୋକ କାରରେ ଆସି ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। ପୂର୍ବରୁ ସୋଲାଙ୍କି ତାଙ୍କ ପରିବାରର ସୁରକ୍ଷା ପାଇଁ ଅନୁରୋଧ କରିଥିଲେ ହେଁ ପୋଲିସ ଶୁଣି ନ ଥିଲା ବୋଲି ତାଙ୍କ ପୁଅ ତାଷାର କହିଛନ୍ତି। ସୋଲାଙ୍କିଙ୍କୁ ପୂର୍ବରୁ ୪ ଥର ଆକ୍ରମଣ ହୋଇଥିଲା।

## ■ ୫୦୦ ଫୁଟ ତଳକୁ ଖସିଲା ବସ୍

# ୩୨ ଯାତ୍ରୀ ମୃତ, ୩୦ ଆହତ

ଶିମ୍‌ଲା,୨୦।୬



ହିମାଚଳ ପ୍ରଦେଶର କୁଲ୍ଲୁ ଜିଲାରେ ଏକ ଘରୋଇ ବସ୍ ୫୦୦ ଫୁଟ ତଳକୁ ଖସିପଡ଼ିବାରୁ ଏଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୩୨ଜଣଙ୍କ ପ୍ରାଣହାନି ଘଟିଛି। ଅନ୍ୟ ୩୦ ଜଣ ଆହତ ହୋଇ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ବସ୍‌ରେ ପାଖାପାଖି ୬୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ବଞ୍ଜାରା ସହରରୁ ଗଡ଼ଗୁସାନି ଅଞ୍ଚଳକୁ ଯାଉଥିବା ଏହି ବସ୍‌ଟି ପାର୍ବତ୍ୟାଞ୍ଚଳରେ ଭାରସାମ୍ୟ ହରାଇ ଏକ ଖାତରେ ଖସି ପଡ଼ିଥିଲା। ଏବେ ଉଦ୍ଧାର କାର୍ଯ୍ୟ ଚାଲିଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। କୁଲ୍ଲୁ ଏସ୍‌ପି ଶାଳିନୀ ଅଗ୍ନିହୋତ୍ରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆବଶ୍ୟକଠାରୁ ଅଧିକ ଯାତ୍ରୀ ବସ୍‌ରେ ଯାତ୍ରା କରିବା ଓ ବୁଲାଣି ରାସ୍ତାରେ ଡ୍ରାଇଭରଙ୍କ ଅସାବଧାନତା ଯୋଗୁ ଏଭଳି ଦୁର୍ଘଟଣା ହୋଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

## ୬ ବୁଡ଼ାଜାହାଜ ନିର୍ମାଣ କରିବ ଭାରତ

ନୂଆଦିଲ୍ଲୀ,୨୦।୬

ଭାରତୀୟ ନୌସେନା ପାଇଁ ୪୫ ହଜାର କୋଟି ଟଙ୍କା ବ୍ୟୟରେ ୬ଟି ଅତ୍ୟାଧୁନିକ ଡିଜେଲ-ଇଲେକ୍ଟ୍ରିକ ବୁଡ଼ାଜାହାଜ ନିର୍ମାଣ ଲାଗି ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ଏହି ପ୍ରକଳ୍ପରେ ଭାରତୀୟ ପ୍ରତିରକ୍ଷା ସହଯୋଗୀଙ୍କ ସହ କାମ କରିବାକୁ ଚାହୁଁଥିବା ଅନ୍ତର୍ଜାତୀୟ କମ୍ପାନୀଙ୍କୁ ନିଆଯିବ। ଏହା ଭାରତର ବୁଡ଼ାଜାହାଜ ନିର୍ମାଣ ସାମର୍ଥ୍ୟ ବୃଦ୍ଧି କରିବ। ଯୋଜନା ସଫଳ ହେଲେ ଭାରତକୁ ବୁଡ଼ାଜାହାଜ ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରିବାକୁ ପଡିବ ନାହିଁ। ଯେଉଁ ଭାରତୀୟ କମ୍ପାନୀ ପ୍ରକଳ୍ପରେ ଭାଗ ନେବାକୁ ଚାହାନ୍ତି ସେମାନେ ଦୁଇମାସ ମଧ୍ୟରେ ଜଣାଇବାକୁ କୁହାଯାଇଛି। କମ୍ପାନୀଗୁଡିକୁ ସେମାନଙ୍କ ସାମର୍ଥ୍ୟ ଆଧାରରେ ଚୟନ କରାଯିବ।



ଅନ୍ତର୍ଜାତୀୟ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ଯୋଗାଭ୍ୟାସ କରୁଛନ୍ତି ବିଶ୍ୱର ସବୁଠୁ ଗେଡ଼ି ମହିଳା ଜ୍ୟୋତି ଆମ୍‌ଗେ(୨୫) ଓ ଯୋଗ ପ୍ରଶିକ୍ଷିକା ଧନଶ୍ରୀ ଲେକୁର୍ୱାଲେ।

## ପଶ୍ଚିମବଙ୍ଗରେ ସଂଘର୍ଷ: ୨ ମୃତ

କୋଲକାତା,୨୦।୬

ପଶ୍ଚିମବଙ୍ଗର ଭାଟପଡାରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଗୁଳିମାଡ଼ରେ୨ ଜଣଙ୍କର ମୃତ୍ୟୁ ହେବା ସହ ୪ ଜଣ ଆହତ ହୋଇଛନ୍ତି। ପରିସ୍ଥିତି ସମ୍ପର୍କରେ ଆଲୋଚନା ଲାଗି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକ ଜରୁରୀ ବୈଠକ ଡାକିଛନ୍ତି। ଦୁଇଗୋଷ୍ଠୀ ପରସ୍ପରକୁ ବୋମା ଓ ଆଗ୍ନେୟାସ୍ତ୍ରରେ ଆକ୍ରମଣ କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସକୁ ଗୁଳିଚାଳନା କରିବାକୁ ପଡିଛି। ସଂଘର୍ଷ ପାଇଁ ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କୈଳାସ ବିଜୟବର୍ଗୀୟ ତୃଣମୂଳ କଂଗ୍ରେସ ସରକାରଙ୍କୁ ଦାୟୀ କରିଛନ୍ତି। ଭାଜପା ପ୍ରତିନିଧି ଭାଟପଡା ଯାଇ ମୃତକଙ୍କ ପରିବାରଙ୍କୁ ଭେଟିବା ସହ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପଠାଇବ ବୋଲି ସେ ସୂଚନା ଦେଇଛନ୍ତି।

## ଭାଜପାରେ ମିଶିଲେ ୪ ଟିଡିପି ଏମ୍‌ପି

ନୂଆଦିଲ୍ଲୀ,୨୦।୬

ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁଙ୍କ ନେତୃତ୍ୱାଧୀନ ତେଲୁଗୁ ଦେଶମ୍ ପାର୍ଟି(ଟିଡିପି)ର ୪ ରାଜ୍ୟ ସଭା ସଦସ୍ୟ ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ସେମାନେ ହେଲେ ୱାଇ.ଏସ୍. ଚୌଧୁରୀ, ସି.ଏମ୍. ରମେଶ, ଜି. ପି. ମୋହନ ରାଓ ଏବଂ ଟି. ଜି. ଭେଙ୍କଟେଶ୍। ଏମାନେ ଗୃହର ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁଙ୍କୁ ସାକ୍ଷାତ କରି ଭାଜପାରେ ଯୋଗଦେବା ନେଇ ଏକ ଚିଠି ମାଧ୍ୟମରେ ଜଣାଇଛନ୍ତି। ଏହି ୪ ଏମ୍‌ପି ଭାଜପା କାର୍ଯ୍ୟକାରୀ ଅଧ୍ୟକ୍ଷ ଜେ. ପି. ନଡ୍ଡାଙ୍କ ସହ ମିଶି ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ଭେଟି ତୁରନ୍ତ ଭାଜପାରେ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ସେମାନଙ୍କ ଏହି ଦଳବଦଳ ଫଳରେ ଚନ୍ଦ୍ରାବାବୁଙ୍କୁ ଶକ୍ତ ଝଟକା ଲାଗିଛି। ସେପଟେ ଆମେରିକାରେ ଛୁଟି କାଟୁଥିବା ଚନ୍ଦ୍ରାବାବୁ କହିଛନ୍ତି, ଏଭଳି ସମସ୍ୟା ନୂଆ ନୁହେଁ । ଏନେଇ କର୍ମୀମାନେ ହତୋତ୍ସାହ ହେବା ଅନୁଚିତ। କେବଳ ଆନ୍ଧ୍ରର ସ୍ୱାର୍ଥ ଲାଗି ଆମେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିକରି ଭାଜପାକୁ ବିରୋଧ କରୁଛୁ। ଟିଡିପିକୁ ଦୁର୍ବଳ କରିବା ଲାଗି ଭାଜପା ହୀନ ପ୍ରୟାସ ଚଳାଇଛି। ପ୍ରକାଶଥାଉ କି, ଗତବର୍ଷ ଚନ୍ଦ୍ରାବାବୁ ଏନ୍‌ଡିଏ ଛାଡ଼ିଥିଲେ। ଏବେ ୱାଇଏସ୍‌ଆର୍ କଂଗ୍ରେସ ମୁଖ୍ୟ ଜଗନ୍‌ମୋହନ ରେଡ୍ଡୀ ଆନ୍ଧ୍ରପ୍ରଦେଶରେ କ୍ଷମତାକୁ ଫେରିଛନ୍ତି। ସେ କେବଳ ବିଧାନସଭା ଦଖଲ କରିନାହାନ୍ତି ବରଂ ଆନ୍ଧ୍ରରେ ମୋଟ ୨୫ରୁ ୨୨ ଏମ୍‌ପିଙ୍କୁ ଲୋକ ସଭାକୁ ପଠାଇବାରେ ସଫଳ ହୋଇଛନ୍ତି।



**ଚନ୍ଦ୍ରାବାବୁଙ୍କୁ ଝଟକା**

# କର୍ମସ୍ଥଳରେ ବଢୁଛି ଯୌନ ଶୋଷଣ

ମୁମ୍ବାଇ,୨୦।୬

ଦେଶରେ '#ମି ଟୁ' ଆନ୍ଦୋଳନ ସତ୍ତ୍ୱେ କାର୍ଯ୍ୟସ୍ଥଳରେ ଯୌନ ଶୋଷଣ ରୋକିବା ଲାଗି ଯେଉଁ ବିଧିବ୍ୟବସ୍ଥା ରହିଛି ତାହାକୁ ନିଯୁକ୍ତିଦାତା ଅନୁସରଣ କରୁନାହାନ୍ତି ବୋଲି ୫୦ ପ୍ରତିଶତ କର୍ମଜୀବୀ ମହିଳା ମତ ଦେଇଛନ୍ତି। ନିକଟରେ କରାଯାଇଥିବା ଏକ ସର୍ବେକ୍ଷଣରୁ ଏହି ସୂଚନା ମିଳିଛି।

ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗନେଇଥିବା ମହିଳାଙ୍କ ମଧ୍ୟରୁ ୫୦%ଙ୍କ ମତ ହେଉଛି ସେମାନଙ୍କ ନିଯୁକ୍ତିଦାତା ଏ ସଂକ୍ରାନ୍ତୀୟ ଅଭିଯୋଗର ବିଚାର ପାଇଁ ଧାର୍ଯ୍ୟ ନୀତିନିୟମକୁ ଅନୁସରଣ କରୁନାହାନ୍ତି। ୪୫ ପ୍ରତିଶତରୁ ଅଧିକ ମହିଳା କହିଥିଲେ, ସେମାନଙ୍କ ସଂସ୍ଥାର ଆଭ୍ୟନ୍ତରୀଣ ଅଭିଯୋଗ ଶୁଣାଣି କମିଟି ନୀତି ନିର୍ଦ୍ଦେଶାବଳୀ ଏବଂ ଆଇନଗତ ବ୍ୟବସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ନୁହନ୍ତି। ମହିଳାଙ୍କ ଉଦ୍ଦେଶ୍ୟରେ କ୍ୟାରିୟର ଏନହାନ୍ସମେଣ୍ଟ ଇକୋସିଷ୍ଟମ୍ ପାଇଁ ସହାୟତା କରୁଥିବା ସଂସ୍ଥା 'ପିଙ୍କ୍ ଲ୍ୟାଡର' ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ରିପୋର୍ଟରୁ ଏହି ସୂଚନା ମିଳିଛି। ଦେଶର ବେଙ୍ଗାଲୁରୁ, ମୁମ୍ବାଇ, ଚେନ୍ନାଇ ଏବଂ ଦିଲ୍ଲୀର ୮୦ଟି ସଂସ୍ଥାରେ ନିୟୋଜିତ ମହିଳା କର୍ମଜୀବୀଙ୍କ ମଧ୍ୟରୁ ୨୦୦ ମହିଳାଙ୍କୁ ନେଇ ଏକ ସର୍ବେକ୍ଷଣ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଏହିସବୁ ସଂସ୍ଥାଗୁଡିକ ନିୟମିତ ବ୍ୟବଧାନରେ ସଚେତନତା କର୍ମଶାଳା, ବିଚାର ମଞ୍ଚ, ଆଲୋଚନା ଏବଂ ବିତର୍କ ଆଦି ମାଧ୍ୟମରେ ଯୌନ ଶୋଷଣ ଉପରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ଏଥିପାଇଁ ପ୍ରଥମ ପଦକ୍ଷେପ ହେଉଛି ବର୍ତ୍ତମାନର ଆଇନ ସମ୍ପର୍କରେ ସଚେତନ ହେବା। ୫୬ ପ୍ରତିଶତ ମହିଳାଙ୍କ ମତ ହେଉଛି, ଏଇ କିଛିବର୍ଷ ହେଲା କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ୫୩ ପ୍ରତିଶତ ମହିଳା କହନ୍ତି, ସେମାନଙ୍କୁ ଅଫିସରେ ଅଯଥା କମେଣ୍ଟ ମରାଯିବା ସାଙ୍ଗକୁ ଆଲିଙ୍ଗନ ଏବଂ ଥଟ୍ଟା, ମଜା କରାଯାଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ନିରୋଧୀ ନୀତି ବିଷୟରେ ୮୦% ମହିଳା ସଚେତନ ଅଛନ୍ତି। ଅପରପକ୍ଷରେ ପାଖାପାଖି ୩୦% ମହିଳା ଆଭ୍ୟନ୍ତରୀଣ କମିଟିରେ ଅଭିଯୋଗ କରିବାକୁ ଦ୍ୱିଧାବୋଧ କରନ୍ତି। ଏଭଳି ଘଟଣାର ସମ୍ମୁଖୀନ ହେଉଥିଲେ ହେଁ ୫୩ ପ୍ରତିଶତ ମହିଳା ଭାବନ୍ତି ସେମାନେ ବର୍ତ୍ତମାନ ସଂସ୍ଥାରେ ବେଶିଦିନ ରହିବାର ନାହିଁ।

**୫୦% କର୍ମଜୀବୀ ମହିଳାଙ୍କ ମତ**

**ପ୍ରତିକାର ବ୍ୟବସ୍ଥା କରୁନାହାନ୍ତି ନିଯୁକ୍ତିଦାତା**



# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୧/୨୦୧୯ | Bhubaneswar, Friday, June 21/2019 | ପୃଷ୍ଠା-୧




## ଶରଣାର୍ଥୀ ପିଲାଙ୍କୁ ଭେଟିଲେ ପ୍ରିୟଙ୍କା

ବଲିଉଡ୍ ଅଭିନେତ୍ରୀ ତଥା ଜାତିସଂଘର ଗୁଡ୍‌ୱିଲ୍ ଆମ୍ବାସାଡର ପ୍ରିୟଙ୍କା ଚୋପ୍ରା ଶରଣାର୍ଥୀ ପିଲାଙ୍କୁ ଭେଟିଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ସେୟାର କରିଛନ୍ତି।

୧୪

୧୬

## ୱାର୍ନରଙ୍କ ଶତକ

ବାଂଲାଦେଶ ବିପକ୍ଷ ଆଇସିସି ବିଶ୍ୱକପ୍ ମ୍ୟାଚରେ ଅଷ୍ଟ୍ରେଲୀୟ ଓପନର ଡେଭିଡ୍ ୱାର୍ନର ୧୬୬ ରନର ଏକ ଆକର୍ଷଣୀୟ ଇନିଂସ ଖେଳିଛନ୍ତି।



# ଆଜି ପ୍ରକାଶ ପାଇବ ଯୁକ୍ତ୨ କଳା, ବାଣିଜ୍ୟ ପରୀକ୍ଷାଫଳ

**ଭୁବନେଶ୍ୱର,୨୦।୬(ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇବ। ଅପରାହ୍ନ ୩ଟା ୩୦ରେ ଫଳ ପ୍ରକାଶ ପାଇବାକୁ ଥିବାବେଳେ ଛାତ୍ରୀଛାତ୍ର www.chseodisha.nic.in ଏବଂ http://orissaresults.nic.in ୱାବ୍‌ସାଇଟ୍‌ରେ ନିଜ ନିଜର ରେଜଲ୍ଟ ଦେଖିପାରିବେ। ସୂଚନା ଭବନ ପରିସରସ୍ଥ ଗୀତଗୋବିନ୍ଦ ସଦନରେ ପରୀକ୍ଷା ଫଳ ଘୋଷଣା କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତବର୍ଷ କଳାରେ ୨ଲକ୍ଷ ୩୫ହଜାର ୧୮୩ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ବାଣିଜ୍ୟରେ ୨୮ହଜାର ପରୀକ୍ଷା ଦେଇଥିଲେ। ସୂଚନାଯୋଗ୍ୟ, ଜୁନ୍ ୩ରେ ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଥିଲା।



ହରିୟାଣାର ଗୁରୁଗ୍ରାମ ନିକଟସ୍ଥ ମଣ୍ଡାୱର ଗାଁରେ ଗୁରୁବାର ସକାଳେ ବିଦ୍ୟୁତ୍ ତାରରେ ଏକ କଲରାପତରିଆ ବାଘର ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଛି। କଲରାପତରିଆ ବାଘଟି ଆରାବଳୀ ପାର୍ବତ୍ୟମାଳାରୁ ଶିକାର ଅନ୍ୱେଷଣରେ ଆସି ଲମ୍ଫ ମାରୁଥିବାବେଳେ ହାଇଭୋଲ୍ଟେଜ୍ ତାରରେ ଛନ୍ଦି ହୋଇଯାଇଥିବା ଅନୁମାନ କରାଯାଉଛି।

## ପଞ୍ଚଭୂତରେ ବିଲୀନ ଶହୀଦ ଅଜିତ୍
# ଲୁହରେ ଭିଜିଲା ଜନ୍ମମାଟି

କାମାକ୍ଷାନଗର, ୨୦।୬(ଡି.ଏନ୍.ଏ.)

- ଗ୍ରାମ ଶ୍ମଶାନରେ ଜଳିଲା ଚିତା
- ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି
- ଜାତୀୟ ରାଜପଥ ଜନସମୁଦ୍ର
- ଭିଡ଼ ପାଇଁ ପୋଲିସ ନାକେଦମ

ପଞ୍ଚଭୂତରେ ବିଲୀନ ହୋଇଛି ଶହୀଦ ଅଜିତ୍ ସାହୁଙ୍କ ପାର୍ଥିବ ଶରୀର। ଭାବବିହ୍ୱଳ ପରିବେଶରେ ମାଟିର ବୀର ପୁଅକୁ ବିଦାୟ ଦେଇଛନ୍ତି ବଡ଼ସୁଆଁଳବାସୀ। ଶବାଧାରରେ ହଜାର ହଜାର ଲୋକ ସ୍ୱତଃସ୍ଫୂର୍ତ୍ତ ଭାବେ ସାମିଲ ହୋଇଥିବାବେଳେ ଶହୀଦ ଅମର ରହେ ଧ୍ୱନିରେ କମ୍ପି ଉଠିଥିଲା ଜନ୍ମମାଟି।

ଜମ୍ମୁ କଶ୍ମୀର ଅନନ୍ତନାଗ ଜିଲାରେ ଆତଙ୍କବାଦୀଙ୍କ ସହ ଲଢ଼େଇରେ ସୋମବାର ପ୍ରାଣ ହରାଇଥିଲେ ଅଜିତ୍। ଏହାପରେ ତାଙ୍କ ମରଶରୀରକୁ ୩ଦିନ ହେଲା ଚାହିଁବସିଥିଲେ ଢେଙ୍କାନାଳ ଜିଲାବାସୀ। ବୁଧବାର ବିଳମ୍ବିତ ରାତିରେ ଏକ ସ୍ୱତନ୍ତ୍ର ବିମାନରେ ମୃତଦେହ ଭୁବନେଶ୍ୱରରେ ପହଞ୍ଚିଥିଲା। ସେନାର ବରିଷ୍ଠ ☞ପୃଷ୍ଠା–୨

# ଆଜିଠୁ ଖୋଲିବ ବିଦ୍ୟାଳୟ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

### ପାଗ ବଦଳାଇଲା ନିଷ୍ପତ୍ତି

ସ୍କୁଲ ଖୋଲିବ। ବନ୍ଦ ହେବ। ଛୁଟି ଅବଧି ବଢ଼ିବ। ନିଜେ ଦ୍ୱନ୍ଦ୍ୱରେ ରହିବା ସହ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କୁ ଏଭଳି ଦ୍ୱନ୍ଦ୍ୱରେ ପକାଉଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଖରାକୁ ଦୃଷ୍ଟିରେ ରଖି ଗତ ମଙ୍ଗଳବାର ରାଜ୍ୟ ସରକାର ଜୁନ୍ ୨୫ ପର୍ଯ୍ୟନ୍ତ ସ୍କୁଲ ଛୁଟି ଅବଧି ବୃଦ୍ଧି କରିଥିଲେ। ହେଲେ ଏବେ ପାଗ ବଦଳିବା ସହ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ବଦଳିଛି। ୨୫ ନୁହେଁ, ଜୁନ୍ ୨୧ ଅର୍ଥାତ୍ ଶୁକ୍ରବାରଠାରୁ ଖୋଲିବ ରାଜ୍ୟର ସମସ୍ତ ବିଦ୍ୟାଳୟ। ପାଗକୁ ଦୃଷ୍ଟିରେ ରଖି ସ୍କୁଲ ଖୋଲିବାର ପୂର୍ବ ନିଷ୍ପତ୍ତିକୁ ରାଜ୍ୟ ସରକାର ବଦଳାଇଛନ୍ତି। ଏ ନେଇ ଗୁରୁବାର ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଖରାଛୁଟିକୁ ୨୫ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏବେ ପାଗ ସାମାନ୍ୟ ବଦଳିଛି। ଅନେକ ସ୍ଥାନରେ ବର୍ଷା ହୋଇଛି। ଏହାକୁ ନଜରରେ ରଖି ୨୫ ପରିବର୍ତ୍ତେ ୨୧ରୁ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ହୋଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଶୁକ୍ରବାରଠାରୁ ସମସ୍ତ ସରକାରୀ ବିଦ୍ୟାଳୟ ସହ ଘରୋଇ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଖୋଲିବ। ସରକାରୀ ବିଦ୍ୟାଳୟରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କ୍ଲାସ୍ ହେବ। ବାତ୍ୟା ପ୍ରଭାବିତ ବିଦ୍ୟାଳୟଗୁଡ଼ିକ ପାଇଁ ସ୍ୱତନ୍ତ୍ର ନିୟମ କରାଯାଇଛି। ଗୃହ ମରାମତି ହୋଇ ନ ଥିବା ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ବିଦ୍ୟାଳୟ କିମ୍ବା ବାତ୍ୟା ଆଶ୍ରୟସ୍ଥଳୀରେ ପାଠ ପଢ଼ାଯିବ।

# ଆସିଲା ମୌସୁମୀ, ୩ ଦିନ ପ୍ରବଳ ବର୍ଷିବ

**ଭୁବନେଶ୍ୱର,୨୦।୬(ବ୍ୟୁରୋ):** ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିବ। ସ୍ୱାଭାବିକ (ଜୁନ ୧୦)ଠାରୁ ୧୦ ଦିନ ପରେ ରାଜ୍ୟକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବ। ୨୧ ତାରିଖ ସନ୍ଧ୍ୟାରୁ ଉପକୂଳ ଓ ଆଭ୍ୟନ୍ତରୀଣ ଓଡିଶାରେ ମୌସୁମୀ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୩ ଦିନ ଯାଏ ବର୍ଷା ଲାଗି ରହିବ । ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୁରୀ, ଗଞ୍ଜାମ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏଥିସହିତ କେନ୍ଦ୍ରାପଡା, କଟକ, ନୟାଗଡ, ଯାଜପୁର, ଭଦ୍ରକ, ଗଜପତି ଏବଂ କୋରାପୁଟ ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି। ଉତ୍ତର ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଘନୀଭୂତ ହେବାର ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ରାଜ୍ୟରେ ମୌସୁମୀ ବର୍ଷା ବୃଦ୍ଧି ପାଇବ। ତେବେ ଯେତେ ବର୍ଷା ହେବା କଥା ତାହା ହେବ ନାହିଁ। ଉପକୂଳବର୍ତ୍ତୀ ଜିଲାଗୁଡିକରେ ବର୍ଷା ଅଧିକ ରହିବ ବୋଲି ଅନୁମାନ କରାଯାଇଛି। ଆଭ୍ୟନ୍ତରୀଣ ଓଡିଶାରେ ବର୍ଷା ପରିମାଣ କମ ରହିବ। ଆସନ୍ତା ୨୪ ତାରିଖଠାରୁ ବର୍ଷା ପରିମାଣ ହ୍ରାସ ☞ପୃଷ୍ଠା–୨

## ଆୟୁଷ୍ମାନ ଭାରତ ଯୋଜନାରେ ବ୍ୟାପକ ଦୁର୍ନୀତି
# ଡାକ୍ତର ଲୁଟିଛନ୍ତି ଚିକିତ୍ସା ଅର୍ଥ

ନୂଆଦିଲ୍ଲୀ,୨୦।୬(ଆଇଏଏନ୍ଏସ୍)

### କାଗଜକଲମରେ ରୋଗୀ ସେବା

- ଘରୋଇ ହସ୍ପିଟାଲକୁ ରୋଗୀଙ୍କୁ ପଠାଇଛନ୍ତି ସରକାରୀ ଡାକ୍ତର
- ଜାଲ୍ ବିଲ୍ ଦାଖଲ କରି ଆତ୍ମସାତ୍ କରିଛନ୍ତି ଚିକିତ୍ସା ଅର୍ଥ
- ଉତ୍ତରାଖଣ୍ଡ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର
- ତଦନ୍ତ ନିର୍ଦ୍ଦେଶ ଦେଲେ ତ୍ରିଭେନ୍ଦ୍ର ରାୱତ୍ ସରକାର




କେନ୍ଦ୍ର ସରକାରଙ୍କ ବୃହତ୍ ସ୍ୱାସ୍ଥ୍ୟ ଯୋଜନା ଆୟୁଷ୍ମାନ ଭାରତରେ ଏକ ବଡ଼ଧରଣର ଦୁର୍ନୀତି ହୋଇଥିବା ସାମ୍ନାକୁ ଆସିଛି। ଗରିବ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଚିକିତ୍ସା ଅର୍ଥକୁ ଶତାଧିକ ଡାକ୍ତର ଲୁଟିନେଇ ନିଜ ପକେଟରେ ପୂରାଇଥିବା ଅଭିଯୋଗ ଆସିଛି। ଏହି ଦୁର୍ନୀତିର ଚେର ବିଭିନ୍ନ ରାଜ୍ୟକୁ ଲମ୍ବିଥିବାବେଳେ ଉତ୍ତରାଖଣ୍ଡର ଅନେକ ହସ୍ପିଟାଲ ଏହି ଯୋଜନାର ପାଣ୍ଠିକୁ ଆତ୍ମସାତ୍ କରିଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି।

ଗରିବ ରୋଗୀମାନଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁନିଶ୍ଚିତ କରୁଥିବା ଆୟୁଷ୍ମାନ ଯୋଜନା ଅଧୀନରେ ସରକାରୀ ହସ୍ପିଟାଲର ଡାକ୍ତରମାନେ ରୋଗୀଙ୍କୁ ସ୍ୱତନ୍ତ୍ର ଚିକିତ୍ସା ପାଇଁ ଘରୋଇ ହସ୍ପିଟାଲଗୁଡ଼ିକୁ ପଠାଇଥିଲେ। ତେବେ ସମ୍ପୃକ୍ତ ରୋଗୀମାନଙ୍କୁ ସେହି ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇନାହିଁ ଅଥବା ଅସ୍ତ୍ରୋପଚାର କିମ୍ବା ଚିକିତ୍ସା କରାଯାଇ ନାହିଁ ବୋଲି ତଦନ୍ତରୁ ସ୍ପଷ୍ଟ ହୋଇଛି। ଏହା ଏକ ବଡ଼ ଠକେଇ। ଗରିବ ରୋଗୀଙ୍କ ନାମରେ ଦୁର୍ନୀତି କରାଯାଇଛି ବୋଲି ଉତ୍ତରାଖଣ୍ଡର କାଶୀପୁର ବିଧାୟକ ହରଭଜନ ସିଂ ଚୀମା ଅଭିଯୋଗ ଆଣିଛନ୍ତି। ଏହି ଦୁର୍ନୀତିର ତଦନ୍ତ ପାଇଁ ତ୍ରିଭେନ୍ଦ୍ର ସିଂ ରାୱତ୍ ସରକାରଙ୍କୁ ଉତ୍ତରାଖଣ୍ଡ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁର୍ନୀତି ଉଧମ ସିଂ ନଗର ଜିଲା(ଯାହା ଅଧୀନରେ କାଶୀପୁର ନିର୍ବାଚନମଣ୍ଡଳୀ ରହିଛି)ରେ ହୋଇଥିବା ପ୍ରଥମେ ସାମ୍ନାକୁ ଆସିଥିଲା। ସ୍ଥାନୀୟ ବାସିନ୍ଦା ମୁନିଦେବ ବିଷ୍ଣୋଇ ଅଭିଯୋଗ ଆଣିଥିଲେ ଯେ, ସରକାରୀ ଡାକ୍ତରଖାନାଗୁଡ଼ିକରୁ ବହୁସଂଖ୍ୟକ ଗରିବ ରୋଗୀଙ୍କୁ ଚିକିତ୍ସା ଲାଗି ଘରୋଇ ହସ୍ପିଟାଲଗୁଡ଼ିକୁ ପଠାଯାଇଥିଲା। କିନ୍ତୁ ଯାଞ୍ଚବେଳେ ସେମାନେ 'ଭୂତ ରୋଗୀ' ବୋଲି ଜଣାପଡ଼ିଛି। ସେମାନଙ୍କ ଚିକିତ୍ସା କରାଯାଇଥିବା ନେଇ କୌଣସି ଦସ୍ତାବିଜରେ ଉଲ୍ଲେଖ କରାଯାଇନାହିଁ। ତେଣୁ ଏହି ଦୁର୍ନୀତିର ପର୍ଦ୍ଦାଫାଶ କରିବା ପାଇଁ ମୁନିଦେବ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଛନ୍ତି।

ଭାଜପା ଟିକେଟରେ ୪ ଥର ବିଧାୟକ ହୋଇଥିବା ହରଭଜନ ସିଂ ଚୀମା କହିଛନ୍ତି, ଘରୋଇ ହସ୍ପିଟାଲ ସହ ସମ୍ପର୍କ ରଖି ଏହି ର୍ୟାକେଟରେ ସମ୍ପୃକ୍ତ ଥିବା ଲୋଭୀ ଡାକ୍ତରମାନେ ଏହି କାରସାଦି କରିଛନ୍ତି। ରୋଗୀଙ୍କୁ କାଗଜକଲମରେ ଅନ୍ୟ ହସ୍ପିଟାଲକୁ ପଠାଇବା ପରେ ସେମାନେ ଜାଲ୍ ବିଲ୍ ଦାଖଲ କରି ଚିକିତ୍ସା ପାଣ୍ଠି ଆତ୍ମସାତ କରିଛନ୍ତି। ଅଳ୍ପ କେତେକ ସ୍ଥାନରେ ଡାକ୍ତର ଓ ହସ୍ପିଟାଲର ଭୂମିକା ସ୍ୱଚ୍ଛ ଥିବା ଜଣାପଡ଼ିଛି। ଏହି ଦୁର୍ନୀତି ଗରିବ ଓ ଅଭାବୀ ଲୋକଙ୍କୁ ସୁବିଧା ଓ ଅଧିକାରରୁ ବଞ୍ଚିତ କରୁଛି। ରାଜ୍ୟ ସରକାର ଏହି ଭ୍ରଷ୍ଟାଚାରର ମୂଳକୁ ଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ଦାଏର କରାଯାଇ ଦୁର୍ନୀତିର ତଦନ୍ତ ଆରମ୍ଭ ହୋଇଛି। ଆୟୁଷ୍ମାନ ଭାରତ ଯୋଜନାରେ କୌଣସି ପ୍ରକାର ଅନିୟମିତତା ହୋଇଥିବା ଜଣାପଡ଼ିଲେ ତଦନ୍ତ କରି ଜଣାଇବାକୁ ମୁଖ୍ୟମନ୍ତ୍ରୀ ତ୍ରିଭେନ୍ଦ୍ର ସିଂ ରାୱତ୍ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ ତାହା ହାଇକୋର୍ଟରେ ଦାଖଲ କରାଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ସଚିବ ନୀତୀଶ କୁମାର ଝା କହିଛନ୍ତି।






### ମନ୍ତ୍ରୀ ପରିଷଦ ବୈଠକରେ ଅନୁମୋଦନ
# କାଳିଆ, ଜଳସେଚନ, ଏସ୍ଏଚ୍‌ଜିକୁ ଗୁରୁତ୍ୱ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

- ୨୦୧୯-୨୦ ପାଇଁ ୧ ଲକ୍ଷ ୩୯ ହଜାର କୋଟିର ଟିଠା ବଜେଟ
- ଫନୀ କ୍ଷତିଗ୍ରସ୍ତ ଜିଲାର ଭିତ୍ତିଭୂମି ପାଇଁ ସ୍ୱତନ୍ତ୍ର ବ୍ୟୟବରାଦ

ଆସନ୍ତା ୨୮ ତାରିଖରେ ବିଧାନସଭାରେ ୨୦୧୯–୨୦ ଆର୍ଥିକବର୍ଷ ଲାଗି ୧ ଲକ୍ଷ ୩୯ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରାଯିବ। ଏ ନେଇ ଟିଠା ବଜେଟ ପ୍ରସ୍ତୁତି ବୃତ୍ତାନ୍ତ ହୋଇଛି। ଗୁରୁବାର ଅପରାହ୍ନରେ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ବଜେଟକୁ ଅନୁମୋଦନ କରାଯାଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଟିଠା ବଜେଟକୁ ମନ୍ତ୍ରୀ ପରିଷଦ ବୈଠକରେ ଉପସ୍ଥାପନ କରିଥିଲେ। ବଜେଟରେ ଜଳସେଚନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଗ୍ରାମାଞ୍ଚଳ ଭିତ୍ତିଭୂମି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କାଳିଆ ଆଦି ଯୋଜନା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ବଜେଟରେ ସ୍ୱତନ୍ତ୍ର ☞ପୃଷ୍ଠା–୨

### ଆଜିର ସମ୍ପାଦକୀୟ
## ମରୁଡ଼ି ଆଶଙ୍କା

NECC NATIONAL EGG CO-ORDINATION COMMITTEE — 20.06.2019 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 107 | 167 | 177 |
| CTC | 107 | 167 | 177 |
| DKL | 104 | 163 | 173 |
| BDK | 103 | 162 | 172 |
| BLS | 101 | 159 | 169 |
| ANG | 102 | 161 | 171 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers

### ଆଜିର ମନ୍ତବ୍ୟ

" ଗୃହକାର୍ଯ୍ୟରେ ବ୍ୟାଘାତ ଏଡ଼ାଇବା ପାଇଁ ସବୁ ଦଳ ସହ ଆଲୋଚନା କରି ପଦକ୍ଷେପ ନିଆଯିବ।

– ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି

### କିଛି ତଥ୍ୟ

ଚଳିତ ବର୍ଷ ମେ ମାସରେ ଘରୋଇ ବିମାନ ଯାତ୍ରୀଙ୍କ ସଂଖ୍ୟାରେ ୨.୯% ବୃଦ୍ଧି ଘଟି ୧.୨ କୋଟି ଛୁଇଁଛି।

– ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ




## ଆଜି ୬ ଘଣ୍ଟିଆ ରାଜନଗର ବନ୍ଦ ଡାକରା

**ରାଜନଗର, ୨୦।୬(ଡି.ଏନ.ଏ.):** ରାଜନଗର ବ୍ଲକ ତ୍ରିନାଥ ବଜାର ନିକଟ ବିଜୁ ସ୍ମୃତି ସଂସଦ ପରିସରରେ ଥିବା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ଭାଙ୍ଗିବା ଘଟଣା ନେଇ ଉତ୍ତେଜନା ପ୍ରକାଶ ପାଇଛି। କେବଳ ରାଜନଗର ନୁହେଁ, ପଟ୍ଟାମୁଣ୍ଡାଇ ସମେତ ଅନ୍ୟାନ୍ୟ ଅଞ୍ଚଳରେ ଏହି ଘଟଣାକୁ ନିନ୍ଦା କରାଯାଇଛି। ଏଥିରେ ସଂପୃକ୍ତ ଥିବା ଦୁର୍ବୃତ୍ତମାନଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସବୁ ମହଲରୁ ଦାବି ହୋଇଛି। ପ୍ରତିମୂର୍ତ୍ତି ଭାଙ୍ଗି ବିଜୁବାବୁଙ୍କ ଭଳି ମହାନ ବ୍ୟକ୍ତିଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରାଯାଇଥିବାରୁ ଏହାର ପ୍ରତିବାଦରେ ଶୁକ୍ରବାର ୬ ଘଣ୍ଟିଆ ରାଜନଗର ବନ୍ଦ ଡାକରା ଦିଆଯାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସାନ୍
ପରିବାରବର୍ଗ


ବିପାଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଆସିଲା ମୌସୁମୀ...

ପାଇବ। ୨୮ ତାରିଖରୁ ପୁଣି ବର୍ଷା ବଢ଼ିବ।

ଗତ ଦୁଇ ଦିନ ହେବ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଲାଗି ରହିଛି। ଏଥିଯୋଗୁ ଗରମ ଓ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଆକାଶ ମେଘାଚ୍ଛନ୍ନ ରହିବା ସହ ବର୍ଷା ଲାଗି ରହିଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ କେନ୍ଦୁଝରରେ ୨୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୧୪, ପୁରୀ ୩୦, ବାଲେଶ୍ୱର ୬.୨, ଚାନ୍ଦବାଲି ୩, ପାରାଦୀପ ୧୦.୬, ଗୋପାଳପୁର ୧୦, ବାରିପଦା ୧, ମାଲକାନଗିରି ୧୧ ଏବଂ ବଲାଙ୍ଗୀରରେ ୩.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଉପକୂଳରେ ମେଘୁଆ ପାଗ ରହିଥିଲେ ମଧ୍ୟ ପଶ୍ଚିମ ଓଡିଶାରେ ତାତି ଜାରି ରହିଛି। ମିଳିଥିବା ସୂଚନା ଅନୁଯାୟୀ ସମ୍ବଲପୁରରେ ସର୍ବୋଚ୍ଚ ତାପମାତ୍ରା ୪୧.୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ହୀରାକୁଦ ୪୧.୨, ଟିଟିଲାଗଡ ୪୦, ମାଲକାନଗିରି ୪୦ ଏବଂ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବରଗଡ, ଦେବଗଡ, ଅନୁଗୋଳ, ସୋନପୁର, ବଲାଙ୍ଗୀର ଏବଂ ନବରଙ୍ଗପୁର ଜିଲାରେ ଘଡଘଡି ସହ ଝଡବର୍ଷା ହେବ ବୋଲି ସତର୍କ କରାଯାଇଛି।

### କାଳିଆ, ଜଳସେଚନ,...

ବ୍ୟୟବରାଦ ବ୍ୟବସ୍ଥା କରାଯାଇଛି। ଗତ ନିର୍ବାଚନରେ ମହିଳାମାନେ ଅଧିକ ସଂଖ୍ୟାରେ ମତଦାନ କରିଥିବାରୁ ରାଜ୍ୟ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନକିଣା କାର୍ଯ୍ୟରେ ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହି ଗୋଷ୍ଠୀଗୁଡିକ ସକାଶେ ଧାନ କ୍ରୟ ପାଇଁ ୧ ହଜାର କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଗଠନ କରାଯିବ। ସେହି ଅର୍ଥରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଧାନ କ୍ରୟ କରିବେ। ଏଥିସହିତ ସେମାନଙ୍କୁ ବିନା ସୁଧରେ ଋଣ ଦେବାକୁ ମଧ୍ୟ ବଜେଟରେ ବ୍ୟୟବରାଦ କରାଯାଇଛି।

କୃଷକ, ଯୁବଗୋଷ୍ଠୀ, ମହିଳାମାନଙ୍କୁ ଖୁସି କରିବାକୁ ବଜେଟରେ ଉଦ୍ୟମ କରାଯାଇଛି। ଏହାଛଡା ଖାଦ୍ୟ ନିରାପତ୍ତା, ସାମାଜିକ ନିରାପତ୍ତା, ସ୍ୱାସ୍ଥ୍ୟ, ମହିଳା ସଶକ୍ତୀକରଣ, ଜନଜାତି ବିକାଶ, ଶିକ୍ଷା, କ୍ରୀଡ଼ା, ଜଳସେଚନ ଆଦି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଆସନ୍ତା ଆର୍ଥିକ ବର୍ଷରେ ୧ ଲକ୍ଷ ୧୦ ହଜାର ୭୧୦ କୋଟି ଟଙ୍କା ରାଜସ୍ୱ ପାଇବା ନେଇ ଆକଳନ କରାଯାଇଛି। ୨୦୧୯-୨୦ରେ ବିତ୍ତୀୟ ନିଅଣ୍ଟ ୧୬ ହଜାର ୧୯୩ କୋଟି ଅର୍ଥାତ ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦ(ଜିଏସଡିପି)ର ୩ ପ୍ରତିଶତ ହେବ ବୋଲି ଅନୁମାନ କରାଯାଇଛି। ବଜେଟରେ କାଳିଆ ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୫ଟି କୃଷି ଋତୁ ପାଇଁ ପରିବାର ପିଛା ୨୫ ହଜାର ଟଙ୍କାର ଅନୁଦାନ ଦେବାକୁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୧୦ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯିବ। ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୨ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ନିରାପତ୍ତା ଯୋଜନାରେ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଅତିରିକ୍ତ ହିତାଧିକାରୀଙ୍କୁ କିଲୋ ପିଛା ୧ ଟଙ୍କାରେ ଚାଉଳ ଯୋଗାଇବା ପାଇଁ ବଜେଟରେ ବ୍ୟୟ ବରାଦ କରିଛନ୍ତି। ବିତ୍ତୀୟ ନିଅଣ୍ଟ ୧୩ ହଜାର ୯୩୫ କୋଟି ଟଙ୍କା ମଧ୍ୟରେ ସୀମିତ ରହିବ ବୋଲି ଆକଳନ କରାଯାଇଛି। ରାଜ୍ୟରେ ୨୦୧୮ ଡିସେମ୍ବର ସୁଦ୍ଧା ୭୯ ହଜାର ୭୮୯ କୋଟି ଟଙ୍କା ଋଣ ଭାର ରହିଛି। ୨୦୧୯-୨୦ ମାର୍ଚ୍ଚ ଶେଷ ସୁଦ୍ଧା ଋଣ ଭାର ୧ ଲକ୍ଷ ୩ ହଜାର ୮୪୩ କୋଟି ଅର୍ଥାତ ଜିଏସ୍‌ଡିପିର ୧୯.୨ ପ୍ରତିଶତ ହେବ ବୋଲି ଅନୁମାନ କରାଯାଇଛି। ବିଭିନ୍ନ ଖର୍ଚ୍ଚ ତୁଲାଇବା ପାଇଁ ରାଜ୍ୟ ସରକାର ଖୋଲା ବଜାରରୁ ୪ ହଜାର ୫୦୦ କୋଟି ଟଙ୍କାର ଋଣ ଉଠାଇଛନ୍ତି। ୨୦୧୯-୨୦ରେ ଖୋଲା ବଜାରରୁ ୧୪ ହଜାର ୬୭୫ କୋଟି ଟଙ୍କାର ଋଣ ଉଠାଇବାକୁ ସରକାର ଯୋଜନା କରିଛନ୍ତି। ୨୦୧୮-୧୯ ଆର୍ଥିକବର୍ଷରେ ୧ ଲକ୍ଷ ୨୦ ହଜାର ୧୨୫ କୋଟି ଟଙ୍କାର ବଜେଟ ଅଟକଳ କରାଯାଇଥିଲା।

### ଲୁହରେ ଭିଜିଲା...

କର୍ମକର୍ତ୍ତା, ସମ୍ପର୍କୀୟ ଭାଇ ପରମେଶ୍ୱର ସାହୁଙ୍କ ଉପସ୍ଥିତିରେ ମୃତଦେହକୁ ୧୨୦ ବାଟାଲିୟନ ପରିସରକୁ ଅଣାଯାଇଥିଲା। ସେଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶହୀଦଙ୍କୁ ସମ୍ମାନ ଜଣାଇ ଦିଆଯାଇଥିଲା ଗାର୍ଡ ଅଫ୍ ଅନର। ରାଜ୍ୟପାଳ ଗଣେଶୀ ଲାଲ୍, ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅଶୋକ ପଣ୍ଡା, ବିଧାୟକ ମୋହନ ମାଝି, ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ରଙ୍କ ସମେତ ବହୁ ରାଜନେତା, ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେଠାରୁ ଭୋର୍ ୬ଟାରେ ସ୍ୱତନ୍ତ୍ର ଗାଡ଼ିରେ ବଡ଼ସୁଆଁଳ ଅଭିମୁଖେ ବାହାରିଥିଲା ପାର୍ଥିବ ଶରୀର।

ପୂର୍ବାହ୍ନ ୮ଟାରେ ଶବ ଶୋଭାଯାତ୍ରା ଢେଙ୍କାନାଳ ମନି ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। ସେଠାରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ୩୦ ମିନିଟ ରଖାଯାଇଥିଲା ମରଶରୀର। ଜିଲାପାଳ ନିଖିଲ ପଵନ କଲ୍ୟାଣ, ଏସ୍‌ପି ଅନୁପମା ଜେମ୍‌ସ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ଜନ୍ମମାଟି ଅଭିମୁଖେ ବାହାରିଥିଲା ଶୋଭାଯାତ୍ରା। ପଣ୍ଡୁଆ ଛକରେ ପହଞ୍ଚିବା ପରେ ଏକ ବିରାଟ ପଟୁଆରରେ କାମାକ୍ଷାନଗରକୁ ନିଆଯାଇଥିଲା ମରଶରୀର। ଭାରତ ମାତା କୀ ଜୟ, ଶହୀଦ ଅଜିତ୍ ଅମର ରହେ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୧୦ମିନିଟ୍ ପାଇଁ ମୃତଦେହ ରଖାଯାଇଥିଲା। ସ୍ଥାନୀୟ ପ୍ରଶାସନ, ଓକିଲ ସଂଘ, ବଣିକ ସଂଘ, ବସ୍ ମାଲିକ ସଂଘର କର୍ମକର୍ତ୍ତାଙ୍କ ସମେତ ହଜାର ହଜାର ଜନସାଧାରଣ ଅନ୍ତିମ ଦର୍ଶନ କରିଥିଲେ। କାମାକ୍ଷାନଗର ସହର ପରିକ୍ରମା କରିବା ପରେ ବଡ଼ସୁଆଁଳ ଅଭିମୁଖେ ବାହାରିଥିଲା ଶହୀଦ୍ ଅଜିତ୍‌ଙ୍କ ପାର୍ଥିବ ଶରୀର। ୫୩ନଂ. ଜାତୀୟ ରାଜପଥରେ ବଡସୁଆଁଳରେ ପହଞ୍ଚିବାକୁ ପ୍ରାୟ ଦେଢ଼ ଘଣ୍ଟା ସମୟ ଲାଗିଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଶୋକାକୁଳ ଜନତା ଛିଡ଼ାହୋଇ ମାଟିର ବୀର ପୁଅକୁ ଅଶ୍ରୁପୂର୍ଣ୍ଣ ନୟନରେ ବିଦାୟ ଦେଇଥିଲେ।

ସାଢ଼େ ୧୧ଟାରେ ଜନ୍ମମାଟିରେ ପହଞ୍ଚିଥିଲା ଶବାଧାର। ଶହୀଦ୍‌ଙ୍କୁ ଅନ୍ତିମ ଦର୍ଶନ କରିବାକୁ ହଜାର ହଜାର ଅଞ୍ଚଳବାସୀ, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ରାଜନେତା, ପ୍ରଶାସନିକ ଅଧିକାରୀ ରୁଣ୍ଡ ହୋଇଥିଲେ। ଭିଡ଼ ଏତେ ଅସମ୍ଭାଳ ହୋଇପଡ଼ିଥିଲା ଯେ, ମରଶରୀର ଘରକୁ ନେବାକୁ ପୋଲିସ ପ୍ରଶାସନ ପାଇଁ କାଠିକର ପାଠ ହୋଇପଡ଼ିଥିଲା। ବଡ଼କଷ୍ଟରେ ମାତ୍ର ୧୦ ମିନିଟ୍ ପାଇଁ ଘରକୁ ନିଆଯାଇଥିଲା ମୃତଦେହ। ସେଠାରେ ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଆତ୍ମୀୟସ୍ୱଜନଙ୍କ ବୁକୁଫଟା କାନ୍ଦ ପରିବେଶକୁ ଆହୁରି ଶୋକାକୁଳ କରିଦେଇଥିଲା। କଫିନ୍‌କୁ ସ୍ଥାନୀୟ ଯୁବକ ସଂଘ, ସେନା କର୍ମଚାରୀ ଗ୍ରାମ ପରିକ୍ରମା କରାଇଥିଲେ। ଅଜିତ୍ ପାଠ ପଢୁଥିବା ବିଦ୍ୟାଳୟ ପଡ଼ିଆ ଦେଇ ଶ୍ମଶାନରେ ପହଞ୍ଚିଥିଲା ଶୋଭାଯାତ୍ରା। ତୋପ ସଲାମୀ ଏବଂ ଆବଶ୍ୟକ ସଂସ୍କାର କାର୍ଯ୍ୟ କରାଯିବା ପରେ ବଡ଼ଭାଇ ଆଲୋକ ମୁଖାଗ୍ନି ଦେଇଥିଲେ।



ଜନ୍ମମାଟି ବଡ଼ସୁଆଁଳରେ ଶହୀଦ ଅଜିତ୍‌ଙ୍କ କଫିନ୍‌କୁ ଶୋଭାଯାତ୍ରାରେ ନିଆଯାଉଛି।

# ଧାମରାରୁ ଧରାହେଲା ୧୦ ତେଲିଆଶିଳା ମାଛ


ଉଦ୍ଧାର ମାଛ।

- କେଜି ପ୍ରତି ଦର ୫ରୁ ୬ ହଜାର ଟଙ୍କା
- ଗୋଟିଏ ମାଛର ଓଜନ ୨୫ କେଜି
- ମାଛ ଦେଖିବାକୁ ଲୋକଙ୍କ ଭିଡ

**ଚାନ୍ଦବାଲି, ୨୦।୬ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମରା ମାଛଧରା ବନ୍ଦର ଅଧୀନ ଚନ୍ଦନୀପାଳ ମାଛଧରା କେନ୍ଦ୍ର(ବେସ୍)ରେ ବିରଳ ପ୍ରଜାତିର ୧୦ଟି ମାଛ ଗୁରୁବାର ମଧ୍ୟାହ୍ନରେ ଧରାଯାଇଛି। ଏହି ମାଛର ନାଁ ତେଲିଆଶିଳା। ସ୍ଥାନୀୟ ମତ୍ସ୍ୟଜୀବୀ ଏହି ମାଛକୁ ତେଲିଆ ବୋଲି କୁହନ୍ତି। ଏହାର ବିଜ୍ଞାନ ନାମ ପ୍ରୋଟନବିଅନ ଡାଇକନଥେସିସ୍। ସ୍ଥାନୀୟ ସମୁଦ୍ରରୁ ଏପରି ମାଛ ଖୁବ୍ କମ୍ ପରିମାଣରେ ଧରା ପଡିଥାନ୍ତି। ଏହି ମାଛର କିଲୋ ପ୍ରତି ଦର ୫ରୁ ୬ ହଜାର ଟଙ୍କା ବୋଲି ସ୍ଥାନୀୟ ମତ୍ସ୍ୟଜୀବୀ କହିଛନ୍ତି। ତେଲିଆଶିଳା ମାଛରେ ଓମେଗା ଥ୍ରୀର ପରିମାଣ ଅଧିକ ଥାଏ। ଏହାକୁ ତରକାରି କରି ଖାଇବା ବଦଳରେ ଏଥିରୁ କେତେକ ଔଷଧ ପ୍ରସ୍ତୁତ ହୋଇଥାଏ। ସେହି ମାଛକୁ ଖଣ୍ଡ ଖଣ୍ଡ କରି କାଟି ଟାଣ ଖରା ବଦଳରେ ହାଲ୍‌କା ଖରାରେ ଶୁଖାଇ ତାର ଚର୍ବି ଅଂଶକୁ ସଂରକ୍ଷିତ କରାଯାଇ ରଖାଯାଇଥାଏ। ସ୍ଥାନୀୟ ବଜାର ଅପେକ୍ଷା ହାଓ୍ୱଡ଼ା, ଦୀଘା, ସିଲିଗୁଡି, ଆସାମ ବଜାରକୁ ଏହି ମାଛ ପଠାଇ ମତ୍ସ୍ୟଜୀବୀମାନେ ଲାଭବାନ ହୋଇଥାନ୍ତି। ଗୁରୁବାର ଏପରି ୧୦ଟି ମାଛ ଧରା ହୋଇଛି। ପ୍ରତିମାଛର ଓଜନ ୨୫ କିଲୋରୁ ବେଶି। ସେଥିପାଇଁ ଗୋଟିଏ ମାଛର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ମତ୍ସ୍ୟଜୀବୀମାନେ କହିଛନ୍ତି। ଗଭୀର ସମୁଦ୍ରକୁ ଟ୍ରଲର ଓ ଗିଲ୍‌ନେଟ ଭଳି ଯନ୍ତ୍ରଚାଳିତ ଡଙ୍ଗା ନେଇ ଯାଉଥିବା ମତ୍ସ୍ୟଜୀବୀମାନେ କେବେ କେବେ ଏହି ମାଛକୁ ଜାଲରେ ଧରିଥାନ୍ତି। ସରକାରୀ କଟକଣା ଯୋଗୁ ଦୀର୍ଘଦିନ ଧରି ଧାମରାରେ ମାଛଧରା ବନ୍ଦ ଥିବାବେଳେ ଏଭଳି ଦାମିକା ମାଛ ଧରା ହେବାକୁ ନେଇ ମତ୍ସ୍ୟଜୀବୀମାନେ ମଧ୍ୟ ଉତ୍ସାହିତ ହୋଇପଡିଛନ୍ତି। ତେଲିଆଶିଳା ମାଛକୁ ଦେଖିବାକୁ ଚନ୍ଦନୀପାଳ ମାଛଧରା ବେସ୍‌ରେ ଲୋକଙ୍କ ଭିଡ଼ ଜମିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କର୍ମଭାବସ୍ଥ ଚନ୍ଦ୍ର ତୃତୀୟଷଷ୍ଠାଧିପ ବୁଧଙ୍କ ଦୃଷ୍ଟିରେ ପାରିବାରିକ ସ୍ୱାସ୍ଥ୍ୟ ସମସ୍ୟା କିମ୍ବା ମତାନ୍ତରଜନିତ କଳହକୁ ନେଇ ଚିନ୍ତିତ କରାଇବ। କିନ୍ତୁ ସୁଖଭାବସ୍ଥ ଶୁକ୍ରଙ୍କ ସୁପ୍ରଭାବରୁ ମନ ଭିତରର ଉତ୍ତେଜନାକୁ ନିୟନ୍ତ୍ରିତ କରି ସହୃଦୟତାର ସହ ବାକ୍ୟାଳାପ କରିବାରେ ସମର୍ଥ ହେବେ।

**ବୃଷ** ଚତୁର୍ଥାଧିପ ଚନ୍ଦ୍ରଙ୍କ ନିକଟରୁ ଷଡାଷ୍ଟକ ସ୍ଥିତିରେ ରହିଥିବାରୁ ପରିବାରର ବ୍ୟତିକ୍ରମ ସକାଶେ ମନ ଭଲ ରହି ନ ପାରେ। କିନ୍ତୁ ଚନ୍ଦ୍ରଙ୍କ ଶୁଭଦୃଷ୍ଟି ପ୍ରଭାବରେ କୌଣସି ବନ୍ଧୁ, ସହକର୍ମୀ ସହଯୋଗର ହାତ ବଢାଇବା ଫଳରେ କୌଣସି କାମ ଅଟକିବ ନାହିଁ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ।

**ମିଥୁନ** ରାଶିରେ ପାପଗ୍ରହ ଏବଂ ଦ୍ୱିତୀୟସ୍ଥ ବୁଧ ଆପଣଙ୍କ ମନ ଭିତରର ଉତ୍ତେଜନାକୁ ପ୍ରକାଶ କରିବାକୁ ପଶ୍ଚାତ୍‌ପଦ ହେବେ ନାହିଁ। ଫଳରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବାର ପୂର୍ଣ୍ଣ ଆଶଙ୍କା ରହିଛି। ନିଜ ସଂସ୍ପର୍ଶରେ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଆପ୍ୟାୟିତ କରି ଅର୍ଥଲାଭର ମାର୍ଗକୁ ସୁଗମ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ।

**କର୍କଟ** ବ୍ୟୟାଧିପତି ତୃତୀୟାଧିପତିଙ୍କ ସହ ଅବସ୍ଥାନ କରି ରାଶିରେ ଥିବାରୁ ବନ୍ଧୁଙ୍କ ପାଇଁ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ଅବଶ୍ୟ ଚନ୍ଦ୍ରଙ୍କ ଦୃଷ୍ଟିରୁ ସୁସ୍ଥ ଚିନ୍ତାଧାରା ହେତୁ ପରିସ୍ଥିତି ପ୍ରତି ସଚେତନ ରହି କାମ କରିବା ଦ୍ୱାରା ପ୍ରତ୍ୟେକ ସମସ୍ୟାକୁ ଟାଳି ଦେଇପାରିବେ। ପାରସ୍ପରିକ ମତଭେଦ କାରଣରୁ ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ।

**ସିଂହ** ଚନ୍ଦ୍ରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ବିପରୀତ ରାଜଯୋଗ ଆପଣଙ୍କ କାର୍ଯ୍ୟସିଦ୍ଧିରେ ସହାୟକ ହେବ। ଆନୁଷ୍ଠାନିକ କାମ ଓ ସଭାସମିତିରେ ତଥା କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଅଫିସିଆଲି କାମକ୍ଷେତ୍ରରେ ପୂର୍ବରୁ ଲାଗି ରହିଥିବା ସମସ୍ୟାର ସମାଧାନପୂର୍ବକ ମଧ୍ୟାହ୍ନରେ ଟେନ୍‌ସନ ଦୂର ହେବ।

**କନ୍ୟା** ଏକାଦଶସ୍ଥ ରାଶ୍ୟାଧିପତି ବୃହସ୍ପତିଙ୍କ ନକ୍ଷତ୍ରସ୍ଥ ଯୋଗୁଁ ପାରିବାରିକ,ବ୍ୟବସାୟିକ ତଥା ଯାତ୍ରା ଓ ନୂତନ କର୍ମାରମ୍ଭ ପାଇଁ ମନ୍ଦ ହେବନି। କିନ୍ତୁ ଦ୍ୱିତୀୟଭାବ ଗ୍ରହଶୂନ୍ୟତା କାରଣରୁ ଆର୍ଥିକ ସଂକଟ ମଧ୍ୟରେ ଗତି କରିପାରନ୍ତି। ନିଜ ପରିସରରେ ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ।

**ତୁଳା** କର୍ମାଧିପତିଙ୍କ ନକ୍ଷତ୍ରରେ ରାଶ୍ୟାଧିପତି ଅବସ୍ଥାନ କରି ଅଷ୍ଟମସ୍ଥ ଯୋଗୁ କର୍ମଜଞ୍ଜାଳ ବୃଦ୍ଧିଜନିତ ସ୍ୱାସ୍ଥ୍ୟହାନି ଘଟିପାରେ। ଶନିକ୍ଷେତ୍ରସ୍ଥ ଚନ୍ଦ୍ର ଯୋଗୁ କାହାକୁ କିଛି ନ କହିଲେ ମଧ୍ୟ ମନ ଭିତରଟା ବିଶେଷ ଭଲ ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ଠାରୁ ଦୂରତା ରଖି କାମ କରିବା ଭଲ ହେବ।

**ବିଛା** ସୁଖଭାବରେ ଶନି ପ୍ରଭାବରୁ ଆପଣଙ୍କ ନୀରବତା ଅନ୍ୟମାନଙ୍କ ସନ୍ଦେହକୁ ଦ୍ୱିଗୁଣିତ କରିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଆପଣ ଯେତେ ପାଇଲେ ମଧ୍ୟ ଆହୁରି ଅଧିକ ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ। ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କଲେ ସଫଳତା ପାଇବେ।

**ଧନୁ** କୌଣସି ପ୍ରକାରର ଅସୁବିଧା ନ ଥିଲେ ମଧ୍ୟ ପାପଗ୍ରହଙ୍କ କୁପ୍ରଭାବରୁ ଦୈହିକ ଓ ମାନସିକ ସ୍ଥିତି ପ୍ରାୟତଃ ଭଲ ରହିବନାହିଁ। ଫଳରେ ସାଧାରଣ ଘଟଣାକୁ କେନ୍ଦ୍ରକରି ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟିହେବାର ସୂଚନା ରହିଛି। କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ।

**ମକର** ସପ୍ତମାଧିପତି ଚନ୍ଦ୍ର ସ୍ୱଗୃହୀ ହେତୁ ଆଗାମୀ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ବିବାହ ପ୍ରସ୍ତାବ ସମ୍ପର୍କୀୟ ଚିନ୍ତାରେ ଆପଣଙ୍କୁ ନିମଗ୍ନ କରାଇପାରେ। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ ପାପଗ୍ରହ କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ସ୍ୱଗୃହୀ ଶୁକ୍ର ପ୍ରଭାବରୁ ବନ୍ଧୁ ସମ୍ପର୍କ, ପରିବହନ, ବିବାଦୀୟ ପରିସ୍ଥିତି, ସଭାସମିତି ଓ ଆନୁଷ୍ଠାନିକ କାମରେ ବିଶେଷ ଅସୁବିଧା ହେବନାହିଁ। କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ଦୈହିକ ସୁସ୍ଥ ସଙ୍ଗକୁ ବନ୍ଧୁମାନଙ୍କ ସାହାଯ୍ୟ,ସହଯୋଗ ଆପଣଙ୍କ କଥା ଓ କାମରେ ସହାୟକ ହେବ। ପିଲାମାନଙ୍କ ସମସ୍ୟା ପାଇଁ ମନ ଅସ୍ଥିର ରହିବ ଓ ମାନସିକ ବ୍ୟଥା ଅନୁଭବ କରିବେ। ଦୁର୍ବଳ ଓ ପାପଗ୍ରସ୍ତ ଧନାଧିପତି କାରଣରୁ ପରିସ୍ଥିତିବଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହେବେ।

ଆଜି ଆଷାଢ଼ କୃଷ୍ଣ ଚତୁର୍ଥୀ ଶୁକ୍ରବାର, ଜୁନ୍ ୨୧ ତାରିଖ, ଅନ୍ତର୍ଜାତୀୟ ଯୋଗ ଦିବସ, ରାଶି ନକ୍ଷତ୍ର-ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ.୬।୪୯ମି. ମଧ୍ୟେ ଘ.୪।୩୪ମି. ଗତେ, ଘ.୬।୧୬ମି. ମଧ୍ୟେ ଅମୃତ ବେଳା। ଦିବା ଘ.୬।୪୯ମି. ଗତେ ଘ.୮।୨୧ମି. ମଧ୍ୟେ, ଘ.୧୧।୪୨ମି. ଗତେ ଘ.୧।୧୯ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦।୦୯ମି. ଗତେ, ଘ୧୧।୪୮ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302

**automobile**

**HIRE**

ମାସିକିଆ ଭଡ଼ାସୂତ୍ରରେ ଟାଟା ମ୍ୟାଜିକ୍ ଏବଂ ଅଟୋ ଆବଶ୍ୟକ। Call: 7609893102, 8637294131. D-66577

**real estate**

**SALE**

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଛାରୁ ବିକ୍ରିହେବ। 9178660666. D-66570

Bhubaneswar Patia new Railway station ଠାରେ ସ୍ଥିତିବାନ demarcated plot sqft 500/-, 700/-. 9938501324, 7064471511. D-66706

ଭୁବନେଶ୍ୱର New Railway Station ପାଖରେ ଘରବାରି sqft. 450/-ରେ ମିଳୁଛି। 9439690111. D-66142

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66907

2BHK simplex 25,50,000/- finishing Hanspal (Bank finance available)- 7894919750, 9668194157. D-66490

GA plot 2700sqft. with building 4300sqft. at Ghatikia, Bhubaneswar, price 235Lakhs. Genuine buyers please contact: 9178518254. D-66492

Own plot 17500sqft. with boundary adjacent to 30ft. wide blacktop road near IIT, Bhubaneswar just 3km. from Jatni station 200 psqft. 9437580925. D-66143

1200 sqft. land 900 construction simplex sale ବ୍ରାହ୍ମଣଝରିଲୋ ନଖରାରୁ ୬ କିଲୋମିଟର 25,00,000/- LIC approved. 9437306208 D-66144

2000 sqft. of land in Bhagabatipur near Kateni Chhak for sale. 9937162220. D-66145

2BHK flat of 1120 sqft. in 2nd floor near Kateni Chhak is for sale. 9937162220. D-66146

**to-let**

3BHK Single house at Laxmisagar Jagannathnagar, Bhubaneswar lane-6 for rent. Contact: 8144944876. D-52897

**For godown, stockyard 24400 sqft. plot infront of Tata Motors, Pitapalli-Khurda NH, and 40,000 sqft. plot at Pitapalli bypass adjacent to Biswas College shed will be prepaid as per your requirement. Contact: 9937080060, 9437027643.** D-13048

2BHK first floor house near ITER Dumduma, family only. Contact: 9078024474, 9937849309. D-64975

2500 sqft. available for godown at Bhanpur, near Telengapentha. Please call: 9437033691 D-65655

Commercial space 1400 sqft. first and second floor each, Bapujinagar, 9861082582. D-66536

Family accomodation at Shailashree Vihar DAV, Chandrasekharpur, Bhubaneswar-9338089477. D-66494

**healthcare**

Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Full body massage with refreshment, expert therapist. 7381239385, 0674-2540855. D-66573

Experience full body massage with us (expert). Call: 7377048581, 0674- 2597822. D-66574

Herbal full body massage by smart/expert therapist. Contact: 8338067247.D-66575

Newly opening ayurvedic body massage smart therapist, Shree herbal. 7750020754.D-66576

Monalisa club full body massage with hiprofile smart lady air-condition rooms available hurry up ! 9708545108. D-13040

Ayurvedic full body massage ladies/ gents smart experts therapist. 9114697517. D-66906

Summer special mesmerizing offer expert therapeutic refreshing massage appointment. 9668374480. D-66579

Kajal ayurvedic massage club fully relaxed by smart lady, home service available. 9937637219. D-66909

New new openly fullbody massage ladies, gents AC room- 7609923705. D-38556

**AFFIDAVIT**

I, Smt. Snehalata Das C/o Shri Neelachala Dash of Amunia street, Purusottampur, Ganjam, Odisha-761018 holder of Indian Passport No.S6351347 have changed my name to Snehalata Dash with immediate effect with an affidavit at City Notary, Bhubaneswar. D-66908

By affidavit before Notary, Puri.CF. No- 15AA 978517/8, Dtd. 28.01.2018, I have been changed surname from "Mahapatra" to "Mohapatra" At-Bashelisahi, Po/Dist-Puri that since from my 10th certificate is with Lilima Mohapatra. I have been recognized identified & known as Lilima Mahapatra to "Lilima Mohapatra" for all purposes. D-63778


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ୫ ବରିଷ୍ଠ ଡାକ୍ତରଙ୍କ ପାଖକୁ ଫୁଲ ସହ ଧନ୍ୟବାଦପୂର୍ଣ୍ଣ ଚିଠି ପଠାଇଛନ୍ତି। ଏସ୍ଏସ୍କେଏମ୍ ହେପାଟୋଲୋଜି ବିଭାଗ ମୁଖ୍ୟ ଅଭିଜିତ ଚୌଧୁରୀ, ଭେଟେରାନ୍ ଫିଜିକ୍ସିଆନ୍ ସୁକୁମାର ମୁଖାର୍ଜୀ, ଏମ୍ସିଏର୍ କାର୍ଡିଓଥୋରେସିସ୍ ସର୍ଜରୀ ହେଡ୍ ପ୍ଲାବନ୍ ମୁଖାର୍ଜୀ, ଏସ୍ଏସ୍କେଏମ ରୁମାଟୋଲୋଜି ମୁଖ୍ୟ ଆଲୋକେନ୍ଦୁ ଘୋଷ ଏବଂ ଏସ୍ଏସ୍କେଏମ ଜେନେରାଲ ସର୍ଜରୀ ମୁଖ୍ୟ ମାଖନ୍‌ଲାଲ୍ ଶାହ କନିଷ୍ଠ ଡାକ୍ତରଙ୍କ ଆନ୍ଦୋଳନ ବେଳେ ସମାଧାନ ଲାଗି ମମତାଙ୍କ ସହ ଆଲୋଚନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।



## ଜିଲା ଚିଠି କଳାହାଣ୍ଡି

# ଅସୁରକ୍ଷିତ ଫଡ଼ିଘର

କେନ୍ଦୁପତ୍ରକୁ କେହି କେହି ସବୁଜ ହୀରା ବୋଲି କୁହନ୍ତି। କେନ୍ଦୁପତ୍ରର ଆୟ ରାଜ୍ୟ ରାଜକୋଷକୁ ସମୃଦ୍ଧ କରେ। ଲକ୍ଷାଧିକ ତୋଳାଳିଙ୍କ ଜୀବନଜୀବିକାର ସେହି କେନ୍ଦୁପତ୍ର ଉପରେ ନିର୍ଭର କରିଥାଏ। ହେଲେ କେନ୍ଦୁପତ୍ର ବନ୍ଧାରେ ନିୟୋଜିତ ଶହ ଶହ ଶ୍ରମିକ ଆଜି ଶୋଷିତ, ନିଷ୍ପେଷିତ। ସାଧାରଣତଃ ପତ୍ରବନ୍ଧା କାର୍ଯ୍ୟ ଏକ ନିର୍ଦ୍ଦିଷ୍ଟ ଶ୍ରମିକ ଗୋଷ୍ଠୀଙ୍କ ଦ୍ୱାରା ହୋଇଥାଏ। ପ୍ରତିବର୍ଷ ମେ, ଜୁନ୍, ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବରରେ ପତ୍ର ବନ୍ଧାଳି ଯାଯାବର ଭାବେ ନିଜ ପରିବାରକୁ ନେଇ ଦିନ କାଟିଥାନ୍ତି। ସେମାନଙ୍କ ସୁରକ୍ଷା ପାଇଁ ସରକାର ବ୍ୟାପକ ବ୍ୟବସ୍ଥା କରିଥିବା ଘୋଷଣା କରିଛନ୍ତି। ହେଲେ କଳାହାଣ୍ଡି କେନ୍ଦୁପତ୍ର ବନଖଣ୍ଡର ବିଭିନ୍ନ ରେଞ୍ଜର ଫଡ଼ିଘରେ ପତ୍ର ବାନ୍ଧୁଥିବା ଶ୍ରମିକମାନେ ନାନା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ସେମାନେ ସମ୍ପୂର୍ଣ୍ଣ ଅସୁରକ୍ଷିତ ଭାବେ ଏହି କାର୍ଯ୍ୟ କରିଥାନ୍ତି। କେନ୍ଦୁପତ୍ର ତୋଳାଠାରୁ ଆରମ୍ଭ କରି ଶୁଖା ଏବଂ ବିଡ଼ା ବାନ୍ଧିବା ପର୍ଯ୍ୟନ୍ତ ସବୁ କାମ ଠିକ୍ ହେଲେ ଯାଇ କେନ୍ଦୁପତ୍ରର ଗୁଣବତ୍ତା ରକ୍ଷା ହୁଏ। ଠିକ୍ ଗୁଣବତ୍ତା ରହିଲେ ସେହି ପତ୍ର ଉଚ୍ଚ ଦରରେ ବିକ୍ରି ହୋଇଥାଏ। ତା'ର ଫାଇଦା ବିଭାଗ ପାଇଥାଏ। ଏଣୁ ବିଭିନ୍ନ ଫଡ଼ି ଘରେ ଗଚ୍ଛିତ ରହୁଥିବା କେନ୍ଦୁପତ୍ରକୁ ମେ ମାସରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ପତ୍ର ବନ୍ଧାଳିମାନେ ବାନ୍ଧି ରେଞ୍ଜର ମୁଖ୍ୟ ଗୋଦାମକୁ ପଠାଇଥାନ୍ତି। ପତ୍ର ବନ୍ଧାଳି ପରିବାର ଏହି ବନ୍ଧା କାମକୁ ଏକ ପାରିବାରିକ ବୃତ୍ତି ଭାବେ ଆପଣେଇ ନେଇଛନ୍ତି। ସେମାନଙ୍କ ପୁଅ, ଝିଅ ଏହି ୫ ମାସ ସ୍କୁଲ ବାରଣ୍ଡା ମାଡ଼ି ପାରି ନ ଥାନ୍ତି। ପୂର୍ବରୁ କେନ୍ଦୁପତ୍ର ବିଭାଗ ଶ୍ରମିକମାନଙ୍କ ପୁଅ ଝିଅଙ୍କ ଶିକ୍ଷା ବ୍ୟବସ୍ଥା ପାଇଁ ଫଡ଼ିଘର ପରିସରରେ ଅସ୍ଥାୟୀ ଅଣଆନୁଷ୍ଠାନିକ ଶିକ୍ଷା କେନ୍ଦ୍ର ଖୋଲିବାର ବ୍ୟବସ୍ଥା କରିଥିଲେ। ହେଲେ ଏବେ ସେହି ବ୍ୟବସ୍ଥା ବନ୍ଦ ରହିଛି। ଏଥିଯୋଗୁ ପତ୍ର ବନ୍ଧାଳି ପରିବାରର ପିଲାମାନେ ପାଠ ପଢ଼ିବାରୁ ବଞ୍ଚିତ ହୋଇଛନ୍ତି। ଶିଶୁ, କିଶୋରୀ, ମହିଳାଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ଥିଲେ ହେଁ ଏମାନଙ୍କ ସ୍ୱାସ୍ଥ୍ୟ, ପରିମଳ ଓ ପାନୀୟ ଜଳ ବ୍ୟବସ୍ଥା ଆଦୌ ସୁରକ୍ଷିତ ନ ଥିବା ଅଭିଯୋଗ ହୋଇଛି। ସେମାନଙ୍କୁ ବ୍ୟବହାର ପାଇଁ ମଶାରିଟିଏ ଦିଆଯାଉ ନାହିଁ। ମାଛି ସେମାନଙ୍କ ଚିର ସହଚର ହୋଇଛନ୍ତି। ପରିମଳ ବ୍ୟବସ୍ଥା କଥା ନ କହିବା ଭଲ। ଫଡ଼ିଘରେ ବନ୍ଧାଳି ଶ୍ରମିକମାନେ ବିପଦସଙ୍କୁଳ ଭାବେ କାମ କରୁଛନ୍ତି। ପ୍ରତି ପରିବାରକୁ ବିଭିନ୍ନ ଫଡ଼ିଘରେ ଗୋଟିଏ ଲେଖାଏ ଖୁଣ୍ଟି ଦେଇ ପତ୍ର ବନ୍ଧା ଯାଇଥାଏ। ସେହି ଖୁଣ୍ଟିକୁ ନେଇ ସେମାନଙ୍କୁ ମଜୁରି ପ୍ରଦାନ କରାଯାଇଥାଏ। ହେଲେ ଖୁଣ୍ଟି ପ୍ରଦାନ ବିଭାଗୀୟ କର୍ମଚାରୀମାନଙ୍କ ଦୟା ଉପରେ ନିର୍ଭର କରିଥାଏ। ଏଥିଯୋଗୁ ବହୁ ବନ୍ଧାଳି ହାତବାନ୍ଧି ବସୁଛନ୍ତି। ଏପରିକି କେନ୍ଦୁପତ୍ର ବନ୍ଧାଳିମାନଙ୍କୁ ଦୈନନ୍ଦିନ ଖର୍ଚ୍ଚ ପାଇଁ ଯେଉଁ ଅର୍ଥ ଦିଆଯାଉଛି ତାହା ପର୍ଯ୍ୟାପ୍ତ ନୁହେଁ ବୋଲି ଅଭିଯୋଗ ହୋଇଛି।

– ସଞ୍ଜୀବ କୁମାର ଜୋଶୀ

# ଶ୍ରୀମନ୍ଦିର ଭିତରେ ସେଲ୍‌ଫି

■ ସୋସିଆଲ ମିଡିଆରେ ଫଟୋ ଭାଇରାଲ

ପୁରୀ ଅଫିସ,୨୦।୬

ଶ୍ରୀମନ୍ଦିର ଭିତରେ ସେଲ୍‌ଫି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏହି ଫଟୋ ଏଥର କୌଣସି ଭକ୍ତଙ୍କର ନୁହେଁ ବରଂ ଖୋଦ୍ ସେବାୟତଙ୍କର ବୋଲି ଜଣାପଡ଼ିଛି। ମହାଲକ୍ଷ୍ମୀ ମନ୍ଦିର ଜଗମୋହନରେ ଜଣେ ପାଟରା ବିଶୋୟୀ ସେବାୟତ ସେଲ୍‌ଫି ନେଇ ତାକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିଛନ୍ତି। ଏହି ଫଟୋ ଏବେ ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି। ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେବା ଉପରେ କଟକଣା ରହିଛି। ଏହାସତ୍ତ୍ୱେ ଜଣେ ସେବାୟତ ସେଲ୍‌ଫି ନେଇ ତାକୁ ସୋସିଆଲ ମିଡିଆରେ ଅପ୍‌ଲୋଡ କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ଥିଲେ ମଧ୍ୟ ଏହାକୁ ଅନେକେ ମାନୁନାହାନ୍ତି। ଭକ୍ତମାନେ ବିଭିନ୍ନ ସମୟରେ ମନ୍ଦିର ଭିତରକୁ ମୋବାଇଲ ଫୋନ ନେଇ ଭିଡିଓ ରେକର୍ଡିଂ କରିବା ଘଟଣା ପଦାକୁ ଆସିଛି। ଏହାଦ୍ୱାରା ଶ୍ରୀମନ୍ଦିରର ଗୁପ୍ତ ତଥ୍ୟ ବାହାରକୁ ଚାଲିଯିବାର ଆଶଙ୍କା ପ୍ରକାଶ ପାଇଛି। ବର୍ତ୍ତମାନ ଜଣେ ସେବାୟତ ସେଲ୍‌ଫି ନେବା ଘଟଣା ପ୍ରଶାସନିକ କଟକଣାକୁ ପ୍ରହସନ ବୋଲି ସ୍ପଷ୍ଟ କରୁଛି। ମହାଲକ୍ଷ୍ମୀ ମନ୍ଦିର ଜଗମୋହନରେ ପାଟରା ବିଶୋୟୀ ସେବାୟତମାନେ ମହାପ୍ରଭୁଙ୍କ ପାଇଁ ପଇତା ବୋଲୁଥିବାର ଫଟୋ ସୋସିଆଲ ମିଡିଆରେ ଘୂରିବୁଲୁଛି। ଏହି ସମୟରେ ପାଟରା ବିଶୋୟୀ ସେବାୟତ ଅଶୋକ ପାତ୍ର ମୋବାଇଲରେ ସେଲ୍‌ଫି ନେଇଛନ୍ତି। ଏହି ଫଟୋ ଏବେ ଭାଇରାଲ ହୋଇଛି।




## ସିଡିଏମ୍ଓ ସମ୍ମିଳନୀ ଉଦ୍‌ଯାପିତ

# ୭୦ ବର୍ଷ ଯାଏ କାମ କରିପାରିବେ ଠିକା ଡାକ୍ତର

■ ବିନା ଅନୁମତିରେ ଛୁଟିରେ ରହିଲେ ହେବ କାର୍ଯ୍ୟାନୁଷ୍ଠାନ
■ ଡାକ୍ତରଖାନାରେ ଲାଗିବ ଡାକ୍ତରଙ୍କ ଡ୍ୟୁଟି ଚାର୍ଟ
■ ପ୍ରତି ମାସରେ ରିପୋର୍ଟ ଦେବେ ନୋଡାଲ ଅଫିସର

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ଅବସର ପରେ ଠିକା ଡାକ୍ତରମାନେ ୭୦ ବର୍ଷ ଯାଏ ସରକାରୀ ଚିକିତ୍ସାଳୟରେ କାର୍ଯ୍ୟ କରିପାରିବେ। ପୂର୍ବରୁ ଏହି ସୀମା ୬୮ ବର୍ଷ ଥିଲା। ଏଥିରେ ୨ବର୍ଷ ବୃଦ୍ଧି କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ଗୁରୁବାର ଅନୁଷ୍ଠିତ ସିଡିଏମ୍ଓ ସମ୍ମିଳନୀରେ ଯୋଗ ଦେଇ ଏହି ସୂଚନା ଦେଇଛନ୍ତି। ଆସନ୍ତା ଜୁଲାଇ ୧୫ ସୁଦ୍ଧା କେଉଁ ଜିଲାରେ କେତେ ସଂଖ୍ୟକ ଅବସରପ୍ରାପ୍ତ ଡାକ୍ତର ରହିଛନ୍ତି, ତାହାର ଏକ ତାଲିକା ପ୍ରସ୍ତୁତ କରିବାକୁ ମଧ୍ୟ ମନ୍ତ୍ରୀ ସିଡିଏମ୍ଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅବସରପ୍ରାପ୍ତ ଡାକ୍ତରଙ୍କ ବୟସ ସୀମାକୁ ଦୁଇବର୍ଷ ବୃଦ୍ଧି କରିବା ସହିତ ୭୦ବର୍ଷ ବୟସ ହୋଇ ନ ଥିବା ଡାକ୍ତରମାନଙ୍କ ତଥ୍ୟ ଟ୍ରେଜେରିରୁ ସଂଗ୍ରହ କରିବାକୁ କୁହାଯାଇଛି। ରାଜ୍ୟରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ସଂକ୍ରାନ୍ତରେ ସମ୍ମିଳନୀରେ ସମୀକ୍ଷା କରାଯାଇଥିଲା। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ଏବେ ମଞ୍ଜୁରୀପ୍ରାପ୍ତ ମୋଟ ୬,୭୧୯ ପଦବୀ ଥିବାବେଳେ ସେଥିରୁ ୫୧୩ ପଦବୀ ଖାଲି ପଡ଼ିଛି। ଡାକ୍ତରଙ୍କ ସଂଖ୍ୟା କମ୍ ରହିଥିବା ବେଳେ କେତେକ ସ୍ଥାନରେ ବିନା ଅନୁମତିରେ ଡାକ୍ତରମାନେ ଅନୁପସ୍ଥିତ ରହୁଛନ୍ତି। ଏଭଳି ଘଟଣାକୁ ଏଣିକି ବରଦାସ୍ତ କରାଯିବ ନାହିଁ ଏବଂ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି।

କାର୍ଯ୍ୟରତ ଡାକ୍ତରମାନଙ୍କର ତାଲିକା ପ୍ରସ୍ତୁତ ସହିତ କେଉଁ ସମୟରେ କେଉଁ ଡାକ୍ତର ଚିକିତ୍ସାଳୟରେ ଉପସ୍ଥିତ ରହିବେ, ସେ ସଂକ୍ରାନ୍ତୀୟ 'ଡ୍ୟୁଟି ଚାର୍ଟ' ଡାକ୍ତରଖାନାରେ ଲଟକା ଯିବ। ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁସଙ୍ଗଠିତ କରିବା ପାଇଁ ଜିଲା ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ ବିଭାଗର ନୋଡାଲ ଅଫିସରମାନେ ଏଣିକି ପ୍ରତି ମାସରେ ଜିଲା ଗସ୍ତ କରିବେ। ସେଠାରେ ଥିବା ସମସ୍ୟା ଓ ତାହାର ସମାଧାନ ସଂକ୍ରାନ୍ତୀୟ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବେ। ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଅର୍ଥ ପ୍ରଦାନ କରୁଥିବା ବେଳେ ତାହାର ଉପଯୁକ୍ତ ବିନିଯୋଗ ଉପରେ ସ୍ୱାସ୍ଥ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟରେ ଦାନ ମାଝି ଘଟଣାର ଯେପରି ପୁନରାବୃତ୍ତି ନ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସିଡିଏମ୍ଓମାନଙ୍କୁ ମନ୍ତ୍ରୀ କହିଛନ୍ତି। କୌଣସି ମୃତ ରୋଗୀଙ୍କୁ ଡାକ୍ତର ସାର୍ଟିଫିକେଟ ପ୍ରଦାନ ପୂର୍ବରୁ ମୃତକଙ୍କ ସମ୍ପର୍କୀୟ ଚାହିଁଲେ ସେମାନଙ୍କୁ ମହାପ୍ରୟାଣ ଗାଡ଼ି ଯୋଗାଇ ଦିଆଯିବ। ସିଡିଏମ୍ଓ ସମ୍ମିଳନୀର ଶେଷ ଦିବସରେ ବିଭାଗୀୟ ଶାସନ ସଚିବ ପ୍ରମୋଦ ମେହେର୍ଦ୍ଦା ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସ୍ୱାସ୍ଥ୍ୟସେବା ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଜିଲାୱାରୀ ସମୀକ୍ଷା କରିଥିଲେ।







ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ଗୁରୁବାର ପୁରୀ ସମୁଦ୍ର ବେଳାଭୂମିରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ୨୪ରୁ ଯୁକ୍ତ୩ ନାମଲେଖା

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ଜୁନ୍ ୨୪ରୁ ଆରମ୍ଭ ହେବ ଯୁକ୍ତ୩ ନାମଲେଖା ପ୍ରକ୍ରିୟା। ଯୁକ୍ତ୩ ଡିଗ୍ରୀ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟ ସହ ସେଲ୍ଫ ଫାଇନାନ୍ସିଂ ଡିଗ୍ରୀ କଲେଜ ଓ ସଂସ୍କୃତ(ଶାସ୍ତ୍ରୀ) କଲେଜ ପାଇଁ ଏହି ନାମଲେଖା ପ୍ରକ୍ରିୟା ଅନୁଷ୍ଠିତ ହେବ। ଏଥିପାଇଁ www.samsodisha.gov.in ୱେବ୍‌ସାଇଟ୍‌ରେ ୨୪ତାରିଖ ପୂର୍ବାହ୍ନ ୧୧ଟାରୁ ଇ-ଆଡ୍‌ମିଶନ ଫର୍ମ ଉପଲବ୍ଧ ହେବ। ଜୁଲାଇ ୮ତାରିଖ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଏହି ୱେବ୍‌ସାଇଟ୍‌ରେ ଆବେଦନ କରିପାରିବେ। ଏହାପରେ ଆଉ ଆବେଦନ ପାଇଁ ସୁଯୋଗ ମିଳିବ ନାହିଁ। ୧୧ତାରିଖ ଅପରାହ୍ନ ୫ଟା ସୁଦ୍ଧା ଆବେଦନକାରୀମାନେ ସମସ୍ତ ଡକ୍ୟୁମେଣ୍ଟ ଓ ଫି' ଏସ୍ଏଏମ୍ଏସ୍ ରିସୋର୍ସ ସେଣ୍ଟରରେ ଦାଖଲ କରିବାକୁ କୁହାଯାଇଛି। ଛାତ୍ରୀଛାତ୍ରଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଚଳିତବର୍ଷ ରାଜ୍ୟରେ ୫୨୬ ଷ୍ଟୁଡେଣ୍ଟ ଏକାଡେମିକ୍ ମ୍ୟାନେଜମେଣ୍ଟ ସିଷ୍ଟମ୍(ଏସ୍ଏଏମ୍ଏସ୍) ରିସୋର୍ସ ସେଣ୍ଟର ଖୋଲାଯାଇଛି।

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଜୁଲାଇ ୧୮ରେ ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ବା କଟ୍ ଅଫ୍ ମାର୍କ ପ୍ରକାଶ ପାଇବ। ୧୯ରୁ ୨୪ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ରଙ୍କ ନାମଲେଖା ଅନୁଷ୍ଠିତ ହେବ। ସେହିଭଳି ଅଗଷ୍ଟ ୫ରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବାକୁ ଥିବାବେଳେ ଏହି ପର୍ଯ୍ୟାୟ ପାଇଁ ନାମଲେଖା ଅଗଷ୍ଟ ୬ରୁ ୧୧ତାରିଖ ମଧ୍ୟରେ କରାଯିବ। ବଳକା ସିଟ୍ ଲାଗି ୧୪ରେ ସ୍ପଟ୍ ସିଲେକ୍ସନ ମେରିଟ୍ ଲିଷ୍ଟ ତାଲିକା ପ୍ରକାଶ ପାଇବ। ୧୭ରେ ନାମଲେଖା ଅନୁଷ୍ଠିତ ହେବ। ୨୪ରୁ ଯୁକ୍ତ୩ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ ବୋଲି କୁହାଯାଇଛି।

airtel

## ନିରପେକ୍ଷ ବିଜ୍ଞପ୍ତି

### ଭାରତୀ ଏୟାରଟେଲ ଲିମିଟେଡ

ଏତଦ୍ୱାରା ଓଡ଼ିଶା ଟେଲିକମ୍ ସର୍କଲରେ ଏୟାରଟେଲ ସର୍ଭିସ୍ କ୍ଷେତ୍ରରେ ସଂପୃକ୍ତ ସମସ୍ତଙ୍କୁ ଏବଂ ପୃଷ୍ଠପୋଷକମାନଙ୍କୁ ଅବଗତ କରାଯାଉଛି ଯେ 31 ଡିସେମ୍ବର, 2017 ପୂର୍ବରୁ ଜାରି କରାଯାଇଥିବା ନିମ୍ନଲିଖିତ କ୍ରମିକ ସଂଖ୍ୟା ବିଶିଷ୍ଟ ସମସ୍ତ ରିଚାର୍ଜ କୁପନର ବୈଧତା 25 ଜୁନ, 2019 ତାରିଖ ପରେ ଶେଷ ହୋଇଯିବ।

ତେଣୁ, କୌଣସି ପ୍ରକାର ଅସୁବିଧା ଏଡ଼େଇବା ପାଇଁ 25 ଜୁନ, 2019 ସୁଦ୍ଧା ନିମ୍ନଲିଖିତ କୁପନଗୁଡ଼ିକୁ ବ୍ୟବହାର କରିନେବା ନିମନ୍ତେ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି। 25 ଜୁନ, 2019 ପରେ ଭାରତୀ ଏୟାରଟେଲ ଲିମିଟେଡ ଏହି ଭଳି ରିଚାର୍ଜ କୁପନଗୁଡ଼ିକର ବିନିମୟ ଏବଂ/ବା ଏହି ସବୁ କୁପନ କ୍ଷେତ୍ରରେ କୌଣସି ଟ୍ରାଞ୍ଜାକ୍ସନ କରିବା ପାଇଁ କୌଣସି ଅନୁରୋଧ ଗ୍ରହଣ କରି ପାରିବ ନାହିଁ। ଅଧିକନ୍ତୁ, 25 ଜୁନ, 2019 ପରେ ନିମ୍ନଲିଖିତ ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକ କ୍ଷେତ୍ରରେ କୌଣସି ରିଚାର୍ଜ/ଟ୍ରାଞ୍ଜାକ୍ସନ ସମ୍ବନ୍ଧୀୟ କୌଣସି ପ୍ରକାରର ବାଧ୍ୟବାଧକତା, ଦାବୀ, କ୍ଷୟକ୍ଷତି, ପ୍ରଭୃତି ଉପୁଜିଲେ, ସେଥିପାଇଁ ଭାରତୀ ଏୟାରଟେଲ ଲିମିଟେଡ ଦାୟବଦ୍ଧ ରହିବ ନାହିଁ।

ଓଡ଼ିଶା ଟେଲିକମ ସର୍କଲର ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକର କ୍ରମିକ ସଂଖ୍ୟାର ରେଞ୍ଜ 1341710000001216ରୁ 1341801000141338।

ଭାରତୀ ଏୟାରଟେଲ ଲିମିଟେଡ ପକ୍ଷରୁ ପ୍ରକାଶିତ
ରେଜିଷ୍ଟର୍ଡ ଅଫିସ୍ : ଭାରତୀ କ୍ରିସେଣ୍ଟ, 1, ନେଲ୍‌ସନ ମଣ୍ଡେଲା ରୋଡ, ବସନ୍ତକୁଞ୍ଜ, ଫେଜ୍ II, ନୂଆ ଦିଲ୍ଲୀ – 110 070
ସର୍କଲ ଅଫିସ : ଭାରତୀ ହାଉସ, E-13/1, ଇନ୍‌ଫୋସିଟି, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଚନ୍ଦ୍ରଶେଖରପୁର, ପଟିଆ, ଭୁବନେଶ୍ୱର–751 024

# ବିଧାନସଭା ଚାଲୁଥିବା ବେଳେ ସଚିବଙ୍କୁ ବିଦେଶ ମନା

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ବିଦେଶ ବୁଲିବା ସଚିବମାନଙ୍କର ଏକ ପ୍ରକାର ସଉକ ଥାଏ। କିଏ କେତେବେଳେ ଛୁଟି ନେଇ ବିଦେଶ ଯାଉଛନ୍ତି ତାହା ମଧ୍ୟ ଜଣା ପଡି ନ ଥାଏ। ବିଧାନସଭା ଚାଲିଥିବା ବେଳେ ମଧ୍ୟ ସଚିବମାନଙ୍କର ଦେଖା ମିଳି ନ ଥାଏ। ଆସନ୍ତା ୨୫ ତାରିଖରୁ ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଅଧିବେଶନ ସମୟରେ ବିଧାନସଭାରେ ଉପସ୍ଥିତ ରହି ନିଜ ବିଭାଗ ସମ୍ପର୍କରେ ଆସୁଥିବା ପ୍ରଶ୍ନର ଜବାବ ଦେବାକୁ ପଡିବ। ଏହି ସମୟରେ ବିଦେଶ ଗସ୍ତ ନ କରିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସମସ୍ତ ବିଭାଗର ସଚିବମାନଙ୍କୁ ପତ୍ର ଲେଖିଛନ୍ତି। ବିଧାନସଭା ଚାଲୁଥିବା ସମୟରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥାଏ। ବିଧାୟକମାନେ ଯୋଜନା ବିଷୟରେ ମନ୍ତ୍ରୀଙ୍କ ଠାରୁ ଜାଣିବାକୁ ଚାହିଁ ଥାଆନ୍ତି। ଏ ନେଇ ନିଜ ବିଭାଗର ପ୍ରଶ୍ନର ଉତ୍ତର ଦେବାକୁ ସଚିବମାନେ ବିଧାନସଭା ଗ୍ୟାଲେରୀରେ ଉପସ୍ଥିତ ରହିବାକୁ କୁହାଯାଇଛି।

# ଘୁଞ୍ଚିଲା ଯୁକ୍ତ୨ ନାମଲେଖା ଅବଧି

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ଯୁକ୍ତ୨ ନାମଲେଖା ଅବଧିକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଯୁକ୍ତ୨ ନାମଲେଖା ପାଇଁ ଆବେଦନ ଅବଧି ୫ ଦିନ ବୃଦ୍ଧି କରାଯାଇଛି। ପୂର୍ବରୁ ଅନ୍‌ଲାଇନ୍ ଆବେଦନର ଶେଷ ତାରିଖ ଜୁନ୍ ୨୦ ଅର୍ଥାତ୍ ଗୁରୁବାର ପର୍ଯ୍ୟନ୍ତ ରହିଥିବା ବେଳେ ଏବେ ୨୫ତାରିଖକୁ ବୃଦ୍ଧି କରାଯାଇଛି। ଏହାସହିତ ଅଫ୍‌ଲାଇନ୍ ଆବେଦନ ଅବଧି ୨୬ତାରିଖ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି।

ଯୁକ୍ତ୨ରେ ନାମ ଲେଖାଇବା ପାଇଁ ୬ରୁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆବେଦନର ଶେଷ ତାରିଖ ଜୁନ୍ ୨୦ ପର୍ଯ୍ୟନ୍ତ ରହିଥିଲା। ବର୍ତ୍ତମାନ ଏହାକୁ ବୃଦ୍ଧି କରାଯାଇଥିବା ବେଳେ ଛାତ୍ରୀଛାତ୍ର ୨୫ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ୨୬ତାରିଖ ଅପରାହ୍ନ ୫ଟା ସୁଦ୍ଧା ସମସ୍ତ ଡକ୍ୟୁମେଣ୍ଟ ଷ୍ଟୁଡେଣ୍ଟ ଏକାଡେମିକ୍ ମ୍ୟାନେଜମେଣ୍ଟ ସିଷ୍ଟମ(ଏସ୍ଏଏମ୍ଏସ୍) ରିସୋର୍ସ ସେଣ୍ଟରରେ ଦାଖଲ କରିପାରିବେ। ଜୁଲାଇ ୨ ଅପରାହ୍ନ ୨ଟାରେ ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଏହାପରେ ୩ରୁ ୬ତାରିଖ ଯାଏ ପ୍ରଥମ ପର୍ଯ୍ୟାୟ ନାମଲେଖା ହେବ। ୧୨ରେ ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ ଏବଂ ୧୨ରୁ ୧୬ତାରିଖ ମଧ୍ୟରେ ନାମଲେଖା ଅନୁଷ୍ଠିତ ହେବ। ୧୭ତାରିଖ ଅପରାହ୍ନ ୫ଟା ସୁଦ୍ଧା ନାମଲେଖା ସମ୍ପର୍କିତ ତଥ୍ୟ ଅନ୍‌ଲାଇନ୍‌ରେ ବାହାରିବ। ୨୦ରେ ବଳକା ସିଟ୍ ତାଲିକା ପ୍ରକାଶ ପାଇବ। ୨୪ରୁ ୨୬ତାରିଖ ମଧ୍ୟରେ ସ୍ପଟ୍ ନାମଲେଖା ପ୍ରକ୍ରିୟା ଅନୁଷ୍ଠିତ ହେବ। ଜୁଲାଇ ୨୯ରୁ ଯୁକ୍ତ୨ ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହେବ ବୋଲି ଗୁରୁବାର ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ପ୍ରକାଶ ପାଇଛି।



ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ।

–ଶ୍ରୀମା



# ମରୁଡ଼ି ଆଶଙ୍କା

ଚଳିତବର୍ଷ ମୌସୁମୀ କେରଳରେ ଗୋଟିଏ ସପ୍ତାହ ବିଳମ୍ବରେ ପହଞ୍ଚିବା ପରେ ତା'ର ଧିମା ଗତି ନାନା ଆଶଙ୍କା ସୃଷ୍ଟି କରିଛି। ଜୁନ୍ ମାସରେ ଯେତିକି ବର୍ଷା ହେବା କଥା ବର୍ତ୍ତମାନ ସୁଦ୍ଧା ତା'ଠାରୁ ୪୦ ପ୍ରତିଶତ କମ୍ ହୋଇଛି। ଦେଶର ଅଧିକାଂଶ ଅଞ୍ଚଳରେ କୃଷି ମୁଖ୍ୟତଃ ମୌସୁମୀ ବର୍ଷା ଉପରେ ନିର୍ଭର କରେ। ଓଡ଼ିଶା ତ ମୌସୁମୀ ଉପରେ ଆହୁରି ଅଧିକ ନିର୍ଭରଶୀଳ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ୨୦୧୯ ବର୍ଷରେ ହାରାହାରି ବା ମଧ୍ୟମ ଧରଣର ବୃଷ୍ଟିପାତ ହେବ ବୋଲି ପୂର୍ବାନୁମାନ କରିଥିବା ବେଳେ ଘରୋଇ ସଂସ୍ଥା ସ୍କାଇମେଟ୍ ପକ୍ଷରୁ ସ୍ୱାଭାବିକତାଠାରୁ କମ୍ ବର୍ଷା ହେବ ବୋଲି କୁହାଯାଇଛି। ପ୍ରାକ୍‌ମୌସୁମୀ ବର୍ଷା ବିଳମ୍ବରେ ଆରମ୍ଭ ହୋଇଥିବାରୁ ସବୁଆଡ଼େ ଧାନବୁଣା ଓ ତଳିରୁଆ କାର୍ଯ୍ୟ ଧିମେଇଯାଇଛି। ଏଥିରୁ ଯେପରି ସୂଚନା ମିଳୁଛି ଯେ, ଦେଶର କିଛି ଅଂଶ ନିଶ୍ଚିତରୂପେ ମରୁଡ଼ିକୁ ସାମ୍ନା କରିବ। ଆମ ରାଜ୍ୟ ମଧ୍ୟ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇପାରେ।

ମୌସୁମୀ ଜୁନ୍ ପହିଲାରେ କେରଳରେ ପହଞ୍ଚିବା କଥା, ଯାହା ଏ ବର୍ଷ ଜୁନ୍ ୮ ତାରିଖରେ ପହଞ୍ଚିଲା। ତେବେ ଆରବ ସାଗରରେ ବାତ୍ୟା 'ବାୟୁ' ସୃଷ୍ଟି ହେବା ଯୋଗୁ ତାହା ମୌସୁମୀ ବାୟୁରୁ ଅନେକ ଜଳୀୟ ବାଷ୍ପ ଟାଣିନେଲା, ଯାହାଫଳରେ ଏହାର ଗତି ଦୁର୍ବଳ ହୋଇଗଲା। ମୌସୁମୀ ସାଧାରଣତଃ ବର୍ତ୍ତମାନ ସୁଦ୍ଧା ଦେଶର ଅଧାଅଧି ଅଞ୍ଚଳରେ ପ୍ରବାହିତ ହୋଇସାରିଥାଏ। କିନ୍ତୁ ଏ ବର୍ଷ ତାହା ଦେଶର ମାତ୍ର ଚଉଠ ଭାଗକୁ ପ୍ରବାହିତ ହୋଇଛି। ସ୍ୱଳ୍ପ ବୃଷ୍ଟିପାତ କୃଷିକ୍ଷେତ୍ରର ଉତ୍ପାଦନ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ତାହା ଖାଉଟିମାନଙ୍କ ଚାହିଦା ଉପରେ ନକାରାତ୍ମକ ପ୍ରଭାବ ପକାଇବା ସହ ଦେଶର ସାମଗ୍ରିକ ଅର୍ଥନୀତି ଓ ଅର୍ଥ ବଜାରକୁ ସଙ୍କୁଚିତ କରିବ। ଦେଶର ଅର୍ଥନୈତିକ ଅଭିବୃଦ୍ଧି ଏବେ ମାନ୍ଦାବସ୍ଥା ଦେଇ ଗତି କରୁଛି, ଯାହା ଅନେକ ବର୍ଷ ଭିତରେ ସବୁଠୁ ମାନ୍ଦା। ଦୁର୍ବଳ ମୌସୁମୀ ଏବଂ ତଜ୍ଜନିତ କୃଷି ଉତ୍ପାଦନରେ ହ୍ରାସ ଓ କୃଷକଙ୍କ ଦୁରବସ୍ଥା ଦେଶର ଅର୍ଥନୀତିକୁ ସୁଧାରିବାରେ ଦୀର୍ଘସ୍ଥାୟୀ ପ୍ରତିବନ୍ଧକ ସୃଷ୍ଟି କରିବ। ବିଳମ୍ବିତ ମୌସୁମୀ ଓ ତା'ର ଧିମା ଗତି ନିରବଚ୍ଛିନ୍ନ ବୃଷ୍ଟିପାତ ଆରମ୍ଭ କରିବାକୁ ସପ୍ତାହେ ବା ଦୁଇ ସପ୍ତାହ ଡେରି କରିବ, ଯାହା ଅତୀତରେ ଦେଖାଯାଇଛି। ଜୁନ୍ ମାସରେ ସ୍ୱଳ୍ପ ବୃଷ୍ଟିପାତ ହେଲେ ଜୁଲାଇ ମାସରେ ଅଧିକ ବୃଷ୍ଟିପାତ ହୋଇଥାଏ ଏବଂ ଓଡ଼ିଶା ପରି ରାଜ୍ୟରେ ଗୋଟିଏ ସପ୍ତାହ ଲଗାଣ ବର୍ଷା ହେଲେ ତାହା ବନ୍ୟା ବିପ୍ରାତ ସୃଷ୍ଟି କରିଥାଏ।

## ଆଜିର ଅର୍ଥନୀତି

ଭାରତରେ ବାର୍ଷିକ ବୃଷ୍ଟିପାତର ପ୍ରାୟ ୭୦ ପ୍ରତିଶତ ମୌସୁମୀ ଯୋଗୁ ହୋଇଥାଏ, ଯାହା ଧାନ, ଗହମ, ଆଖୁ ଓ ସୋୟାବିନ୍ ପରି ତୈଳବୀଜ ଉତ୍ପାଦନରେ ସାହାଯ୍ୟ କରେ। ଭାରତର ୨.୫ ଟ୍ରିଲିୟନ ଡଲାରର ଅର୍ଥନୀତି ବା ମୋଟ ଅର୍ଥନୀତିର ପ୍ରାୟ ୧୫ ପ୍ରତିଶତ କୃଷି ଉପରେ ନିର୍ଭର କରେ। କିନ୍ତୁ ଏହା ଉପରେ ଦେଶର ୧୩୦ କୋଟି ଜନତାଙ୍କ ମଧ୍ୟରୁ ୫୦ ପ୍ରତିଶତରୁ ଅଧିକ ନିର୍ଭର କରନ୍ତି। ଭଲ ମୌସୁମୀ ପାଇଁ କୃଷି ଉତ୍ପାଦନ ଅଧିକ ହେଲେ ବିଶେଷତଃ ଗ୍ରାମାଞ୍ଚଳରେ ଖାଉଟି ସାମଗ୍ରୀର ଚାହିଦା ବୃଦ୍ଧି ପାଏ। ଏହା ସବୁ ପ୍ରକାର ଅଟୋମୋବାଇଲ ଶିଳ୍ପରେ ଚାହିଦା ବୃଦ୍ଧିରେ ସହାୟକ ହୁଏ। ବ୍ୟବସାୟିକ ଗାଡ଼ି ଓ ଦୁଇଚକିଆ ଯାନର ବିକ୍ରି ବୃଦ୍ଧି ପାଏ। ନିର୍ମାଣ ଶିଳ୍ପର ବିକାଶରେ ଏହା ସାହାଯ୍ୟ କରେ। ଅର୍ଥନୀତି ସମୃଦ୍ଧ ହେଲେ ଗ୍ରାମାଞ୍ଚଳରେ ଖାଉଟି ସାମଗ୍ରୀର ବିକ୍ରି ବୃଦ୍ଧି ପାଇବା ସହ କମ୍ପାନୀଗୁଡ଼ିକର ଷ୍ଟକ୍ ମୂଲ୍ୟ ବୃଦ୍ଧି ପାଏ। ଧାନ ଓ ଗହମରେ ଭାରତ ଆତ୍ମନିର୍ଭରଶୀଳ, କିନ୍ତୁ ମରୁଡ଼ି ପଡ଼ିଲେ ବିଭିନ୍ନ ପ୍ରକାର ଡାଲି ଏବଂ ପାମୋଲିନ, ସୋୟାବିନ୍ ଓ ସୂର୍ଯ୍ୟମୁଖୀ ପ୍ରଭୃତି ତେଲ ଆମଦାନି ବୃଦ୍ଧି ପାଏ। ମୌସୁମୀ ବର୍ଷା ବିଭିନ୍ନ ଜଳଭଣ୍ଡାର ଓ ଭୂତଳ ଜଳଭଣ୍ଡାରକୁ ପୂର୍ଣ୍ଣ କରେ, ଯାହାଫଳରେ ଭଲଭାବରେ ଜଳସେଚନ କାର୍ଯ୍ୟ ହେବା ସହ ଜଳବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ପାଏ। ବୃଷ୍ଟିପାତ ଅଧିକ ହେଲେ ଜଳସେଚନ ପାଇଁ କୂଅ ଓ ପୋଖରୀରୁ ପମ୍ପ ସାହାଯ୍ୟରେ ପାଣି ଉଠାଇବାକୁ ରିହାତି ମୂଲ୍ୟର ଡିଜେଲ ଚାହିଦା ହ୍ରାସ ପାଏ। ମରୁଡ଼ି ପଡ଼ିଲେ ସରକାର କୃଷକମାନଙ୍କୁ ଅଧିକ ଅନୁଦାନ ଦେବାକୁ ବାଧ୍ୟ ହୁଅନ୍ତି, ଯାହା ବିତ୍ତୀୟ ନିଅଣ୍ଟ ବୃଦ୍ଧିର କାରଣ ହୁଏ। ଭଲ ମୌସୁମୀ ବର୍ଷା ହେଲେ ସରକାରଙ୍କୁ ଏ ବାବଦରେ କମ୍ ଖର୍ଚ୍ଚ କରିବାକୁ ପଡ଼େ। ମରୁଡ଼ି ପଡ଼ିଲେ ପନିପରିବା ଓ ଡାଲିର ମୂଲ୍ୟ ବୃଦ୍ଧି ପାଇବ, ଯାହାଫଳରେ ଜନମଙ୍ଗଳ ଯୋଜନାଗୁଡ଼ିକରେ ସରକାରଙ୍କୁ ଅଧିକ ବ୍ୟୟ କରିବାକୁ ପଡ଼ିବ। ଏବେ ବିଳମ୍ବିତ ଓ ଦୁର୍ବଳ ମୌସୁମୀ ରାଜ୍ୟରେ ମରୁଡ଼ି ଆଶଙ୍କା ସୃଷ୍ଟି କରିଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଜୁନ୍ ୧୯୯୪

- ଫୁଲବାଣୀ ଜିଲାରେ କନ୍ଧ ଶ୍ରେଣୀର ଆଦିବାସୀ ଓ ପାଣ ସମ୍ପ୍ରଦାୟ ହରିଜନଙ୍କ ମଧ୍ୟରେ ଜାତିଆଣ ସଂଘର୍ଷରେ ୧୭ ଜଣଙ୍କ ମୃତ୍ୟୁ।
- କଶ୍ମୀରର ଅନନ୍ତନାଗ ଜିଲାରେ ଉଗ୍ରପନ୍ଥୀମାନେ ରାଜ୍ୟର ବିଶିଷ୍ଟ ଧାର୍ମିକ ନେତା କାଜି ନିସାର ଅହମ୍ମଦଙ୍କୁ ଗୁଳିକରି ହତ୍ୟା କରିଛନ୍ତି।
- କୃଷି ଓ ମିଳିତ ଉଦ୍ୟୋଗ କ୍ଷେତ୍ରରେ ପାରସ୍ପରିକ ସାହାଯ୍ୟ ସହଯୋଗ ପାଇଁ ଭାରତ ଓ ସିରିଆ ମଧ୍ୟରେ ଏକ ପାଞ୍ଚବର୍ଷିଆ ଚୁକ୍ତି ସ୍ୱାକ୍ଷରିତ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 2 | E | | D | 4 | | 7 | | 5 | | 9 | 1 | |
| 4 | A | | | | | 8 | 6 | | | | | | | 5 |
| | | | | 1 | 7 | 2 | | 9 | | A | | C | B | |
| | | | | | 3 | | | | | | 9 | | 8 | D |
| | | | 6 | | A | 1 | | | B | 3 | | | 0 | 2 |
| | | | | | | | 2 | 5 | | | 1 | | | |
| | 0 | B | | 4 | | | | | 2 | | | | | |
| | 7 | C | 5 | | | 9 | | 6 | | B | | 1 | A | |
| | 4 | A | 1 | C | E | | B | | | | D | 3 | 9 | 0 |
| | 5 | 1 | 0 | | B | | E | | | | 8 | | | |
| 6 | 1 | | | B | | | 4 | | 3 | | | A | | |
| A | | 7 | 3 | | 1 | D | | | | | | | C | |
| | D | | 9 | | | | | | | | | B | 7 | |
| | | 5 | 7 | 6 | | | | | | | | | | 8 |
| B | | | | | | A | | | 1 | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 4 | 1 | 7 | 9 | 3 | 0 | 5 | D | E | C | A | 8 | 2 | 6 |
| D | 0 | 6 | 5 | C | 8 | 1 | 9 | 7 | B | 2 | 3 | A | 4 | E |
| E | 9 | A | D | 6 | 0 | 8 | 4 | 2 | 5 | 1 | 7 | 3 | C | B |
| 5 | 7 | C | B | 2 | 1 | 3 | A | E | 8 | 4 | 6 | D | 0 | 9 |
| 2 | 3 | 8 | E | 4 | A | C | 6 | B | 9 | D | 0 | 5 | 7 | 1 |
| 0 | B | 7 | 3 | A | C | 9 | E | 6 | D | 8 | 4 | 2 | 1 | 5 |
| A | 5 | 2 | 4 | D | 9 | B | 7 | 1 | C | 3 | E | 0 | 6 | 8 |
| C | E | 3 | 8 | 7 | 6 | 5 | D | 4 | 1 | 0 | 2 | 9 | B | A |
| 4 | 1 | 9 | 2 | 5 | E | A | 0 | 8 | 6 | 7 | B | C | 3 | D |
| 6 | 8 | D | 0 | 1 | B | 2 | C | 3 | A | 9 | 5 | 4 | E | 7 |
| 7 | C | 5 | 1 | B | 4 | D | 3 | 9 | 0 | E | 8 | 6 | A | 2 |
| 3 | A | E | C | 8 | D | 6 | 2 | 0 | 7 | 5 | 1 | B | 9 | 4 |
| 9 | 2 | B | A | 3 | 5 | 7 | 1 | C | 4 | 6 | D | E | 8 | 0 |
| 1 | D | 4 | 6 | 0 | 2 | E | 8 | A | 3 | B | 9 | 7 | 5 | C |
| 8 | 6 | 0 | 9 | E | 7 | 4 | B | 5 | 2 | A | C | 1 | D | 3 |

ଗତକାଲିର ଉତ୍ତର

# ନିର୍ବାଚନ ସଂସ୍କାର



ଶରତ ଚନ୍ଦ୍ର ମିଶ୍ର

ସପ୍ତଦଶ ଲୋକ ସଭା ନିର୍ବାଚନ ନିର୍ବାଚନ କମିଶନ, ନିର୍ବାଚନ ଅଧିକାରୀ, ରାଜ୍ୟ ପୋଲିସ ଓ ଅର୍ଦ୍ଧସାମରିକ ବାହିନୀଙ୍କ ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ହେତୁ ସଫଳ ଭାବରେ ସମାପ୍ତ ହୋଇଛି। ଆମ ଭାରତରେ ନିର୍ବାଚନ ମାଧ୍ୟମରେ ଶାନ୍ତିପୂର୍ଣ୍ଣ କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ସତ୍ତ୍ୱେ ବିଶ୍ୱପ୍ରସିଦ୍ଧ Economic Intelligence Unit ଭାରତକୁ ଦୋଷଯୁକ୍ତ ଗଣତନ୍ତ୍ର (Flawed Democracy) ବୋଲି ଗଣନା କରେ ଓ ଭାରତରେ ନିର୍ବାଚନ ପଦ୍ଧତିରେ ସଂସ୍କାରର ଆବଶ୍ୟକତା ରହିଛି ବୋଲି ଦେଶରେ ଓ ବିଦେଶରେ ଅନେକେ ଅନୁଭବ କରନ୍ତି। ଆମ ନିର୍ବାଚନ ପଦ୍ଧତିରେ ପ୍ରକୃତ ଜନମତ ପ୍ରତିଫଳିତ ହୁଏନାହିଁ। ଉଦାହରଣ ସ୍ୱରୂପ ୨୦୧୪ ନିର୍ବାଚନରେ ମାତ୍ର ତିନିଭାଗରୁ ପ୍ରାୟ ଏକ ଭାଗ ଭୋଟ ପାଇ ଭାଜପା କେନ୍ଦ୍ରରେ ସରକାର ଗଠନ କରିଥିଲା। ମାତ୍ର ୨୦୧ ଜଣ ସାଂସଦ ପଚାଶ ଭାଗରୁ ଅଧିକ ଭୋଟ ପାଇଥିଲେ। ବହୁଜନ ସମାଜ ପାର୍ଟି ଦେଶର ସମୁଦାୟ ଭୋଟରୁ ୪୨% ଭୋଟ ପାଇ ମଧ୍ୟ ପାର୍ଲାମେଣ୍ଟରେ କୌଣସି ଗୋଟିଏ ସ୍ଥାନ ପାଇ ନ ଥିଲା। ଅନ୍ୟ ପକ୍ଷରେ ତୃଣମୂଳ କଂଗ୍ରେସ ୩୯% ଭୋଟ ପାଇ ପାର୍ଲାମେଣ୍ଟକୁ ୩୪ ଜଣ ପ୍ରତିନିଧି ପଠାଇଥିଲା। ଏ ବର୍ଷ (୨୦୧୯) ନିର୍ବାଚନରେ ବିଜେଡି ଓଡିଶାରେ ବିଧାନସଭାରେ ବିପୁଳ ସଂଖ୍ୟାରେ ବିଜୟ ଲାଭ କରିଛି। ଦଳର ଭୋଟ ହେଉଛି ଶତକଡା ୪୫ ଭାଗରୁ କିଛି ଅଧିକ। ତା'ର ଅର୍ଥ ସଂଖ୍ୟାଧିକ ଭୋଟର (ଶତକଡା ୫୫ ଭାଗ) ବିଜେଡି ସରକାର ଚାହିଁ ନ ଥିଲେ। ଭାଜପା ରାଜ୍ୟ ବିଧାନସଭା ପାଇଁ ପ୍ରାୟ ୩୨% ଭୋଟ ପାଇଲା ବେଳକୁ, ବିଧାନସଭାରେ ସଭ୍ୟ ସଂଖ୍ୟା ପ୍ରାୟ ୧୬%। ଜନମତକୁ ଠିକ୍ ଭାବରେ ସଦସ୍ୟ ଆବଣ୍ଟନରେ ପରିଣତ କରିପାରିବା ନିର୍ବାଚନର ଲକ୍ଷ୍ୟ ହେବା ଉଚିତ। ନତୁବା ଏହା ଅଗଣତାନ୍ତ୍ରିକ ହେବ ଓ ତା'ର କାରଣ ନିର୍ଣ୍ଣୟ କରି ତା'ର ସମାଧାନ ଉଦ୍ୟମ ହେବା ଆବଶ୍ୟକ।

ଆମ ଦେଶରେ ଦୁଇ ପ୍ରକାର ନିର୍ବାଚନ ପଦ୍ଧତି ପ୍ରଚଳିତ। ଲୋକ ସଭା ଓ ବିଧାନସଭା ନିମନ୍ତେ ଆମେ ବ୍ରିଟିଶ ଅନୁକରଣରେ First Past The Post System (FPTPS) ବ୍ୟବହାର କରୁ। ଏ ପ୍ରଥାରେ ଯେଉଁ ପ୍ରାର୍ଥୀ ସବୁଠାରୁ ଅଧିକ ଭୋଟ ପାଇଲା, ସେ ନିର୍ବାଚିତ ହୁଏ। ସେ ସମୁଦାୟ ଭୋଟରୁ ସଂଖ୍ୟାଧିକ ଭୋଟ ପାଇଛି କି ନାହିଁ ତାହା ବିଚାର କରାଯାଏ ନାହିଁ। ତେଣୁ ଜଣେ ପ୍ରାର୍ଥୀର ସପକ୍ଷ ଭୋଟ ଅପେକ୍ଷା, ସମୁଦାୟ ବିପକ୍ଷ ଭୋଟ ଅଧିକ ହେଲେ ମଧ୍ୟ ସେ ନିର୍ବାଚିତ ହୁଏ। ଆମ ଦେଶରେ ସଂଖ୍ୟାଧିକ ନିର୍ବାଚିତ ଏମ୍‌ଏଲ୍‌ଏ ଓ ଏମ୍‌ପି ସଂଖ୍ୟାଧିକ ଭୋଟ ପାଆନ୍ତି ନାହିଁ। ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟ ସଭା ଓ ବିଧାନ ପରିଷଦ ନିର୍ବାଚନ ନିମନ୍ତେ ଆନୁପାତିକ ପ୍ରତିନିଧିତ୍ୱ (Proportional representation) ବ୍ୟବସ୍ଥା ଅନୁସୃତ। ଏ ବ୍ୟବସ୍ଥାରେ ଭୋଟଦାତାଙ୍କ ମତ, ପ୍ରତିନିଧି ସଂଖ୍ୟାରେ ଠିକ୍ ଭାବରେ ପ୍ରତିଫଳିତ ହୁଏ।

ସର୍ବାଧିକ ଭୋଟ ପାଇ ନିର୍ବାଚିତ ହେବାର ଉପାଦେୟତା ସମ୍ବନ୍ଧରେ ଏବେ ଉଭୟ ଇଂଲଣ୍ଡ ଓ ଭାରତରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଏବଂ ୨୦୧୧ ମସିହାରେ ଏ ସମ୍ବନ୍ଧରେ ଇଂଲଣ୍ଡରେ ଏକ ଗଣଭୋଟ ହୋଇ ୬୮% ଭୋଟର ଏ ପ୍ରଥାର ଅବିରତ ସ୍ଥିତି ସପକ୍ଷରେ ଭୋଟ ଦେଲେ। ଏହା ଏକ ସରଳ ପ୍ରଥା ଓ ଏହି ପ୍ରଥାରେ କେତେକ ସୁବିଧା ଅଛି।

ପ୍ରଥମତଃ, ପ୍ରଥମ ସାବାଳକ ନିର୍ବାଚନ (୧୯୫୨) ସମୟରେ ପ୍ରାୟ ୮୪% ଭୋଟର ଅଶିକ୍ଷିତ ଥିଲେ। କୌଣସି ଜଟିଳ ପ୍ରଥା ସେମାନଙ୍କ ପକ୍ଷରେ କଷ୍ଟକର ହୋଇଥାନ୍ତା। ଦ୍ୱିତୀୟରେ ଏହି ପ୍ରଥାରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରୁ ଜଣେ ନିର୍ବାଚିତ ହୁଏ ଓ ସେ ଭୋଟରମାନଙ୍କ ପାଖରେ ଉତ୍ତରଦାୟୀ ରହେ। ଶେଷରେ ଭୋଟର ସାମୂହିକ ଭାବରେ ଦଳକୁ ଭୋଟ ନ ଦେଇ, ତା'ର ମନୋନୀତ ପ୍ରାର୍ଥୀଙ୍କୁ ହିଁ ଭୋଟ ଦିଏ।

ପ୍ରଥମ ସାଧାରଣ ନିର୍ବାଚନ ତୁଳନାରେ ଆମ ଭୋଟରମାନେ ଏବେ ବେଶ୍ ଶିକ୍ଷିତ ଓ ଏକ ନୂତନ ପଦ୍ଧତି ଗ୍ରହଣ କରିବାରେ ସକ୍ଷମ। ଇଭିଏମ୍ ପ୍ରଥାରେ ସହଜରେ ଅଭ୍ୟସ୍ତ ହୋଇପାରିଲା ପରି ଭୋଟ ଦାନ ପ୍ରଥାରେ କୌଣସି ପରିବର୍ତ୍ତନ ପ୍ରଚଳନ କଲେ, ତାହା ମଧ୍ୟ ସେମାନେ ଆୟତ୍ତ କରିପାରିବେ ବୋଲି ଆଶା।

ଆନୁପାତିକ ପ୍ରତିନିଧିତ୍ୱ ହେଉଛି ଏକ ବିକଳ୍ପ। ଏହି ପ୍ରଥା ଦୁଇ ପ୍ରକାର। ଗୋଟିଏ ପ୍ରଥାରେ ଭୋଟରମାନଙ୍କୁ ଦଳ ପକ୍ଷରୁ ଏକ ତାଲିକା ପ୍ରଦାନ କରାଯାଏ ଓ ଭୋଟରମାନେ ଦଳ ଓ ତାଲିକାରୁ ମନୋନୀତ ପ୍ରାର୍ଥୀଙ୍କୁ ସମର୍ଥନ ଜଣାନ୍ତି। ଭୋଟ ଗଣତି ପରେ ଯେଉଁ ଦଳ, ଯେତିକି ପରିମାଣରେ ଭୋଟ ପାଇଥାଏ, ସେଇ ଅନୁପାତରେ ତାକୁ ଆସନ ବାଣ୍ଟି ଦିଆଯାଏ ଓ ତାଲିକାରେ ସମର୍ଥିତ ପ୍ରାର୍ଥୀଙ୍କ ଭୋଟ ଅନୁସାରେ ଅଧିକ ଭୋଟ ପାଇଥିବା ପ୍ରାର୍ଥୀମାନେ ଆସନପ୍ରାପ୍ତ ହୁଅନ୍ତି। ଦ୍ୱିତୀୟ ପଦ୍ଧତିରେ ଭୋଟର ଦଳକୁ ଭୋଟ ଦିଏ ଓ ଯେଉଁ ଦଳ ଯେତିକି ପରିମାଣରେ ଭୋଟ ପାଏ, ସେଇ ଅନୁପାତରେ ଦଳକୁ ଆସନ ମିଳେ ଓ ଦଳ ନିଜର ପ୍ରାର୍ଥୀ ମନୋନୟନ କରେ। ଏ ପ୍ରଥାରେ କେହି ସ୍ୱାଧୀନ ପ୍ରାର୍ଥୀ ହେବାର ଅବକାଶ ନାହିଁ। ଦ୍ୱିତୀୟତଃ ଦଳର ନେତା ଏ ପ୍ରଥାରେ ଅତ୍ୟନ୍ତ କ୍ଷମତାଶାଳୀ ହୋଇଯାଆନ୍ତି ଓ ନିଜର ଅନୁଗତମାନଙ୍କୁ ପୁରସ୍କୃତ କରନ୍ତି। ଏହା ଏକପ୍ରକାର ବର୍ତ୍ତମାନ ଦଳମାନଙ୍କରେ ରାଜ୍ୟ ସଭା ପ୍ରାର୍ଥୀ ମନୋନୟନ ଭଳି। ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥାରେ ଝୁଲା ପାର୍ଲାମେଣ୍ଟ ହେବାର ଆଶଙ୍କା ଅଧିକ। ଉଭୟ ବ୍ୟବସ୍ଥାରେ ତ୍ରୁଟି ସୁଧାରିବା ନିମନ୍ତେ କେତେକ ଦେଶରେ ଏକ ମିଶ୍ରିତ ବ୍ୟବସ୍ଥାର ପ୍ରଚଳନ କରାଯାଇଛି। ଜର୍ମାନୀରେ ଭୋଟର ଦୁଇଟି ଭୋଟ ପ୍ରଦାନ କରେ। ଗୋଟିଏ ନିଜ ନିର୍ବାଚନମଣ୍ଡଳୀର ପ୍ରତିନିଧି ନିମନ୍ତେ ଓ ଆଉ ଗୋଟିଏ ଦଳ ନିମନ୍ତେ। ଅଧା ଆସନ ପ୍ରଥମ ଭୋଟରେ ଓ ବାକି ଅଧା ଆସନ ଦଳମାନଙ୍କ ମଧ୍ୟରେ, ଭୋଟ ଅନୁପାତରେ ବଣ୍ଟନ କରାଯାଏ। ନେପାଳରେ ମଧ୍ୟ ଭୋଟର ଦୁଇଟି ଭୋଟ ପ୍ରଦାନ କରେ। ପ୍ରଥମ ଭୋଟରେ ୧୬୫ ପ୍ରାର୍ଥୀ ନିର୍ବାଚିତ ହୁଅନ୍ତି। ଦ୍ୱିତୀୟ ଭୋଟଟି ବାକି ୧୦୦ ଆସନ ନିମନ୍ତେ ଦଳକୁ ଦିଆଯାଏ ଓ ଭୋଟର ପରିମାଣ ଅନୁଯାୟୀ ୧୦୦ଟି ଆସନକୁ ଦଳମାନଙ୍କ ମଧ୍ୟରେ ବଣ୍ଟନ କରାଯାଏ।

ବର୍ତ୍ତମାନ ପୃଥିବୀରେ ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ୮୩ଟି ଦେଶରେ, ସର୍ବାଧିକ ଭୋଟ ବ୍ୟବସ୍ଥା (FPTPS) ୬୧ଟି ଦେଶରେ ଓ ମିଶ୍ରିତ ବ୍ୟବସ୍ଥା ୨୧ଟି ଦେଶରେ ପ୍ରଚଳିତ। ଭାରତ ଭଳି ଏକ ବିରାଟ ଦେଶରେ ଆନୁପାତିକ ବ୍ୟବସ୍ଥା ପ୍ରଚଳନ ହେଲେ, ଦଳୀୟ ନେତାମାନେ ସାଂସଦ ମନୋନୟନରେ କେତେକ ଅଞ୍ଚଳକୁ ଅବହେଳା କରିବାର ଆଶଙ୍କା ରହିଛି। ଭୋଟରମାନଙ୍କ ପାଖରେ ସାଂସଦମାନେ ଉତ୍ତରଦାୟୀ ହେବା ଅପେକ୍ଷା ଦଳର ସର୍ବୋଚ୍ଚ ନେତାମାନଙ୍କର ପ୍ରିୟପାତ୍ର ହେବାରେ ଅଧିକ ଯତ୍ନଶୀଳ ହେବେ। ବର୍ତ୍ତମାନର ରାଜ୍ୟ ସଭା ଓ ବିଧାନ ପରିଷଦ ସଭ୍ୟମାନେ ଯେପରି ଭୋଟରମାନଙ୍କ ପାଖରେ ଉତ୍ତରଦାୟୀ ନୁହନ୍ତି, ସେହିପରି ପରିସ୍ଥିତି ଉପୁଜିବ। ଏକ ମିଶ୍ରିତ ପ୍ରଥା ଭାରତୀୟ ପରିସ୍ଥିତିରେ ଅଧିକ ବାଞ୍ଛନୀୟ। ଭୋଟରମାନଙ୍କ ପ୍ରତି ଉତ୍ତରଦାୟୀ ରହୁଥିବା ଓ ଜନମତ ଠିକ୍ ଭାବରେ ପ୍ରତିଫଳିତ ହେଉଥିବା ଭଳି ଏକ ବିକଳ୍ପ ବ୍ୟବସ୍ଥା ଆମକୁ ବାହାର କରିବାକୁ ହେବ। ଦେଶର ଆଇନ ପ୍ରଣୟନକାରୀ, ବୁଦ୍ଧିଜୀବୀ ଓ ସାମାଜିକ ଶ୍ରେଷ୍ଠମାନେ ଏ ଦିଗରେ ଧ୍ୟାନ ଦେବା ଆବଶ୍ୟକ।

ମୋ-୯୯୩୭୪୨୨୫୨୧

# ରୋଗ ଉପଶମରେ ଯୋଗର ପ୍ରୟୋଗ



ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ଋତୁ ପରିବର୍ତ୍ତନ ତଥା ଜଳବାୟୁ ପରିବର୍ତ୍ତନ ଫଳରେ ଆମେ ଅନେକ ପ୍ରକାର ପୀଡ଼ାର ସମ୍ମୁଖୀନ ହେଉ। ଆମ ମୁଣ୍ଡଠାରୁ ଆରମ୍ଭ କରି ତଳିପାଦ ପର୍ଯ୍ୟନ୍ତ ବିଭିନ୍ନ ଅଙ୍ଗରେ ପୀଡ଼ା ଅନୁଭବ କରୁ। ଯେପରି ମୁଣ୍ଡବ୍ୟଥା, କାନଟଣା, ଆଖିଧରା, ନାକ ବନ୍ଦ, ଦାନ୍ତବିନ୍ଧାଠାରୁ ଆରମ୍ଭ କରି ପାଦଗଣ୍ଠି ବିନ୍ଧା ପର୍ଯ୍ୟନ୍ତ ବିଭିନ୍ନ ପୀଡ଼ା। ଏସବୁକୁ କୁହାଯାଏ ସାଧାରଣ ରୋଗ। ଆମେ ରୋଗର ଶିକାର ହେଲେ, ଆରୋଗ୍ୟ ପାଇଁ ଡାକ୍ତରଙ୍କ ପାଖକୁ ଯାଉ। ଶୀଘ୍ର ରୋଗରୁ ଉପଶମ ପାଇବାକୁ ଆମେ ସାଧାରଣତଃ ବିଶେଷଜ୍ଞ ଡାକ୍ତରଙ୍କ ପାଖକୁ ଯାଉ। ନାନା ଠେଲାପେଲା ଅତିକ୍ରମ କରି ଡାକ୍ତରଙ୍କ ସମ୍ମୁଖରେ ପହଞ୍ଚିଗଲେ, ଡାକ୍ତର ଆମ ରୋଗର କାରଣ ନ ପଚାରି, ରୋଗର ଲକ୍ଷଣ ବିଷୟରେ ଗୋଟିଏ, ଦିଓଟି ପ୍ରଶ୍ନ କରି ରକ୍ତ ବା ଅନ୍ୟ ପରୀକ୍ଷା ପାଇଁ ଉପଦେଶ ଦିଅନ୍ତି। ପରୀକ୍ଷା ରିପୋର୍ଟ ସହ ଡାକ୍ତରଙ୍କୁ ପୁନର୍ବାର ଦେଖାକଲେ, ସେ ଔଷଧ ଲେଖିଦିଅନ୍ତି। ବଜାରରୁ ଔଷଧ କିଣି ସେବନ କଲେ, ରୋଗରୁ କିଛି ଉପଶମ ପାଉ। ଡାକ୍ତରଙ୍କ ଫି', ବିଭିନ୍ନ ପରୀକ୍ଷାର ଫି' ସାଙ୍ଗକୁ ଔଷଧ କିଣାରେ ଖର୍ଚ୍ଚାନ୍ତ ହେବା ସହ ଡାକ୍ତର, ପରୀକ୍ଷାଗାର ଓ ଔଷଧ ଦୋକାନକୁ ଧାଇଁ ଯେଉଁ ଔଷଧ ଆଣି ସେବନ କରୁ, ସେ ଔଷଧ ଆମକୁ ସମ୍ପୂର୍ଣ୍ଣ ରୋଗମୁକ୍ତ ନ କରି ସାମୟିକ ଉପଶମ ଦିଏ ଓ ଔଷଧର ପାର୍ଶ୍ୱପ୍ରତିକ୍ରିୟା ଦ୍ୱାରା ଆମ ଶରୀର ଆକ୍ରାନ୍ତ ହୋଇ ଭିନ୍ନ ରୋଗ ପାଇଁ ବାଟ ମଧ୍ୟ ଖୋଲିଦେଇପାରେ। ଔଷଧକୁ ହିନ୍ଦୀରେ କୁହାଯାଏ ଦବାଇ ଅର୍ଥାତ୍ ଔଷଧ ରୋଗକୁ ଦବାଇଦିଏ। ଅଧିକ ଔଷଧ ସେବନ ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମାଇ ଆମ ପରମାୟୁ ବା ଆୟୁଷ କ୍ଷୟ କରେ। ଏ ଭେଷଜ ଚିକିତ୍ସା ବାହାରେ ଆଉ ଏକ ଚିକିତ୍ସା ପ୍ରଣାଳୀ ଅଛି, ଯେଉଁଥିରେ ଆଦୌ ଖର୍ଚ୍ଚାନ୍ତ ହେବାକୁ ପଡିବନି କି ଡାକ୍ତର, ପରୀକ୍ଷାଗାର ଓ ବଜାରକୁ ଦୌଡିବାକୁ ପଡିବନି। ସେଥିରେ ଆମ ଶରୀର ସମ୍ପୂର୍ଣ୍ଣ ରୋଗମୁକ୍ତ ହେବା ସାଙ୍ଗକୁ ଆମ ଆୟୁଷ ନ କମି ବରଂ ବଢିଯିବ। ସେ ଚିକିତ୍ସା ହେଲା ଯୋଗ ଥେରାପି ବା ଯୋଗ ଚିକିତ୍ସା। ଯୋଗ ଚିକିତ୍ସାର ଉତ୍ପତ୍ତିସ୍ଥଳ ହେଉଛି ଆମ ଦେଶ ଭାରତ। ଯୋଗ ଶବ୍ଦର ଉତ୍ପତ୍ତି ହୋଇଛି ସଂସ୍କୃତ ଶବ୍ଦ ଯୁଜ୍‌ରୁ, ଯାହାର ଅର୍ଥ ଯୋଡିହେବା (ପରମାତ୍ମା ସହ ଆତ୍ମା ଯୋଡି ହୋଇଯିବା)। ଯୋଗ ଚିକିତ୍ସା ଦ୍ୱାରା ଆମ ପୂର୍ବପୁରୁଷ ମୁନି, ଋଷିମାନେ ଶହ ଶହ ବର୍ଷ ନିରାମୟ ଓ ସୁଖକର ଜୀବନଯାପନ କରୁଥିଲେ ବୋଲି ଆମ ପୁରାଣ କହେ। ଯୋଗ ବିଜ୍ଞାନ ଏକ ଉନ୍ନତ ବିଜ୍ଞାନ ବୋଲି ଏହା ଏବେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ପ୍ରଚାର ଓ ପ୍ରସାର ଲାଭ କରୁଛି।

## ବିଶ୍ୱ ଯୋଗ ଦିବସ ଉପଲକ୍ଷେ

ଜଣେ ରୋଗୀ ଯୋଗ ଚିକିତ୍ସା ଆପଣେଇବା ପୂର୍ବରୁ ଏ ଚିକିତ୍ସା ବିଷୟରେ ତା'ର ସମ୍ୟକ୍ ଧାରଣା ରହିବା ଦରକାର। ଏ ବିଷୟରେ ସଂକ୍ଷେପରେ ଆଲୋଚନା କରିବା। ଆମେ ରୋଗର ଶିକାର ହେଲେ, ବ୍ୟାକୁଳ ହୋଇପଡୁ ରୋଗରୂପକ ଶତ୍ରୁ କବଳରୁ ତୁରନ୍ତ ମୁକ୍ତି ପାଇବାକୁ। କିନ୍ତୁ ଯୋଗଗୁରୁ ବା ଯୋଗୀ ରୋଗକୁ ଶତ୍ରୁ ନ ମଣି ତାକୁ ବନ୍ଧୁଭାବେ ଗ୍ରହଣ କରନ୍ତି। ଯଦି ଜଣେ ଭୁଲ୍ ମାର୍ଗରେ ଯାଉଛନ୍ତି ଓ ଆଗକୁ ବିପଦ ଥିବା କଥା ତାଙ୍କୁ ଯେ ଜଣାଇ ଦିଅନ୍ତି, ତାଙ୍କୁ ବନ୍ଧୁ କୁହାଯାଏ। ରୋଗ ଆମ ଶରୀରରେ ପ୍ରବେଶ କରି ଆମକୁ ଚେତାଇଦିଏ ଯେ, ଆମ ଜୀବନଚର୍ଯ୍ୟାରେ କେଉଁଠି ଭୁଲ୍ ରହିଯାଉଛି ଓ ଆମେ ଅବାଟରେ ଯାଇ, ଅକାଳମୃତ୍ୟୁ ଆଡକୁ ଅଗ୍ରସର ହେଉଛୁ। ବନ୍ଧୁ ବା ଅତିଥିଙ୍କୁ ଯେପରି ଉପଯୁକ୍ତ ସତ୍କାର କରି ବିଦା କରିଦିଆଯାଏ, ସେହିପରି ଉପଯୁକ୍ତ ଚିକିତ୍ସା କରି ରୋଗରୂପୀ ଅତିଥିଙ୍କୁ ଯୋଗୀ ଶରୀରରୁ ବିଦାୟ ଦିଅନ୍ତି। ଯେଉଁ ପଥ ଦେଇ ରୋଗ ଶରୀରରେ ପ୍ରବେଶ କରିଥିଲା, ସେ ପଥକୁ ଯୋଗୀ ଏପରି ବନ୍ଦ କରିଦିଅନ୍ତି, ଯାହାଫଳରେ ରୋଗ ଆଉ ସେ ଶରୀରରେ ପ୍ରବେଶ କରିପାରିବନି। ଆମ ଶରୀର ଏକ ମାଟି କାଚ୍ଛ ପରି ଓ ଏଥିରେ ବିଭିନ୍ନ ସମୟରେ ଛିଦ୍ର ହୋଇ, ସେ ଛିଦ୍ରବାଟେ ରୋଗ ପ୍ରବେଶ କରେ, କିନ୍ତୁ ଜଣେ ଯୋଗୀ ତାଙ୍କ ଶରୀରକୁ ଅଭେଦ୍ୟ ପକ୍କାକାଛ କରିଦିଅନ୍ତି, ଯେଉଁଥିରେ ଛିଦ୍ର ହୋଇ ପାରିବନି କି ରୋଗ ପ୍ରବେଶ କରିପାରିବନି।

ଯୁବା ବୟସରେ ଓ ଆରମ୍ଭ ହେଉଥିବା ରୋଗ ଉପରେ ଯୋଗ ଗଭୀର ପ୍ରଭାବ ପକାଏ କିନ୍ତୁ ଡାକ୍ତରୀ ଚିକିତ୍ସାରେ ଆରୋଗ୍ୟ ନ ହୋଇପାରି ଶେଷଅସ୍ତ୍ର ଭାବେ ଯୋଗ ଚିକିତ୍ସା କଲେ, ଯୋଗ ଧୀରେ ଧୀରେ ରୋଗ ଉପରେ ପ୍ରଭାବ ବିସ୍ତାର କରେ। ରୋଗୀ ଓ ରୋଗର ବିଭିନ୍ନତା ଉପରେ ଯୋଗର ପ୍ରଭାବ ଭିନ୍ନ ଭିନ୍ନ ଭାବେ ପଡେ। ଯୋଗ ଅଭ୍ୟାସ ପୂର୍ବରୁ ରୋଗକୁ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇ ପାରିଲେ ଭଲ। ଏହା ଫଳରେ ରୋଗର ସ୍ଥିତିକୁ ସହଜରେ ଆକଳନ କରାଯାଇପାରେ। ଯୋଗଗୁରୁଙ୍କ ପରାମର୍ଶ ନେଇ ରୋଗୀ ଯୋଗାଭ୍ୟାସ କରିବା ଦରକାର। ଉଚ୍ଚ ରକ୍ତଚାପ ଓ ଉଚ୍ଚ ରକ୍ତଶର୍କରା ଥିବା ରୋଗୀ ଯୋଗଗୁରୁଙ୍କ ବିନା ପରାମର୍ଶରେ ପୁସ୍ତକ ଦେଖି ଯୋଗ କରିବା ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ଯୋଗାଭ୍ୟାସ ଆରମ୍ଭ କଲେ, ପ୍ରଥମେ ଯୋଗ ରୋଗର ପ୍ରକୋପରେ ଲଗାମ ଦିଏ ଓ ରୋଗୀ ସାମାନ୍ୟ ଉପଶମ ଅନୁଭବ କରେ। କେତେକ କ୍ଷେତ୍ରରେ ରୋଗୀ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶରେ ପ୍ରଥମେ ଔଷଧ ସେବନ କରି, ପରେ ଯୋଗାଭ୍ୟାସ କରିବା ଭଲ। ଯୋଗ ପ୍ରଭାବ ବିସ୍ତାର କରି, ରୋଗକୁ ପଶ୍ଚାତ୍ ଗମନ କରାଇଲେ, ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧର ମାତ୍ରା କମାଇବାକୁ ହୁଏ। ଭିନ୍ନ ଭିନ୍ନ ଯୋଗାସନ ଦ୍ୱାରା ଭିନ୍ନ ଭିନ୍ନ ରୋଗର ଚିକିତ୍ସା କରାଯାଏ। ଆବଶ୍ୟକ ଆସନ ଓ ପ୍ରାଣାୟାମ ପାଇଁ ଯୋଗ ଗୁରୁ ମାର୍ଗ ବତାନ୍ତି। ଆଜିର ଯୋଗ ଦିବସରେ ଆମେ ରୋଗ ଚିକିତ୍ସା ଓ ନିରାମୟ ଜୀବନ ପାଇଁ ଯୋଗମାର୍ଗକୁ ଆପଣାଇବା ଲାଗି ଶପଥ ନେବା ଓ ଆଜିଠାରୁ ଯୋଗାଭ୍ୟାସ ଆରମ୍ଭ କରିବା ଉଚିତ।

କୋଟି ତୀର୍ଥ, ଓଲ୍‌ଡଟାଉନ, ଭୁବନେଶ୍ୱର

## ଏଇ ଭାରତରେ

ଗୁପ୍ତଯୁଗର ସ୍ୱର୍ଣ୍ଣମୁଦ୍ରା ପାଇବା ପାଇଁ ଲୋକେ ଗାଁ ସାରା ଖୋଳି ପକାଇଲେ। ମଣିଷର ଧନ ଲୋଭ ବେଳେବେଳେ ସୀମା ଟପିଯାଏ। ଫଳରେ ସେ ଏଭଳି କାମ କରିବସେ ଯାହାକୁ ନେଇ ପରବର୍ତ୍ତୀ ସମୟରେ ନିଜେ ଲଜ୍ଜିତ ହୋଇଥାଏ। ଏପରି ଏକ ଘଟଣା ରାଜସ୍ଥାନ ଜୟପୁର ନିକଟରେ ଥିବା ମାଲପୁରାରେ ଘଟିଛି। ସ୍ଥାନୀୟ ଜାନକୀପୁରାସ୍ଥିତ ଦୋବଡ଼ିଆ ନାଳ ଅଞ୍ଚଳରେ ଗୁପ୍ତଯୁଗର ସ୍ୱର୍ଣ୍ଣମୁଦ୍ରା ପୋତାହୋଇ ରହିଥିବା ପ୍ରଚାର ହୋଇଥିଲା। ଏହାପରେ ଆରମ୍ଭ ହୋଇଥିଲା ପ୍ରତିଯୋଗିତା। ଲୋକେ ନିଜର କାମଧନ୍ଦା ଛାଡି ଖାଇବା ପିଇବା ଭୁଲି କମ୍ ସମୟରେ ଧନୀ ହେବା ପାଇଁ ଆରମ୍ଭ କରିଥିଲେ ମାଟିଖୋଳା। କେତେଜଣଙ୍କୁ ସ୍ୱର୍ଣ୍ଣମୁଦ୍ରା ମିଳିଥିଲା। ଖବର ପାଇ ପୋଲିସ ଏବଂ ପ୍ରତ୍ନତତ୍ତ୍ୱ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ୨ଟି ମୁଦ୍ରାର ଯାଞ୍ଚ କରି ଏହା ଗୁପ୍ତଯୁଗର ବୋଲି ପ୍ରକାଶ କରିଥିଲେ। କେତେଜଣ ପୁରୁଖା ଲୋକଙ୍କ କହିବା ଅନୁସାରେ ଏଠାରେ ପୂର୍ବରୁ ବଞ୍ଜାରା ସମ୍ପ୍ରଦାୟ ବାସ କରୁଥିଲେ। ସେମାନେ ଲୁଟପାଟ୍ କରିଥିବା ଅଳଙ୍କାର ତଥା ସ୍ୱର୍ଣ୍ଣମୁଦ୍ରା ଧରାପଡ଼ିବା ଭୟରେ ମାଟିତଳେ ପୋତିଦେଉଥିଲେ। କାଳକ୍ରମେ ସେମାନେ ଏଠାରୁ ପଳାଇଥିଲେ। ପରେ ଏଠାକାର ମାଟି ଖୋଳିବା ସମୟରେ ଅଳଙ୍କାର ଓ ସ୍ୱର୍ଣ୍ଣମୁଦ୍ରା ମିଳୁଥିବା ସେମାନେ ପ୍ରକାଶ କରିଛନ୍ତି।

## ଚିରନ୍ତନୀ

ସୁଦୂର ଗ୍ରାମ କାନନ ବିଲ
ଜୋଛନା ତଳେ ଭଜିଛି ଲୀନ
ଚେତନାହୀନ ପବନ ଆଜି
ପ୍ରଦୋଷ ପଥେ କି ଉଦାସୀନ !
ନୀରବ ପ୍ରୀତି ଲୁଚାଇ ପ୍ରାଣେ
ନଦୀଟି ବହେ କେତେ ସେ ବାଙ୍କେ,
ସଞ୍ଜ ଆଗମେ ନୀରବ ଧରା !
ପକ୍ଷୀଟି ନାହିଁ ଡାକଇ ଶାଖେ।
ସନ୍ଧ୍ୟାର ତାରା ଯାଇନି ନିଭି
ଜୋଛନା ବୋଳା ଆକାଶେ ବସି
ନୀରବ ନଦୀ ଉପରେ ତା'ର
ବଦନ ଶୋଭା ଦେଖଇ ହସି।
(ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ଭାଷାକୁ କଡ଼ାକଡ଼ି କରାଯାଉ

ମହାଶୟ,

ଭାଷା ହିଁ ଜାତି ଓ ସଂସ୍କୃତିର ମୁକୁଟ ସଦୃଶ। ଆମର ଅତି ପ୍ରିୟ ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷା ରୂପେ ମାନ୍ୟତା ପାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଏହାକୁ ରାଜ୍ୟର ସରକାରୀ ଭାଷାରୂପେ ବ୍ୟବହାର କରାଯାଇପାରିଲା ନାହିଁ। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବଂ ବ୍ୟବସାୟିକ ଅନୁଷ୍ଠାନର ନାମଫଳକ ଓ ବ୍ୟକ୍ତିଗତ ନିମନ୍ତ୍ରଣ ପତ୍ର ଓଡ଼ିଆରେ ଲେଖାହୋଇ ପାରିଲା ନାହିଁ। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ ସରକାର ଓଡ଼ିଶାରେ ଓଡ଼ିଆ ଭାଷାର ବ୍ୟବହାରକୁ ବାଧ୍ୟତାମୂଳକ କରିବାକୁ ଅନୁରୋଧ।

ସୁଶାନ୍ତ କୁମାର ଖଟୁଆ, ଗୋପବନ୍ଧୁ ସାହିତ୍ୟ ସଂସଦ, ଜେନାପୁର, ଯାଜପୁର

### ଶିକ୍ଷା ବ୍ୟବସ୍ଥାରେ ନୈତିକତାର ଅଭାବ

ପୂର୍ବରୁ ଆମ ଦେଶରେ ଯେଉଁ ଶିକ୍ଷା ବ୍ୟବସ୍ଥା ଥିଲା, ତାହା ଆଜି ନାହିଁ। ବିଦ୍ୟାଳୟ ସ୍ତରରେ ବିଭିନ୍ନ ବିଷୟ ପଢ଼ାଯିବା ସହିତ ନୈତିକ ମୂଲ୍ୟବୋଧ ସମ୍ପର୍କିତ ଶିକ୍ଷା ପ୍ରଦାନ କରାଯାଉଥିଲା। ବିଦ୍ୟାଳୟରେ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଉତ୍ତମ ସଂସ୍କାରଗତ ବିଚାର ଦେଉଥିଲେ। ମିଛ କହିବା, ଅନ୍ୟାୟ ଉପାୟରେ ଅର୍ଥ ରୋଜଗାର କରିବା, ନିଜକୁ ଅନ୍ୟମାନଙ୍କଠାରୁ ଅଧିକ ଯୋଗ୍ୟ ଭାବିବା ଉଚିତ ନୁହେଁ ବୋଲି ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯାଉଥିଲା। ପରର ଉପକାର କରିବା, ବିପଦରେ ପଡିଥିବା ଲୋକଙ୍କୁ ସାହାଯ୍ୟ କରିବା, ଭଦ୍ର ନମ୍ର ହେବା, ଜ୍ୟେଷ୍ଠମାନଙ୍କୁ ଭକ୍ତି କରିବା, କନିଷ୍ଠମାନଙ୍କୁ ସ୍ନେହ କରିବା ଆଦି ପରିବାରଠାରୁ ପିଲାମାନେ ଶିଖୁଥିଲେ। ବର୍ତ୍ତମାନ କାହାରି ପାଖରେ ସମୟ ନ ଥିଲା ଭଳି ମନେହେଉଛି। ବିଦ୍ୟାଳୟରେ ଶିକ୍ଷକମାନେ ପାଠ୍ୟକ୍ରମକୁ ସାରିଦେଇ ନିଜର କର୍ତ୍ତବ୍ୟ ସରିଗଲା ବୋଲି ଭାବୁଛନ୍ତି। ବର୍ତ୍ତମାନ ସମସ୍ତେ ପିଲାଟି ଯେକୌଣସି ଉପାୟରେ ପରୀକ୍ଷାରେ ଅଧିକ ନମ୍ବର ରଖି ଉତ୍କୋଚ ଦେଇ ଉଚ୍ଚ ପଦପଦବୀ ହାସଲ କରିଦେଲେ ଜୀବନ ସାର୍ଥକ ହୋଇଗଲା ବୋଲି ଭାବନ୍ତି। କିନ୍ତୁ ସେମାନେ ଭୁଲିଯାଉଛନ୍ତି ନୈତିକ ଶିକ୍ଷା ଅଭାବରୁ ଆଜିକାଲି ବିଚାରପତିଠାରୁ ଆରମ୍ଭ କରି ପୋଲିସ ଅଫିସର, ଡାକ୍ତର ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଲାଞ୍ଚ ନେଇ ଧରାପଡୁଛନ୍ତି ଓ ଜେଲଦଣ୍ଡ ଭୋଗୁଛନ୍ତି। ଏହାର ମୁଖ୍ୟ କାରଣ ନୈତିକତାର ଅଭାବ। ଏହି ପରିପ୍ରେକ୍ଷୀରେ ତା୧୩।୫।୧୯ରିଖ ଧରିତ୍ରୀରେ ପ୍ରକାଶିତ ଡ. ବାସୁଦେବ ମିଶ୍ରଙ୍କ 'ଶିକ୍ଷା ଓ ନୈତିକତା' ଆଲେଖ୍ୟଟି ଖୁବ୍ ଉଚ୍ଚକୋଟୀର ଓ ଶିକ୍ଷଣୀୟ ହୋଇଛି।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### କଟକ ପ୍ରତି ଅବହେଳା

ଗତ ଫନୀ ବାତ୍ୟାରେ କଟକ ଜିଲା ବିଶେଷ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ଜିଲାପାଳ ଆଂଶିକ ରିପୋର୍ଟ ଦେବା ଦୁର୍ଭାଗ୍ୟଜନକ। ଭୁବନେଶ୍ୱର ପାଇଁ ଯାହା ସୁବିଧା ମିଳୁଛି ସେହି ସୁବିଧା କଟକ ପାଇଁ ଲାଗୁ କରାଯାଉ। ଗ୍ରାମାଞ୍ଚଳରେ ଚାଳ, ଟିଣ ଓ ଆଜ୍‌ବେଷ୍ଟସ ଉଡିଯାଇଛି। ବାତ୍ୟା କ୍ଷତିପୂରଣ ଭାବେ ଯେତିକି ଆର୍ଥିକ ସହାୟତା ଦିଆଯାଉଛି ତାହା ଯଥେଷ୍ଟ ନୁହେଁ। ମେ ମାସର ବିଦ୍ୟୁତ୍ ଦେୟ କୋହଳ କରାଯାଉ। ବିନା ମୂଲ୍ୟରେ ଅଧିକ ଚାଉଳ ଓ କିରୋସିନ ମିଳିବା ଦରକାର।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଆମେରିକାର ପରରାଷ୍ଟ୍ର ସଚିବ ମାଇକେଲ ପମ୍ପିଓ ଜୁନ୍ ୨୫ ତାରିଖରେ ଭାରତ ଗସ୍ତରେ ଆସୁଛନ୍ତି। ତାଙ୍କର ଏହି ୩ ଦିନିଆ ଗସ୍ତବେଳେ ଦୁଇଦେଶ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହେବ। ପମ୍ପିଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

## ବ୍ରିଟେନ ପ୍ରଧାନମନ୍ତ୍ରୀ ଦୌଡ଼ରୁ ବାଦ୍ ପଡ଼ିଲେ ସାଜିଦ୍

# ବୋରିସ୍ ମୁଖ୍ୟ ଦାବିଦାର

ଲଣ୍ଡନ,୨୦।୬(ପି.ଟି./ଏ.ଏଫ୍.ପି.)



ଜେରେମି ହଣ୍ଟ    ବୋରିସ୍ ଜନ୍ସନ୍    ମାଇକେଲ ଗୋଭ୍    ସାଜିଦ୍ ଜାଭିଦ୍

ବ୍ରିଟେନ ପ୍ରଧାନମନ୍ତ୍ରୀ ଥେରେସା ମେ'ଙ୍କ ଇସ୍ତଫା ପରେ ତାଙ୍କ ପଦରେ କିଏ ଅବସ୍ଥାପିତ ହେବ ତାକୁ ନେଇ କଞ୍ଜର୍ଭେଟିଭ୍ ପାର୍ଟିରେ ଜୋର୍‌ଦାର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ଏହି କ୍ରମରେ ପୂର୍ବତନ ବହିର୍ବ୍ୟାପାର ସଚିବ ବୋରିସ୍ ଜନ୍ସନ୍‌ଙ୍କୁ ଗୁରୁବାର ସଫଳତା ମିଳିଛି। ବୋରିସ୍ ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନୀ ବଂଶୋଦ୍ଭବ ତଥା ସ୍ୱରାଷ୍ଟ୍ର ସଚିବ ସାଜିଦ୍ ଜାଭିଦ୍‌ଙ୍କୁ ପଛରେ ପକାଇ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ବ୍ରିଟେନ ପ୍ରଧାନମନ୍ତ୍ରୀ ଦୌଡ଼ରୁ ସାଜିଦ୍ ବାଦ୍ ପଡ଼ିଥିବାବେଳେ ଅନ୍ୟ ଦୁଇ ପ୍ରମୁଖ ଦାବିଦାର ମାଇକେଲ୍ ଗୋଭ୍ ଏବଂ ଜେରେମି ହଣ୍ଟଙ୍କ ମଧ୍ୟରୁ କିଏ ବୋରିସ୍‌ଙ୍କ ସହ ଚୂଡ଼ାନ୍ତ ପର୍ଯ୍ୟାୟରେ ଲଢ଼େଇ କରିବେ ତାକୁ ନେଇ କସରତ ଆରମ୍ଭ ହୋଇଛି। ମିଳିଥିବା ସୂଚନାନୁସାରେ ମାଇକେଲ ଗୋଭ୍ ଭଲ ପ୍ରଦର୍ଶନ କରି ଜେରେମି ହଣ୍ଟଙ୍କୁ ଟପିଯାଇଛନ୍ତି। ଫଳରେ ବୋରିସ୍ ଓ ମାଇକେଲଙ୍କ ମଧ୍ୟରୁ ଜଣେ ଏହି ପଦରେ ଆସୀନ ହେବେ ବୋଲି କୁହାଯାଉଛି।

ୟୁରୋପୀୟ ସଂଘ(ଇୟୁ)ରୁ ବ୍ରିଟେନ ଅଲଗା ହେବା ନେଇ ଚାଲିଥିବା ଆଲୋଚନ ବିଫଳ ହେବା ପରେ ପ୍ରଧାନମନ୍ତ୍ରୀ ଥେରେସା ମେ ଗତ ୭ ତାରିଖରେ ଇସ୍ତଫା ଦେଇଥିଲେ। କଞ୍ଜର୍ଭେଟିଭ୍ ପାର୍ଟି ନେତା ତଥା ପ୍ରଧାନମନ୍ତ୍ରୀ ପଦ ପାଇଁ ମୋଟ ୧୦ ପ୍ରତିଦ୍ୱନ୍ଦ୍ୱୀ ରହିଥିଲେ। ଗୁରୁବାର ଚତୁର୍ଥ ପର୍ଯ୍ୟାୟ ଭୋଟରେ ପାର୍ଲାମେଣ୍ଟର ସମସ୍ତ ଟୋରି ସଦସ୍ୟଙ୍କ ମଧ୍ୟରୁ ମାତ୍ର ୩୪ ଏମ୍‌ପି ବ୍ରେକ୍‌ଜିଟ ସପକ୍ଷବାଦୀ ଜାଭିଦ୍‌ଙ୍କୁ ସମର୍ଥନ କରିଥିଲେ। ବୋରିସ୍‌ଙ୍କ ସପକ୍ଷରେ ସର୍ବାଧିକ ୧୫୭ ଭୋଟ ପଡ଼ିଥିବାବେଳେ ପରିବେଶ ସଚିବ ମାଇକେଲ ଗୋଭ୍ ୬୧ ଏମ୍‌ପିଙ୍କ ସମର୍ଥନ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବହିର୍ବ୍ୟାପାର ସଚିବ ଜେରେମି ହଣ୍ଟ ତାଙ୍କଠାରୁ ୨ ଖଣ୍ଡ କମ୍ ଅର୍ଥାତ୍ ୫୯ ଖଣ୍ଡ ପାଇ ତୃତୀୟ ସ୍ଥାନକୁ ଖସିଯାଇଛନ୍ତି। ବୋରିସ୍‌ଙ୍କ ସହ କିଏ ପ୍ରତିଦ୍ୱନ୍ଦ୍ୱିତା କରିବେ ତାହା ଖୁବ୍‌ଶୀଘ୍ର ହେବାକୁ ଥିବା ଆଉ ଗୋଟିଏ ପର୍ଯ୍ୟାୟ ନିର୍ବାଚନରେ ସ୍ପଷ୍ଟ ହେବ। ଏମାନଙ୍କ ମଧ୍ୟରୁ ଯିଏ ବିଜୟୀ ହୋଇ ଜୁଲାଇ ଦ୍ୱିତୀୟାର୍ଦ୍ଧରେ ପ୍ରଧାନମନ୍ତ୍ରୀ ହେବେ ତାଙ୍କୁ ଅକ୍ଟୋବର ୩୧ରେ ହେବାକୁ ଥିବା ବ୍ରେକ୍‌ଜିଟ୍ ସମ୍ପର୍କିତ ଚୂଡ଼ାନ୍ତ ନିର୍ଣ୍ଣୟର କଠିନ ପଦକ୍ଷେପ ନେବାକୁ ପଡ଼ିବ। ବ୍ରେକ୍‌ଜିଟ୍ ରଣନୀତିକୁ ନେଇ ଗତବର୍ଷ ଥେରେସାଙ୍କ କ୍ୟାବିନେଟରୁ ଇସ୍ତଫା ଦେଇଥବା ବୋରିସ୍ ଜନ୍ସନ୍ ଦଳର ଅର୍ଦ୍ଧାଧିକ ଏମ୍‌ପିଙ୍କ ସମର୍ଥନ ହାସଲ କରିଥିବାରୁ କୃତଜ୍ଞତା ଜଣାଇଛନ୍ତି।

## ଇରାନ ଖସାଇଲା ଆମେରିକା ଡ୍ରୋନ୍



ତେହେରାନ,୨୦।୬

ଆମେରିକା ସହ ଆଣବିକ ଚୁକ୍ତିନାମା ରଦ୍ଦ ହେବା ପରେ ତେହେରାନ ଓ ୱାଶିଂଟନ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଇରାନର ରିଭଲ୍ୟୁଶନାରି ଗାର୍ଡ (ଆଇଆର୍‌ଜି) ଗୁରୁବାର ଆମେରିକାର ଏକ ଡ୍ରୋନ୍‌କୁ ଗୁଳି କରି ଖସାଇ ଦେଇଛି। ଡ୍ରୋନ୍‌ଟି ଇରାନ ଆକାଶରେ ଉଡୁଥିବା ଆଇଆର୍‌ଜି କହୁଥିବାବେଳେ ଆମେରିକା ଏହାକୁ ଖଣ୍ଡନ କରିଛି। ଡ୍ରୋନ୍ ଅନ୍ତର୍ଜାତୀୟ ବାୟୁସୀମାରେ ହରମୁଜ୍ ପ୍ରଣାଳୀ ଉପରେ ଉଡୁଥିଲା ବୋଲି ଆମେରିକାର ଦୁଇଜଣ ଅଧିକାରୀ କହିଛନ୍ତି। ଗତ ସପ୍ତାହରେ ଆମେରିକାର ଏକ ଡ୍ରୋନ୍‌କୁ ଇରାନ କ୍ଷେପଣାସ୍ତ୍ର ମାଡ଼ କରି ଖସାଇଦେଇଥିବା ୱାଶିଂଟନ ଅଭିଯୋଗ କରିଥିଲା। ସେହିପରି ଓମାନ ଉପସାଗରରେ ଦୁଇଟି ତୈଳବାହୀ ଜାହାଜ ଉପରେ ଆକ୍ରମଣ ଲାଗି ଆମେରିକା ଇରାନକୁ ଦାୟୀ କରିଥିଲା। ଇରାନର ସଦ୍ୟ କାର୍ଯ୍ୟାନୁଷ୍ଠାନକୁ ଏକ ବଡ଼ ଭୁଲ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିନ୍ଦା କରିଛନ୍ତି।

## ଆଦିତ୍ୟନାଥଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟିଂ

# ହାର୍ଡ କୌରଙ୍କ ବିରୋଧରେ ଦେଶଦ୍ରୋହ ମାମଲା

ଲକ୍ଷ୍ନୌ,୨୦।୬



ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କ ବିରୋଧରେ ସୋସିଆଲ ମିଡିଆରେ ଆପତ୍ତିଜନକ ମନ୍ତବ୍ୟ ପୋଷ୍ଟ କରିବା ଅଭିଯୋଗରେ ଗାୟକ ତାରଣ କୌର ଧିଲୋନ ଓରଫ ହାର୍ଡ କୌରଙ୍କୁ ମହଙ୍ଗା ପଡିଛି। ଆର୍‌ଏସ୍‌ଏସ୍‌ର ଶଶାଙ୍କ ଶେଖରଙ୍କ ଅଭିଯୋଗ ଉପରେ ପୋଲିସ କୌରଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରିଛି। 'ରେପ୍‌ମ୍ୟାନ ଯୋଗୀ' ଲେଖି ସେ ଜୁନ୍ ୧୮ରେ ଆଦିତ୍ୟନାଥଙ୍କ ଏକ ଫଟୋ ପୋଷ୍ଟ କରିଥିଲେ। ସେହିପରି କୌର ଭାଗବତଙ୍କ ଏକ ଫଟୋ ସେୟାର କରି ଭାରତରେ ସମସ୍ତ ଆତଙ୍କବାଦୀ ଆକ୍ରମଣ ପାଇଁ ତାଙ୍କୁ ଦାୟୀ କରିଥିଲେ।

### ଇତିହାସର ଆଇନାରେ

**ଜୁନ୍ ୨୧ର ପ୍ରମୁଖ ଘଟଣା**

୨୦୦୬ ଜୁନ୍ ୨୧ରେ ପ୍ଲୁଟୋର ଚନ୍ଦ୍ର ନିକ୍ସ ଏବଂ ହାଇଡ୍ରା ଆବିଷ୍କାର କରାଯାଇଥିଲା। ପ୍ଲୁଟୋ ହେଉଛି ନେପଚୁନ୍ ବାହାରେ କୁଇପର ବେଲ୍ଟ ମଧ୍ୟରେ ଥିବା ଏକ ଛୋଟ ଗ୍ରହ। ପ୍ଲୁଟୋକୁ ୧୯୩୦ରେ କ୍ଲାଇଡ୍ ଟମ୍‌ବାଫ୍‌ଙ୍କ ଦ୍ୱାରା ଆବିଷ୍କାର କରାଯାଇଥିଲା। ଏହା ସୂର୍ଯ୍ୟଙ୍କଠାରୁ ଦୂରତା କ୍ରମରେ ନବମ ଗ୍ରହ।

୨୦୧୨ ଜୁନ୍ ୨୧ରେ ୨୦୦ ଶରଣାର୍ଥୀଙ୍କୁ ନେଇ ଯାଉଥିବା ଏକ ବୋଟ୍ ଇଣ୍ଡୋନେସିଆ ଏବଂ କ୍ରିସ୍‌ମାସ ଆଇଲାଣ୍ଡ ମଧ୍ୟସ୍ଥ ଭାରତ ମହାସାଗରରେ ବୁଡିଯିବା ଫଳରେ ୧୭ ଲୋକଙ୍କ ମୃତ୍ୟୁ ଘଟିଥିଲା ଏବଂ ୭୦ଜଣ ନିଖୋଜ ହୋଇଥିଲେ।

## ଆଜି ଅନ୍ତର୍ଜାତୀୟ ଯୋଗ ଦିବସ

# ଇଟାଲୀ ପ୍ରଶିକ୍ଷକ, ଜାପାନ ଯୋଗ ନିକେତନ ପୁରସ୍କୃତ ହେବେ

ନୂଆଦିଲ୍ଲୀ,୨୦।୬



ସ୍ୱାମୀ ରାଜର୍ଷି ମୁନି



ଆଣ୍ଟୋନିଏଟା ରୋଜି

ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ଯୋଗର ପ୍ରସାର ଓ ବିକାଶରେ ଉଲ୍ଲେଖନୀୟ ଅବଦାନ ଲାଗି ଇଟାଲୀର ଯୋଗ ପ୍ରଶିକ୍ଷକ ଆଣ୍ଟୋନିଏଟା ରୋଜି, ଗୁଜରାଟ ଲାଇଫ ମିଶନ୍‌ର ସ୍ୱାମୀ ରାଜର୍ଷି ମୁନି, ଜାପାନର ଯୋଗ ନିକେତନ ଏବଂ ମୁଙ୍ଗେରସ୍ଥିତ ବିହାର ସ୍କୁଲ ଅଫ୍ ଯୋଗ ଚଳିତ ବର୍ଷ ଲାଗି ପ୍ରଧାନମନ୍ତ୍ରୀ ପୁରସ୍କାର ନିମନ୍ତେ ମନୋନୀତ ହୋଇଛନ୍ତି । ୭୯ ନାମାଙ୍କନ ମଧ୍ୟରୁ ଏମାନଙ୍କୁ ଚୟନ କରାଯାଇଥିବା ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୨୦୧୬ ଦ୍ୱିତୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗର ପ୍ରଚାର ପ୍ରସାର ପାଇଁ ପୁରସ୍କାର ଘୋଷଣା କରିଥିଲେ। ପ୍ରତି ବିଜେତାମାନଙ୍କୁ ଟ୍ରଫି, ପ୍ରମାଣପତ୍ର ସହିତ ୨୫ ଲକ୍ଷ ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯିବ। ଜୁନ୍ ୨୧କୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରିବାକୁ ଜାତିସଂଘର ସାଧାରଣ ସଭା ପକ୍ଷରୁ ଘୋଷଣା କରାଯାଇଥିଲା। ୨୦୧୫ରୁ ପ୍ରତିବର୍ଷ ଜୁନ୍ ୨୧କୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଇଆସୁଛି। ଏଥର ପ୍ରଧାନମନ୍ତ୍ରୀ ରାଞ୍ଚିଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନର ନେତୃତ୍ୱ ନେବେ।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।
ସ୍ଥାନୀୟ ଅଞ୍ଚଳ–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘମୁକ୍ତ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।
ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୨ | ୨୩.୮ |
| ଚାନ୍ଦବାଲି | ୩୫.୨ | ୨୬.୨ |
| କଟକ | ୩୧.୦ | ୨୭.୦ |
| ପାରାଦ୍ୱୀପ | ୩୨.୯ | ୨୬.୯ |
| ଭୁବନେଶ୍ୱର | ୩୦.୫ | ୨୮.୨ |
| ଗୋପାଳପୁର | ୩୧.୫ | ୨୭.୮ |
| ପୁରୀ | ୩୦.୦ | ୨୭.୬ |
| ଅନୁଗୋଳ | ୩୫.୧ | ୨୫.୦ |
| ବାରିପଦା | ୩୬.୬ | ୨୬.୪ |
| ଝାରସୁଗୁଡ଼ା | ୪୦.୪ | ୨୮.୫ |
| କେନ୍ଦୁଝର | ୩୫.୬ | ୨୪.୬ |
| ସମ୍ବଲପୁର | ୪୧.୩ | ୨୯.୦ |
| ସୁନ୍ଦରଗଡ଼ | ୩୮.୫ | ୨୨.୦ |
| ହୀରାକୁଦ | ୪୧.୨ | ୨୮.୯ |
| ତାଳଚେର | --- | ୨୩.୦ |
| ଭବାନୀପାଟଣା | ୩୮.୫ | ୨୮.୫ |
| ବଲାଙ୍ଗୀର | ୩୭.୫ | ୨୯.୦ |
| କୋରାପୁଟ | ୩୨.୦ | ୨୨.୨ |
| ଫୁଲବାଣୀ | ୩୫.୦ | --- |
| ଟିଟିଲାଗଡ଼ | ୪୦.୦ | ୨୫.୫ |
| ମାଲକାନଗିରି | ୪୦.୦ | ୨୪.୫ |
| ସୋନପୁର | ୪୦.୦ | ୨୬.୨ |
| ଦାରିଙ୍ଗିବାଡ଼ି | ୨୫.୫ | ୨୩.୦ |

ଡିଗ୍ରୀ ସେଲ୍‌ସିୟସ୍


**ODISHA JOINT ENTRANCE EXAMINATION-2019 (OJEE - 2019)**

No:-270/OJEE19    Date : 20-06-2019

**NOTICE REGARDING WEB COUNSELLING for B.TECH / B.ARCH / Int. MSc**

OJEE web-based Counselling process for B.TECH/B.ARCH/Int. MSc is going to start from 21st June 2019. For detailed schedule, seat position and counselling brochure, please go through OJEE website **www.ojee.nic.in** / **www.odishajee.com**. Schedules for other courses will be published soon.

Sd/-
CHAIRMAN, OJEE

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**
ଟେଣ୍ଡର ସଂ. ELOP-T-VH-CTC-2-2019
**କାର୍ଯ୍ୟର ନାମ :** ପ୍ରକାଶ୍ୟ ଟେଣ୍ଡର ମାଧ୍ୟମରେ 03 ବର୍ଷ (36 ମାସ)ନିମନ୍ତେ ମାର୍ଗରେ କ୍ରିଉ (ଡ୍ରାଇଭର ଏବଂ ଗାର୍ଡ଼) ମାନଙ୍କୁ ସହାୟତା ପ୍ରଦାନ କରିବା ନିମନ୍ତେ କଟକ ଠାରେ ନିୟୋଜନ ପାଇଁ ଚାଳକ ସହିତ 02 (ଦୁଇ) ଗୋଟି ଚାରି ଚକିଆ ହାଲୁକା ଗାଡ଼ି ଭଡ଼ା ସୂତ୍ରରେ ନେବା ।
**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 63,53,269.16, EMD (ଟଙ୍କାରେ): 1,27,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 36 ମାସ ।
ବିକ୍ରି ଆରମ୍ଭ ହେବା ତାରିଖ : ତା.03.07.2019ରିଖ,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.17.07.2019 ରିଖ 1530 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP)/ ଖୋର୍ଦ୍ଧା ରୋଡ଼
PR-170/K/19-20

# CLASSIFIED DISPLAY

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ସ୍କ୍ରାପ୍ ଇ-ନିଲାମ ବିକ୍ରୟ କାର୍ଯ୍ୟକ୍ରମ**
ନଂ.: ଏସ୍/ଏପି/୨୦୧୯-୨୦    ତାରିଖ: ୧୭।୦୬।୨୦୧୯
ଅଗଷ୍ଟ ୨୦୧୯ରୁ ଅକ୍ଟୋବର ୨୦୧୯ ପର୍ଯ୍ୟନ୍ତ ତିନିମାସ ଲାଗି ନିଲାମର କାର୍ଯ୍ୟକ୍ରମର ସମୟସୂଚୀ ନିମ୍ନ ଅନୁଯାୟୀ ହେବ:-

[କ] ଅଗଷ୍ଟ ୨୦୧୯

| ଜିଏସ୍‌ଡି/ରାୟପୁର | ବିଏସ୍‌ପି/ଡିଭିଜନ | ରାୟପୁର/ଡିଭିଜନ | ନାଗପୁର/ଡିଭିଜନ |
|---|---|---|---|
| ୦୫।୦୮।୨୦୧୯ | ୦୬।୦୮।୨୦୧୯ | ୦୮।୦୮।୨୦୧୯ | ୦୭।୦୮।୨୦୧୯ |
| ୧୪।୦୮।୨୦୧୯ | ୧୬।୦୮।୨୦୧୯ | ୧୯।୦୮।୨୦୧୯ | ୨୦।୦୮।୨୦୧୯ |
| ୩୦।୦୮।୨୦୧୯ | ୨୬।୦୮।୨୦୧୯ | ୨୮।୦୮।୨୦୧୯ | ୨୯।୦୮।୨୦୧୯ |

[ଖ] ସେପ୍ଟେମ୍ବର ୨୦୧୯

| ଜିଏସ୍‌ଡି/ରାୟପୁର | ବିଏସ୍‌ପି/ଡିଭିଜନ | ରାୟପୁର/ଡିଭିଜନ | ନାଗପୁର/ଡିଭିଜନ |
|---|---|---|---|
| ୦୭।୦୯।୨୦୧୯ | ୦୪।୦୯।୨୦୧୯ | ୦୯।୦୯।୨୦୧୯ | ୦୬।୦୯।୨୦୧୯ |
| ୧୮।୦୯।୨୦୧୯ | ୧୬।୦୯।୨୦୧୯ | ୧୯।୦୯।୨୦୧୯ | ୧୭।୦୯।୨୦୧୯ |
| ୩୦।୦୯।୨୦୧୯ | ୨୬।୦୯।୨୦୧୯ | ୨୫।୦୯।୨୦୧୯ | ୨୭।୦୯।୨୦୧୯ |

[ଗ] ଅକ୍ଟୋବର ୨୦୧୯

| ଜିଏସ୍‌ଡି/ରାୟପୁର | ବିଏସ୍‌ପି/ଡିଭିଜନ | ରାୟପୁର/ଡିଭିଜନ | ନାଗପୁର/ଡିଭିଜନ |
|---|---|---|---|
| ୦୫।୧୦।୨୦୧୯ | ୧୦।୧୦।୨୦୧୯ | ୧୧।୧୦।୨୦୧୯ | ୦୪।୧୦।୨୦୧୯ |
| ୧୨।୧୦।୨୦୧୯ | ୧୮।୧୦।୨୦୧୯ | ୨୧।୧୦।୨୦୧୯ | ୧୪।୧୦।୨୦୧୯ |
| ୨୬।୧୦।୨୦୧୯ | ୨୫।୧୦।୨୦୧୯ | ୩୦।୧୦।୨୦୧୯ | ୩୧।୧୦।୨୦୧୯ |

ଇ-ନିଲାମ ସମୟସୂଚୀ ଏବଂ ଇ-କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ
ନିଲାମ ପୂର୍ବାହ୍ନ ୧୦.୦୦ ଘଟିକାରେ ଆରମ୍ଭ ହେବ ଏବଂ ଆବଶ୍ୟକ ହେଲେ ଏହା ପରବର୍ତ୍ତୀ ଦିବସ ପର୍ଯ୍ୟନ୍ତ ଚାଲୁ ରହିପାରେ।
- ସାମଗ୍ରୀ "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ" ବିକ୍ରୟ କରାଯିବ।
- ଉପଲବ୍ଧ ସ୍ଥାନ ଜିଏସ୍‌ଡି/ରାୟପୁର ଏବଂ (ବିଳାସପୁର, ନାଗପୁର ଓ ରାୟପୁର)ସ୍ଥିତ ଡିଭିଜନ।
- ସାମଗ୍ରୀର ପ୍ରକାର: ସ୍କ୍ରାପ୍ ରେଲ୍, କାଷ୍ଟ ଆଇରନ୍, ପି.ୱେ. ସ୍କ୍ରାପ୍, ମେଲ୍‌ଟିଂ, ଏମ୍‌ଏସ୍, ପରିତ୍ୟକ୍ତ ରୋଲିଂ ଷ୍ଟକ୍, କପର୍, ଆଲୁମିନିୟମ୍, ବ୍ୟାଟେରି ଭଳି ଅଣ-ଫେରୋସ୍ ଇତ୍ୟାଦି।
- ବିସ୍ତୃତ ନିଲାମ କାଟାଲଗ୍ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ଦେଖନ୍ତୁ।

ଡେପୁଟି ଚିଫ୍ ମ୍ୟାଟେରିଆଲ୍ସ ମ୍ୟାନେଜର/ଜିଏମ ପିସିଏମ୍‌ଏମ୍‌ଙ୍କ ପାଇଁ
CPR/10/139
ସ୍ୱଚ୍ଛ ଭାରତ ଅଭିଯାନ

**OFFICE OF THE DISTRICT LEGAL SERVICES AUTHORITY, RAYAGADA**
ADVERTISEMENT NO.02/2019, DATED-19.06.2019
Applications in the prescribed proforma are invited for the post of Jr. Clerk / Jr. Clerk-cum-Typist in the Judgeship of Rayagada. For details aspirants are requested to visit the District Court's website i.e. http://ecourts.gov.in / odisha/rayagada and www.rayagada.nic.in.
Sd./-
District Judge-cum-Chairman, DLSA, Rayagada

**D. D. AUTONOMOUS COLLEGE, KEONJHAR**
**ADMISSION INTO TWO-YEAR B.ED. COURSE**
Applications are invited from eligible candidates for admission into Two-Year B.Ed. course for the session 2019-21. Application form and Prospectus can be downloaded from the college website www.ddcollege.nic.in Interested eligible candidates are required to send their duly filled-in application forms along with necessary documents and processing-cum-application fee of Rs. 500/- (Rupees Five Hundred only) in the form of demand draft from any nationalized Bank in favour of Principal, D.D. Autonomous College, Keonjhar payable at Keonjhar either by Registered Post / Speed Post or by hand. The filled-in application along with required documents should reach the undersigned on or before 22.07.2019 by 4pm. The college is not responsible for postal delay. For details visit the college website www.ddcollege.nic.in
Sd./- Principal
D.D. (Auto.) College, Keonjhar

**ADMISSION OPEN**
**INDUSTRIAL SAFETY ENGINEERING**
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
**EEURO MARITIME ACADEMY**
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

**Life Care Emporium** Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

**MORE SPACE • SAME PRICE**
**CLASSIFIED DISPLAY**
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

For Booking Contact:
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ



ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଝିଅଙ୍କ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

**ଆଲ୍ଲାହାବାଦ ବ୍ୟାଙ୍କ**
କିଟ୍ ଶାଖା
କୋଏଲ କ୍ୟାମ୍ପସ୍, କିଟ୍, ପଟିଆ, ଭୁବନେଶ୍ୱର - ୭୫୧୦୨୪
**ଦଖଲ ନୋଟିସ୍**
[ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁଯାୟୀ]

ନିମ୍ନ ସ୍ୱାକ୍ଷରକାରୀ **ଆଲ୍ଲାହାବାଦ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ଶ୍ରୀ ସରୋଜ କୁମାର ପଟ୍ଟନାୟକଙ୍କ ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ସହିତ ସେବାବଦ ସୁଧ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ତାଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଆଲ୍ଲାହାବାଦ ବ୍ୟାଙ୍କ, କିଟ୍ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।
**ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।**

| ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ସରୋଜ କୁମାର ପଟ୍ଟନାୟକ,** ପିତା: ଶ୍ରୀ ନୀଳକଣ୍ଠ ପଟ୍ଟନାୟକ, ପ୍ଲଟ୍ ନଂ.: ୭୯୫/୨୨୯୧, ନିଉ ଲିଙ୍ଗରାଜ କଲୋନୀ, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨, ଜିଲ୍ଲା: ଖୋର୍ଦ୍ଧା / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ବିଷ୍ଣୁପ୍ରିୟା ଦାସ,** ସ୍ୱାମୀ: ଶ୍ରୀ ଗୋଲଖ ବିହାରୀ ଦାସ, ୯୨୧, କପିଳ ପ୍ରସାଦ, ରାଧାରମଣ କଲୋନୀ, ଓଲ୍ଡ ଟାଉନ୍, ଭୁବନେଶ୍ୱର-୭୫୧୦୦୨, ଜିଲ୍ଲା: ଖୋର୍ଦ୍ଧା | ୦୧.୦୪.୨୦୧୯ ସୁଦ୍ଧା ଟ.୩୫,୦୯,୪୦୫/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୪.୨୦୧୯ / ୧୭.୦୬.୨୦୧୯ | **ଶ୍ରୀମତୀ ବିଷ୍ଣୁପ୍ରିୟା ଦାସ,** ସ୍ୱାମୀ: ଶ୍ରୀ ଗୋଲଖ ବିହାରୀ ଦାସଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସାବକ ଖାତା ନଂ.: ୮୫୫, ହାଲ୍ ଖାତା ନଂ.: ୮୮୪/୨୧୨, ସାବକ ପ୍ଲଟ୍ ନଂ.: ୯୨୧, ହାଲ୍ ପ୍ଲଟ୍ ନଂ.: ୯୨୧/୨୯୪୨, ପରିମିତ କ୍ଷେତ୍ର: ଏକର୦.୦୪୪ଡିସିମିଲି (୧୯୧୬.୬୪ ବର୍ଗଫୁଟ), କିସମ: ଘରବାରୀ, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୨୩, ଥାନା: କପିଳ ପ୍ରସାଦ, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିକ୍ରେତା, ଦକ୍ଷିଣ: ସବ୍ ପ୍ଲଟ୍ ନଂ.: ୨, ସର୍ବେଶ୍ୱର ନନ୍ଦ, ପୂର୍ବ: ବିକ୍ରେତାଙ୍କ ଦ୍ୱାରା ଛଡା ଯାଇଥିବା ରାସ୍ତା, ସବ୍ ପ୍ଲଟ୍ ନଂ.: ୫, ପଶ୍ଚିମ: ପ୍ଲଟ୍ ନଂ.: ୯୨୨ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୭.୦୬.୨୦୧୯    ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ



ପ୍ରିୟ ଓ ମିଠା କଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
- ଚାଣକ୍ୟ








# ପସନ୍ଦରେ ଯୋଗଡ୍ୟାନ୍ସ



କଟକ ଅଫିସ, ୨୦।୬

ନୀରୋଗ ଜୀବନଯାପନ କରିବାର ମାଧ୍ୟମ ହେଉଛି ଯୋଗ। ଯୋଗ ଦ୍ୱାରା କେବଳ ଶାରୀରିକ ନୁହେଁ ମାନସିକ ଭାବେ ମଧ୍ୟ ଲୋକମାନେ ନୀରୋଗ ହେଉଛନ୍ତି। ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ। ତେବେ କଟକ ସହରରେ ଏବେ ଯୋଗର କ୍ରେଜ୍ ବେଶ୍ ଅଧିକ। ଗତ ବର୍ଷଗୁଡ଼ିକ ତୁଳନାରେ ଅଧିକମାତ୍ରାରେ ଲୋକ ଏବେ ଯୋଗ ସହ ଜଡ଼ିତ। ଛୋଟଛୋଟ ପିଲା ମଧ୍ୟ ଯୋଗ ପ୍ରତି ଆକୃଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଯୋଗାସନ ମାଧ୍ୟମରେ ଡ୍ୟାନ୍ସ ହିଁ ପିଲାଙ୍କୁ ଅଧିକ ମାତ୍ରାରେ ଆକୃଷ୍ଟ କରୁଛି।

୧୯୯୮ ଅଗଷ୍ଟ ୮ ତାରିଖରେ କଟକରେ ଆରମ୍ଭ ହୋଇଥିଲା ବାରବାଟୀ ଯୋଗ ଆସୋସିଏଶନ। ସତ୍ୟବ୍ରତ ଷ୍ଟାଡିୟମରେ ପ୍ରାତଃଭ୍ରମଣ କରୁଥିବା କେତେଜଣ ବରିଷ୍ଠ ବ୍ୟକ୍ତି ଏହି ଆସୋସିଏଶନ ଗଠନ କରିବାକୁ ଚିନ୍ତା କରିଥିଲେ। ଗୌରମୋହନ କର, ବଟକୃଷ୍ଣ ତ୍ରିପାଠୀ, ରାମଚନ୍ଦ୍ର ସାହୁ, ରଘୁନାଥ ଷଡ଼ଙ୍ଗୀଙ୍କ ସମେତ ଅନ୍ୟ କେତେଜଣ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଗଠନ ହୋଇଥିଲା ଆସୋସିଏଶନ। ପ୍ରଥମେ ବରିଷ୍ଠ ବ୍ୟକ୍ତିମାନେ ସକାଳ ସମୟରେ ଏଠାରେ ଯୋଗାଭ୍ୟାସ କରୁଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୩ରେ ଛୋଟଛୋଟ ପିଲାଙ୍କୁ ଯୋଗ ପ୍ରଶିକ୍ଷଣ ଦେବାକୁ ଯୋଜନା ହୋଇଥିଲା। ପ୍ରଥମେ କିଛି ମାସ ଜଣେ ପିଲାକୁ ନେଇ ଆରମ୍ଭ ହୋଇଥିଲା ପ୍ରଶିକ୍ଷଣ ଶିବିର। ମାତ୍ର ଏବେ ଏଠାରେ ଅଛନ୍ତି ୪୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ। ସ୍କୁଲ ଥିବାରୁ ଛୋଟ ପିଲାଙ୍କ ପାଇଁ ଅପରାହ୍ନରେ ଯୋଗ ପ୍ରଶିକ୍ଷଣ ଦିଆଯାଉଛି। ଆର୍ଟିଷ୍ଟିକ ଓ ରିଦ୍ମିକ ଯୋଗ ଡ୍ୟାନ୍ସ ଦ୍ୱାରା ଅଧିକରୁ ଅଧିକ ବାଳିକାବାଳକ ଏବେ ଯୋଗ ଶିଖିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି। ଏପରି କି ଏହି ଆସୋସିଏଶନର ପ୍ରଶିକ୍ଷାର୍ଥୀ ଜାତୀୟ, ଅନ୍ତର୍ଜାତୀୟ ସ୍ତରର ଯୋଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି।

ବାରବାଟୀ ଯୋଗ ଆସୋସିଏଶନ ପକ୍ଷରୁ ଯୋଗ ଅଭ୍ୟାସ କରାଯାଉଛି।

**ଆଜି ଅନ୍ତର୍ଜାତୀୟ ଯୋଗ ଦିବସ**



ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ଗୁରୁବାର ପ୍ରୟାସ ପକ୍ଷରୁ ଭୁବନେଶ୍ୱର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ଅଭ୍ୟାସ କାର୍ଯ୍ୟକ୍ରମ।

## ଯୋଗକୁ ନେଇ କ'ଣ କୁହନ୍ତି



" ପୁଅକୁ ୬ବର୍ଷ ହୋଇଥିବାବେଳେ ଯୋଗ ଶିଖାଇବାକୁ ଏହି ଆସୋସିଏଶନରେ ଛାଡିଥିଲି। ପିଲାବେଳେ ସେ ଦୁଷ୍ଟ ହେଉଥିବାରୁ ଯୋଗ ଦ୍ୱାରା ହିଁ ଶାନ୍ତ ପଡ଼ିବ ବୋଲି ମୋର ବିଶ୍ୱାସ ଥିଲା। ଏବେ ସୁଫଳ ମିଳିଛି। ପାଠପଢ଼ାରେ ମଧ୍ୟ ସେ ମନ ଦେଉଛି।

**– ମୋନାଲିସା ଶତପଥୀ, ଅଭିଭାବକ**



" ଗତ ୭ବର୍ଷ ହେବ ଯୋଗ ଶିଖୁଛି। ଯୋଗ ଶିଖିବା ପରେ ନିଜକୁ ଫିଟ୍ ଅନୁଭବ କରିବା ସହ ପାଠପଢ଼ାରେ ମଧ୍ୟ ଏକାଗ୍ରତା ମିଳିଛି। ଯୋଗ ଦ୍ୱାରା ସୁସ୍ଥ ଓ ସୁନ୍ଦର ଜୀବନ ବଞ୍ଚିବାର ସୁଯୋଗ ମିଳିଛି।

**– ସିମରନ ମହାରଣା, ପ୍ରଶିକ୍ଷାର୍ଥୀ**



" କେବଳ ନିଜକୁ ଫିଟ୍ ନୁହେଁ, ଏବେ ଯୋଗ ଶିଖି ଅନ୍ତର୍ଜାତୀୟ ସ୍ତରରେ ନାଁ କମାଇ ପାରିଛି। ଏଠାକୁ ଆସିବା ପୂର୍ବରୁ କେବେ ଭାବି ନ ଥିଲି ଯୋଗ ଜୀବନରେ ଏତେ ପରିବର୍ତ୍ତନ ଆଣିବ ବୋଲି। ବମ୍ବେ ଠାରେ ଅନୁଷ୍ଠିତ ବିଶ୍ୱ ଯୋଗ ଚାମ୍ପିୟନଶିପରେ ଦ୍ୱିତୀୟ ହୋଇଥିଲି।

**– ସ୍ମାରକ ଦେ, ପ୍ରଶିକ୍ଷାର୍ଥୀ**



" ଅଧିକରୁ ଅଧିକ ଲୋକ ଯୋଗ ପ୍ରତି ଆକୃଷ୍ଟ ହେବା ଖୁସିର ବିଷୟ। ଯୋଗ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିପାରେ। ଅଭିଭାବକମାନେ ନିଜ ପିଲାଙ୍କୁ ଆଣି ଏଠାରେ ସାମିଲ କରାଉଛନ୍ତି। ଦିନକୁ ଦିନ ଏହି ସଂଖ୍ୟା ବଢୁଛି। ଆଗାମୀ ପିଢି ଏକ ଭଲ ଦିଗରେ ଗତି କରୁଛି।

**– ଦେବାଶିଷ ହଳଦାର, ପ୍ରଶିକ୍ଷକ**

### ରେଡ୍‌କ୍ରସ ପୁରସ୍କାର ବିତରଣ ଉତ୍ସବ

# ସେବାର ବିକଳ୍ପ ନାହିଁ: ରାଜ୍ୟପାଳ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ସେବା ହେଉଛି ଭକ୍ତିଯୋଗ, କର୍ମଯୋଗ ଓ ଜ୍ଞାନଯୋଗର ସମନ୍ୱିତ ରୂପ। ମାନବ ସେବାର କୌଣସି ବିକଳ୍ପ ନାହିଁ। ଏହି ସେବା ଆଧ୍ୟାତ୍ମିକ ଉତ୍ତରଣର ପ୍ରକ୍ରିୟା ଓ ପାହାଚ। ବିନା ଆଶାରେ ସେବା କରିବା ଓ ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ରେଡ୍‌କ୍ରସ ସ୍ୱେଚ୍ଛାସେବୀମାନେ ଯେଉଁଭଳି କାର୍ଯ୍ୟ କରୁଛନ୍ତି, ତାହା ପ୍ରଶଂସାଯୋଗ୍ୟ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ଗୁରୁବାର ରାଜଭବନରେ ଆୟୋଜିତ ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ଶାଖାର ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ରେଡ୍‌କ୍ରସର କାର୍ଯ୍ୟ ପରିସରକୁ ଆହୁରି ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ତଥା ଓଡ଼ିଶା ଜୁନିୟର ରେଡ୍‌କ୍ରସର ରାଜ୍ୟ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ସମୀର ରଞ୍ଜନ ଦାଶ ରେଡ୍‌କ୍ରସର ସେବାମୂଳକ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହିତ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଓଡ଼ିଶା ଯୁବ ରେଡ୍‌କ୍ରସର ରାଜ୍ୟ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ନବ କିଶୋର ଦାସ ସେବା ହିଁ ପ୍ରାର୍ଥନା ବୋଲି କହିଥିଲେ। ସେହିପରି ରେଡ୍‌କ୍ରସର ସ୍ୱେଚ୍ଛାସେବୀମାନେ ଜନସାଧାରଣଙ୍କର ଶ୍ରଦ୍ଧା ଓ ସମ୍ମାନ ହାସଲ କରିପାରିଥିବା ଏକ ବଡ଼ ଉପଲବ୍ଧି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ଭାରତୀୟ ରେଡ୍‌କ୍ରସ ସୋସାଇଟି ରାଜ୍ୟ କାର୍ଯ୍ୟକାରୀ କମିଟି ଅଧ୍ୟକ୍ଷ ଡ. ଅରୁଣ କୁମାର ସାହୁ ମତପ୍ରକାଶ କରିଥିଲେ। ଏହି ଅବସରରେ ରେଡ୍‌କ୍ରସ ପାଇଁ ଜୀବନବ୍ୟାପୀ ସମ୍ପୃକ୍ତି ଏବଂ ସହଯୋଗ ନିମନ୍ତେ ସ୍ୱର୍ଗତ ରବିରତ୍ନ ଦାସ, ସ୍ୱର୍ଗତ ସୁଧାଂଶୁ ଭୂଷଣ ମିଶ୍ର ଓ ବିଜୟ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରେଡ୍‌କ୍ରସର କାର୍ଯ୍ୟ ନିମନ୍ତେ ପାଣ୍ଠି ସଂଗ୍ରହ ତଥା ଦକ୍ଷ ପରିଚାଳନା ପାଇଁ କେନ୍ଦୁଝର, ଯାଜପୁର ଓ ସମ୍ବଲପୁର ଜିଲାପାଳଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ରେଡ୍‌କ୍ରସର ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବାକାର୍ଯ୍ୟ ପାଇଁ ବ୍ୟକ୍ତି ଓ ଅନୁଷ୍ଠାନକୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ରାଜ୍ୟପାଳଙ୍କ ସଚିବ ବିଶାଳ ଗଗନ ଓ 'ସ୍ୱାଭିମାନ' ଅନୁଷ୍ଠାନ ସଚିବ ଶ୍ରୁତି ମହାପାତ୍ର ଉପସ୍ଥିତ ଥିଲେ। ଇଂଲିଶ ଭାଷାରେ ବ୍ରେଲିରେ ପ୍ରାଥମିକ ଚିକିତ୍ସା ପୁସ୍ତକ ଓ ରେଡ୍‌କ୍ରସର ନ୍ୟୁଜ୍ ଲେଟରକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ। ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ଶାଖାର ଅବୈତନିକ ସଚିବ ମେଜର ଡ. କଳ୍ପନା ଦାସ ରେଡ୍‌କ୍ରସର ବିଭିନ୍ନ କାର୍ଯ୍ୟକ୍ରମ ବିବରଣୀ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ।




ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

### ବଜ୍ରପାତରେ ସୂର୍ଯ୍ୟମନ୍ଦିର ବୈଦ୍ୟୁତିକ ଗେଟ୍ ଅଚଳ

# ନିରାଶ ହୋଇ ଫେରିଲେ ପର୍ଯ୍ୟଟକ



ଅଚଳ ହୋଇପଡ଼ିଥିବା ବୈଦ୍ୟୁତିକ ଗେଟ୍।

କୋଣାର୍କ, ୨୦।୬(ଡି.ଏନ୍.ଏ.)

ବଜ୍ରପାତ ଯୋଗୁ ଗୁରୁବାର କୋଣାର୍କ ସୂର୍ଯ୍ୟ ମନ୍ଦିରର ବୈଦ୍ୟୁତିକ ଗେଟ ଅଚଳ ହୋଇଯିବାରୁ ପର୍ଯ୍ୟଟକମାନେ କଳାକୃତି ଦେଖି ନ ପାରି ନିରାଶ ହୋଇ ଫେରିଛନ୍ତି। ସକାଳ ୭ଟା ୩୦ରେ ଅଚାନକ ବର୍ଷା ହେବା ସହ ବଜ୍ରପାତ ହେବାରୁ ମନ୍ଦିର ମୁଖ୍ୟ ପ୍ରବେଶ ପଥରେ ଲାଗିଥିବା ବୈଦୁତିକ ଗେଟଟି ଅଚଳ ହୋଇଯାଇଥିଲା। ୪ଘଣ୍ଟା ପରେ ସ୍ଥାନୀୟ ଏଏସ୍ଆଇର ମେକାନିକ ମାନଙ୍କ ଦ୍ୱାରା ଏହି ଗେଟ୍ ମରାମତି କରାଯାଇଥିଲା। ଖବର ପାଇ ଏଏସ୍ଆଇର ବରିଷ୍ଠ ଅଧିକାରୀ ଚିତ୍ତରଞ୍ଜନ ଦାଶ ଓ ଭୁବନେଶ୍ୱର ସର୍କଲର ସୁପରିଟେଣ୍ଡେଣ୍ଟ ଅରୁଣ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ। ଏହି ବଜ୍ରପାତରେ କ୍ଷତିଗ୍ରସ୍ତ ହୋଇଥିବା ଶବ୍ଦ ଓ ଆଲୋକ ବ୍ୟବସ୍ଥାକୁ ଦିନେ ଦୁଇଦିନ ମଧ୍ୟରେ ମରାମତି କରାଯାଇ କାର୍ଯ୍ୟକ୍ଷମ କରାଯିବ ବୋଲି ସ୍ଥାନୀୟ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ କହିଛନ୍ତି। ୪ଘଣ୍ଟା ପରେ ପର୍ଯ୍ୟଟକମାନେ ମନ୍ଦିର ବୁଲିଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ** DHARITRI

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍ www.dharitri.com/main/selfie_list/

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ମନୋରଞ୍ଜନ



ଅନିଲ



ତୁଷାର



ସୁଶୀଲ



ରଞ୍ଜନ



ଶୁଭାଂଶୁ



ଦୀପକ



ନିର୍ମଳ

**ଆଗକୁ ରଥଯାତ୍ରା**

# ଗୁଣ୍ଡିଚା ମନ୍ଦିର କାମ ଦେଖିଲେ ମୁଖ୍ୟ ପ୍ରଶାସକ

- ଶେଷ ପର୍ଯ୍ୟାୟରେ ମରାମତି କାମ
- ୩୦ ସୁଦ୍ଧା କାର୍ଯ୍ୟକ୍ଷମ ହେବ ସୁଲଭ ଶୌଚାଳୟ

ପୁରୀ ଅଫିସ,୨୦।୬

ଆସନ୍ତା ୪ତାରିଖରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା। ଗୁଣ୍ଡିଚା ମନ୍ଦିରକୁ ବିଜେ କରିବେ ଚତୁର୍ଦ୍ଧାବିଗ୍ରହ। ଏଥିପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ରଥଖଳାରେ ରଥ ନିର୍ମାଣ କାମ ଆଗେଇ ଚାଲିଥିବାବେଳେ ଗୁଣ୍ଡିଚା ମନ୍ଦିରରେ ଆବଶ୍ୟକ ମରାମତି କାମ ଜାରି ରହିଛି। ଗୁରୁବାର ଅପରାହ୍ନରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଗୁଣ୍ଡିଚା ମନ୍ଦିରକୁ ଯାଇ ମରାମତି କାମ ଅନୁଧ୍ୟାନ କରିଛନ୍ତି। ମନ୍ଦିରର ଭିତର ଓ ବାହାର ପାର୍ଶ୍ୱ ବୁଲି ସ୍ଥିତି ପରଖିଛନ୍ତି। ମରାମତି କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗୁଣ୍ଡିଚା ମନ୍ଦିର ନିକଟରେ ନିର୍ମାଣାଧୀନ ସୁଲଭ ଶୌଚାଳୟ ଆସନ୍ତା ୩୦ତାରିଖ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି ।

ବାତ୍ୟାରେ ଶ୍ରୀମନ୍ଦିର ଅପେକ୍ଷା ଗୁଣ୍ଡଚା ମନ୍ଦିରରେ ଅଧିକ କ୍ଷୟକ୍ଷତି ହୋଇଥିଲା। ମନ୍ଦିର ପରିସର ମଧ୍ୟରେ ବହୁ ଗଛ ଭାଙ୍ଗିଥିବାବେଳେ ରୋଷଘର ଛାତ, ଝରକା, କବାଟ ଭାଙ୍ଗି ଯାଇଥିଲା। ଭିତରବେଢ଼ା ଅଫିସ ଏବଂ ସେବକଙ୍କ ରୁମ୍‌ର ଛାତ ନଷ୍ଟ ହେବା ସହ କାନ୍ଥ ଭାଙ୍ଗିଥିଲା। ଝରକା ଓ କବାଟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ଆନନ୍ଦ ବଜାର ଛାତ ଉପରେ ଗଛ ପଡ଼ି ଭାଙ୍ଗିଯାଇଥିଲା। ସେହିପରି ବାହାର ବେଢ଼ା ଓ ଭିତର ବେଢ଼ା କାନ୍ଥ ଉପରେ ଗଛ ପଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ଗର୍ଭଗୃହ, ଜଗମୋହନ, ନାଟମଣ୍ଡପ ଓ ଭୋଗମଣ୍ଡପ ଝରକା, କବାଟ ମଧ୍ୟ ନଷ୍ଟ ହୋଇଥିଲା। ଆନନ୍ଦ ବଜାର ଶେଡ୍ ଉପରୁ ଆଜ୍‌ବେଷ୍ଟସ ଉଡ଼ିଯାଇଥିଲା। ଏ ସବୁର ମରାମତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ କରିଥିଲା। ଏହି ସବୁ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ମୁଖ୍ୟ ପ୍ରଶାସକଙ୍କ ପରିଦର୍ଶନ ସମୟରେ ଉନ୍ନୟନ ପ୍ରଶାସକ ବିଶ୍ୱନାଥ ସାହୁ, ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଶ୍ରୀମନ୍ଦିର ନିର୍ବାହୀ ଯନ୍ତ୍ରୀ ଆଶିଷ ସୁବୁଦ୍ଧି, ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ପ୍ରଶାସକ କହିଛନ୍ତି, ଗୁଣ୍ଡିଚା ମନ୍ଦିରରେ ମରାମତି କାମ ପ୍ରାୟ ସରିଆସିଲାଣି। ଆଉ ଯାହା ଅଳ୍ପ କିଛି କାମ ରହିଛି ତାହା ୩୦ ତାରିଖ ମଧ୍ୟରେ ଶେଷ ହୋଇଯିବ। ପ୍ରଥମଥର ଲାଗି ଗୁଣ୍ଡିଚା ମନ୍ଦିର ବାହାରେ ଏକ ସୁଲଭ ଶୌଚାଳୟ ତିଆରି କରାଯାଉଛି। ସୁଲଭ ଇଣ୍ଟରନ୍ୟାଶନାଲ ଏହାର ପରିଚାଳନା କରିବ। ଏହାର ଛାତ ପଡ଼ିସାରିଛି। ଆସନ୍ତା ୩୦ତାରିଖ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରାଯିବ।


ଗୁଣ୍ଡିଚା ମନ୍ଦିର ମରାମତି କାମ ଅନୁଧ୍ୟାନ କରୁଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ଏବଂ ଅନ୍ୟ ଅଧିକାରୀମାନେ।

## ଅଲାରନାଥଙ୍କ ପୀଠରେ ସୁଧୁରୁନି ପାଣି ସମସ୍ୟା



ବ୍ରହ୍ମଗିରି, ୨୦।୬(ଡି.ଏନ୍.ଏ.)

ଅଲାରନାଥଙ୍କ ଦର୍ଶନରେ ବାଧକ ସାଜୁଛି ବଜାରର ଡ୍ରେନେଜ ପାଣି। ସମାନ୍ୟ ବର୍ଷା ହେଲେ ଅଲାରନାଥଙ୍କ ମୁଖ୍ୟ ଫାଠକ ତଥା ଗୋପ ଛକଠାରେ ଜମି ରହୁଛି ନର୍ଦ୍ଦମା ପାଣି। ଏହି ସମସ୍ୟା ଦୀର୍ଘ ଦିନର ହେଲେ ମଧ୍ୟ ଏଥିପ୍ରତି ପ୍ରଶାସନର କୌଣସି ନିଘା ନାହିଁ। ଯାହା ଫଳରେ ଭକ୍ତମାନଙ୍କୁ ଏହି ନର୍ଦ୍ଦମା ପାଣିରେ ପଶି ମନ୍ଦିରକୁ ଯିବାକୁ ପଡୁଛି। ଦୁରଦୁରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନେ ନାକଚେକି ମନ୍ଦିରକୁ ଯାଉଛନ୍ତି। ପ୍ରକାଶ ଥାଉକି, ଅଣସର ସମୟରେ ଅଲାରନାଥ ମନ୍ଦିରକୁ ଯିବାପାଇଁ ଟ୍ରାଫିକ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଫଳରେ ମନ୍ଦିରର ମୁଖ୍ୟ ଫାଟକଠାରୁ ଶ୍ରଦ୍ଧାଳୁମାନେ ଚାଲି ଚାଲି ମନ୍ଦିର ପର୍ଯ୍ୟନ୍ତ ଯିବାକୁ ପଡୁଛି। ଗୁରୁବାର ସକାଳୁ ବର୍ଷା ହେବାରୁ ଏହି ଫାଟକ ନିକଟରେ ବଜାରର ନର୍ଦ୍ଦମା ପାଣି ଜମି ରହିଥିଲା।

### ତୃତୀୟ ଦିନରେ ଅଣସର ଦର୍ଶନ

## ବର୍ଷା ସତ୍ତ୍ୱେ ଭକ୍ତଙ୍କ ପ୍ରବଳ ଗହଳି

ବ୍ରହ୍ମଗିରି, ୨୦।୬(ଡି.ଏନ୍.ଏ.)

ଯୁଗେ ଯୁଗେ ଭକ୍ତ ପାଇଁ ଲୀଳାମୟ ଅପୂର୍ବ ଲୀଳା ରଚନା କରି କେତେବେଳେ ରାମ, କେତେ ବେଳେ କୃଷ୍ଣ ତ କେତେବେଳେ ଜଗନ୍ନାଥ ରୂପ ଧାରଣ କରନ୍ତି। ପୁଣି ମହାପ୍ରଭୁଙ୍କ ଆଉଏକ ଲୀଳା ଚାଲିଛି ବ୍ରହ୍ମଗିରିର ଅଲାରନାଥ ପୀଠରେ। ଗୁରୁବାର ଅଣସର ଦର୍ଶନ ତୃତୀୟ ଦିନରେ ପହଞ୍ଚିଛି। ଭଗବାନଙ୍କୁ ପାଇବା ପାଇଁ ଭକ୍ତମାନେ ବହୁ ଦୂରଦୂରାନ୍ତରୁ ଏହି ପୀଠକୁ ଧାଇଁ ଆସୁଛନ୍ତି। ଗୁରୁବାର ବର୍ଷାକୁ ଖାତିର ନ କରି ଧାଡିରେ ରହି ଦର୍ଶନ ପାଇଁ ଭକ୍ତମାନେ ଅପେକ୍ଷା କରିଥିଲେ। ରାତି ୪ଟାରୁ ମନ୍ଦିର ଦ୍ୱାର ଖୋଲାଯାଇ ସକାଳ ୬ଟାରେ ସର୍ବସାଧାରଣ ଦର୍ଶନ ହୋଇଥିଲା। ସକାଳ ଧୂପ, ଦ୍ୱିପ୍ରହର ଧୂପରେ କେବଳ ଖିରି ପ୍ରସାଦ ଭୋଗ ହୋଇ ଦିନ ୨ଟା ୩୦ରେ ପହୁଡ ପଡିଥିଲା। ପୁନଃ ୨ଟା ୪୫ରେ ଚିଆଁ ପହୁଡ ନୀତି ହୋଇ ସର୍ବସାଧାରଣ ଦର୍ଶନ ହୋଇଥିଲା। ସନ୍ଧ୍ୟା ୭ଟା୧୦ ରେ ସନ୍ଧ୍ୟା ଆଳତୀ, ରାତି ୮ଟାରେ ମଇଲମ, ୮ଟା୩୦ରେ ସର୍ବସାଧାରଣ ଦର୍ଶନ, ରାତି ୧୦ଟା ୨୦ରେ ସନ୍ଧ୍ୟା ଧୂପ, ଅନ୍ୟାନ୍ୟ ନୀତି ବଢି ରାତି ୧୦ଟା ୫୦ରେ ବଡସିଂହାର ବେଶ ହେବା ପରେ ରାତି ୧୨ଟାରେ ପହୁଡ ହୋଇଥିଲା। ଶ୍ରୀକ୍ଷେତ୍ରର ଆନନ୍ଦ ବଜାର ଭଳି ଏଠାରେ ଶ୍ରଦ୍ଧାଳୁ ମାନେ ଅଲାରନାଥଙ୍କ ଆନନ୍ଦ ବଜାରରେ ମହାପ୍ରସାଦ ପାଇ ଆତ୍ମତୃପ୍ତି ଲାଭ କରୁଛନ୍ତି।



# ଶିବ ମନ୍ଦିରରେ ଶ୍ରୀପତିତପାବନ

**ଐତିହ୍ୟ ପୃଷ୍ଠାରୁ...**

ଡ. ସୁରେନ୍ଦ୍ର କୁମାର ମିଶ୍ର

କୋଣାର୍କରେ ଶ୍ରୀପଦ୍ମକେଶରୀ ମନ୍ଦିର ନିର୍ମାଣ ସହିତ ପଥରବୁହା ନଦୀ ଜଡ଼ିତ। ଏହି ନଦୀପଥରେ ବଡ଼ ବଡ଼ ପଥରଖଣ୍ଡ ବୁହାହୋଇ ଅର୍କକ୍ଷେତ୍ରର ଉତ୍ତର ଦିଗରେ ଥିବା ପଥରପଦାଠାରେ ରଖାଯାଉଥିଲା। ପଥରପଦା ଏକ ଐତିହ୍ୟ ଗ୍ରାମ ରୂପେ ଆଜି ବି ଲୋକମୁଖରେ ପରିଚିତ। ଏହି ପଥରବୁହା ନଦୀ ଦାଢରେ ପ୍ରାଚୀନ କାଳରୁ ଶ୍ରୀଦକ୍ଷେଶ୍ୱର ମନ୍ଦିର ରହିଥିଲା। ଗୋପ-କୋଣାର୍କ ରାସ୍ତାର ଏରବଙ୍ଗଠାରୁ ଦକ୍ଷିଣ ଦିଗରେ ମାଇଲିଏ ବାଟ ଦୂରରେ ଏହି ମନ୍ଦିର ଆଜି ଶ୍ରୀଶିବ ମନ୍ଦିର ଭାବରେ ଚଳଚଞ୍ଚଳ। ମନ୍ଦିରଟି ୫ଟି ଉପାସନାର ମିଳନସ୍ଥଳ। ଶିବ ଉପାସନାର ବୃଷଭ, ବିଷ୍ଣୁ ଉପାସନାର ଗରୁଡ଼, ସୂର୍ଯ୍ୟ ଉପାସନାର ଶ୍ରୀବିରଞ୍ଚି ନାରାୟଣ, ଦେବୀ ଉପାସନାର ମା' ବିନ୍ଧ୍ୟବାସିନୀ ଏବଂ ଗାଣପତ୍ୟ ଉପାସନାର ଶ୍ରୀଗଣେଶ ଏଠାରେ ଉପାସିତ ହେଉଥିବାର ଦେଖାଯାଏ। ଶ୍ରୀଦକ୍ଷେଶ୍ୱର ମନ୍ଦିର ଭାବେ ପରିଚିତ ଥିବା ଏହି ମନ୍ଦିର କାଳପ୍ରବାହରେ ଶ୍ରୀଦକ୍ଷିଣେଶ୍ୱର ମନ୍ଦିର ନାମରେ ଆଜି ପରିଚିତ।

ଅନୁସନ୍ଧାନରୁ ସମ୍ଭାବନା, ହୁଲ ବାଣପୁରଠାରେ ସପ୍ତମ ଶତାବ୍ଦୀରେ ନିର୍ମିତ ଶ୍ରୀଦକ୍ଷେଶ୍ୱର ମନ୍ଦିରର ସମସାମୟିକ ଏହି ମନ୍ଦିର। ହାରାହାରି କୋଣାର୍କଠାରେ ଗଜପତି ଲାଙ୍ଗୁଳା ନରସିଂହ ଦେବ ମନ୍ଦିର ନିର୍ମାଣ କରିବାର ୬୦୦ ବର୍ଷ ପୂର୍ବରୁ ଏହି ମନ୍ଦିର ନିର୍ମିତ ହୋଇଥିଲା। କେବେ କିପରି ଶ୍ରୀଦକ୍ଷେଶ୍ୱର ଶ୍ରୀଦକ୍ଷିଣେଶ୍ୱର ଭାବେ ପ୍ରସିଦ୍ଧ ହେଲେ ତାହା ଜଣାପଡ଼ିନାହିଁ। ବାହନ ହଂସଙ୍କ ଉପାସନା ଏହାର ପ୍ରାଚୀନତାକୁ ସ୍ପଷ୍ଟ କରିଥାଏ। ପ୍ରଜାପତି ବ୍ରହ୍ମାଙ୍କର ଉପାସନା ପ୍ରାଚୀନ କାଳରୁ ଓଡ଼ିଶାରେ ପ୍ରଚଳିତ ଥିବାର ସମ୍ଭାବନା ହୁଏ। ଶ୍ରୀଦକ୍ଷେଶ୍ୱର ଉପାସିତ ହେଉଥିଲେ ପ୍ରଜାପତିଙ୍କର ଅନ୍ୟତମ ପ୍ରତିଭୂ ଭାବରେ। ମନେହୁଏ ବ୍ରହ୍ମାଙ୍କ ଉପାସନା ସମାଜରେ ପରିତ୍ୟକ୍ତ ହେବା ପରେ ଶ୍ରୀଦକ୍ଷେଶ୍ୱରଙ୍କୁ ଦେବଦେବ ମହାଦେବ ଭାବରେ ଲୋକ ପରମ୍ପରାରେ ଗ୍ରହଣ କରାଯାଇଛି।

ଏରବଙ୍ଗ ଏବେ ଓଡ଼ିଶାର ଏକ ଐତିହ୍ୟସ୍ଥଳ ଭାବେ ପ୍ରସିଦ୍ଧ। ଏହି ମାଟିରେ ଜନ୍ମ ନେଇଥିଲେ ମହାପୁରୁଷ ବଳରାମ ଦାସ। ଶ୍ରୀକ୍ଷେତ୍ରଠାରୁ ଦୂରେଇ ଯିବା ପରେ ଏଇଠି ସେ ଚତୁର୍ଦ୍ଧାବିଗ୍ରହଙ୍କୁ ପ୍ରତିଷ୍ଠା କରି ଏକ ମନ୍ଦିର ତୋଳି ନୂତନ ଶ୍ରୀକ୍ଷେତ୍ର ସୃଷ୍ଟି କରି ସାଧନାମଗ୍ନ ରହୁଥିଲେ। ସେହି ମନ୍ଦିର ଏବେ ଭବ୍ୟ ମନ୍ଦିର ଭାବରେ ଚଳଚଞ୍ଚଳ। ଐତିହ୍ୟ ଅଛି, ଜୀବନର ଶେଷ ସମୟରେ ମହାପୁରୁଷ ବଳରାମ ଶ୍ରୀକ୍ଷେତ୍ର ଛାଡ଼ି ଚନ୍ଦ୍ରପୁରଠାରେ ଶ୍ରୀଚତୁର୍ଦ୍ଧାବିଗ୍ରହଙ୍କର ଉପାସନା କରି ଅବସ୍ଥାନ କରୁଥିଲେ। ଚନ୍ଦ୍ରପୁର ଥିଲା ଏରବଙ୍ଗର ପ୍ରାଚୀନ ନାମ। ଜୀବନର ଶେଷ ସମୟ ଜାଣିପାରି ସାଧକ ବଳରାମ ଶ୍ରୀକ୍ଷେତ୍ର ଆସିବାକୁ ସ୍ଥିର କରି ଗାଁ ଛାଡ଼ିଥିଲେ। ପଥରବୁହା ନଦୀ ଓ କୁଶଭଦ୍ରା ନଦୀର ମଧ୍ୟଭାଗ ଅରଣ୍ୟବେଷ୍ଟିତ ସ୍ଥାନରେ ପହଞ୍ଚିବା ପରେ ଚାଲିବା କ୍ଷମତା ହରାଇଥିଲେ। ଶେଷ ସମୟରେ ମହାପ୍ରଭୁ ତାଙ୍କୁ ଦର୍ଶନ ଦେଇଥିଲେ। ମହାପ୍ରଭୁଙ୍କୁ ଦେଖିବା ପରେ ତାଙ୍କ ଆଖି ଏଣେତେଣେ କିଛି ଖୋଜିଥିଲା। ସେ ଖୋଜୁଥିଲେ ସାଆନ୍ତାଣୀଙ୍କୁ। ଦେଖିଲେ ମଧ। ହାତଯୋଡ଼ି ହୋଇଗଲା। ଶୁଭିଲା-ବଳରାମ! ତୁମକୁ କ୍ଷେତ୍ର ପ୍ରାପ୍ତି ହେବନାହିଁ ବୋଲି କହିଥିଲି, ଦେଖିଲ ତ ! ସନ୍ଥ ବଳରାମଙ୍କ ତୁଣ୍ଡରୁ ବାହାରି ଆସିଥିଲା- ମୋ ପ୍ରଭୁ ଯେଉଁଠି, ମା ସାଆନ୍ତାଣୀ ସେଇଠି। ଏଇତ କ୍ଷେତ୍ର ! ପାଇଲି... ପୁଣି ପାଇଲି...।

ସେଇ ସ୍ଥାନରେ ମହାପୁରୁଷ ସମାଧି ନେଇଥିଲେ। ସମାଧିପୀଠ ନାମରେ ତାହା ଆଜି ପ୍ରସିଦ୍ଧ। ମହାପ୍ରଭୁ ଆସିଥିବାର ପ୍ରମାଣ ସ୍ୱରୂପ ଶ୍ରୀଦକ୍ଷେଶ୍ୱର ମନ୍ଦିରରେ ଏକ ଅଭିନବ ପରମ୍ପରା ସୃଷ୍ଟି ହୋଇଛି। ସେ ବ୍ରହ୍ମା ହୁଅନ୍ତୁ କି ଶିବ, ପ୍ରବେଶ ପଥରେ ସ୍ୱୟଂ ମହାପ୍ରଭୁ ଶ୍ରୀପତିତପାବନ ରୂପରେ ବିଜେ କରିଛନ୍ତି। ଏହି ପରମ୍ପରା ଓଡ଼ିଶାରେ ଅନ୍ୟତ୍ର ନାହିଁ, ତଥାପି ଏଠାରେ ମହାପ୍ରଭୁଙ୍କ ଆଗମନ ସ୍ମୃତି ସ୍ୱରୂପ ମନ୍ଦିରର ପ୍ରବେଶ ଦ୍ୱାର ଡେଇଁଲେ ବାମପଟେ ଶ୍ରୀପତିତପାବନ ପୂଜା ପାଉଛନ୍ତି। ଏରବଙ୍ଗରେ ମହାପୁରୁଷ ବଳରାମଙ୍କ ପ୍ରତିଷ୍ଠିତ ମନ୍ଦିରରେ ନବକଳେବର ହେଲେ ସଂଗୃହୀତ ଦାରୁରେ ଶ୍ରୀପତିତପାବନଙ୍କର ମଧ୍ୟ ନବକଳେବର ହୁଏ। ସେତେବେଳେ ଚନ୍ଦ୍ରପୁରର ମାଟି ଥିଲା ସାଂସ୍କୃତିକ ଏକତାର ବିକାଶ ଭୂମି । ଜାତି-ବର୍ଣ୍ଣ ନିର୍ବିଶେଷରେ ସହାବସ୍ଥାନର ବାର୍ତ୍ତା ଦେଉଥିବା ଗୌରବମୟ ଐତିହ୍ୟର ଭୂମି ହେଉଛି ବର୍ତ୍ତମାନର ଏରବଙ୍ଗ ।


ଦକ୍ଷିଣେଶ୍ୱର ମନ୍ଦିର


ଋଷି ପଟ୍ଟଚିତ୍ର ଅଙ୍କନ କରୁଛନ୍ତି ଚିତ୍ରକର ସେବକ

# ତିନି ରଥରେ ଯାତ୍ରା କରନ୍ତି ଋଷିବୃନ୍ଦ

ପୁରୀ ଅଫିସ,୨୦।୬

ଶ୍ରୀଜଗନ୍ନାଥ ଯୁଗ ଯୁଗ ଧରି ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଲୀଳା କରିଆସୁଛନ୍ତି। ଶ୍ରୀଗୁଣ୍ଡିଚା ଯାତ୍ରା ହେଉଛି ଚତୁର୍ଦ୍ଧାବିଗ୍ରହଙ୍କ ଏକ ଅନନ୍ୟ ଲୀଳା। ପ୍ରତିବର୍ଷ ମହାପ୍ରଭୁ ନିଜର ଜନ୍ମସ୍ଥାନ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରାରେ ଯାଇଥାନ୍ତି। ଏଥିପାଇଁ ନିର୍ମାଣ ହୋଇଥାଏ ୩ଟି ରଥ। ଚଳିତବର୍ଷ ରଥଯାତ୍ରା ପାଇଁ ରଥଖଳାରେ ୩ ରଥ ନିର୍ମାଣ କରାଯାଉଛି। ରଥଯାତ୍ରା ସରିବା ପରେ ରଥଗୁଡ଼ିକୁ ଭାଙ୍ଗି ଦିଆଯାଏ ଏବଂ ପୁନଶ୍ଚ ଆଗାମୀ ବର୍ଷରେ ନୂଆ ରଥ ନିର୍ମାଣ କରାଯାଏ। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ ରଥରେ ଭଉଣୀ ଭାଇଙ୍କୁ ସାଙ୍ଗରେ ନେଇ ନ ଥାନ୍ତି, ଅନେକ ଦେବଦେବୀ ଏବଂ ଋଷିଙ୍କୁ ମଧ୍ୟ ନେଇଥାନ୍ତି। ରଥରେ ଏମାନେ ସ୍ୱତନ୍ତ୍ର ସ୍ଥାନରେ ଅବସ୍ଥାନ କରିଥାନ୍ତି। ରଥଗୁଡ଼ିକର ନିର୍ମାଣ ଶୈଳୀ ସ୍ୱତନ୍ତ୍ର। ଚକଠାରୁ ଆରମ୍ଭ କରି ପତାକା ପର୍ଯ୍ୟନ୍ତ ରଥର ୩୪ଟି ଅଂଶ ରହିଥାଏ। ଏଥିମଧ୍ୟରେ ୫ଟି ପଟା ବ୍ୟବହାର ହୋଇଥାଏ। ଏହି ପଟାଗୁଡ଼ିକ ହେଲା ହଂସପଟା, ଗାଈପଟା, କୁମ୍ଭପଟା, ରାହୁପଟା ଓ ଋଷିପଟା। ଏଥିମଧ୍ୟରୁ ଋଷିପଟା ଅନ୍ୟତମ। ରଥ ନିର୍ମାଣ ସମୟରେ ଚିତ୍ରକର ସେବକ ପଟାରେ ଋଷିମାନଙ୍କର ଚିତ୍ର ଆଙ୍କିଥାନ୍ତି।

ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଋଷିପଟାରେ ଅନେକ ଋଷି ଅବସ୍ଥାନ କରିଥାନ୍ତି। ପ୍ରତ୍ୟେକ ରଥର ଉପର ଅଂଶରେ ଋଷିପଟା ରହିଥାଏ। ଶ୍ରୀବଳଭଦ୍ରଙ୍କ ରଥ ତାଳଧ୍ୱଜର ଋଷିପଟାରେ ୮ଜଣ ଋଷି ଅବସ୍ଥାନ କରିଥାନ୍ତି। ସେମାନେ ହେଲେ ଅଙ୍ଗିରା, ପୌଲସ୍ତ୍ୟ, କୁଳହ, ଅଗସ୍ତି, କୃଷ୍ଣ, ମୁଦ୍‌ଗଲ, ଆତ୍ରେୟ ଓ କାଶ୍ୟପ। ସେହିଭଳି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ଋଷିପଟାରେ ଅଷ୍ଟଋଶି ଅବସ୍ଥାନ କରିଥାନ୍ତି। ସେମାନେ ହେଲେ ନାରଦ, ଦେବଳ, ବ୍ୟାସ, ଶୁକଦେବ, ପରାସର, ବଶିଷ୍ଠ, ବିଶ୍ୱାମିତ୍ର ଓ ରୁଦ୍ର। ମତାନ୍ତରେ ଏହି ଅଷ୍ଟଋଷିଙ୍କ ନାମ ହେଉଛି ଅମ୍ବରୀଶ, ଜୈମିନୀ, ନାରଦ, ଅଙ୍ଗିରା, ପଣ୍ଡୁ, ମାର୍କଣ୍ଡେୟ, ପୌଲସ୍ତ୍ୟ ଓ ଭାର୍ଗବ । ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ଋଷିପଟାରେ ଭୃଗୁ, ସୁପ୍ରଭ, ବଜ୍ର, ଶୃଙ୍ଗୀ, ଧ୍ରୁବ, ଉଲୁକ ଓ ପ୍ରବର୍ତ୍ତକ ଋଷିମଣ୍ଡଳ ଅବସ୍ଥାନ କରିଥାନ୍ତି। ଏହି ଋଷିମାନେ ରଥରେ ଠାକୁରମାନଙ୍କ ସହ ମହାଆନନ୍ଦରେ ଯାତ୍ରା କରି ନିଜ ଜୀବନକୁ ଧନ୍ୟ ମଣିଥାନ୍ତି। ଋଷିମାନଙ୍କ ଉପରେ ଦାରୁରୂପୀ ଚତୁର୍ଦ୍ଧାବିଗ୍ରହଙ୍କ ଅପାର କରୁଣା ରହିଛି। ଯାହାଫଳରେ ଏହି ପୁଣ୍ୟାତ୍ମା ଋଷିମାନଙ୍କୁ ନିଜର ଅତି ଆମୋଦ ଦାୟକ ଯାତ୍ରାରେ ସେ ସାମିଲ କରିଛନ୍ତି ବୋଲି ଗବେଷକ ଡ. ଦାଶ ମତବ୍ୟକ୍ତ କରିଛନ୍ତି।

ରଥଖଳାରୁ...



## ରଥ ପାର୍ଶ୍ୱ ଦେବଦେବୀଙ୍କ ରଙ୍ଗ କାମ ଅନୁକୂଳ

ପୁରୀ ଅଫିସ,୨୦।୬

ତିନି ଠାକୁରଙ୍କ ଲାଗି ଚାଲିଛି ରଥ ନିର୍ମାଣ। ଚଳଚଞ୍ଚଳ ରଥଖଳା। ରଥଯାତ୍ରାରେ ଚିତ୍ରକର ସେବାର ଏକ ବିଶେଷ ଭୂମିକା ରହିଛି। ରଥଚକଠାରୁ କଳସ ପର୍ଯ୍ୟନ୍ତ ସବୁକୁ ଚିତ୍ରକରମାନେ ଚିତ୍ରିତ କରନ୍ତି। ଗୁରୁବାରଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଚିତ୍ରକାରମାନେ ରଥକାମରେ ଯୋଗଦେଇଛନ୍ତି। ତାଳଧ୍ୱଜ ଓ ଦର୍ପଦଳନ ରଥର ମୁଖ୍ୟ ଚିତ୍ରକର ଅନନ୍ତ ମହାରଣା ଏବଂ ନନ୍ଦିଘୋଷ ରଥର ମୁଖ୍ୟ ଚିତ୍ରକର ନାରାୟଣ ମହାରଣାଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି ରଥ ପାର୍ଶ୍ୱ ଦେବଦେବୀ, ଶିଖର ଡମ୍ବରୁ ପ୍ରଭୃତିଙ୍କ ରଙ୍ଗ କାମ। ପ୍ରଥମ ଦିବସରେ ତିନି ରଥର ପାର୍ଶ୍ୱ ଦେବଦେବୀ, ନର୍ତ୍ତକୀ, ଶିଖର ଡମ୍ବରୁ ପ୍ରଭୃତିଙ୍କ ରଙ୍ଗକାମ ଆରମ୍ଭ ହୋଇଛି ବୋଲି ନନ୍ଦିଘୋଷ ରଥ ଚିତ୍ରକର ସେବକ ଦେବଦତ୍ତ ମହାରଣା କହିଛନ୍ତି। ସେ କହିଛନ୍ତି, ଏହି କାମ ନବଯୌବନ ଦର୍ଶନ ପର୍ଯ୍ୟନ୍ତ ଚାଲିବ। ରଙ୍ଗକାମ ପାରମ୍ପରିକ ଭାବେ ଧଳା, କଳା, ସବୁଜ, ନୀଳ ଓ ହଳଦିଆ ଏହି ଭଳି ୬ଟି ମୌଳିକ ରଙ୍ଗରେ ଚିତ୍ରିତ କରାଯାଏ। ପାର୍ଶ୍ୱଦେବଦେବୀଙ୍କ ସମେତ ସାରଥି, ଘୋଡ଼ା, ରଥ ଚକ, କଣଗୁଜ, ପଟାଗୁଜ, ନାଟଗୋଡ଼, ହଂସପଟା, ସଖୀପଟା, ସ୍ତମ୍ଭ, ଋଷିପଟା, ଓଲଟ ଶୁଆ, କଳସ ପ୍ରଭୃତି ରଥ ପରମ୍ପରା ଅନୁଯାୟୀ ସମସ୍ତ ଚିତ୍ର କରାଯାଏ।



### ଚିତ୍ରକାର ସେବା

ଐତିହ୍ୟ ଗବେଷକ ଦେବୀ ନନ୍ଦ କହନ୍ତି, ଶ୍ରୀମନ୍ଦିର ସ୍ୱତ୍ୱଲିପିର ୮୭ ସଂଖ୍ୟାରେ ଚିତ୍ରକାର ସେବା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସମ୍ପୃକ୍ତ ଚିତ୍ରକର ସେବକ ତିନି ବାଡ଼ରେ ବିଭକ୍ତ ହୋଇ ଏହି ସେବା କରନ୍ତି। ପ୍ରତି ବାଡ଼ର ମୁଖ୍ୟ ଶାଢି ବନ୍ଧାଇ ସେବା କାର୍ଯ୍ୟ କରନ୍ତି। ଚିତ୍ରକରମାନେ ପୁରୀ ସହରସ୍ଥ ଚିତ୍ରକର ସାହି, ବାସେଳି ସାହି ପଣାପ୍ରିୟା ଗଳି ଏବଂ ହରଚଣ୍ଡୀ ସାହିରେ ରୁହନ୍ତି। ଶ୍ରୀମନ୍ଦିରରେ ଏମାନଙ୍କ ବିଶେଷ ସେବା ରହିଛି। ଜ୍ୟେଷ୍ଠ ପୂର୍ଣ୍ଣମୀ ବା ସ୍ନାନପୂର୍ଣ୍ଣମୀରେ ସ୍ନାନବେଦିରେ ତିନୋଟି ପଦ୍ମ କୁସୁମ (ଓଲଟ ପଦ୍ମ) ଅଙ୍କନ କରନ୍ତି। ଦେବସ୍ନାନ ପୂର୍ଣ୍ଣମୀଠାରୁ ନବଯୌବନ ଦର୍ଶନ (ଶ୍ରୀଗୁଣ୍ଡିଚା ଯାତ୍ରା ପୂର୍ବଦିନ) ପର୍ଯ୍ୟନ୍ତ ଠାକୁରମାନେ ଅଣସର ଘରେ ରହନ୍ତି। ଏହି ସମୟରେ ତିନି ଠାକୁରଙ୍କ ପ୍ରତିନିଧି ସ୍ୱରୂପ ପଟିଦିଅଁ(ଅଣସର ପଟି) ପୂଜା ପାଆନ୍ତି। ଏହାକୁ ଚିତ୍ରକାର ସେବକମାନେ ପାରମ୍ପରିକ ରୀତିରେ ପ୍ରସ୍ତୁତ କରିଥାନ୍ତି। ରଥଯାତ୍ରାରେ ପାର୍ଶ୍ୱଦେବଦେବୀ ଏବଂ ଅନ୍ୟାନ୍ୟ ରଙ୍ଗ କରନ୍ତି। ଏତଦ୍‌ବ୍ୟତୀତ ଝୁଲଣ ଯାତ୍ରା, ଶ୍ରୀକୃଷ୍ଣ ଜନ୍ମନୀତି, ଶ୍ରୀବାମନ ଜନ୍ମନୀତି, ଦେବୀ ଉପାସନା, ଦଶହରା, ଗଜ ଉଦ୍ଧାରଣ ବେଶ, ଦୋଳଯାତ୍ରା, ଚନ୍ଦନଯାତ୍ରା ସମେତ ରୁକ୍ମିଣୀ ବିବାହରେ ମାଜଣା ମଣ୍ଡପକୁ ସୁନ୍ଦର ଭାବେ ଚିତ୍ର କରିଥାନ୍ତି। ଶ୍ରୀମନ୍ଦିର ସମ୍ପର୍କିତ ଚିତ୍ର ସେବା ବ୍ୟତୀତ ଚିତ୍ରକାରମାନେ ପୁରୀ ସହରର ଅନ୍ୟାନ୍ୟ ମଠ, ମନ୍ଦିର, ଜାଗା ଘରଗୁଡ଼ିକରେ ମଧ୍ୟ ଆବଶ୍ୟକ ସ୍ଥଳେ ଚିତ୍ର ଅଙ୍କନ କରନ୍ତି ବୋଲି ନନ୍ଦ ପ୍ରକାଶ କରିଛନ୍ତି।

## ତିନି ରଥର ନାଟଗୋଡ଼ କାମ ଆରମ୍ଭ

ପୁରୀ ଅଫିସ,୨୦।୬

ଶ୍ରୀନଅର ସମ୍ମୁଖରେ ଚାଲିଛି ରଥକାମ। ଗୁରୁବାର ସୁଦ୍ଧା ତାଳଧ୍ୱଜ ଓ ଦର୍ପଦଳନ ରଥ ଛନ୍ଦା ଗୟଲ ମୋଡ଼ା ସରିଥିବାବେଳେ ନନ୍ଦିଘୋଷ ରଥର ଛନ୍ଦା ଗୟଲ ମୋଡ଼ା ଚାଲିଛି। ଅନ୍ୟପଟେ ନାଟଗୋଡ଼ ଏବଂ ରଥର ପାର୍ଶ୍ୱ ଦେବଦେବୀ ରଙ୍ଗ କାମ ଆରମ୍ଭ ହୋଇଛି। ରଥ ଅମିନ ଲକ୍ଷ୍ମଣ ମହାରଣା କହିଛନ୍ତି, ନାଟଗୋଡ଼ ପାଇଁ ରଥଖଳାରେ ତିନିରଥର ଦୁଇଟି ଲେଖାଏ ୧୨ଫୁଟିଆ ଅସନ କାଠ ପଡ଼ିଛି। ତାଳଧ୍ୱଜ ରଥର ରୂପକାର ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ତିନି ରଥର ୪୪ଟି କଣଗୁଜ ସରିବା ପରେ ପଟାଗୁଜ ଖୋଦେଇ ଚାଲିଛି। ଗୁରୁବାରଠାରୁ ନାଟଗୋଡ଼ କାମ ଆରମ୍ଭ ହୋଇଛି। ତିନିରଥ ଲାଗି ୮ଟି ଲେଖାଏ ଅର୍ଥାତ ମୋଟ ୨୪ଟି ନାଟଗୋଡ଼ ତିଆରି କରାଯିବ। ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଦୁଇଟି ଲେଖାଏ ନାଟଗୋଡ଼ କାମ ଆରମ୍ଭ ହୋଇଛି। ପ୍ରଥମେ ଖଡ଼ିରେ ଗାରେଇ ଚିତ୍ର ଅଙ୍କନ କରାଯାଏ। ପରେ ସେଥିରେ ଖୋଦେଇ କରାଯାଏ। ଏଥିରେ ଜଣେ ଅସୁରର ଚିତ୍ର ଖୋଦେଇ କରାଯିବ। ଏହାର ଗୋଡ଼ ତଳକୁ, ମୁଣ୍ଡ ମଝିରେ ଓ ଉପରେ ହାତ ରହିବ। ଏହି ଅସୁରର ଗୋଟିଏ ହାତରେ ଧନୁ ଓ ଆଉ ଗୋଟିଏ ହାତରେ ଖଣ୍ଡା ରହିବ। ଠାକୁରଙ୍କୁ ସୁରକ୍ଷା ଦେବା ଲାଗି ଚାରିଦ୍ୱାରରେ ଏହି ଅସୁରମାନେ ଦଣ୍ଡାୟମାନ ହୋଇଥାନ୍ତି। ଅନ୍ୟପଟେ ଦୋଳବେଦି କମାରଶାଳରେ କମାର ସେବକମାନେ କଣ୍ଟା ତିଆରି କାମ ଜାରି ରଖିଛନ୍ତି।



## ‘୯ବର୍ଷ ବୟସରୁ ରଙ୍ଗ, ତୂଳୀକୁ ନେଇ ସ୍ୱପ୍ନ ଦେଖୁଥିଲି’



ଦେବଦତ୍ତ ମହାରଣା

ମୋ ଅନୁଭୂତିରୁ....

ନନ୍ଦିଘୋଷ ରଥର ଚିତ୍ରକାର ସେବକ ହେଉଛନ୍ତି ପୁରୀ ବାସେଳିସାହି ପଣାପ୍ରିୟା ଲେନ୍‌ର ଦେବଦତ୍ତ ମହାରଣା। ବାପା ନାରାୟଣ ବେହେରା ହେଉଛନ୍ତି ଶ୍ରୀଜଗନ୍ନାଥଙ୍କ ଶାଢିବନ୍ଧା ଚିତ୍ରକାର ସେବକ। ଅଣସର ସମୟରେ ଶ୍ରୀଗନ୍ନାଥଙ୍କ ପଟିଚିତ୍ର ତାଙ୍କ ଘରେ ପ୍ରସ୍ତୁତ ହୋଇଥାଏ। ଦେବଦତ୍ତ କହନ୍ତି, ଚିତ୍ରକର ସେବା ହେଉଛି ଆମ ପରିବାରର ପାରମ୍ପରିକ ସେବା। ଏଥିପ୍ରତି ପିଲାଟି ଦିନରୁ ମୋର ଆଗ୍ରହ ସୃଷ୍ଟି ହୋଇଥିଲା। ୯ବର୍ଷ ବୟସରେ ରଙ୍ଗ, ତୂଳୀକୁ ନେଇ ସ୍ୱପ୍ନ ଦେଖୁଥିଲି। ବିଶେଷକରି ବାପା ଓ ଜେଜେଙ୍କ ପ୍ରେରଣା ଏବଂ ମାମୁଁଙ୍କ ରଙ୍ଗ, ତୂଳୀ ଧରିବା ଶୈଳୀର ଶିକ୍ଷା ମୋତେ ବଡ଼ ଚିତ୍ରଶିଳ୍ପୀ ହେବାର ବାଟ ଦେଖାଇଥିଲା। ମହାପ୍ରଭୁଙ୍କ ସେବାରୁ ଅତି ଆନନ୍ଦ ମିଳେ। ଏହି ସମୟକୁ ମୁଁ ଖୁସିର ସହ ଅପେକ୍ଷା କରିଥାଏ।



ଜମ୍ମୁ କଶ୍ମୀର ଅନନ୍ତନାଗ ଅଞ୍ଚଳରେ ଆତଙ୍କବାଦୀଙ୍କ ଆଇଡି ବିସ୍ଫୋରଣରେ ଶହୀଦ ହୋଇଥିବା ଓଡିଆ ଯବାନ ଅଜିତ କୁମାର ସାହୁ ଭୁବନେଶ୍ୱରରେ ପହଞ୍ଚିବା ପରେ ୧୨୦ ବାଟାଲିୟନଠାରେ ଗୁରୁବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

## ରିସର୍ଚ୍ଚ ସେଣ୍ଟର କରିବ ସ୍ୟାକ୍ ରୋବଟିକ୍ସ ସ୍କୁଲ

ଭୁବନେଶ୍ୱର, ୨୦।୬(ବ୍ୟୁରୋ)

ସ୍ଥାନୀୟ ଷ୍ଟାର୍ଟଅପ୍ କମ୍ପାନୀ ସ୍ୟାକ୍ ରୋବଟିକ୍ସ ସ୍କୁଲ ରିସର୍ଚ୍ଚ ସେଣ୍ଟର ଆରମ୍ଭ କରିବା ନେଇ ଘୋଷଣା କରିଛି। ସ୍ୟାକ ରୋବଟିକ୍ସ ରୋବଟିକ୍ ଶିକ୍ଷା ପ୍ରଦାନ କ୍ଷେତ୍ରରେ କାର୍ଯ୍ୟ କରିବା ସହ ରୋବର୍ଟ ଖେଳନା, ରୋବର୍ଟ ଡିଆଇୱାଇ କିକ୍ ଏବଂ ରୋବର୍ଟ ଡିଜାଇନ୍, ଡେଭଲପ, ରିସର୍ଚ୍ଚ କରିବା ସହ ବିକ୍ରୟ ମଧ୍ୟ କରିଥାଏ। ଗୁରୁବାର ଏ ବିଷୟ ଘୋଷଣା କରି ସ୍ୟାକ୍ ରୋବଟିକ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ସାକ୍ୟସିଂହ ମହାପାତ୍ର କହିଥିଲେ, ସ୍ୟାକ୍ ରୋବଟିକ୍ସ ପ୍ରାଇଭେଟ୍ ଲିମିଟେଡ୍ ଷ୍ଟାର୍ଟଅପ୍ ଓଡିଶା ଏବଂ ଷ୍ଟାର୍ଟଅପ୍ ଇଣ୍ଡିଆର ରେଜିଷ୍ଟ୍ରିଭୁକ୍ତ କମ୍ପାନୀ। ଯାହାକି ରୋବଟିକ୍ ରିସର୍ଚ୍ଚ ଏବଂ ଶିକ୍ଷା ସହ ଯୁକ୍ତ। ସାରା ଭାରତରେ ଏକ ଲକ୍ଷ୍ୟରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ରୋବଟିକ୍ସ ଶିକ୍ଷା ପ୍ରଦାନ କରୁଛୁ। ଏହି ମର୍ମରେ ଆମେ ସ୍ୟାକ୍ ରୋବଟିକ୍ସ ରିସର୍ଚ୍ଚ ସ୍ୟାକ୍, ରୋବଟିକ୍ସ ରିସର୍ଚ୍ଚ ସେଣ୍ଟର ଆରମ୍ଭ କରିବା ବିଷୟ ଘୋଷଣା କରିଛୁ ବୋଲି କହିଥିଲେ। ବିଗତଦିନର ଅଭିଜ୍ଞତାରୁ ଆମେ ଲକ୍ଷ୍ୟ କରିଛୁ ଯେ, ଭାରତରେ ରୋବଟିକ୍ସ ଶିକ୍ଷା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। ତେଣୁ ଆମେ ଏହି ରୋବଟିକ୍ସ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ଅନେକ ଦିନ ଧରି ରିସର୍ଚ୍ଚ କରି ସ୍କୁଲ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ଅତୁଳନୀୟ ରୋବଟିକ୍ସ ପାଠ୍ୟକ୍ରମ ପ୍ରସ୍ତୁତ କରିଛୁ ସେ ସକାଶେ ଏକ ରିସର୍ଚ୍ଚ ସେଣ୍ଟର ଖୋଲିବା ଲାଗି ଘୋଷଣା ହୋଇଛି ବୋଲି ସେ କହିଥିଲେ।



## ‘ପାଟଣାଗଡ଼’ ଚଳଚ୍ଚିତ୍ରକୁ କ୍ଲିନ୍ ଚିଟ୍

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ସ୍ତ୍ରୀ ସୌଦାମିନୀ ମେହେର ରେଞ୍ଜି ରୟାଲ ସିନେଲ୍ୟାବ୍ ପକ୍ଷରୁ ପ୍ରସ୍ତୁତ ‘ପାଟଣାଗଡ଼’ ଚଳଚ୍ଚିତ୍ର ନିର୍ମାଣ ନେଇ ଆପତ୍ତି ଉଠାଇଥିଲେ। ଏହାର ଶୁଟିଂ ଉପରେ ରୋକ ଲଗାଇବା ନେଇ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଉଭୟ ପକ୍ଷରୁ ଶୁଣାଣି ପରେ ହଠାତ୍ ଆବେଦନକାରୀ ଉକ୍ତ ମାମଲାକୁ ପ୍ରତ୍ୟାହାର କରିନେଇଥିବା ପ୍ରଯୋଜକ ଶ୍ରୀଧର ମାର୍ଥା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିଚାରପତି ସି.ଆର୍. ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହା ବିଚାରାଧୀନ ଥିଲା। ଉକ୍ତ ମାମଲାରେ ପ୍ରଯୋଜକ ମାର୍ଥାଙ୍କ ପକ୍ଷରୁ ଆଇନଜୀବୀ ଲକ୍ଷ୍ମୀନାରାୟଣ କବିଚନ୍ଦ୍ର, ସଞ୍ଜୟ କୁମାର ଦାସ, ପ୍ରତାପ ନାୟକ, ମଧୁସ୍ମିତା ପ୍ରିୟଦର୍ଶିନୀ ଦେବତା ଓ ଦୀପକ ମିଶ୍ରା ମାମଲା ପରିଚାଳନା କରୁଥିଲେ। ସୂଚନା ମୁତାବକ, ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାକୁ ନେଇ ନିର୍ମାଣ କରାଯାଇଥିବା ଚଳଚ୍ଚିତ୍ର ବିରୋଧରେ ସୌଦାମିନୀ ମେହେର ମାମଲା ଦାଏର କରିଥିଲେ। ମାମଲାର ଶୁଣାଣି ସମୟରେ ସମ୍ପୃକ୍ତ ଚଳଚ୍ଚିତ୍ର ପ୍ରଯୋଜକ ଏବଂ ଓଡ଼ିଶା ଫିଲ୍ମ ଡେଭଲପ୍‌ମେଣ୍ଟ କର୍ପୋରେଶନ ନିଜ ପକ୍ଷ ରଖିଥିଲେ। ଚଳଚ୍ଚିତ୍ର ନିର୍ମାତାଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ଏହି ଚଳଚ୍ଚିତ୍ର ନିର୍ମାଣ କାର୍ଯ୍ୟ ଏକପ୍ରକାର ଶେଷ ହୋଇଛି। ଏପରି ପରିସ୍ଥିତିରେ ସେନ୍‌ସର ବୋର୍ଡ ନିକଟରେ ଆପତ୍ତି ରଖିବାକୁ ଆବେଦନକାରୀଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

### ଆଜି ବିଶ୍ୱ ସଙ୍ଗୀତ ଦିବସ

## ହକ୍ ପାଇପାରୁନି ଓଡ଼ିଶୀ ସଙ୍ଗୀତ

ସସ୍ମିତା ପାଇକରାୟ
ଭୁବନେଶ୍ୱର,୨୦।୬

ଶାସ୍ତ୍ରୀୟତାର ସମସ୍ତ ଗୁଣ ଓ ଉପାଦାନ ଓଡ଼ିଶୀ ସଙ୍ଗୀତ ପାଖରେ ରହିଛି। ଶାସ୍ତ୍ରୀୟ ମାନ୍ୟତା ପାଇଁ ଆବଶ୍ୟକ ମୂଳଗୁଣ ଏହାର ପରମ୍ପରା, ନିର୍ଦ୍ଦିଷ୍ଟ ଶାସ୍ତ୍ର, ନିଜସ୍ୱ ରାଗ ଓ ତାଳକୁ ନେଇ ସ୍ୱତନ୍ତ୍ର ବ୍ୟାକରଣ ଓଡ଼ିଶୀ ସଙ୍ଗୀତର ରହିଛି। ମନ୍ଦିର କଳାକୃତିରୁ ମଧ୍ୟ ଏହାର ପ୍ରାଚୀନତାର ଅନେକ ପ୍ରମାଣ ମିଳିସାରିଛି। ହିନ୍ଦୁସ୍ତାନୀ ଓ କର୍ନାଟକୀ ସଙ୍ଗୀତଠାରୁ ଅଧିକ ଋଦ୍ଧିମନ୍ତ ଓଡ଼ିଶୀ ସଙ୍ଗୀତ। ଦେଶରେ ଥିବା ପ୍ରମୁଖ ସଙ୍ଗୀତଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ ହୋଇଥିବା ବେଳେ ସ୍ୱତନ୍ତ୍ର ରାଗ, ତାଳ ସାଙ୍ଗକୁ ଗାୟନ ଶୈଳୀ ଏହାକୁ ଅନ୍ୟ ସଙ୍ଗୀତଠାରୁ ଭିନ୍ନ କରିଥାଏ। ଏହାସତ୍ତ୍ୱେ ଆଜି ଯାଏ ଓଡ଼ିଶୀ ସଙ୍ଗୀତ ପାଇପାରୁନି ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା। ଓଡ଼ିଶୀ ନୃତ୍ୟ ଓ ଓଡ଼ିଆ ଭାଷାକୁ ଇତିମଧ୍ୟରେ ଶାସ୍ତ୍ରୀୟ ମାନ୍ୟତା ମିଳିସାରିଥିଲେ ମଧ୍ୟ ଓଡ଼ିଶୀ ସଙ୍ଗୀତ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ପ୍ରାଚୀନତାର ପ୍ରମାଣପତ୍ର ଏକାଠି କରିବାରେ ରାଜ୍ୟ ସରକାର ବାରମ୍ବାର ବିଫଳ ହେଉଥିବାରୁ ଭାରତବର୍ଷର ଏହି ପୁରାତନ ସଙ୍ଗୀତ ଏହାର ହକ୍ ପାଇବାରୁ ବଞ୍ଚିତ ହୋଇଛି।

ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ଲାଗି ରାଜ୍ୟ ସଂସ୍କୃତି ବିଭାଗ ଅଣ୍ଟା ଭିଡ଼ିଥିଲେ ମଧ୍ୟ ତାହା ଅଧାବାଟରେ ଅଟକି ଯାଇଛି। ବିଭାଗ ପକ୍ଷରୁ ସ୍ୱତନ୍ତ୍ର ରିପୋର୍ଟ ପ୍ରସ୍ତୁତ କରିବାକୁ ଗତ ୬ବର୍ଷ ହେବ ଯୋଜନା ହୋଇଥିଲେ ବି ତାହା ଆଗେଇ ପାରୁନାହିଁ। ୨୦୧୪ ମସିହାରୁ ଏଥିପାଇଁ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଶାସ୍ତ୍ରୀୟ ମାନ୍ୟତା ଫାଇଲ ଏବେ ନାଲିଫିତା ତଳେ ପଡ଼ିରହିଛି। ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ଲାଗି ଗଠିତ କମିଟି ଏବେ ଅକାମୀ ହୋଇଯାଇଛି। ଫଳରେ ଦେଶର ଅନ୍ୟାନ୍ୟ ପ୍ରମୁଖ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ମିଳିସାରିଥିବା ବେଳେ ଓଡ଼ିଶୀକୁ ଆଜି ପର୍ଯ୍ୟନ୍ତ ମିଳିପାରିନାହିଁ। ଓଡ଼ିଶୀ ସଙ୍ଗୀତର ପ୍ରାଚୀନତାର ପ୍ରମାଣ ନେଇ ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଅସୁବିଧା ନାହିଁ ବୋଲି ଗବେଷକମାନେ ବିଭିନ୍ନ ସମୟରେ ମତ ଦେଇଛନ୍ତି। ହେଲେ ଏହି ପ୍ରାଚୀନତା ପ୍ରମାଣପତ୍ରକୁ ଏକାଠି କରିବାରେ ବାରମ୍ବାର ବିଫଳ ହେଉଛନ୍ତି ରାଜ୍ୟ ସରକାର। ଶାସ୍ତ୍ରୀୟ ମାନ୍ୟତା ଲାଗି ପୂର୍ବରୁ ପ୍ରତିଷ୍ଠିତ ରାଗ, ରାଗିଣୀର ପୁନରୁଦ୍ଧାର କରାଯିବା ନିତାନ୍ତ ଜରୁରୀ ହୋଇଥିବା ବେଳେ ତାହାର ପୁନରୁଦ୍ଧାର ଦିଗରେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଏହାମଧ୍ୟରେ ହିନ୍ଦୁସ୍ତାନୀ ଓ କର୍ନାଟକୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ମିଳିସାରିଥିବା ବେଳେ ଓଡ଼ିଶୀ ସଙ୍ଗୀତ କିନ୍ତୁ ଯେଉଁଠି ସେଇଠି ରହିଯାଇଛି।

**ଶାସ୍ତ୍ରୀୟତାର ସମସ୍ତ ଗୁଣ ଥାଇ ବି ପାଉନି ମାନ୍ୟତା**

କେବଳ ଏତିକି ନୁହେଁ, ଓଡ଼ିଶୀ ସଙ୍ଗୀତର ପୁରାତନ ଦସ୍ତାବିଜ୍ ସହ କ୍ରମବିକାଶ, ଇତିହାସ ଓ ପରମ୍ପରା, ରାଗ, ରାଗିଣୀ, ଜାଗା ଆଖଡ଼ା ସଙ୍ଗୀତ, ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ସଙ୍ଗୀତର କ୍ରମବିକାଶ, ଆନୁଷଙ୍ଗିକ କଳାରେ ଓଡ଼ିଶୀ ସଙ୍ଗୀତ, ଶ୍ରୀକ୍ଷେତ୍ର ସଙ୍ଗୀତ, ଓଡ଼ିଶୀ ସଙ୍ଗୀତରେ ତାଳବାଦ୍ୟର ବ୍ୟବହାର, ଗାୟନ ଶୈଳୀର ବୈଶିଷ୍ଟ୍ୟ ଆଦି ଉପରେ ତଥ୍ୟ ଦାଖଲ କରିବାକୁ ରାଜ୍ୟ ସରକାର ସଙ୍ଗୀତଜ୍ଞ, ଗବେଷକମାନଙ୍କୁ କହିଥିଲେ ମଧ୍ୟ ତାହା ହୋଇପାରିନାହିଁ। ମନଇଚ୍ଛା ରିପୋର୍ଟ ପ୍ରସ୍ତୁତ କରି ପଠାଯାଉଥିବାରୁ ଏବଂ ରିପୋର୍ଟକୁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଗୁରୁତ୍ୱର ସହ ନେଉ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି।



ମା’ ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
- ସନ୍ଥ ତୁଳସୀ ଦାସ



## ଆଜି କ’ଣ କେଉଁଠି

**ଭୁବନେଶ୍ୱର**

- ପତଞ୍ଜଳି ଯୋଗପୀଠ, ଖୋର୍ଦ୍ଧା ଜିଲା ପକ୍ଷରୁ ୫ମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, କସ୍ତୁରବା ଶିକ୍ଷାଶ୍ରମ ପଡ଼ିଆ, ନୟାପଲ୍ଲୀ ଦୁର୍ଗାପୂଜା ମଣ୍ଡପ ସମ୍ମୁଖ, ପ୍ରାତଃ ୫ଟା ୧୫।
- ଯୋଗ ମହୋତ୍ସବ ସମିତି ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ଜନତା ମଇଦାନ, ସକାଳ ୬ଟା।
- ଯୋଗ ଶିବିର, ବିଜେଇଏମ୍ ସ୍କୁଲ, ସକାଳ ୬ଟା ୧୫।
- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ଗ୍ରୁପ୍ ସେଣ୍ଟର, ସିଆର୍‌ପିଏଫ୍, ସକାଳ ୬ଟା ୩୦।
- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ରିଜିଓନାଲ୍ ସାଇନ୍ସ ସେଣ୍ଟର ଅଡିଟୋରିୟମ୍, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ, ସକାଳ ୭ଟା।
- ଦ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ, କଟକ ବ୍ରାଞ୍ଚ ପକ୍ଷରୁ ନ୍ୟାଶନାଲ ସିଏ କନ୍‌ଫରେନ୍ସ-୨୦୧୯, ପାଲ୍ ହାଇଟ୍ସ ମନ୍ତ୍ରା, କଟକ-ଭୁବନେଶ୍ୱର ରୋଡ୍, ପାହାଳ, ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଶ୍ୱ ସଙ୍ଗୀତ ଦିବସ ପାଳନ, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ତବଲା ଓ୍ୱିଜାର୍ଡ ପଣ୍ଡିତ ଚତୁରଲାଲ୍ ମେମୋରିଆଲ୍ ସୋସାଇଟି ଏବଂ ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ସଙ୍ଗୀତଭିତ୍ତିକ ସନ୍ଧ୍ୟା, ରବୀନ୍ଦ୍ର ମଣ୍ଡପ, ରାତି ୭ଟା।

**କଟକ**

- ରଘୁନାଥଜୀଉ ମହାବିଦ୍ୟାଳୟ ଏବଂ ମହିଳା ପତଞ୍ଜଳି ଯୋଗ ସମିତିର ମିଳିତ ଆନୁକୂଲ୍ୟରେ ଯୋଗ ଶିବିର, ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳସାହି, ସକାଳ ୬ଟା।
- ଅଲିଶାବଜାର ଯୋଗ ଶିକ୍ଷାକେନ୍ଦ୍ରର ପଞ୍ଚମ ବାର୍ଷିକ ଉତ୍ସବ, ଶିକ୍ଷାକେନ୍ଦ୍ର ପରିସର, ଅଲିଶାବଜାର, ସକାଳ ୭ଟା।
- ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ଓ୍ୱେଲ୍‌ନେସ ସେଣ୍ଟର, ବିଶ୍ୱବିଦ୍ୟାଳୟ ପରିସର, ସକାଳ ୮ଟା।

**ପୁରୀ**

- ଯୋଗ ସମିତି ପକ୍ଷରୁ ଯୋଗ ଦିବସ ପାଳନ, ଶରଧାବାଲି, ସକାଳ ୬ଟା।
- ଡିଭାଇନ ସ୍ପିରିଟ ଗ୍ରୁପ୍ ପକ୍ଷରୁ ଯୋଗ ଦିବସ ପାଳନ, ଅର୍ବାନ ହାଟ, ସକାଳ ୬ଟା।
- ପତଞ୍ଜଳି ଯୋଗ ସମିତି ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ହୋଟେଲ ରୁମାନୀ, ସକାଳ ୬ଟା।

**ସାକ୍ଷୀଗୋପାଳ**

- ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ, ସତ୍ୟବାଦୀ ହାଇସ୍କୁଲ, ସକାଳ ୬ଟା।
ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶ ଉତ୍ସବ, ପୂର୍ବାହ୍ନ ୧୦ଟା।

■ ଫିଟୁଛି ଟିଟୋଙ୍କ ବାଂଲାଦେଶ କ୍ରାଇମ୍ ଲିଙ୍କ୍

# ଜଳପଥ ଦେଇ କେନ୍ଦ୍ରାପଡ଼ା ଆସୁଛି ସୁନା, ବନ୍ଧୁକ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ଆଗକୁ ରହିଛି କେନ୍ଦ୍ରାପଡ଼ା ଜିଲା ପାଟକୁରା ବିଧାନସଭା କ୍ଷେତ୍ର ପାଇଁ ନିର୍ବାଚନ। ଏହା ପୂର୍ବରୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ତତ୍ପର ହୋଇଉଠିଛି। ବର୍ଷକ ପରେ ଟିଟୋର କ୍ରାଇମ୍ ପେଡି ଖୋଲିଛି ଏସ୍‌ଟିଏଫ୍। ମଙ୍ଗଳବାର ରାତିରେ ଏସ୍‌ଟିଏଫ୍ କେନ୍ଦ୍ରାପଡା ଦିଲାରପୁରସ୍ଥିତ ଟିଟୋଙ୍କ ଘରେ ଚଢାଉ କରି ଦୁଇ ଭାଇ ଜୀ ବାବୁ ଓରଫ ସୟଦ ଆସ୍‌ପାକ ଅଲ୍ଲୀ, ଚିତୋ ଓରଫ ସୟଦ ଇଫତ୍‌କାର ଅଲ୍ଲୀ ଏବଂ ସମ୍ପର୍କୀୟ ମୁନ୍ନା ଓରଫ ଅମଜାଦ ଖାଁଙ୍କୁ ଗିରଫ କରିଥିଲା। ଗିରଫ ସମୟରେ ସେମାନଙ୍କ ନିକଟରୁ ଏସ୍‌ଟିଏଫ୍ ବନ୍ଧୁକ ଓ ଗୁଳି ମଧ୍ୟ ଜବତ କରିଥିଲା। ଗୁରୁବାର ସେମାନଙ୍କୁ ଭୁବନେଶ୍ୱର ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ପଚରାଉଚରା କରାଯିବା ପରେ କଣ୍ଟ୍ରାକ୍ଟର ରନ୍ଥା ଓରଫ ଶିବପ୍ରସାଦ ପରିଡ଼ା ଅପହରଣ ମାମଲାରେ କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ବାରିମୂଳ ଜେଲକୁ ପଠାଇ ଦିଆଯାଇଛି। ତେବେ ପଚରାଉଚରାବେଳେ ଗିରଫ ୩ଜଣଙ୍କଠାରୁ ଏସ୍‌ଟିଏଫ୍ ଟିଟୋ ସାମ୍ରାଜ୍ୟର ବହୁ ନୂଆ ତଥ୍ୟ ହାସଲ କରିଛି। ଟିଟୋ ଓ ତାଙ୍କ ଗ୍ୟାଙ୍ଗ୍ ବାଂଲାଦେଶରେ ଅପରାଧ ସାମ୍ରାଜ୍ୟ ବିସ୍ତାର କରିଥିବାବେଳେ ସେଠାରୁ ଜଳପଥ ଦେଇ କେନ୍ଦ୍ରାପଡ଼ାକୁ ବନ୍ଧୁକ ଓ ଅନ୍ୟ ମାରଣାସ୍ତ୍ର ଆସୁଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ତେଣୁ ଟିଟୋଙ୍କ କ୍ରାଇମ୍ ସିଣ୍ଡିକେଟ୍‌ର ପୂରା ଗୁମର ଖୋଲିବାକୁ ସେମାନଙ୍କୁ ଖୁବ୍‌ଶୀଘ୍ର ରିମାଣ୍ଡରେ ଆଣିବାକୁ ଯୋଜନା ଚାଲିଛି। ଏନେଇ କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍ କୋର୍ଟରେ ଏସ୍‌ଟିଏଫ୍ ଆବେଦନ କରିବ ବୋଲି ସୂଚନା ମିଳିଛି। ମିଳିଥିବା ସୂଚନାନୁସାରେ, ଟିଟୋ ବାଂଲାଦେଶରେ ଅପରାଧ ସାମ୍ରାଜ୍ୟ ବଢ଼ାଇଥିଲା। ସେ ଗିରଫ ହେବା ପରେ ବାଂଲାଦେଶ ସାମ୍ରାଜ୍ୟକୁ ତାଙ୍କ ଭାଇ ଓ ସମ୍ପର୍କୀୟ ପରିଚାଳନା କରୁଛନ୍ତି। ଜଳପଥ ଦେଇ ବାଲାଂଦେଶରୁ ସୁନା ଚାଲାଣ କରିବା ସହ ଅନ୍ୟ କଳା କାରବାର ଚାଲିଛି। ଟ୍ରଲର ଓ ମାଛଧରା ବୋଟ ମାଧ୍ୟମରେ ବିଶେଷକରି ରାଜନଗର ଓ ପାରାଦୀପ ଦେଇ ବେଆଇନ ବନ୍ଧୁକ ଓ ଅନ୍ୟ ମାରଣାସ୍ତ୍ର କେନ୍ଦ୍ରାପଡ଼ା ସହରକୁ ଆସୁଛି। ଅପରାଧ ଘଟାଇବା ପରେ ଟିଟୋ ଓ ଗ୍ୟାଙ୍ଗ୍ ସଦସ୍ୟମାନେ ଜଳପଥ ଦେଇ ବାଂଲାଦେଶକୁ ପଳାଇଥିଲେ। ଫଳରେ ପୋଲିସ ସେମାନଙ୍କୁ ଗିରଫ କରିବାରେ ବିଫଳ ହେଉଥିଲା। କୁହାଯାଉଛି, ଟିଟୋ ଗିରଫ ହେବା ପରେ ତା’ର ଦୁଇ ଭାଇ ଜୀ ବାବୁ ଓ ଚିତୋ ବାଲାଂଦେଶ ଜଳପଥ ଦେଇ ଫେରାର ହୋଇଯାଇଥିଲେ। ସେଠାରେ ସେମାନେ କିଛିଦିନ ରହିଥିଲେ। ପୋଲିସର ଖୋଳତାଡ଼ ଥମିଯିବା ପରେ କେନ୍ଦ୍ରାପଡା ଫେରି ଆସିଥିଲେ। ସେମାନଙ୍କ ଉପରେ ନଜର ରଖିଥିବା ଏସ୍‌ଟିଏଫ୍ ମଙ୍ଗଳବାର ରାତିରେ ଏସ୍‌ଟିଏଫ୍ ଚଢାଉ କରି ସେମାନଙ୍କୁ ଧରିବାରେ ସଫଳ ହୋଇଥିଲେ। ଟିଟୋ ଶାଳକଙ୍କ ମାମୁ ଆର୍ଥିକ କାରବାର ବୁଝୁଥିବା ସୂଚନା ମିଳିବା ପରେ ତାଙ୍କୁ ଧରିବାକୁ ଏସ୍‌ଟିଏଫ୍ ଚଢାଉ ଜୋର୍‌ଦାର କରିଛି। ସେ ଧରାପଡିବା ପରେ ଆହୁରି ଗୁମର ଫିଟିବ ବୋଲି ଏସ୍‌ଟିଏଫ୍ ଆଶା କରୁଛି। ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅଧୀନ ଚାରିଗାଁର ସୁପରକ୍ଲାସ୍ କଣ୍ଟ୍ରାକ୍ଟର ରନ୍ଥାଙ୍କୁ ଟିଟୋଙ୍କ ନିର୍ଦ୍ଦେଶରେ ଦୁଇଭାଇ ଓ ସମ୍ପର୍କୀୟ ଅପହରଣ କରି ମାଡ଼ ମାରିଥିଲେ। ଟିଟୋ ଗିରଫ ହେବାପରେ ଘଟଣା ଜଣାପଡ଼ିଥିଲା। ତତ୍‌କାଳୀନ କେନ୍ଦ୍ରାପଡ଼ା ଟାଉନ ଥାନା ଅଧିକାରୀ ତପନ କୁମାର ନାୟକ ନିଜଆଡୁ ମାମଲା ରୁଜୁ କରିଥିଲେ। ଏହି ମାମଲା ଆଧାରରେ ଟିଟୋଙ୍କ ୨ ଭାଇଙ୍କ ସହ ଅନ୍ୟଜଣଙ୍କୁ ଏସ୍‌ଟିଏଫ୍ ଏକ ଟିମ୍ ବୁଧବାର ଭୋର୍‌ରୁ ଉଠାଇନେଇଥିଲା।



କୋର୍ଟରୁ ୩ ଅଭିଯୁକ୍ତଙ୍କୁ ନିଆଯାଉଛି।

■ଜେଲ୍ ଗଲେ ଗିରଫ ଦୁଇ ଭାଇ, ସମ୍ପର୍କୀୟ
■ରିମାଣ୍ଡରେ ଆଣିବାକୁ ଏସ୍‌ଟିଏଫ୍‌ର ଯୋଜନା
■ପାଟକୁରା ନିର୍ବାଚନ ପାଇଁ ଏସ୍‌ଟିଏଫ୍‌ର ତତ୍ପରତା

## ପ୍ରକଳ୍ପ ମଞ୍ଜୁର କରାଇଦେବା ନାଁରେ ୪ଲକ୍ଷ ଟଙ୍କା ଠକେଇ

ଚୌଦ୍ୱାର,୨୦।୬(ଡି.ଏନ୍.ଏ.)

ଏକ ସରକାରୀ ପ୍ରକଳ୍ପ ମଞ୍ଜୁର କରାଇଦେବାକୁ କହି ଜଣେ ବ୍ୟକ୍ତି ୪ଲକ୍ଷ ଟଙ୍କା ଠକି ନେଇଥିବା ଗୁରୁବାର ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମତ୍ସ୍ୟ ଚାଷ ପାଇଁ ସରକାରୀ ପ୍ରକଳ୍ପ ମଞ୍ଜୁର କରାଇ ଦେବେ ବୋଲି ଭୁବନେଶ୍ୱର ଡେଲଟା କଲୋନୀର ଅମରେଶ ପ୍ରଧାନ ଚୌଦ୍ୱାର ଥାନା ଅଧୀନ କଖଡ଼ି ଗ୍ରାମର ଅଭିମନ୍ୟୁ ସୂତାରଙ୍କୁ କହିଥିଲେ। ଏଥିପାଇଁ ୪ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି ଅମରେଶ କହିଥିଲେ। ଅଭିମନ୍ୟୁ ଏକ ବ ପ୍ରକଳ୍ପ ମଞ୍ଜୁର କରାଇଦେବା ନାଁରେ ୪ଲକ୍ଷ ଟଙ୍କା ଠକେଇ ର୍ଷ ଭିତରେ ୪ଲକ୍ଷ ଟଙ୍କା ଅମରେଶଙ୍କ ଆକାଉଣ୍ଟରେ ଡିପୋଜିଟ କରିଥିଲେ। ଦୀର୍ଘଦିନ ଧରି ପ୍ରକଳ୍ପ ମଞ୍ଜୁର ନ ହେବାରୁ ଗତ ଡିସେମ୍ବରରେ ଅଭିମନ୍ୟୁ ଭୁବନେଶ୍ୱରରେ ଅମରେଶଙ୍କୁ ଭେଟିଥିଲେ। ପ୍ରକଳ୍ପ ମଞ୍ଜୁର ହୋଇପାରିଲା ନାହିଁ, ତୁମର ଟଙ୍କା ଏକ ମାସ ଭିତରେ ଫେରାଇ ଦେବି ବୋଲି ଅଭିମନ୍ୟୁଙ୍କୁ କହିଥିଲେ। ଏକ ମାସ ପରେ ଅମରେଶଙ୍କୁ ଫୋନ୍ କରିବାରୁ ସେ ଫୋନ୍ ଉଠାଉ ନ ଥିବା ବେଳେ ଦେଖା ଦେଉ ନ ଥିବା ଅଭିମନ୍ୟୁ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୪୧୯, ୪୨୦ରେ ମାମଲା (ନଂ.୧୮୬/୧୯)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

■ ଜ୍ଞାନଲୋକର ଜିଜ୍ଞାସା ୨୦୧୯

# କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ



ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର।

ଖୋର୍ଦ୍ଧା ଅଫିସ,୨୦।୬

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଗମ୍ଭାରୀମୁଣ୍ଡା ପତିତପାବନ ବାଣୀମନ୍ଦିର ପରିସରରେ ଗୁରୁବାର ‘ଜ୍ଞାନାଲୋକ’ର ଜିଜ୍ଞାସା ୨୦୧୯ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଗୋଲଖ ବିହାରୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଜଟଣୀସ୍ଥିତ ନାଇଜରର ପ୍ରାଧ୍ୟାପକ ସାରଳାଶ୍ରିତ ମହାନ୍ତି ଯୋଗ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଦଶମ, ଯୁକ୍ତ ୨ ପାସ୍ ଛାତ୍ରୀଛାତ୍ରମାନଙ୍କୁ କ୍ୟାରିୟର କାଉନସେଲିଂ କରିଥିଲେ। ଜ୍ଞାନଲୋକର ସଭାପତି ଡ. ସୁରେନ୍ଦ୍ର ନାଥ ଦାସ, ସମ୍ପାଦକ ଦୁର୍ଗାପ୍ରସାଦ ମହାରଣା, ଆବାହକ ନାଇଜରର ପ୍ରାଧ୍ୟାପକ ଡ. ଅମରେନ୍ଦ୍ର ଦାସଙ୍କ ସହ ଅଞ୍ଚଳର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପତିତପାବନ ବାଣୀମନ୍ଦିରର ସୁଦେଷ୍ଣା ପ୍ରଧାନ, ଅୟସ ଦାସ ଏବଂ ବିଶ୍ୱମ୍ଭର ବିଦ୍ୟା ନିକେତନର ପୂଜାରାଣୀ ରାଉତଙ୍କୁ ଗରୀବ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଦିପାରାଣୀ ମହାପାତ୍ରଙ୍କୁ ଶ୍ରେଷ୍ଠ ସ୍ନାତକ, ରୁତାସ ହରିଚନ୍ଦନ ଡାକ୍ତରୀ ପାଠ୍ୟକ୍ରମ ପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପ୍ରଦୀପ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

■ ଏମ୍‌ପି ଅନୁଭବ ମହାନ୍ତିଙ୍କ ଦୁର୍ବ୍ୟବହାର ଘଟଣା

# ନବୀନ ନିବାସ ଆଗରେ ମହିଳା ଖବରଦାତାଙ୍କ ଧାରଣା

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ଅଭିନେତା ତଥା କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି, ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ଭାଇ ଅନୁପ୍ରାସ ମହାନ୍ତିଙ୍କ ନାମରେ ଦୁର୍ବ୍ୟବହାର ଅଭିଯୋଗ ଆଣିଥିଲେ ମହିଳା ଖବରଦାତା ସସ୍ମିତା ଆଚାର୍ଯ୍ୟ। ପୁରୀଘାଟ ଥାନା ପୋଲିସ ଅନୁଭବ ଓ ତାଙ୍କ ଭାଇଙ୍କ ନାମରେ ମାମଲା (ନଂ. ନଂ-୧୧୩/୧୯) ରୁଜୁ କରି ତଦନ୍ତ କରୁଛି। ଘଟଣାର ୭ଦିନ ବିତିଯାଇଥିଲେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଅନ୍ୟପକ୍ଷରେ ଅନୁଭବଙ୍କ ପାଲଟା ଅଭିଯୋଗକ୍ରମେ ପୋଲିସ ସସ୍ମିତାଙ୍କ ନାମରେ ମାମଲା (ନଂ-୧୧୪/୧୯) ରୁଜୁ କରିଛି। ହେଲେ ପୋଲିସର କାର୍ଯ୍ୟଧାରାକୁ ନେଇ ଅଭିଯୋଗ ଉଠାଇଛନ୍ତି ମହିଳା ଖବରଦାତା ସସ୍ମିତା। ଶାସକ ଦଳର ନେତା ହୋଇଥିବାରୁ ଅନୁଭବଙ୍କ ଉପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଓଲଟା ତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ତେଣୁ ନ୍ୟାୟ ପାଇଁ ଗୁରୁବାର ସେ ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ଅଭିଯୋଗପତ୍ର ଦେବାକୁ ନବୀନ ନିବାସ ଆସିଥିଲେ। ହେଲେ ମୁଖ୍ୟମନ୍ତ୍ରୀ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବା ଜାଣିବା ପରେ ସସ୍ମିତା ନବୀନ ନିବାସ ଆଗରେ ଧାରଣାରେ ବସିଥିଲେ। ଏୟାରପୋର୍ଟ ଥାନା ପୋଲିସ ପହଞ୍ଚି ସେଠାରୁ ତାଙ୍କୁ ତୁରନ୍ତ ଉଠାଇ ଗାଡ଼ିରେ ନେଇଯାଇଥିଲେ। ପରେ ତାଙ୍କୁ ବୁଝାଶୁଝା କରି ପୋଲିସ କମିଶନରଙ୍କ ନିକଟକୁ ନେଇଥିଲେ। ସସ୍ମିତା ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କୁ ଭେଟି ଘଟଣା ସଂକ୍ରାନ୍ତରେ ଅଭିଯୋଗ ଜଣାଇଥିଲେ। ଘଟଣାର ତଦନ୍ତ କରାଯାଉଛି, ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କମିଶନର ମହାନ୍ତି ପ୍ରତିଶ୍ରୁତି ଦେବା ପରେ ସସ୍ମିତା ଘରକୁ ଫେରିଥିଲେ। ତେବେ ଫେରିବାବେଳେ ସସ୍ମିତା ଗଣମାଧ୍ୟମକୁ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବାକୁ ସେ ପୁଣି ଶୁକ୍ରବାର ଆସିବେ। ଯଦି ନ୍ୟାୟ ନ ମିଳେ ତେବେ ସେ ଆତ୍ମାହୁତି ଦେବେ।

ଏନେଇ ପୁରୀଘାଟ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି, ଏହି ଘଟଣାରେ ଉଭୟ ପକ୍ଷଙ୍କ ଅଭିଯୋଗ ଅନୁଯାୟୀ ଦୁଇଟି ମାମଲାର ରୁଜୁ କରାଯାଇଛି। ଘଟଣାର ତଦନ୍ତ ଚାଲିଥିବାବେଳେ ମହିଳା ଜଣକ ଅନ୍ୟଆଡେ ଯିବାର କିଛି ମାନେ ନାହିଁ। ଏୟାରପୋର୍ଟ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି, ମହିଳା ଜଣକ ସକାଳେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଆସି ନବୀନ ନିବାସ ଆଗରେ ବସିଥିଲେ। ଆମେ ବୁଝାଶୁଝା କରିବା ପରେ ପୋଲିସ କମିଶନରଙ୍କୁ ଦେଖା କରାଇ ବୁଝାଇ ଛାଡ଼ିଲୁ।

ସୂଚନାଯୋଗ୍ୟ, ସସ୍ମିତା ପୁରୀଘାଟ ଥାନା ଅନ୍ତର୍ଗତ ଝାଞ୍ଜିରିମଙ୍ଗଳା ଅଞ୍ଚଳରେ ପରିବାର ସହ ରୁହୁଛନ୍ତି। ଘର ନିକଟରେ ଥିବା ଏକ ଖବରକାଗଜ ସଂସ୍ଥାରେ କାର୍ଯ୍ୟ କରନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ସେ ପ୍ରତିଦିନ ଅଫିସ ଯିବାବେଳେ ନନ୍ଦୀସାହି ନିକଟରେ ଅନୁଭବଙ୍କ ଭାଇ ଅନୁପ୍ରାସ ଓ ତାଙ୍କର ସାଙ୍ଗମାନେ ତାଙ୍କୁ କମେଣ୍ଟ କରିବା ସହ ଅଶ୍ଳୀଳ ଇଙ୍ଗିତ କରୁଥିଲେ। ଗତ ୧୨ ତାରିଖ ରାତିରେ ମଧ ସମାନ ଘଟଣା ଘଟିଥିଲା। ଏ ସମ୍ପର୍କରେ ଅନୁଭବଙ୍କୁ ଜଣାଇବା ପାଇଁ ମହିଳା ଖବରଦାତା ସସ୍ମିତା ତାଙ୍କ ବାସଭବନକୁ ଯାଇଥିଲେ। ହେଲେ ସେଠାରେ ଅନୁଭବ ତାଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ଉପରକୁ ଛେପ ପକାଇଥିଲେ। ଏପରିକି ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀ ମଧ ତାଙ୍କୁ ଗାଳିଗୁଲଜ କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ସେତେବେଳେ ଏମ୍‌ପି ଅନୁଭବ ମହାନ୍ତି ମହିଳାଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ମିଛ ବୋଲି କହିଥିଲେ।



■ପୋଲିସ ଜବରଦସ୍ତ ଉଠାଇନେଲା
■ପୋଲିସ କମିଶନରଙ୍କୁ ଅଭିଯୋଗ ଜଣାଇଲେ
■ନ୍ୟାୟ ନ ମିଳିଲେ ଆତ୍ମାହୁତି ଦେବାକୁ ଚେତାବନୀ

## ଚିତ୍ର କର୍ମଶାଳା

**କଟକ ଅଫିସ, ୨୦।୬:** ସ୍ଥାନୀୟ ରାଧାନାଥ ଶିକ୍ଷା ପ୍ରତିଷ୍ଠାନରେ ଚିତ୍ର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହରର ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଲଳିତ କଳା ଏକାଡେମୀର ପୂର୍ବତନ ସମ୍ପାଦକ ରବିନାରାୟଣ ରଥଙ୍କ ତତ୍ତ୍ୱାବଧାନ ଓ ସୁଭ୍ରା ରଏ, ଦେବାଶିଷ ସାହୁ, ବିନୋଦ ସେଠୀ, ତରୁଣସେନ ନାୟକଙ୍କ ସହାୟତାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା।

# ବିଜୟ ପଢ଼ିହାରୀଙ୍କୁ ଭିଏତନାମ୍ ସମ୍ମାନ

କଟକ ଅଫିସ, ୨୦।୬

ଇଣ୍ଡିଆନ ସୋସାଇଟି ଫର କଲଚରାଲ କୋଅପରେଶନ ଆଣ୍ଡ ଫ୍ରେଣ୍ଡଶିପର ସର୍ବଭାରତୀୟ ସାଧାରଣ ସମ୍ପାଦକ ବିଜୟ କୁମାର ପଢିହାରୀଙ୍କୁ ଭିଏତନାମ୍ ସମ୍ମାନ ପ୍ରଦାନ କରାଯାଇଛି। ତାଙ୍କ ଦ୍ୱାରା ଲିଖିତ ଇଂଲିଶ ପୁସ୍ତକ ‘ହୋଚିମିନ ଥ୍ରୋ ଦି ଆଇଜ୍ ଅଫ ଇଣ୍ଡିଆନ’ ପାଇଁ ଭିଏତନାମ୍‌ର ଏହି ସର୍ବଶ୍ରେଷ୍ଠ ସମ୍ମାନ ପ୍ରଦାନ କରାଯାଇଛି। ଭିଏତନାମ୍ ଉପରେ ଲେଖୁଥିବା ବିଦେଶୀ ଲେଖକମାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ଚଳିତବର୍ଷ ବିଜୟ କୁମାର ପଢିହାରୀଙ୍କୁ ଜୁରୀ କମିଟି ମନୋନୀତ କରିଥିଲା। ବୁଧବାର ବିଦେଶ ସାମ୍ବାଦିକ କ୍ଲବ ପ୍ରାଙ୍ଗଣରେ ଅନୁଷ୍ଠିତ ଭିଏତନାମ୍ ଉତ୍ସବରେ ଭିଏତନାମ୍‌ର ରାଷ୍ଟ୍ରଦୂତ ଫାମ ସାନ ଚାଉ ଉକ୍ତ ସମ୍ମାନ ସହ ଅର୍ଥରାଶି ବିଜୟଙ୍କୁ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ବିଭିନ୍ନ ଦେଶର ରାଷ୍ଟ୍ରଦୂତ, ରାଜନେତା, ଖବରଦାତା, ବୁଦ୍ଧିଜୀବୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ଭିଏତନାମ୍ ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୂଚନାଯୋଗ୍ୟ, ବିଜୟ କୁମାର ପଢିହାରୀ ଓଡ଼ିଶାର ଶାନ୍ତି ମୈତ୍ରୀ ଆନ୍ଦୋଳନର ନେତା, ଜଣେ ସାହିତ୍ୟିକ, ସୁସଂଗଠକ, ଶ୍ରମିକ ନେତା, କଟକ ସମ୍ବାଦପତ୍ର ବିକ୍ରେତା ସଂଘର ସଭାପତି ଓ ଜଣେ ଭଲ ସାମାଜିକ କର୍ମୀ।




■ ଟ୍ରେନ୍, ଷ୍ଟେଶନରେ ବଢୁଛି ଚୋରି, ଲୁଟ୍

# ୪୪ ମୋବାଇଲ ଜବତ: ୫ ଗିରଫ

ଜଟଣୀ,୨୦।୬(ଡି.ଏନ.ଏ.)

ଟ୍ରେନ୍‌ରୁ ଯାତ୍ରୀଙ୍କଠାରୁ ମୋବାଇଲ୍ ଲୁଟ୍ କରିବା ଘଟଣାରେ ୫ ଅଭିଯୁକ୍ତଙ୍କୁ ଖୋର୍ଦ୍ଧାରୋଡ଼ ଜିଆର୍‌ପି ଓ ଆର୍‌ପିଏଫ୍ ଗିରଫ କରିଛନ୍ତି। ଏଥିରେ ୨ ଅଭିଯୁକ୍ତ ରହିଥିବା ବେଳେ ଚୋରି ମୋବାଇଲ୍ ରଖିଥିବା ୩ ଅଭିଯୁକ୍ତଙ୍କୁ ଗିରଫ ପରେ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୪୪ଟି ବିଭିନ୍ନ ବ୍ରାଣ୍ଡର ମୋବାଇଲ୍ ଜବତ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବ୍ରହ୍ମପୁର ବୈଦ୍ୟନାଥ ଥାନା ଅନ୍ତର୍ଗତ ଗେଟବଜାର ଗୋଲାପାଲି ଷ୍ଟ୍ରିଟ୍‌ର କୈଳାସ ବେହେରା ଓରଫ ପପୁ ଓ ହିଞ୍ଜିଳିକାଟୁ ଥାନା ନୂଆସାହି ସାଁପୁର ଗ୍ରାମର ସନ୍ଦୀପ ସାହୁ ଓରଫ ଜଗା। ସେହିପରି ଏମାନଙ୍କଠାରୁ ଚୋରି ମୋବାଇଲ ରଖିଥିବା ୩ ଅଭିଯୁକ୍ତ ହେଲେ କଟକ ଜିଲା ସଦର ଥାନା ଗୋପାଳପୁର ଗ୍ରାମର ଲିପକ ଲେଙ୍କା, ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ବାଳିବନ୍ଧ ସାହିର କୈଳାସ ସେଠୀ ଓ ଗୋଳନ୍ଥରା ଗ୍ରାମର ବେଲ ଜେନା। ଚଳିତ ମାସ ୧୭ ତାରିଖ ରାତି ୨ଟାରେ ସିକନ୍ଦରାବାଦ-ଗୌହାଟୀ ଏକ୍ସପ୍ରେସ୍ ଟ୍ରେନ୍‌ରେ ଯାତ୍ରା କରୁଥିବା ଆସାମ ବେଗିନାଡ଼ି ଥାନା ଅଞ୍ଚଳର ମାନବ ଜ୍ୟୋତିଙ୍କୁ ମାଡ଼ ମାରି ଲୁଟେରାମାନେ ତାଙ୍କଠାରୁ ବ୍ୟାଗ୍ ଛଡାଇ ନେଇଥିଲେ। ଏହି ବ୍ୟାଗ୍‌ରେ ଦୁଇଟି ମୋବାଇଲ ଓ ଅନ୍ୟ କାଗଜପତ୍ର ରହିଥିଲା। ଲୁଟେରାଙ୍କ ମାଡରେ ମାନବ ସାମାନ୍ୟ ଆହତ ମଧ୍ୟ ହୋଇଥିଲେ। ସେ ଏ ନେଇ ଖୋର୍ଦ୍ଧାରୋଡ ଜିଆର୍‌ପି ଥାନାରେ ଅଭିଯୋଗ କରିଥିଲେ। ଆର୍‌ପିଏଫ୍‌ର କ୍ରାଇମ୍ ପ୍ରିଭେନ୍‌ଶନ୍ ଓ ଡିଟେକ୍ସନ୍ ସ୍କ୍ୱାଡର ଜବାନ ଓ ରେଲୱେ ପୋଲିସ(ଜିଆର୍‌ପି) ବିଭିନ୍ନ ସ୍ଥାନରେ ଚଢାଉ କରି ପ୍ରଥମେ ଦୁଇ ଅଭଯୁକ୍ତଙ୍କୁ ଗିରଫ କରିଥିଲେ। ପଚରାଉଚୁରା ପରେ ସେମାନଙ୍କ ବୟାନକୁ ଆଧାର କରି ମୋବାଇଲ୍ ଦେଇଥିବା କେତେକ ଦୋକାନ ଓ ଘର ଉପରେ ଚଢ଼ାଉ କରି ଏହାକୁ ରଖିଥିବା ୩ ଜଣଙ୍କୁ ଧରିଥିଲେ। ଲୁଟ୍ ଓ ଚୋରି ପରେ ମୋବାଇଲଗୁଡ଼ିକୁ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଟ୍ରକ୍ ଡ୍ରାଇଭରମାନଙ୍କୁ ଅଭିଯୁକ୍ତମାନେ ବିକ୍ରୟ କରୁଥିବା ନେଇ ଖୋର୍ଦ୍ଧାରୋଡ ଜିଆର୍‌ପି ଥାନା ଅଧିକାରୀ ସନ୍ତୋଷ କୁମାର ବାହିନୀପତି କହିଛନ୍ତି।

ଟ୍ରେନ୍‌ରେ ଯାତ୍ରୀଙ୍କ ଠାରୁ ମୋବାଇଲ୍, ମନିପର୍ସ, ଅନ୍ୟାନ୍ୟ ସାମଗ୍ରୀ ଚୋରି ଓ ଲୁଟ୍ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକିବାରେ ଉଭୟ ଆର୍‌ପିଏଫ୍ ଏବଂ ଜିଆର୍‌ପି ସେତେଟା ସଫଳ ହେଉନାହାନ୍ତି। ଆଗକୁ ରଥଯାତ୍ରା ଆସୁଛି। ଲକ୍ଷାଧିକ ଜନସମାଗମ ହେବ। ଏଣୁ ଯାତ୍ରୀଙ୍କ ସୁରକ୍ଷିତ ଯାତ୍ରା ନେଇ ଉଭୟ ଆର୍‌ପିଏଫ୍ ଏବଂ ଜିଆର୍‌ପିଙ୍କ ସମ୍ମୁଖରେ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଯାତ୍ରୀଙ୍କ ସୁରକ୍ଷା ଉପରେ ରେଲୱେ ଅଧିକ ଗୁରୁତ୍ୱ ଦେଉଥିବା ନେଇ କହୁଥିବା ବେଳେ ବୃଦ୍ଧି ପାଉଥିବା ଏପରି ଅପରାଧିକ କାର୍ଯ୍ୟକଳାପକୁ ରୋକିବା କ୍ଷେତ୍ରରେ ସେତେଟା ସକ୍ଷମ ହେଉ ନ ଥିବାରୁ ଯାତ୍ରୀ ମହଲରେ ଅସନ୍ତୋଷ ଦେଖାଦେଉଛି। ତେବେ ଖୋର୍ଦ୍ଧାରୋଡ ଆର୍‌ପିଏଫ୍ ଇନ୍ସପେକ୍ଟର ବିଦ୍ୟାଧର ବାରିକ କୁହନ୍ତି, ଏପରି ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ତାଙ୍କ ବିଭାଗ ସର୍ବଦା ତତ୍ପର ରହିବା ସହ ତୀକ୍ଷ୍ଣ ନଜର ରଖିଛି। ବିଭିନ୍ନ ରଣନୀତି ମାଧ୍ୟମରେ ଚୋର ଓ ଲୁଟେରାମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ଏଥିପାଇଁ ଆର୍‌ପିଏଫ୍‌ରେ ବିଭିନ୍ନ ଉଇଙ୍ଗ୍‌ସ ଗଠନ କରାଯାଇ ଟ୍ରେନ୍ ଓ ପ୍ଲାଟ ଫର୍ମରେ ଜବାନମାନେ ମୁତୟନ ରହିଥିବା ସେ କହିଛନ୍ତି।





ଗିରଫ ଅଭିଯୁକ୍ତ ଓ ଜବତ ମୋବାଇଲ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୧ ଜୁନ୍, ୨୦୧୯



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
-ବୁକର ଟି. ୱାଶିଂଟନ



## ସଂକ୍ଷେପରେ

ବିଲଡରଙ୍କଠାରୁ ୨ କୋଟି ଠକେଇ

### ମୁଖ୍ୟ ଅଭିଯୁକ୍ତ ଗିରଫ, ୨ ଫେରାର

**ଭୁବନେଶ୍ୱର,୨୦।୬(ବ୍ୟୁରୋ):** ଜମି କରାଇଦେବାକୁ କହି ଜଣେ ବିଲଡରଙ୍କଠାରୁ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇ ଫେରାର ଥିବା ଅଭିଯୁକ୍ତଙ୍କୁ ଗୁରୁବାର ଶହୀଦନଗର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅଧୀନ ପାତ୍ରପଡା ଅଞ୍ଚଳର ଗଣେଶ ବିହାରୀ ଜଗଦେବ। ଏଥିସହ ଠକେଇରେ ସମ୍ପୃକ୍ତ ଅଭିଯୁକ୍ତ ଗଣେଶଙ୍କ ସ୍ତ୍ରୀ ଏବଂ ଶଳା ଫେରାର ଥିବା ପୋଲିସ କହିଛି। ସୂଚନା ମୁତାବକ, ୨୦୧୬ରେ ଶହୀଦନଗର ଅଞ୍ଚଳରେ ରହୁଥିବା ଅରୁଣ ଜ୍ୟୋତି ପଟ୍ଟନାୟକ ପାତ୍ରପଡା ଅଞ୍ଚଳରେ ପ୍ରୋଜେକ୍ଟ ଚଳାଇଥିଲେ। ପ୍ରୋଜେକ୍ଟ ପାଇଁ ଅଧିକ ଜମି ଆବଶ୍ୟକ ପଡିବାରୁ ଅରୁଣଙ୍କୁ ପାତ୍ରପଡ଼ା ଅଞ୍ଚଳରେ ୨ଏକର ଜମି କରାଇ ଦେବାକୁ କହି ଅଭିଯୁକ୍ତ ଗଣେଶ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନେଇଥିଲେ। ଜାଲ କାଗଜପତ୍ର ଦେଇ ଟଙ୍କା ଠକେଇ କରିଥିବା ବିଲଡର ଜାଣିବାକୁ ପାଇଥିଲେ। ଉକ୍ତ ଜମିକୁ ସେ ପୂର୍ବରୁ ୨ଜଣଙ୍କୁ ବିକ୍ରି କରିଥିବା ଜଣାପଡିଥିଲା। ମାତ୍ର ବିଲଡରଙ୍କୁ ଅଭିଯୁକ୍ତ ଧରାଛୁଆଁ ନଦେଇ ଫେରାର ହୋଇଯାଇଥିଲେ। ଶେଷରେ ଅରୁଣ ଗତ ଏପ୍ରିଲରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ. ୨୫୨/୧୮) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଗଣେଶ ପାତ୍ରପଡ଼ାସ୍ଥିତ ଘରକୁ ଆସୁଥିବା ନେଇ ପୋଲିସ ଖବର ପାଇଥିଲା। ବୁଧବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରି ଗଣେଶଙ୍କୁ ଗିରଫ କରିଥିଲା।

### ଏମ୍ଏଲ୍ଏ କଲୋନୀରେ ଦ୍ୱିତୀୟ ଦିନ ଜବରଦଖଲ ଉଚ୍ଛେଦ



**ଭୁବନେଶ୍ୱର,୨୦।୬(ବ୍ୟୁରୋ):** ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ୟୁନିଟ୍-୪ସ୍ଥିତ ଏମ୍ଏଲ୍ଏ କଲୋନୀରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଗୁରୁବାର ଦ୍ୱିତୀୟ ଦିନ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। କଲୋନୀ ଭିତର ଓ ପାର୍ଶ୍ୱରେ ରହିଥିବା ଉଠାଦୋକାନ, ଘର ଓ ବେଆଇନ ନିର୍ମାଣକୁ ଭାଙ୍ଗି ଦିଆଯାଇଛି। ତେବେ ରାଜୀବ ଆବାସ ଯୋଜନାରେ ହୋଇଥିବା ଘରଗୁଡ଼ିକୁ ଉଚ୍ଛେଦ କରାଯାଇନାହିଁ। ସେଠାରେ ରହୁଥିବା ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ପରେ ଉକ୍ତ ଘରଗୁଡିକୁ ଭଙ୍ଗାଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏମ୍ଏଲ୍ଏ କଲୋନୀରେ ରହିଥିବା ଫାଙ୍କା ସ୍ଥାନକୁ ଜବରଦଖଲ କରାଯାଇ ସେଠାରେ ବ୍ୟବସାୟ ଚାଲୁଥିଲା। ଏପରିକି ଅନେକ ଜବଦଖଲ ପରେ ଅନେକ ପରିବାର ସେଠାରେ ଘର କରି ରହି ଆସୁଥିଲେ। ବର୍ଷବର୍ଷ ଧରି ଜବରଦଖଲ ହୋଇ ଆସୁଥିଲେ ମଧ୍ୟ ଏବେ ଏ ନେଇ ଅଭିଯୋଗ ଉଠିବା ପରେ ଉଚ୍ଛେଦ ପାଇଁ ଯୋଜନା ହୋଇଥିଲା। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ), ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଓ କମିଶନରେଟ ପୋଲିସ୍‌କୁ ନେଇ ଗଠିତ ମିଳିତ ସ୍କ୍ୱାଡ୍ ଉଚ୍ଛେଦ ଆରମ୍ଭ କରିଥିଲା।

# ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ଦ୍ୱିତୀୟ ବିମାନବନ୍ଦର

## ଖୋର୍ଦ୍ଧାରୁ ଭୁବନେଶ୍ୱର ମଧ୍ୟରେ ଜମି ଚିହ୍ନଟ

**ଭୁବନେଶ୍ୱର,୨୦।୬(ବ୍ୟୁରୋ)**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି। ଭୁବନେଶ୍ୱରରୁ ଏବେ ଦୈନିକ ୭୦ରୁ ୮୦ ବିମାନ ଚଳାଚଳ କରୁଛି। ବ୍ୟାଙ୍କକ୍ ଓ କୁଆଲାଲମ୍ପୁରକୁ ଦୁଇ ଇଣ୍ଟରନ୍ୟାଶନାଲ ଫ୍ଲାଇଟ୍ ଚାଲୁଛି। ଧୀରେ ଧୀରେ ଯାତ୍ରୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏତେ ବଡ଼ ଟର୍ମିନାଲ ବିଲ୍ଡିଂ ଥାଇ ମଧ୍ୟ ତାହା କମ୍ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଏବେ ଆଉ ଏକ ବିମାନବନ୍ଦର ନିର୍ମାଣ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ)ର ଚେୟାରମ୍ୟାନ୍ ଗୁରୁପ୍ରସାଦ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ଏଥିପାଇଁ ଜମି ଚିହ୍ନଟ କରିବା ଆମର ପ୍ରାଥମିକ କାମ ହୋଇଥିବା ବେଳେ ରାଜ୍ୟ ସରକାର ଭୁବନେଶ୍ୱରରୁ ଖୋର୍ଦ୍ଧା ମଧ୍ୟରେ ୩ଟି ସ୍ଥାନ ଚିହ୍ନଟ କରିଛନ୍ତି। ଟେକ୍ନିକାଲ ସର୍ଭେ ପରେ ଆମେ ଗୋଟିଏ ସ୍ଥାନ ଉପରେ ନଜର ରଖିଛୁ। ସେଠାରେ ଦ୍ୱିତୀୟ ବିମାନବନ୍ଦର ହେବା ଯଥେଷ୍ଟ ସମ୍ଭାବନା ରହିଛି। ଭୁବନେଶ୍ୱରରେ ଦ୍ୱିତୀୟ ବିମାନବନ୍ଦର ପାଇଁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ମିଳିତ ପ୍ରୟାସ କରୁଛନ୍ତି।

ପୂର୍ବ ଭାରତରେ ଥିବା ବିମାନବନ୍ଦରଗୁଡ଼ିକର ଆଞ୍ଚଳିକ ସମୀକ୍ଷା ବୈଠକରେ ଯୋଗଦେବାକୁ ଭୁବନେଶ୍ୱର ଆସିଥିବା ଅବସରରେ ମହାପାତ୍ର ଏହା କହିଛନ୍ତି। ଭୁବନେଶ୍ୱରରେ ଆଉ ଏକ ଏୟାରପୋର୍ଟ ପାଇଁ ଏଏଆଇ ଓଡ଼ିଶା ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛି। ଏହାସହିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ଭିତ୍ତିଭୂମି ବିକାଶ ଦିଗରେ ପଦକ୍ଷେପ ନିଆଯାଉଛି। ଏବେ ଏଠାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଚାଲିଛି। ଏୟାର୍ ଇଣ୍ଡିଆ ବ୍ୟବହାର କରୁଥିବା ପୁରୁଣା ଟର୍ମିନାଲ ବିଲ୍ଡିଂର ନବୀକରଣ କରାଯାଉଛି। ୩୦ରୁ ୪୦କୋଟି ଟଙ୍କା ଖର୍ଚ୍ଚ କରାଯାଇ ଇଣ୍ଟେରିୟରକୁ ନୂଆ ରୂପ ଦିଆଯାଉଛି। ତାହାକୁ ନୂଆ ଟର୍ମିନାଲ ବିଲ୍ଡିଂ ସହ ଯୋଡ଼ାଯିବ। ଏଥିପାଇଁ ୭୦କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହାଛଡ଼ା ଆଉ ଏକ ବଡ଼ ଟର୍ମିନାଲ ବିଲ୍ଡିଂ ତିଆରି ହେଉଛି। ଏଥିପାଇଁ ଆଡ୍‌ମିନିଷ୍ଟ୍ରେଟିଭ୍ ଆପ୍ରୁଭାଲ ମିଳିସାରିଥିବା ବେଳେ ୯୦୦କୋଟି ଟଙ୍କା ଖର୍ଚ୍ଚ ହେବ। ୩ ବର୍ଷ ଭିତରେ କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ପାରାଲାଲ୍ ଟ୍ୟାକ୍ସି ଟ୍ରାକ୍ କାମ ସରିବା ପରେ ରନ୍‌ୱେରେ ଏବେ ଯେତିକି ଫ୍ଲାଇଟ୍ ଚଳାଚଳ କରୁଛି, ତା'ର ଦୁଇଗୁଣା ଅଧିକ ଫ୍ଲାଇଟ୍ ଚଳାଚଳ କରିପାରିବ। ଫଳରେ ଭୁବନେଶ୍ୱରରେ ଅଧିକ ଫ୍ଲାଇଟ୍ ଦେବା ପାଇଁ ସୁବିଧା ହେବ। ଏବେ ଏରୋବ୍ରିଜ୍ କମ୍ ଥିବା ଯୋଗୁ ବସ୍ ବୋର୍ଡିଂ ହେଉଛି। ଆଉ ଦୁଇଟି ନୂଆ ଏରୋବ୍ରିଜ୍ ହେବା ପରେ ବସ୍ ବୋର୍ଡିଂ ବନ୍ଦ ହୋଇଯିବ। ଅକ୍ଟୋବର ସୁଦ୍ଧା ଭୁବନେଶ୍ୱର ବିମାନବନ୍ଦରରେ ୪ ଏରୋବ୍ରିଜ୍ କାର୍ଯ୍ୟକ୍ଷମ ହେବ। ବିମାନବନ୍ଦରର ସୌନ୍ଦର୍ଯ୍ୟକରଣ, ସ୍ୱଚ୍ଛ ଓ ପରିମଳ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏହାବ୍ୟତୀତ ଓଡ଼ିଶାରେ ଏବେ ଉତ୍‌କେଳା ଏବଂ ଜୟପୁରରେ ଉଡାନ୍ ସ୍କିମ୍ ଅଧୀନରେ ଦୁଇ ନୂଆ ବିମାନବନ୍ଦର କାମ ଚାଲିଛି। ନଭେମ୍ବର ସୁଦ୍ଧା ଦୁଇଟି ଯାକ ଏୟାରପୋର୍ଟ କାମ ସରିବା ସମ୍ଭାବନା ରହିଛି।

# ଖୋଲା ଆକାଶ ତଳେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି

**ବାଲିଅନ୍ତା,୨୦।୬(ଡି.ଏନ୍.ଏ.)**



ପ୍ରତିମୂର୍ତ୍ତି ଉପରେ ରହିଥିବା ଶେଡ୍‌ରୁ ଟିଣଛପର ଉଡ଼ିଯାଇଛି।

ବାତ୍ୟା 'ଫନୀ'ରେ ବାଲିଅନ୍ତାସ୍ଥିତ ମହାତ୍ମା ସେତୁ ସଂଲଗ୍ନ ରାସ୍ତା ପାର୍ଶ୍ୱରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉପରେ ନିର୍ମିତ ସେଡ୍‌ର ଟିଣ ଚଦର ଉଡିଯାଇଛି। ଫଳରେ ଖୋଲା ଆକାଶ ତଳେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ରହିଛି। ବର୍ଷାରେ ପ୍ରତିମୂର୍ତ୍ତି ନଷ୍ଟ ହେବାକୁ ବସିଲାଣି। ବାତ୍ୟାର ଦେଢ ମାସ ପରେ ବି ବିଭାଗୀୟ କର୍ତ୍ତୃପକ୍ଷଙ୍କ ନଜର ପଡୁ ନ ଥିବା ଅଭିଯୋଗ ହୋଇଛି। ସୂଚନା ଥାଉକି, ଗତ ଅକ୍ଟୋବର ୨ରେ ମହାତ୍ମା ସେତୁ ଉଦ୍‌ଘାଟନ ଅବସରରେ ଏହି ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗାନ୍ଧିଜୀଙ୍କ ନୂତନ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଉଦ୍‌ଘାଟନ କରିଥିଲେ। ସେତୁର ନାମ ମହାତ୍ମା ସେତୁ ରଖାଯାଇଥିବା ଯୋଗୁ ସେଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ରଖାଯାଇଥିଲା। ବାତ୍ୟାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉପରେ ନିର୍ମିତ ଟିଣ ଚଦର ଉଡିଯାଇଥିବାରୁ ଏବେ ପ୍ରତିମୂର୍ତ୍ତି ଖୋଲା ଆକାଶ ତଳେ ରହିଛି। ଖୋଲା ଆକାଶ ତଳେ ପ୍ରତିମୂର୍ତ୍ତି ଥିବାରୁ ଏହା ଗାନ୍ଧିଜୀଙ୍କ ପ୍ରତି ଅସମ୍ମାନ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଡିଭିଜନ-୪ର ସରକାରୀ ନିର୍ବାହୀ ଯନ୍ତ୍ରୀ ବ୍ରଜମୋହନ ମହାପାତ୍ର କୁହନ୍ତି, ଫନୀ ଯୋଗୁ ରାସ୍ତା ଓ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ରହୁଛୁ। ଖୁବଶୀଘ୍ର ଉଡିଯାଇଥିବା ଟିଣ ଚଦର ଲଗାଯିବ ବୋଲି ସେ କହିଛନ୍ତି।

## ଗଣ୍ଡଗୋଳ ଘଟଣାରେ ୬ ଗିରଫ

**ବାରଙ୍ଗ,୨୦।୬(ଡି.ଏନ୍.ଏ.)**

ଚନ୍ଦକା ଥାନା ଅନ୍ତର୍ଗତ ଭୋଲା ଗ୍ରାମର ଏକ ଗଣ୍ଡଗୋଳ ଘଟଣାରେ ପୋଲିସ ଗୁରୁବାର ୬ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଅଜୟ ଦାସ, ବିଜୟ ଦାସ, ସଞ୍ଜୟ ଦାସ, ତ୍ରିଲୋଚନ ଦାସ, ମାଧବ ଦାସ ଓ ମାନସ ଦାସ। ପ୍ରକାଶ ଯେ, ବୁଧବାର ରାତିରେ ବାଟରେ ଗୋରୁ ବାନ୍ଧିବାକୁ ନେଇ ଭୋଲା ଗ୍ରାମର ପରମାନନ୍ଦ ଦାସ ଓ ରାଜୁ ଦାସଙ୍କ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ଉଭୟ ପରିବାରଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା (ନଂ.୧୭/୧୯, ୧୮/୧୯) ରୁଜୁ କରି ଉଭୟ ପରିବାରର ୬ ଜଣଙ୍କୁ ଗିରଫ କରିଥିଲା।

# ନୂଆଗାଁ ରାସ୍ତାରେ ଡ୍ରେନ ନିର୍ମାଣକୁ ବିରୋଧ

**ପୁରୁଣା ଭୁବନେଶ୍ୱର,୨୦।୬ (ଡି.ଏନ.ଏ.)**



ରାସ୍ତା ଖୋଳାଯାଇ ଡ୍ରେନ୍ ନିର୍ମାଣ କରାଯାଉଛି।

ବର୍ଷ ବର୍ଷ ଧରି ନୂଆଗାଁ ମ୍ୟୁନିସିପାଲିଟି ରାସ୍ତା ବର୍ଷା ଦିନେ ଶୋଚନୀୟ ହୋଇପଡୁଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିରେ ସୁଧାର ଆଣି ପାରି ନ ଥିବାବେଳେ ରାସ୍ତା ଖୋଳି ଏବେ ଡ୍ରେନ ନିର୍ମାଣ କରି ବର୍ଷା ଜଳ ପୁରୁଣା ଡ୍ରେନ୍‌ରେ ଛାଡିବାକୁ କାର୍ଯ୍ୟ ଆରମ୍ଭ ହୋଇଛି। ୩୧୬ ନଂ. ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥର ନୂଆଗାଁ ପେଟ୍ରୋଲ ପମ୍ପଠାରେ ଡ୍ରେନ୍ ପାଇଁ ରାସ୍ତା କଡ ଖୋଳାଯାଉଛି। ଯାହାକୁ ନୂଆଗାଁ, ଟିକରପଡା, ଲିଙ୍ଗିପୁର, ଇଟିପୁର ୪ ପଞ୍ଚାୟତ ସହ ବିଭିନ୍ନ କଲୋନୀ ବାସିନ୍ଦା ବିରୋଧ କରିଛନ୍ତି। ଲୋକମାନଙ୍କ କହିବା କଥା ଜଳ ନିଷ୍କାସନ ପାଇଁ ବିଏମ୍‌ସି ଡ୍ରେନ ନିର୍ମାଣ କରୁ। ହେଲେ ଏହି ଜଳ ଭୁଲ ବାଟରେ ନ ଛାଡୁ। ଯାହା ପାଇଁ ଅନେକ ଅଞ୍ଚଳ ଜଳାର୍ଣ୍ଣବ ନ ହେଉ। ଏ ଅଞ୍ଚଳର ପାଣି ନିଷ୍କାସନ ହୋଇ ପାରୁ ନ ଥିବାରୁ ଏଠାକାର ବାସିନ୍ଦା ଜଳ ବନ୍ଦୀରେ ପ୍ରାୟ ସମୟ ରହୁଛନ୍ତି। ଏହି ଡ୍ରେନ ଜଳ ନିଷ୍କାସନ ପାଇଁ ପ୍ରଥମେ ଉପଯୋଗୀ କରାଯାଉ ପରେ ନୂତନ ଡ୍ରେନ ଏଥିରେ ସଂଲଗ୍ନ ହେଉ। ନଚେତ ଡ୍ରେନ୍ ନିର୍ମାଣକୁ ବିରୋଧ କରାଯିବା ସହ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ମାଗୁଣି ଦାସ, ରାଜେନ୍ଦ୍ର ସାହୁ, ଅଜିତ ରାଏ, ପ୍ରଦୀପ ପ୍ରଧାନ, ବସନ୍ତ ମହାରଣା, ବୃନ୍ଦାବନ ସାହୁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଗ୍ରାମବାସୀ କାମକୁ ବିରୋଧ କରିବା ସହ ବିଭାଗୀୟ ଅଧିକାରୀ ଏଦିଗ ପ୍ରତି ବିଚାର କରି ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

## 'ରାୟସିଂହ ସାର୍ ସ୍ମରଣେ' ଶୀର୍ଷକ ସ୍ମୃତି ସଭା

**ଭୁବନେଶ୍ୱର, ୨୦।୬(ବ୍ୟୁରୋ)**

ସଂଭାବନା ଓ ଇସ୍‌କଫ୍ ଭୁବନେଶ୍ୱର ଶାଖା ପକ୍ଷରୁ 'ରାୟସିଂହ ସାର୍ ସ୍ମରଣେ' ଶୀର୍ଷକ ସ୍ମୃତି ସଭା ଗୁରୁବାର ଆୟୋଜିତ ହୋଇଯାଇଛି। ଏକ ହୋଟେଲରେ ଆୟୋଜିତ ଏହି ସଭାରେ ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର, ଇସ୍‌କଫ୍ ଭୁବନେଶ୍ୱର ଶାଖାର ସଭାପତି ଡ. ଅମିୟ ମହାନ୍ତି, କମ୍ୟୁନିଷ୍ଟ ନେତା ରାମକୃଷ୍ଣ ପଣ୍ଡା, ଶିକ୍ଷକ ନେତା ଦୁର୍ଯ୍ୟୋଧନ ପରିଡା, ସ୍ତମ୍ଭକାର ତୁଷାରକାନ୍ତ ଶତପଥୀ, ବିଘ୍ନେଶ୍ୱର ସାହୁ, ବିଜୟ ମହାନ୍ତି ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ସଂଭାବନା ପତ୍ରିକାର ସମ୍ପାଦକ ଦେବ ପ୍ରସାଦ ପରିଜା ତାଙ୍କୁ ପତ୍ରିକାର ଜଣେ ନିୟମିତ ସ୍ତମ୍ଭକାର ଭାବେ ବର୍ଣ୍ଣନା କରିବା ସହ ତାଙ୍କର ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ ଓ ସଂଗ୍ରାମ ବିଷୟରେ ଉଲ୍ଲେଖ କରିଥିଲେ। ଇସ୍‌କଫ୍ ଭୁବନେଶ୍ୱର ଶାଖାର ସମ୍ପାଦିକା ସ୍ୱାତୀ ମିଶ୍ର ଧନ୍ୟବାଦ ଦେଇଥିଲେ। ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ସୌଦାମିନୀ ସାମଲ, ପ୍ରଫୁଲ୍ଲ ଦେ, ସତ୍ୟବ୍ରତ ମହାପାତ୍ର ଉପସ୍ଥିତ ଥିଲେ।

# ନୃତ୍ୟଶାଳାର ବାର୍ଷିକ ଉତ୍ସବ





ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଭୁବନେଶ୍ୱର, ୨୦।୬(ବ୍ୟୁରୋ)**

ଓଡ଼ିଶୀ ନୃତ୍ୟାନୁଷ୍ଠାନ ନୃତ୍ୟଶାଳାର ୧୬ତମ ବାର୍ଷିକ ଉତ୍ସବ ରବୀନ୍ଦ୍ର ମଣ୍ଡପରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ଡ. ବିଜୟ କୁମାର ଜେନା, ଓଡ଼ିଶୀ ନୃତ୍ୟଗୁରୁ ନିରଞ୍ଜନ ରାଉତ, ଓଡ଼ିଶୀ ନୃତ୍ୟଗୁରୁ ପ୍ରଫେସର ନବକିଶୋର ମିଶ୍ର, ଛଉ ନୃତ୍ୟଗୁରୁ ସଦାଶିବ ପ୍ରଧାନ, ନୃତ୍ୟଶାଳା ନିର୍ଦ୍ଦେଶକ ଗୁରୁ ଅଶୋକ ଘୋଷାଲ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଓଡ଼ିଶୀ ମଙ୍ଗଳାଚରଣରୁ ଆରମ୍ଭ ହୋଇଥିଲା। ଜଗନ୍ନାଥ ସ୍ୱାମୀ ନୟନପଥଗାମୀ... ଶ୍ଳୋକରେ ଜଗନ୍ନାଥଙ୍କୁ ଭକ୍ତିପୂତ ଅର୍ଘ୍ୟ ବଢା ଯାଇଥିଲା। ଏହି ନୃତ୍ୟକୁ ଗୁରୁ ବନ୍ଦିତା ଘୋଷାଲ ନିର୍ଦ୍ଦେଶନା ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସ୍ଥାୟୀ ନୃତ୍ୟରେ ଶିଳ୍ପୀମାନେ ଶାସ୍ତ୍ରୀୟ ଶୈଳୀରେ ରାଗ ସହ ନୃତ୍ୟ ପରିବେଷଣ କରିଥିଲେ। ନୃତ୍ୟକୁ ଗୁରୁ ଅଶୋକ ଘୋଷାଲ ନିର୍ଦ୍ଦେଶନା ଦେଇଥିଲେ। ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

# ପ୍ରଶାସନିକ ସେବା ପରୀକ୍ଷା ପ୍ରସ୍ତୁତି ଲାଗି ଆପ୍ଟିପ୍ଲସ୍‌ର ସେମିନାର

**ଭୁବନେଶ୍ୱର,୨୦।୬**

ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ଆପ୍ଟିପ୍ଲସ୍ ଏକାଡେମୀ ପକ୍ଷରୁ ପ୍ରଶାସନିକ ସେବା ପରୀକ୍ଷା ପ୍ରସ୍ତୁତି ଲାଗି ଏକ ନିଶୁଳ୍କ ସେମିନାର ୨୩ ଜୁନ(ରବିବାର) ଦିନ ଆୟୋଜନ କରାଯାଉଛି। ଏଥିରେ ଆପ୍ଟିପ୍ଲସର ୨୦୧୮ ଆଇଏଏସ୍ ପରୀକ୍ଷାରେ ସଫଳ ହୋଇଥିବା ରାହୁଲ ଜୈନ, ସାୱନ କୁମାର, ନମିତା ଶର୍ମା, ଜୁବୀନ ମହାପାତ୍ର ଏବଂ ସୋମାଲିନ ଶୁଭଦର୍ଶିନୀ ଉପସ୍ଥିତ ରହିବେ। ଛାତ୍ରୀଛାତ୍ରଙ୍କୁ ପ୍ରଶାସନିକ ସେବା ପରୀକ୍ଷା ପ୍ରସ୍ତୁତି ସମ୍ପର୍କରେ ସଚେତନ କରାଇବା ଲାଗି ଏଭଳି ଏକ ସେମିନାର ଆୟୋଜନ କରାଯାଉଥିବା ଆପ୍ଟିପ୍ଲସର ନିର୍ଦ୍ଦେଶକ ଡ.ସୁସିଜିତ ସାହୁ ସୂଚନା ଦେଇଛନ୍ତି। ଅଧିକ ତଥ୍ୟ ସଂଗ୍ରହ କରିବା ଲାଗି ଛାତ୍ରୀଛାତ୍ର ଆପ୍ଟିପ୍ଲସର ୱେବସାଇଟ ଭିଜିଟ କରିପାରିବେ। ଆପ୍ଟିପ୍ଲସର ନିରବଚ୍ଛିନ୍ନ ପ୍ରଚେଷ୍ଟା ଯୋଗୁ ଚଳିତ ବର୍ଷ ୪୧ ଜଣ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ପ୍ରତିଷ୍ଠାନର ଉତ୍ତମ ମାନର ଶିକ୍ଷା ଏବଂ ପ୍ରବର୍ତ୍ତନ ଯୋଗୁ ଛାତ୍ରୀଛାତ୍ର ଏଭଳି ସଫଳତା ପାଇବାକୁ ସକ୍ଷମ ହେଉଥିବା ସାହୁ କହିଛନ୍ତି।

# ଭେଙ୍କଟେଶ୍ୱର ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଦିବସ





**ଭୁବନେଶ୍ୱର, ୨୦।୬(ବ୍ୟୁରୋ)**

ଚନ୍ଦ୍ରଶେଖରପୁରସ୍ଥିତ ଭେଙ୍କଟେଶ୍ୱର ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ବିଜ୍ଞାନ ଓ ବାଣିଜ୍ୟରେ ନାମ ଲେଖାଇଥିବା ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ବସନ୍ତ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବକୁ ଜି. ରାମ କିଶୋର ପରିଚାଳନା କରିଥିଲେ। ବିଦ୍ୟାଳୟର ଟ୍ରଷ୍ଟି କେ.କେ. ଦେବୀ କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟ ପତିତପାବନ ପଣ୍ଡା ପିଲାମାନଙ୍କ ଚରିତ୍ର ଗଠନ ଓ ଭବିଷ୍ୟତ ଉପରେ ପରାମର୍ଶ ଦେଇଥିଲେ। ନିର୍ଦ୍ଦେଶକ ଚନ୍ଦ୍ରଶେଖର ପତି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ମୂଲ୍ୟବୋଧ ଓ କୌଶଳ ବୃଦ୍ଧି କରିବା ଲାଗି ପ୍ରେରଣା ଯୋଗାଇଥିଲେ। ଉପାଧ୍ୟକ୍ଷ ବିଜୟ କୁମାର ନାୟକ ଓ ଅନ୍ୟ ସମସ୍ତ ଅଧ୍ୟାପିକାଅଧ୍ୟାପକ ଛାତ୍ରୀଛାତ୍ରମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଲାଗି ପରାମର୍ଶ ଦେଇଥିଲେ। ଅଧ୍ୟାପିକା ମିନତି ରଥ ସ୍ୱାଗତଭାଷଣ ଦେଇଥିବା ବେଳେ ଚିନ୍ମୟୀ ଦାସ ଧନ୍ୟବାଦ ଦେଇଥିଲେ।

■ ବିଏମ୍‌ସିର ବର୍ଷା ମୁକାବିଲା ପ୍ରସ୍ତୁତି

# ୩୭ ସ୍ଥାନରେ ଲାଗିଲା ପମ୍ପସେଟ୍

**ଭୁବନେଶ୍ୱର, ୨୦।୬(ବ୍ୟୁରୋ)**



ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ପ୍ରାକ୍ ମୌସୁମୀ ପ୍ରସ୍ତୁତି ଆରମ୍ଭ ହୋଇଛି। ସହରର ୩୭ଟି ସମ୍ବେଦନଶୀଳ ସ୍ଥାନକୁ ଚିହ୍ନଟ କରାଯାଇ ସେଠାରେ ୫ଏଚ୍‌ପି ଓ ୧୦ ଏଚ୍‌ପିର ପମ୍ପସେଟ୍ ରଖାଯାଇଛି। ସେହିଭଳି ପାଣି ଜମିବା ସ୍ଥାନରେ ଅଗ୍ନିଶମ ବିଭାଗର ପମ୍ପଗୁଡ଼ିକୁ ରଖାଯାଇଛି। ତେବେ ଚିହ୍ନଟ ହୋଇଥିବା ସମସ୍ତ ୩୭ ସମ୍ବେଦନଶୀଳ ସ୍ଥାନରେ ନିୟମିତ ଭାବେ ଜଣେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବେ। ଉକ୍ତ ଅଧିକାରୀମାନେ ସେହି ପମ୍ପସେଟ୍‌ଗୁଡ଼ିକୁ ସୁଚାରୁରୂପେ ପରିଚାଳନା କରିବାର ଦାୟିତ୍ୱ ବହନ କରିବେ। ଯଦି ଅଧିକରୁ ଅଧିକ ବର୍ଷା ହୁଏ ତା'ହେଲେ ସେଠାରେ ପାଣି ଜାମ୍ ଯେମିତି ନ ହେବ ସେଥିପ୍ରତି ଅଧିକାରୀମାନେ ଧ୍ୟାନ ଦେବେ ବୋଲି ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ଉଲ୍ଲେଖ ଥାଉକି, ପାଣି ଜମି ରହୁଥିବା ହଂସପାଳ ଭୋଇସାହି, ମହାବୀର ବସ୍ତି, ମେ' ଫେୟାର ଅଞ୍ଚଳ ସମେତ ବିଭିନ୍ନ ସ୍ଥାନକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ବିଏମ୍‌ସି ପକ୍ଷରୁ ୧୨ଟି ୫ଏଚ୍‌ପି ପମ୍ପସେଟ ଓ ୬ଟି ୧୦ଏଚ୍‌ପି ପମ୍ପସେଟ ରଖାଯାଇଥିବାବେଳେ ଅଗ୍ନିଶମ ବିଭାଗ ପକ୍ଷରୁ ୧୯ଟି ପମ୍ପସେଟ ଦିଆଯାଇଛି। ଆବଶ୍ୟକ ପଡ଼ିଲେ ଅନ୍ୟ ପାଣି ଜମିବା ସ୍ଥାନଗୁଡିକ ପାଇଁ ମଧ୍ୟ ପମ୍ପସେଟ ଯୋଗାଇ ଦିଆଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ୪ ହାଇୱେ ଲୁଟେରା ଗିରଫ

■ ବାଇକ୍, ଟଙ୍କା, ମୋବାଇଲ ଫୋନ ଜବତ

■ ଅନ୍ୟ ୩ ସହଯୋଗୀ ଫେରାର

**ଭୁବନେଶ୍ୱର, ୨୦।୬(ବ୍ୟୁରୋ)**



ଗିରଫ ୪ ଅଭିଯୁକ୍ତ, ଜବତ ହୋଇଥିବା ବାଇକ୍, ଟଙ୍କା ଓ ମୋବାଇଲ ଫୋନ।

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଟ୍ରକ୍ ଡ୍ରାଇଭର ଓ ହେଲପରଙ୍କୁ ମାଡ଼ ମାରି ଟଙ୍କା ଓ ସାମଗ୍ରୀ ଲୁଟପାଟ କରୁଥିବା ୪ ହାଇୱେ ଲୁଟେରାଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ନିଆଳି ଥାନା ଅଧୀନ ବନମାଳୀପୁରର ପ୍ରଭାତ ଜେନା ଓରଫ୍ ବାପି(୨୬), ପୁରୀ ଜିଲା ଡେଲାଙ୍ଗ ଥାନା ଅଧୀନ ବୁଆଲିର ସୌଲବତ୍ର ମହାରଣା ଓରଫ୍ କାଳିଆ (୨୭), ନୟାଗଡ ଜିଲା ଗୋଡିପଦା ଥାନା ଅଧୀନ କୋମଡାର ରଞ୍ଜନ ନାୟକ ଓରଫ୍ ମୁନି(୨୪), ଜଗତସିଂହପୁର ଜିଲା ପାରାଦୀପଗଡର ନରେନ୍ଦ୍ରପୁରର ରାଜେଶ ପାଲ ଓରଫ୍ ଜିତୁ(୨୫)। ଏମାନଙ୍କ ନିକଟରୁ ଗୋଟିଏ ବାଇକ୍, ୬ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି।

ସୂଚନା ମୁତାବକ, ଗତ ମଙ୍ଗଳବାର ଗଜପତି ଜିଲା ଗୁରୁଣ୍ଡି ଥାନା ଅଞ୍ଚଳର ଅସ୍ୱନ ସୁନୀଲ କୁମାର(୩୦) ମଞ୍ଚେଶ୍ୱର ଥାନା ଅଧୀନ ପୁରୀ ବାଇପାସ ନିକଟରେ ଲୁଟର ଶିକାର ହୋଇଥିଲେ। ଡ୍ରାଇଭର ଅସ୍ୱନ କଟକର ସତ୍ୟ ସାଇ ଟ୍ରାନ୍ସପୋର୍ଟରୁ ଟ୍ରକରେ ଅଟା ବୋଝେଇ କରି ଗୁଣୁପୁର ବାହାରିଥିଲେ। ଭୋର ସାଢେ ୪ଟା ରେ ପୁରୀ ବାଇପାସ ନିକଟରେ ୪ଟି ବାଇକରେ ୮ଜଣ ଯୁବକ ଆସି ଟ୍ରକକୁ ଅଟକାଇଥିଲେ। ଯୁବକମାନେ ଟ୍ରକ୍ ଝରକା କାଚ ଭାଙ୍ଗି ଦେବା ସହ ଡ୍ରାଇଭର ଓ ହେଲପରଙ୍କୁ ମାଡ଼ ମାରିଥିଲେ। ଏହା ସହ ୧୫ହଜାର ଟଙ୍କା, ମୋବାଇଲ ଫୋନ ଓ ଗାଡିର କାଗଜ ପତ୍ର ନେଇ ପଳାଇଥିଲେ। ଏ ନେଇ ଡ୍ରାଇଭର ଲୁଟ ବେଳେ ବ୍ୟବହାର ହୋଇଥିବା ଦୁଇଟି ବାଇକ ନମ୍ବର ସହ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୨୨୫/୧୯)ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଏଥିସହ ରସୁଲଗଡ ମା'ପାଟଦେଇ ବସ୍ତି ଅଞ୍ଚଳରେ ରହୁଥିବା ଲୁଟରେ ବ୍ୟବହୃତ ବାଇକ୍ ମାଲିକ ପ୍ରଭାତ ଜେନାଙ୍କୁ ଧରି ଥାନାକୁ ଆଣି ପଚରାଉଚରା ପରେ ସମସ୍ତ ଘଟଣା ଜଣାପଡିଥିଲା। ପ୍ରଭାତ ଏବଂ ତାଙ୍କ ୭ ଜଣ ସହଯୋଗୀ ଲୁଟ କରିଥିବା ପୋଲିସ ଆଗରେ ମାନିଥିଲେ। ପୋଲିସ ପ୍ରଭାତଙ୍କ ତଥ୍ୟକୁ ଆଧାର କରି ଆଉ ୩ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ୪ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ମିଳିତ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ରାଜ୍ୟ ଭାଜପାର ପ୍ରଶଂସା

ଭୁବନେଶ୍ୱର, ୨୦।୬(ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାରଙ୍କ ସହଯୋଗରେ ଗତ ୫ ବର୍ଷରେ ଅନେକ ବିକାଶମୂଳକ କାର୍ଯ୍ୟ ହୋଇଛି। ଆସନ୍ତା ଦିନରେ ଅନେକ ବିକାଶମୂଳକ କାର୍ଯ୍ୟ ହେବାର ସମ୍ଭାବନା ଅଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଭିଭାଷଣରେ ରାଜ୍ୟର ବିକାଶ କ୍ଷେତ୍ରରେ ଅନେକ ପ୍ରସଙ୍ଗ ଥିବା କାରଣରୁ ରାଜ୍ୟ ଭାଜପା ପକ୍ଷରୁ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରାଯାଇଛି ବୋଲି ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି।

# ମୃତ୍ୟୁଠୁ ବଳିଯାଇଛି ଯନ୍ତ୍ରଣା

ଭଦ୍ରକ ଅଫିସ, ୨୦।୬

ଭଦ୍ରକ ୧୬ ନମ୍ବର ଜାତୀୟ ରାଜପଥ ରାହାଞ୍ଜି ନିକଟରେ ହୋଇଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାକୁ ଏହା ମଧ୍ୟରେ ୧୧ ମାସ ବିତିଗଲାଣି। ବେପରୁଆ ଟ୍ରକ୍ ଚାଳକଙ୍କ ଦାୟିତ୍ୱହୀନ ଗାଡ଼ି ଚାଳନା ଯୋଗୁ ଏହି ଦୁର୍ଘଟଣାରେ ସ୍ଥାନୀୟ ରାଣୀତାଲ ସ୍କୁଲରୁ ଫେରୁଥିବା ୫ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ତେବେ ଏହି ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ଛାତ୍ରୀ ଶୀତଲଙ୍କ ଯନ୍ତ୍ରଣା ମୃତ୍ୟୁଠୁ ବଳିଯାଇଛି। ଯନ୍ତ୍ରଣା ସହି ନ ପାରି ପ୍ରତି ମୁହୂର୍ତ୍ତରେ ସେ ଦୁର୍ଘଟଣାରେ ହରାଇଥିବା ବଡ଼ଭଉଣୀ ଶ୍ୱେତାଙ୍କ ପାଖକୁ ଚାଲିଯିବାକୁ(ଇଚ୍ଛାମୃତ୍ୟୁ) ଚାହୁଁଥିବା ପ୍ରଶାସନ ନିକଟରେ ଆବେଦନ କରିବେ ବୋଲି ଆମ ପ୍ରତିନିଧିଙ୍କ ଆଗରେ କାନ୍ଦି କାନ୍ଦି କହିଥିଲେ ଶୀତଲ। ସେତେବେଳେ ଗୁରୁତରଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଥିବା ପ୍ରଶାସନ ଓ ସରକାର ଯେପରି ଶୀତଲଙ୍କ ଏଭଳି ଅବସ୍ଥା ପ୍ରତି ଆଖି ବୁଜି ଦେଇଛନ୍ତି।

୨୦୧୮ ଜୁଲାଇ ୧୯ ତାରିଖ ଅପରାହ୍ନରେ ଘଟିଥିଲା ମର୍ମନ୍ତୁଦ ଦୁର୍ଘଟଣା। ରାଣୀତାଲ ଉଚ୍ଚ ବିଦ୍ୟାଳୟରେ ପଢୁଥିବା ରାହାଞ୍ଜି ଅଞ୍ଚଳର ଛାତ୍ରୀଛାତ୍ର ୧୬ ନମ୍ବର ଜାତୀୟ ରାଜପଥ ଦେଇ ସାଇକେଲରେ ଘରକୁ ଫେରୁଥିବା ବେଳେ ଏକ ଟ୍ରକ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଟ୍ରକ ଚକା ତଳେ ୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ଆହତ ହୋଇଥିଲେ। ମୃତକଙ୍କ ମଧ୍ୟରେ ଥିଲେ ୩ ଛାତ୍ରୀ ଓ ୨ ଛାତ୍ର। ମୃତ ଛାତ୍ରୀଛାତ୍ର ହେଲେ ରାଣୀତାଲ ଅସୁରା ହାଟସାହି ଗ୍ରାମର ସତ୍ୟବ୍ରତ ବାରିକ, ସୁକାନ୍ତ ସାହୁ, କଳ୍ପନା ଜେନା, ଶ୍ୱେତା ସାହୁ ଓ ପ୍ରିୟମ୍ବଦା ମହାନ୍ତି। ସେମାନଙ୍କ ମଧ୍ୟରୁ ମୃତା ଶ୍ୱେତା ସାହୁ ଓ ଗୁରୁତର ଶୀତଲ ସାହୁ ହେଲେ ଉକ୍ତ ଗ୍ରାମର ସୁବାସ ସାହୁଙ୍କ ଝିଅ। ସେତେବେଳେ ଜିଲା ସାରା ଶୋକସଭା କରାଯାଇ ସମସ୍ତେ ସମବେଦନା ଜଣାଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଓ ଶିକ୍ଷା ବିଭାଗ ପକ୍ଷରୁ ୨ ଲକ୍ଷ ମୋଟ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତାରାଶି ପ୍ରଦାନ କରାଯାଇଥିଲା। ଏଥିସହ ସମସ୍ତ ଆହତଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି ଘୋଷଣା କରାଗଲା। ହେଲେ ଏହି ଘୋଷଣା କେବଳ ଘୋଷଣାରେ ହିଁ ସୀମିତ ରହିଛି। ସୁବାସଙ୍କ ସାନଝିଅ ଶୀତଲ ବାମହାତ ଓ ଡାହାଣ ଗୋଡ଼ ଟ୍ରକ ଚକ ତଳେ ଚାପି ହୋଇ କ୍ଷତାକ୍ତ ହୋଇଯାଇଥିଲା। ପ୍ରଥମେ ସେ ଭଦ୍ରକ ଓ ପରେ କଟକ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଦୁଇମାସ ପରେ ଘରକୁ ଫେରିଥିଲେ। ସେବେଠାରୁ ଶୀତଲ ଶଯ୍ୟାଶାୟୀ। କ୍ଷତାକ୍ତ ବାମହାତ ଓ ଡାହାଣ ଗୋଡ଼ ପୁଜ ହୋଇଗଲାଣି।



ଗୁରୁତର ଅସୁସ୍ଥ ଅବସ୍ଥାରେ ଶୀତଲ।

- ପ୍ରତିଶ୍ରୁତି ଦେଇ ଭୁଲିଗଲେ ସରକାର
- ଇଚ୍ଛାମୃତ୍ୟୁ ଚାହୁଁଛନ୍ତି ଶୀତଲ

**ରାହାଞ୍ଜି ଦୁର୍ଘଟଣାକୁ ୧୧ ମାସ ବିତିଲା**

ଶୀତଲଙ୍କ ଚିକିତ୍ସା ପାଇଁ ପରିବାର ପକ୍ଷରୁ ପ୍ରାୟ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ ସରିଲାଣି। ଜିଲା ପ୍ରଶାସନ ପକ୍ଷରୁ ସେତେବେଳେ ରେଡ୍‌କ୍ରସ୍‌ରୁ କିଛି ସହାୟତା ଦିଆଯାଇଥିଲା। ମାତ୍ର ତାହା ସମୁଦ୍ରକୁ ଶଙ୍ଖେ ସଦୃଶ। ସୁବାସ ଜଣେ ଅଖା ବ୍ୟବସାୟୀ। ଶ୍ୱେତାଙ୍କ ମୃତ୍ୟୁ ପରେ ତାଙ୍କର ଆଉ ୫ ଝିଅ ଅଛନ୍ତି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାବେଳେ ଶୀତଲଙ୍କ ଅଧିକ ଚିକିତ୍ସା କରିବା ତାଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି। ଶୀତଲଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ତ ଗଲା ସୁବାସଙ୍କ ପରିବାରର ଦୁଃଖ। ଦୁର୍ଘଟଣାରେ ଅନ୍ୟ ମୃତକଙ୍କ ପରିବାର ଲୋକେ ମଧ୍ୟ ଝିଅପୁଅଙ୍କୁ ଝୁରି ଦିନ କାଟୁଛନ୍ତି। ଏ ସମ୍ପର୍କରେ ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କୁ ପଚାରିବାରୁ ସରକାରୀ ନିୟମାନୁଯାୟୀ ଆହତଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା କହିଛନ୍ତି।

# ଫନୀ କ୍ଷୟକ୍ଷତି ଆକଳନ: ଓଡ଼ିଶାରେ କେନ୍ଦ୍ରୀୟ ଟିମ୍

**ଆଜି ପୁରୀ ଗସ୍ତରେ ଯିବେ**

ଭୁବନେଶ୍ୱର, ୨୦।୬ (ବ୍ୟୁରୋ): ବାତ୍ୟା 'ଫନୀ' କ୍ଷୟକ୍ଷତି ଆକଳନ କରିବାକୁ ଏକ ୪ ଜଣିଆ କେନ୍ଦ୍ରୀୟ ଟିମ୍ ୩ ଦିନିଆ ଓଡିଶା ଗସ୍ତରେ ଆସି ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଏହି ଟିମ୍ ଶୁକ୍ରବାର ପୁରୀ ଜିଲା ଗସ୍ତ କରି କ୍ଷୟକ୍ଷତି ଆକଳନ କରିବେ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅତିରିକ୍ତ ସଚିବ ବିବେକ ଭରଦ୍ୱାଜଙ୍କ ନେତୃତ୍ୱରେ ଏହି ଟିମ୍ ପୁରୀ ଜିଲାର ବିଭିନ୍ନ ବ୍ଲକ ପରିଦର୍ଶନ କରିବେ। କ୍ଷୟକ୍ଷତି ସମ୍ପର୍କରେ ପୁରୀ ଜିଲାପାଳଙ୍କ ସହ ମଧ୍ୟ ଆଲୋଚନା କରିବେ। ଶୁକ୍ରବାର ଅପରାହ୍ନରେ ଟିମ୍‌ର ସଦସ୍ୟମାନେ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବେ। ଶନିବାର କେନ୍ଦ୍ରୀୟ ଟିମ୍ ନୂଆଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଓଡିଶାରୁ ଫେରିବା ପରେ ଟିମ୍ କେନ୍ଦ୍ର ସରକାରଙ୍କୁ କ୍ଷୟକ୍ଷତିର ବୃତାନ୍ତ ରିପୋର୍ଟ ପ୍ରଦାନ କରିବେ।

ଏଠାରେ ସୂଚନାଯୋଗ୍ୟ ଯେ କେନ୍ଦ୍ରୀୟ ଟିମ୍ ମେ ୧୨ରୁ ୧୫ ତାରିଖ ମଧ୍ୟରେ ପୁରୀ, ଖୋର୍ଦ୍ଧା ଓ କଟକ ଜିଲାର କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିବା ସହ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। କ୍ଷତିଗ୍ରସ୍ତଙ୍କୁ ରିଲିଫ ମିଳିଛି ନା ନାହିଁ, ବାତ୍ୟା ପରେ କି ଅସୁବିଧା ହେଉଛି ଓ ସେମାନଙ୍କ ନଷ୍ଟ ହୋଇଯାଇଥିବା ନଡିଆ ଗଛ, ଘର, ଉଜୁଡ଼ା କ୍ଷେତ ବୁଲି ଦେଖିଥିଲେ। ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟ ଅଧୀନରେ ଥିବା ପାନୀୟ ଓ ପରିମଳ ବିଭାଗ ନିର୍ଦ୍ଦେଶକ ଅଜୟ କୁମାରଙ୍କ ନେତୃତ୍ୱରେ ଅନ୍ୟ ଏକ ଟିମ୍ ଖୋର୍ଦ୍ଧା ଜିଲାର ଜଟଣୀ ପୌରାଞ୍ଚଳ ପରିଦର୍ଶନ କରିଥିଲେ। କେନ୍ଦ୍ରୀୟ ଟିମ୍ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଯିବା ପୂର୍ବରୁ ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି) ବିଷ୍ଣୁପଦ ସେଠୀ ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏସଆରସି କେନ୍ଦ୍ରୀୟ ଟିମ୍‌କୁ ପ୍ରାଥମିକ ଆକଳନରେ ହୋଇଥିବା କ୍ଷୟକ୍ଷତି ଓ କେଉଁ ଜିଲା ଅଧିକ ପ୍ରଭାବିତ ହୋଇଛି ସେ ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହିତ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ମଧ୍ୟ ସେ ସୂଚନା ଦେଇଥିଲେ।

ଏଠାରେ ସୂଚନାଯୋଗ୍ୟ ଯେ ବାତ୍ୟା ଫନୀ ମାଡରେ ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା ଜିଲାରେ ପ୍ରଭୂତ କ୍ଷୟକ୍ଷତି ହୋଇଥିଲା। ସରକାରୀ ଭାବେ ୬୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫ ଲକ୍ଷ ଘର ନଷ୍ଟ ହୋଇଛି। ୧ ଲକ୍ଷ ୫୨ ହଜାର ହେକ୍ଟର ଚାଷ ଜମି ଉଜୁଡି ଯାଇଥିବା ବେଳେ ୧୪ ଲକ୍ଷ ଗଛ ମଧ୍ୟ ନଷ୍ଟ ହୋଇଛି। ଏ ସବୁର କ୍ଷତି ଭରଣା ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ୧୭ ହଜାର କୋଟି ଟଙ୍କାର ସ୍ମାରକପତ୍ର ଦିଆଯାଇଥିଲା। ମେ ୬ ତାରିଖରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତ କରି ବାତ୍ୟା ଅଞ୍ଚଳ ପରିଦର୍ଶନ କରିବା ସହ ୧ ହଜାର କୋଟି ଟଙ୍କାର ତତ୍କାଳ ସହାୟତା ଘୋଷଣା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବିଭିନ୍ନ ଅନୁଷ୍ଠାନର ସହାୟତା

**ଭୁବନେଶ୍ୱର,୨୦।୬(ବ୍ୟୁରୋ):** ଫନୀ କ୍ଷତିଗ୍ରସ୍ତଙ୍କ ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବିଭିନ୍ନ ସୂତ୍ରରୁ ସହାୟତା ଜାରି ରହିଛି। କାନାଡା ବ୍ୟାଙ୍କ ପକ୍ଷରୁ ଗୁରୁବାର ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୯,୨୮,୦୮,୮୧୧ ଟଙ୍କାର ଚେକ୍ ଦିଆଯାଇଛି। ବ୍ୟାଙ୍କ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆର.ଏ. ଶଙ୍କର ନାରାୟଣ ଚେକ୍ ପ୍ରଦାନ କରିଥିଲେ। ଆଇଡିବିଆଇ ବ୍ୟାଙ୍କ୍ ପକ୍ଷରୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜର୍ଟି ଚାକୋ, ସିଜିଏମ୍ ଅଦିତି କାକାଡେ ଓ ଆଞ୍ଚଳିକ ନିର୍ଦ୍ଦେଶକ ଅସିତ ପାଢୀ ୧,୦୪,୨୫,୦୦୦ ଟଙ୍କାର ଚେକ୍ ଦେଇଛନ୍ତି। ଇଣ୍ଡସଇଣ୍ଡ ବ୍ୟାଙ୍କ୍ ପକ୍ଷରୁ କାର୍ଯ୍ୟନିର୍ବାହୀ ଉପସଭାପତି ରବି ହରଜାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ୧,୫୦,୦୦,୦୦୦ ଟଙ୍କାର ଚେକ୍ ଦେଇଛନ୍ତି। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ପକ୍ଷରୁ ଅଧ୍ୟକ୍ଷ ବୃନ୍ଦାବନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ୨୨,୯୦,୦୦୦ ଟଙ୍କା ଦେଇଛନ୍ତି।

ଓଏସ୍‌ଏଏଫ୍‌ଆଇଆଇ ପକ୍ଷରୁ ୩୩,୩୧,୭୦୦ ଟଙ୍କା, ଥାନେ ଓଡ଼ିଆ ଆସୋସିଏଶନ୍ ପକ୍ଷରୁ ୧,୫୦,୦୦୦, ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ୧,୦୧,୦୦୦, ନିଖିଳ ଓଡ଼ିଶା ଅବସରପ୍ରାପ୍ତ ୟୁନିୟନ ବ୍ୟାଙ୍କ୍ କର୍ମଚାରୀ ସଂଘ ପକ୍ଷରୁ ୭୦,୦୦୦ ଟଙ୍କା ଏବଂ ନିଖିଳ ଓଡ଼ିଶା ଆଲ୍ଲାହାବାଦ ବ୍ୟାଙ୍କ୍ କର୍ମଚାରୀ ସଂଘ ପକ୍ଷରୁ ୧,୬୬,୦୦୦ ଟଙ୍କା ଦିଆଯାଇଛି। ବାଙ୍କୀ ପ୍ରଗତି ପରିଷଦ ପକ୍ଷରୁ ୧୦,୦୦୦ ଟଙ୍କା, ରେଡ୍ ଏଫ୍‌ଏମ୍ ପକ୍ଷରୁ ୫୫,୦୦୦ ଟଙ୍କାର ପ୍ରଦାନ କରାଯାଇଛି। ଏହିପରି ଭାବେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୨,୪୪,୫୭,୫୧୧ ଟଙ୍କା ପ୍ରଦାନ କରାଯାଇଛି।

# କାକଟପୁର ମଙ୍ଗଳା, ଝଙ୍କଡ଼ ଶାରଳା ପୀଠର ହେବ ଉନ୍ନତୀକରଣ

**ଆଇନ ମନ୍ତ୍ରୀଙ୍କ ସମୀକ୍ଷା**

**ଭୁବନେଶ୍ୱର, ୨୦।୬ (ବ୍ୟୁରୋ):** ରାଜ୍ୟର ଦୁଇ ପ୍ରସିଦ୍ଧ ଦେବୀପୀଠରେ ବ୍ୟାପକ ଉନ୍ନତୀକରଣ କାର୍ଯ୍ୟ କରାଯିବ। ପୁରୀ ଜିଲା କାକଟପୁରର ମା' ମଙ୍ଗଳା ଏବଂ ଜଗତ୍‌ସିଂହପୁର ଜିଲା ଝଙ୍କଡ ମା' ଶାରଳାଙ୍କ ପୀଠରେ ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରାଯିବ। ଏ ସଂକ୍ରାନ୍ତରେ ଏକ ସମୀକ୍ଷା ବୈଠକ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ସଚିବାଳୟରେ ଅନୁଷ୍ଠିତ ହୋଇଯାଇଛି।

ମା' ମଙ୍ଗଳା ମନ୍ଦିର ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ମରାମତି ପାଇଁ ପଦକ୍ଷେପ ନିଆଯିବ। ଦେବୋତ୍ତର କମିଶନରଙ୍କ ଅଧୀନରେ ଗଠିତ କମିଟି ମନ୍ଦିରର ଶୃଙ୍ଖଳିତ ପରିଚାଳନା ପାଇଁ କାର୍ଯ୍ୟ କରିବ। ସେହିପରି ଝଙ୍କଡ ପୀଠରେ ଏକ ଯାତ୍ରୀ ନିବାସ ନିର୍ମାଣ ପାଇଁ ସ୍ଥିର କରାଯାଇଛି। ସେହି ସ୍ଥାନରୁ ଅଳ୍ପ ଦୂରରେ ଥିବା ଗୋରେଖନାଥ ପୀଠର ବ୍ୟାପକ ଉନ୍ନତୀକରଣ ଉପରେ ମନ୍ତ୍ରୀ ଜେନା ଗୁରୁତ୍ୱାରୋପ କରିଛନ୍ତି। ଏହି ୩ ପ୍ରମୁଖ ଧାର୍ମିକସ୍ଥଳୀ ଦେବୋତ୍ତର କମିଶନଙ୍କ ଅଧୀନରେ ଆସୁଛି। ତେଣୁ ପୀଠଗୁଡ଼ିକର ପରିଚାଳନା ପାଇଁ କମିଟି ଗଠନ କରାଯାଇ ଉନ୍ନତୀକରଣ କାର୍ଯ୍ୟ କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା, ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସ, ଆଇନ ବିଭାଗୀୟ ପ୍ରଶାସନିକ ଅଧିକାରୀ ଶଶିକାନ୍ତ ମିଶ୍ରଙ୍କ ସମେତ କାକଟପୁର ଏବଂ ଜଗତ୍‌ସିଂହପୁର ଜିଲାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

- ଓଭରବ୍ରିଜ୍ ୱାଲ୍‌ରେ ପିଟି ହୋଇଗଲା ବାଇକ୍

# ୨ ସାଙ୍ଗ ମୃତ, ଜଣେ ଗୁରୁତର

**ପୁରୀ ଅଫିସ, ୨୦।୬:** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ମାଳତୀପାଟପୁର ଓଭରବ୍ରିଜରେ ଗୁରୁବାର ଏକ ଦୁର୍ଘଟଣା ଘଟିଛି। ଏକ ବାଇକ୍ ଭାରସାମ୍ୟ ହରାଇ ଓଭରବ୍ରିଜ୍ ୱାଲ୍‌ରେ ପିଟିହୋଇ ଯିବାରୁ ଦୁଇ ସାଙ୍ଗଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଦ୍ୱୟ ହେଲେ ଭଦ୍ରକର ରୁଦ୍ରପ୍ରତାପ ବାରିକ (୨୦) ଓ ବିଶ୍ୱଜିତ ବାରିକ (୨୧)। ସେହିପରି ଆହତ ଜଣକ ହେଲେ ରାକେଶ କୁମାର ବାରିକ (୨୨)। ପୁରୀ ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଭଦ୍ରକର ରୁଦ୍ରପ୍ରତାପ, ବିଶ୍ୱଜିତ, ରାକେଶ, ଚନ୍ଦନ ଓ ଦୀପୁ ବାରିକ ଭୁବନେଶ୍ୱରର ଶହୀଦନଗରସ୍ଥିତ ଏକ ବିଉଟିପାର୍ଲରରେ କାର୍ଯ୍ୟ କରନ୍ତି। ବୁଧବାର ସନ୍ଧ୍ୟାରେ ସେମାନେ ଜଣେ ବନ୍ଧୁଙ୍କ ଭୋଜିରେ ଯୋଗଦେଇ ବିଳମ୍ବିତ ରାତି ପ୍ରାୟ ସାଢେ ୨ଟାରେ ଦୁଇଟି ବାଇକ୍ ଯୋଗେ ପୁରୀ ବୁଲିବାକୁ ବାହାରିଥିଲେ। ଗୋଟିଏ ବାଇକ୍‌ରେ ରୁଦ୍ରପ୍ରତାପ, ବିଶ୍ୱଜିତ ଓ ରାକେଶ ଆସୁଥିଲେ। ଅନ୍ୟ ବାଇକ୍‌ରେ ଚନ୍ଦନ ଓ ଦୀପୁ ଥିଲେ। ଗୁରୁବାର ଭୋର ୪ଟାରେ ରୁଦ୍ରପ୍ରତାପ ବାଇକ୍ ଚଳାଇ ପୁରୀ ସଦର ଥାନା ଅଧୀନ ମାଳତୀପାଟପୁର ଓଭରବ୍ରିଜ ଦେଇ କୋଣାର୍କ ଆଡ଼କୁ ଯାଉଥିଲେ। ଏହି ସମୟରେ ଓଭରବ୍ରିଜ ନିକଟ ହମ୍ପସରେ ବାଇକ୍‌ଟି ନିୟନ୍ତ୍ରଣ ହରାଇ ଓଭରବ୍ରିଜ ୱାଲ୍ ସହ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ରୁଦ୍ରପ୍ରତାପଙ୍କ ଜୀବନ ଚାଲିଯାଇଥିଲା। ବିଶ୍ୱଜିତ ଓ ରାକେଶ ବାଇକ୍‌ରୁ ଛିଟିକି ବ୍ରିଜ୍ ତଳକୁ ଖସିପଡ଼ିଥିଲେ। ଖବର ପାଇ ପୁରୀ ସଦର ଥାନା ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ସେଠାରେ ବିଶ୍ୱଜିତଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ଏ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।


GOVERNMENT OF ODISHA
"e"-PROCUREMENT NOTICE
No.25-B
Bid Identification No. E.E. PKL (R&B)- 01/2019-20
E-mail address- eepwd.pkl@rediffmail.com
Letter No.1977 Dt: 18.06.19

| | | |
|---|---|---|
| 1. Name of the work | : | Road Works |
| 2. Number of work | : | 3 (Three) |
| 3. Estimated Cost | : | Rs.50.85 to Rs.86.72 lakhs |
| 4. Period of Completion | : | 3 (Three) - 6(Six) months |
| 5. Date & Time of availability of bid document in the portal | : | From 03.00 P.M of 20.06.2019 to 04.00 P.M of 05.07.2019 |
| 6. Last Date/ Time for receipt of bids in the portal | : | 04.00 P.M of 05.07.2019 |
| 7. Date of opening of Bid | : | 04.30 P.M of 05.07.2019 |
| 8. Name and address of the officer inviting Bid | : | Executive Engineer, Panikoili (R&B) Division, Panikoili |

Further details can be seen from the e-procurement portal https://tendersodisha.gov.in

Sd./- (Er. T.P. Mishra)
Executive Engineer
Panikoili (R&B) Division
34067/11/0001/1920



GOVERNMENT OF ODISHA
HIGHER EDUCATION DEPARTMENT
e-Admission in +3 (Degree/Autonomous) Colleges for the Session 2019-20

No. 09-N: Dateline for e-Admission in all (+3) Degree/Autonomous Colleges including Self Financing (Degree) Colleges/ Sanskrit (Shastri) of the State under project Student Academic Management System (SAMS) is given below. In the process, the applicants have to fill up the Common Application Form (CAF) for admission and take a printout from the computer and deposit any of the 526 SAMS Resource Centers (SRCs) along with relevant documents and fees. For details, please contact your nearest SAMS Resource Center or call Sanjog Helpline Toll Free (155335 and 1800-345-6770) Number. The list of 526 SAMS Resource Centers is available in the Higher Education Department website www.dheodisha.gov.in/ www.samsodisha.gov.in . Any changes to the timelines will be published in the local newspapers & www.dheodisha.gov.in/ www.samsodisha.gov.in.

Important Notes:
1) Each student has to register in the SAMS portal for applying Degree application online. Uniqueness of the mobile number and e-mail id will be maintained in the SAMS database from the session 2019-20
ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଖବରଦାତା ସମ୍ମିଳନୀରେ ଦଳର ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ପାଟଣାଗଡ ବିଧାୟକ ମେହେର ଜୁନିୟର ଇଞ୍ଜିନିୟରଙ୍କୁ ବସଉଠ କରାଇଥିବା କଥା ସ୍ୱୀକାର କରିସାରିଛନ୍ତି । ବଲାଙ୍ଗୀର ଜିଲାପାଳ ମଧ୍ୟ ବିଧାୟକଙ୍କ ଦୋଷ ଥିବା ରିପୋର୍ଟରେ ଦର୍ଶାଇ ସାରିଛନ୍ତି । ଏହାସତ୍ତ୍ୱେ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୃହ ବିଭାଗର ମୁଖ୍ୟ ହୋଇ ଏହି ଘଟଣାକୁ ଗୁରୁତର ସହ ନେବା ପରିବର୍ତ୍ତେ ନବନିର୍ବାଚିତ ବିଧାୟକଙ୍କୁ ସୁରକ୍ଷା ଯୋଗାଉଛନ୍ତି। ପୂର୍ବରୁ ଶାସକ ଦଳର ଅନେକ ନେତା ଆଦିବାସୀ, ଦଳିତ ଏବଂ ମହିଳାଙ୍କ ଉପରେ ଅତ୍ୟାଚାର କରିବାପରେ ଆଇନକୁ ବାଟବଣା କରିବାକୁ ଉଦ୍ୟମ କରିଛନ୍ତି । ଶାସକ ଦଳର ବିଧାୟକ ସରକାରୀ ଅଫିସରଙ୍କୁ ଅସମ୍ମାନ କରିବା ପରେ ଉଭୟ ଗୃହ ବିଭାଗ ଏବଂ ପୋଲିସ ପ୍ରଶାସନ ଚୁପ ରହିଛି । ସମୟ ଗଡାଇ ବିଧାୟକଙ୍କୁ ବେଲ୍ କରାଇ ଖସାଇବାକୁ ଷଡଯନ୍ତ୍ର ରଚାଯାଇଛି। ବିଧାୟକ ବିଧାନସଭା ଗରିମାକୁ ହାନି କରିଛନ୍ତି। ବିଧାନସଭା ଆରମ୍ଭ ପୂର୍ବରୁ ବିଧାୟକଙ୍କୁ ଗିରଫ କରାଯାଉ ବୋଲି ଲେଖାଶ୍ରୀ କହିଛନ୍ତି ।

# ଟ୍ରେନ୍ ଧକ୍କାରେ ହାତୀ ମୃତ

ଢେଙ୍କାନାଳ ଅଫିସ, ୨୦।୬

■ ଅଳ୍ପକେ ବର୍ତ୍ତିଗଲେ ପଲରେ ଥିବା ଦନ୍ତା, ଶାବକ

■ ବନ ବିଭାଗ ପଠାଇ ନ ଥିଲା କସନ ନୋଟିସ୍: ଡିଏଫ୍‌ଓ



ମୃତ ମାଈ ହାତୀ।

ଢେଙ୍କାନାଳ ସଦର ଥାନା ପଶାସିଂହ-କାଉଁରିଆପାଳ ମଧ୍ୟରେ ଥିବା ରେଳଧାରଣା ପାର ହେଉଥିବା ବେଳେ ମାଲବାହୀ ଟ୍ରେନ୍ ଧକ୍କାରେ ଏକ ମାଈ ହାତୀର ଜୀବନ ଯାଇଛି। ଗୁରୁବାର ଭୋର୍ ୫ଟାରେ ଏହି ଦୁର୍ଘଟଣା ଘଟିଛି। ମୃତହାତୀର ଆନୁମାନିକ ବୟସ ୨୫ ବର୍ଷ ହେବ। ଦଳରେ ଥିବା ଏକ ଦନ୍ତା ଏବଂ ହାତୀ ଶାବକ ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ରେଳଧାରଣା ଅଞ୍ଚଳରେ ହାତୀପଲଙ୍କ ଉପସ୍ଥିତି ନେଇ ବନ ବିଭାଗ ପକ୍ଷରୁ ଦୈନିକ ଖୋର୍ଦ୍ଧାସ୍ଥିତ ପୂର୍ବତଟ ରେଲୱେ ଡିଭିଜନ କାର୍ଯ୍ୟାଳୟକୁ କସନ୍ ନୋଟିସ ପଠାଯାଉଛି। ହେଲେ ବୁଧବାର ସନ୍ଧ୍ୟାରେ ଏହା ପଠାଯାଇ ନ ଥିଲା। ସୂଚନା ଅଭାବରୁ ହାତୀ ରେଳଧାରଣା ପାର ହେଉଥିବା ଅଞ୍ଚଳରେ ଟ୍ରେନ୍‌ର ବେଗ କମ୍ କରି ନ ଥିଲେ ଡ୍ରାଇଭର। ତେଣୁ ଏପରି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଅନ୍ୟପଟେ କସନ ନୋଟିସ ପଠାଯାଇ ନ ଥିବା ସ୍ୱୀକାର କରିଛନ୍ତି ଡିଏଫ୍‌ଓ ସୁଦର୍ଶନ ପାତ୍ର ।

ଗୁରୁବାର ଭୋର୍ ସମୟରେ କାମାକ୍ଷାନଗର ପଟୁ ବ୍ରାହ୍ମଣୀ ନଦୀ ପାରହୋଇ ଉକ୍ତ ହାତୀପଲ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ମଠରଗଡ଼ି ସଂରକ୍ଷିତ ଜଙ୍ଗଲକୁ ଯାଉଥିଲେ। ଦନ୍ତା ଏବଂ ଶାବକ ରେଳଧାରଣା ଅତିକ୍ରମ କରିସାରିଥିଲେ। ଶେଷରେ ଆସୁଥିବା ମାଈ ହାତୀ ଧାରଣା ପାର୍ ହେଉଥିବାବେଳେ ଢେଙ୍କାନାଳ ଆଡୁ ତାଳଚେର ଯାଉଥିବା ମାଲଗାଡ଼ି ଧକ୍କା ଦେଇଥିଲା। ଟ୍ରେନ୍ ସହ ଧକ୍କା ଖାଇ ହାତୀଟି ରେଳଧାରଣା ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ବକ୍ସରେ ପିଟି ହୋଇ ୫୦ ମିଟର ଦୂରକୁ ଛିଟିକି ପଡ଼ିଥିଲା। ଘଟଣାସ୍ଥଳରେ ହାତୀଟିର ମୃତ୍ୟୁ ହୋଇଯାଇଥିଲା। ଏଥିରେ ବିଦ୍ୟୁତ୍ ବକ୍ସ ଭାଙ୍ଗରୁଜିଯାଇଛି। ସୂଚନା ପାଇ ଡିଏଫ୍‌ଓ, ସଦର ରେଞ୍ଜର ମନାୱର ଖାଁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ହାତୀ ମୃତଦେହକୁ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି।

୨୦୧୮ ଡିସେମ୍ବରରେ ଗେଙ୍ଗୁଟିଆ ନିକଟରେ ଟ୍ରେନ୍ ଧକ୍କାରେ ଏକ ହାତୀର ମୃତ୍ୟୁ ଘଟିଥିଲା। ସେହିପରି ଚଳିତ ଜୁନ୍‌ରେ ଏହା ହେଉଛି ୨ୟ ହାତୀ ମୃତ୍ୟୁ। ଗଦାଶିଳା-ମେରାମଣ୍ଡଳୀ ରେଳଷ୍ଟେଶନ ମଧ୍ୟରେ ଥିବା ରେଳଧାରଣାକୁ ଦୈନିକ ସକାଳେ ସନ୍ଧ୍ୟାରେ ହାତୀପଲ ପାର୍ କରୁଛନ୍ତି। ଉକ୍ତ ଟ୍ରାକ୍‌ରେ ମାଲବାହୀ ଏବଂ ଦ୍ରୁତଗାମୀ ଟ୍ରେନ୍‌ର ବେଗ କମାଇବାକୁ ଦୈନନ୍ଦିନ ବନ ବିଭାଗ ପକ୍ଷରୁ ପୂର୍ବତନ ରେଲୱେ ଡିଭିଜନ କାର୍ଯ୍ୟାଳୟକୁ କସନ ନୋଟିସ ପଠାଯାଇଥାଏ। ବୁଧବାର ସନ୍ଧ୍ୟାରେ ଏଥିରେ ବ୍ୟତିକ୍ରମ ହୋଇଛି। ଏଥିପାଇଁ ବନ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି ପରିବେଶବିତ୍। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

"ରିଟେଲ ଷ୍ଟୋରରେ ପିସିଓ ଢାଞ୍ଚାରେ ୱାଇ-ଫାଇ ସେବା ବିକ୍ରି କରିବା ଲାଗି ଅନୁମତି ଦେବାକୁ ସରକାର ବିଚାର କରୁଛନ୍ତି।
- ଅରୁଣା ସୁନ୍ଦରରାଜନ, ଟେଲିକମ୍ ସଚିବ



"ଏୟାରବସ୍ ସହ ଚୁକ୍ତି ଦ୍ୱାରା ଇନୋଭେଶନ ଜରିଆରେ ବିଶ୍ୱସ୍ତରର କ୍ୟାବିନ ଡିଜାଇନ ପ୍ରସ୍ତୁତ କ୍ଷେତ୍ରରେ ପାଦ ଦେବାକୁ ଯାଉଛୁ।
-କାର୍ତ୍ତିକେୟନ ନଟରାଜନ, ଗ୍ଲୋବାଲ ମୁଖ୍ୟ, ଟେକ୍ ମହିନ୍ଦ୍ରା



## ସଂକ୍ଷେପରେ

### ୧୫ମାସରେ ବନ୍ଦେ ଭାରତ ଏକ୍ସପ୍ରେସ୍‌ର ନିର୍ମାଣ ଖର୍ଚ୍ଚ ଉଠିଯିବ



ନୂଆଦିଲ୍ଲୀ,୨୦-୬: ଦେଶର ପ୍ରଥମ ଇଞ୍ଜିନବିହୀନ ଟ୍ରେନ ବନ୍ଦେ ଭାରତ ଏକ୍ସପ୍ରେସ ମାସକୁ ୭ କୋଟି ଟଙ୍କା ଆୟ କରୁଛି। ଏଭଳି ହାରରେ ଆୟ ହୋଇଚାଲିଲେ ଆସନ୍ତା ୧୨ରୁ ୧୫ ମାସ ମଧ୍ୟରେ ଏହି ଟ୍ରେନ ନିର୍ମାଣରେ ହୋଇଥିବା ଖର୍ଚ୍ଚ ଆଦାୟ ହୋଇଯିବ ବୋଲି ମନେ କରାଯାଉଛି। ଚଳିତବର୍ଷ ଫେବୃୟାରୀ ୧୫ରେ ଏହି ଟ୍ରେନର ପ୍ରଚଳନ ହୋଇଥିଲା। ସିଆଇଆଇ ଦ୍ୱାରା ଆୟୋଜିତ ଏକ ସମାରୋହରେ ଯୋଗ ଦେଇ ରେଲୱେ ବୋର୍ଡ ସଦସ୍ୟ ରାଜେଶ ଅଗ୍ରୱାଲ କହିଛନ୍ତି ଯେ, ବନ୍ଦେ ଭାରତ ଏକ୍ସପ୍ରେସ(ଟ୍ରେନ ୧୮)ର ନିର୍ମାଣ ଲାଗି ୧୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ବର୍ତ୍ତମାନ ଆଗାମୀ କିଛି ଦିନ ଲାଗି ଟ୍ରେନର ସମସ୍ତ ସିଟ୍ ରିଜର୍ଭେଶନ ହୋଇସାରିଛି। ଏହି ଟ୍ରେନ ଦିଲ୍ଲୀରୁ ବାରାଣସୀ ସପ୍ତାହକୁ ୫ ଦିନ ଯାତାୟାତ କରୁଛି। ତେବେ ଏହି ଟ୍ରେନର ଯାତ୍ରୀଙ୍କୁ ଟିକେଟ ମୂଲ୍ୟ ଉପରେ କୌଣସି ସବ୍‌ସିଡି ଦିଆଯାଏ ନାହିଁ। ସେହିପରି ଅନ୍ୟ ଟ୍ରେନ ଅପେକ୍ଷା ଏହାର ଟିକେଟ ମୂଲ୍ୟ ମଧ୍ୟ ଅଧିକ। ପୂର୍ବରୁ ଟ୍ରେନରେ ଆତଯାତ ହେଉ ନ ଥିବା ବ୍ୟକ୍ତିବିଶେଷ ଏବେ ଏହି ଟ୍ରେନରେ ଯିବାଆସିବା କରୁଛନ୍ତି ବୋଲି ଅଗ୍ରୱାଲ କହିଛନ୍ତି। ତେବେ ଏହି ଟ୍ରେନ ନିର୍ଦ୍ଧାରିତ ଘଣ୍ଟାପ୍ରତି ୧୬୦କିମି ବେଗରେ ଯାତାୟାତ କରୁନାହିଁ। ରେଲୱେ ଟ୍ରାକ୍ ଓ ଅନ୍ୟ କାରଣରୁ ସ୍ପିଡ୍ ହ୍ରାସ କରାଯାଇଛି ବୋଲି ସେ କହିଛନ୍ତି।

### ବ୍ୟାଙ୍କରେ ଋଣ,ଜମା ବୃଦ୍ଧି ଗତି ଧିମା

ନୂଆଦିଲ୍ଲୀ,୨୦-୬: ବ୍ୟାଙ୍କରେ ଋଣ ଓ ଜମା ବୃଦ୍ଧି ଗତି ଜୁନ ୭ରେ ଶେଷ ହୋଇଥିବା ସପ୍ତାହରେ ଧିମା ପଡିଥିବା ଜଣାପଡିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଦ୍ୱାରା ତଥ୍ୟ ଅନୁସାରେ ସମୀକ୍ଷାଧୀନ ପକ୍ଷରେ ବ୍ୟାଙ୍କର ଋଣ ୯.୯୨ ପ୍ରତିଶତ ବୃଦ୍ଧି ପାଇ ୯୬.୫୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ଜମା ୧୨.୩୧ ପ୍ରତିଶତ ହାରରେ ବଢ଼ି ୧୨୫.୪୦ କୋଟି ଟଙ୍କା ହୋଇଛି। ବର୍ଷକ ପୂର୍ବରୁ ଏହି ପକ୍ଷରେ ଋଣ ୮୫.୯୪ ଲକ୍ଷ କୋଟି ଟଙ୍କା ଏବଂ ଜମା ୧୧୪.୦୮ ଲକ୍ଷ କୋଟି ଟଙ୍କା ଥିଲା। ଏଥିପୂର୍ବରୁ ମେ'୨୪ରେ ଶେଷ ହୋଇଥିବା ପକ୍ଷରେ ବ୍ୟାଙ୍କର ଋଣ ୧୨.୭୦ ପ୍ରତିଶତ ବଢ଼ି ୯୬.୨୨ ଲକ୍ଷ କୋଟି ଏବଂ ଜମା ୧୦.୦୯ ପ୍ରତିଶତ ବଢ଼ି ୧୨୪.୯୮ ଲକ୍ଷ କୋଟି ଟଙ୍କା ଥିଲା। ଏପ୍ରିଲରେ ଅଣଖାଦ୍ୟ ଋଣ ୧୧.୯ ପ୍ରତିଶତ ବଢ଼ିଥିବା ବେଳେ ଗତବର୍ଷ ଏହି ସମୟରେ ଏହା ୧୦.୭ ପ୍ରତିଶତ ବଢ଼ିଥିଲା।

### ଭାରତରେ ଲଞ୍ଚ ହେବନି ଫେସ୍‌ବୁକ୍ କ୍ରିପ୍ଟୋକରେନ୍ସି

ନୂଆଦିଲ୍ଲୀ,୨୦-୬: ସୋସିଆଲ ମିଡିଆ କମ୍ପାନୀ ଫେସ୍‌ବୁକ ଭାରତରେ ନିଜର କ୍ରିପ୍ଟୋକରେନ୍ସି 'ଲିବ୍ରା'କୁ ଲଞ୍ଚ କରିବ ନାହିଁ। ରିଜର୍ଭ ବ୍ୟାଙ୍କ ଓ କେନ୍ଦ୍ର ସରକାର ପୂର୍ବରୁ ଦେଶରେ କୌଣସି ପ୍ରକାର କ୍ରିପ୍ଟୋକରେନ୍ସିର ପ୍ରଚଳନକୁ ବ୍ୟାନ୍ କରିଛନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ ଫେସ୍‌ବୁକ ନିଜର କ୍ରିପ୍ଟୋକରେନ୍ସି ସହ ଡିଜିଟାଲ ୱାଲେଟ 'କାଲିବ୍ରା'କୁ ମଧ୍ୟ ଭାରତରେ ପ୍ରଚଳନ କରିବ ନାହିଁ। ରିଜର୍ଭ ବ୍ୟାଙ୍କ ନିକଟରେ କମ୍ପାନୀ ପକ୍ଷରୁ କ୍ରିପ୍ଟୋକରେନ୍ସି ପ୍ରଚଳନ ନେଇ କୌଣସି ଆବେଦନ କରାଯାଇ ନାହିଁ। ତେବେ ଫେସ୍‌ବୁକ ପକ୍ଷରୁ କୁହାଯାଇଛି ଯେ, ଏହାର ଡିଜିଟାଲ ୱାଲେଟ ହ୍ୱାଟ୍ସଆପ୍‌ରେ ଉପଲବ୍ଧ ହେବ।

### ଆଇଏଲ୍‌ଆଣ୍ଡଏଫ୍ଏସ୍‌ର ୨ ପୂର୍ବତନ ଅଧିକାରୀ ଗିରଫ

ନୂଆଦିଲ୍ଲୀ,୨୦-୬: ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଲିଜିଂ ଆଣ୍ଡ ଫାଇନାନ୍ସିଆଲ ସର୍ଭିସେସ୍(ଆଇଏଲ୍‌ଆଣ୍ଡଏଫ୍ଏସ୍)ର ଦୁଇଜଣ ପୂର୍ବତନ ଅଧିକାରୀ ଯୁଗ୍ମ ଏମ୍‌ଡି ଅରୁଣ କୁମାର ସାହା ଏବଂ ଟ୍ରାନ୍ସପୋର୍ଟେଶନ ନେଟ୍‌ୱାର୍କର ପୂର୍ବତନ ଏମ୍‌ଡି କେ.ରାମଚାନ୍ଦଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଗିରଫ କରିଛି। ସିରିୟସ ଫ୍ରଡ୍ ଇନଭେଷ୍ଟିଗେଶନ ଅଫିସ୍(ଏସ୍ଏଫ୍ଆଇଓ) ପକ୍ଷରୁ ଆଇଏଲ୍‌ଆଣ୍ଡଏଫ୍ଏସ୍ ମାମଲାର ତଦନ୍ତ ଆରମ୍ଭ ହେବା ପରେ ଏହି ଦୁଇଜଣ ଅଧିକାରୀ ନିଜ ପଦରୁ ଇସ୍ତଫା ଦେଇଥିଲେ। ଇଡି ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଉକ୍ତ ଦୁଇ ଅଧିକାରୀଙ୍କୁ ପ୍ରିଭେନ୍ସନ ଅଫ୍ ମନିଲଣ୍ଡରିଂ(ପିଏମ୍ଏଲ୍ଏ) ଆଇନ ଅଧୀନରେ ଗିରଫ କରାଯାଇଛି।

■ ଆମେରିକା-ଇରାନ ଯୁଦ୍ଧ ଲାଗିଲେ

# ଅଶୋଧିତ ତେଲ ଦରରେ ଲାଗିବ ନିଆଁ

ନୂଆଦିଲ୍ଲୀ,୨୦-୬

ଇରାନ ବିରୋଧରେ ଆମେରିକାର କଟକଣା ଜାରି ପରେ ତେହରାନ ଓ ୱାଶିଂଟନ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଇତିମଧ୍ୟରେ ଆମେରିକାର ଏକ ସାମରିକ ଡ୍ରୋନକୁ ଇରାନ ଖସାଇ ଦେଇଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଏବେ ଯୁଦ୍ଧର ଆଶଙ୍କା ବଢ଼ିବାରେ ଲାଗିଛି। ଦୁଇ ଦେଶ ଯଦି ମୁହାଁମୁହିଁ ହୁଅନ୍ତି, ତେବେ ଅଶୋଧିତ ତୈଳ ଦର ହୁହୁ ହୋଇ ବଢ଼ିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

ଆମେରିକାର ଡ୍ରୋନକୁ ଇରାନ ଖସାଇଦେବାର ସୂଚନା ମିଳିବା ମାତ୍ରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଗୁରୁବାର ୩ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପିଛା ୬୩ ଡଲାରରେ ପହଞ୍ଚିଲାଣି। ଆମେରିକା ଓ ଇରାନ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା ନିକଟ ଭବିଷ୍ୟତରେ ବଢ଼ିବ ପଛେ କମିବ ନାହିଁ। ଆମେରିକାର ଜଣେ ଅଧିକାରୀ କହିଛନ୍ତି ଯେ, ଇରାନ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ ହୋଇପାରୁଥିବା କ୍ଷେପଣାସ୍ତ୍ର ସହାୟତାରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଉପରେ ଅନ୍ତଃରାଷ୍ଟ୍ରୀୟ ଆକାଶରେ ଏହାର ଡ୍ରୋନକୁ ମାରି ଖସାଇଛି। ଅନ୍ୟପକ୍ଷରେ ଇରାନ ରିଭଲ୍ୟୁଶନାରି ଗାର୍ଡସ ପକ୍ଷରୁ କୁହାଯାଇଛି ଯେ, ଆମେରିକାର ଡ୍ରୋନ ଦକ୍ଷିଣ ଇରାନ ଆକାଶରେ ଉଡାଣ ଭରୁଥିବା ବେଳେ ଏହାକୁ ମାରି ଖସାଇ ଦିଆଯାଇଛି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମସ୍ତରରେ ପହଞ୍ଚିଛି। ଏଣୁ ଅଶୋଧିତ ତେଲ ଦରରେ ନିଆଁ ଲାଗିଯିବ ବୋଲି ଏବେ ମତପ୍ରକାଶ ପାଇଛି। ଅପରପକ୍ଷରେ ଅର୍ଥନୀତିକୁ ଗତିଶୀଳ କରିବା ଲାଗି ଆମେରିକାର ଫେଡେରାଲ ରିଜର୍ଭ ଆସନ୍ତା ବୈଠକରେ ସୁଧ ହାର ହ୍ରାସ କରିବାର ସଙ୍କେତ ଦେଇଛି। ବିଶ୍ୱର ସର୍ବାଧିକ ଅଶୋଧିତ ତେଲ ବ୍ୟବହାର କରୁଥିବା ଆମେରିକାର ଭଣ୍ଡାରରେ ଏବେ ତେଲ ପରିମାଣ ହ୍ରାସ ପାଇଥିବା ତଥ୍ୟ ସାମ୍ନାକୁ ଆସିଛି। ବ୍ରେଣ୍ଟ କ୍ରୁଡ୍‌ର ମୂଲ୍ୟ ଗୁରୁବାର ସକାଳ ୧୦.୩୫ରେ ବ୍ୟାରେଲ ପିଛା ୧.୪୦ ଡଲାର ବଢ଼ି ୬୩.୨୨ ଡଲାରରେ ପହଞ୍ଚି ଯାଇଥିଲା। ସେହିପରି ୟୁଏସ୍ ୱେଷ୍ଟ ଟେକ୍ସାସ୍ ଇଣ୍ଟରମିଡିଏଟ କ୍ରୁଡ୍ ବ୍ୟାରେଲ ପିଛା ୧.୫୪ ଡଲାର ବଢ଼ି ୫୫.୩୦ ଡଲାର ହୋଇଛି। ତେଲ ଯୋଗାଣର ଏକ ଚେକ୍ ପଏଣ୍ଟ ଭାବେ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ କୁହାଯାଉଥିବା ବେଳେ ଗତ ସପ୍ତାହରେ ଦୁଇଟି ତେଲ ଟ୍ୟାଙ୍କରକୁ ମିସାଇଲ ମାଡ କରାଯାଇଥିଲା। ଏହାକୁ ନେଇ ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ଆରମ୍ଭ ହୋଇଯାଇଛି ।



■ ଗୁରୁବାର ତେଲ ଦର ୩% ବଢ଼ିଛି
■ ଆମେରିକା ଭଣ୍ଡାରରେ ତେଲ ହ୍ରାସ
■ ଜୁଲାଇ ପହିଲାରେ ତେଲ ହ୍ରାସ ସମ୍ପର୍କରେ ନିଷ୍ପତ୍ତି ନେବ ଓପେକ୍

ପେଟ୍ରୋମେଟ୍ରିକ୍ସ ଆନାଲିଷ୍ଟ ଓଲିଭିୟର ଜ୍ୟାକବଙ୍କ ମତରେ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ହେବା ଠିକ୍ ହେବନାହିଁ। ତେବେ ଆମେରିକା ଏନର୍ଜି ଇନ୍‌ଫର୍ମେଶନ ଆଡ୍‌ମିନିଷ୍ଟ୍ରେଶନ ପକ୍ଷରୁ କୁହାଯାଇଛି ଯେ, ଦେଶର ତୈଳ ଭଣ୍ଡାରରେ ଗଚ୍ଛିତ ତେଲ ପରିମାଣ ୩୧ ଲକ୍ଷ ବ୍ୟାରେଲ ହ୍ରାସ ପାଇଛି। ସୂଚନାଥାଉ କି, ଜୁଲାଇ ୧ଓ ୨ରେ ରୁଷ୍ ସମେତ ଓପେକ୍ ଦେଶ ସମୂହ ବୈଠକରେ ବସି ତେଲ ଉତ୍ପାଦନ ନେଇ ନିଷ୍ପତ୍ତି ନେବେ। ଦୈନିକ ୧୨ ଲକ୍ଷ ବ୍ୟାରେଲ ତେଲ ଉତ୍ପାଦନ ହ୍ରାସ ନେଇ ସହମତି ପ୍ରକାଶ ପାଇଲେ ତେଲ ଦର ବୃଦ୍ଧିକୁ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇପଡିବ।

■ ଏମ୍‌ପିସି ବୈଠକରେ ଶକ୍ତିକାନ୍ତଙ୍କ ମତ

# ଧିମା ହେଉଛି ଆର୍ଥିକ ଗତିବିଧି

ମୁମ୍ବାଇ,୨୦-୬

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ମୁଦ୍ରାନୀତି ସମୀକ୍ଷା(ଏମ୍‌ପିସି) ବୈଠକ ବିବରଣୀ ଗୁରୁବାର ପ୍ରକାଶ ପାଇଛି। ଏହି ବୈଠକରେ ଗଭର୍ନର ଶକ୍ତିକାନ୍ତ ଦାସ କହିଥିଲେ ଯେ, ଦେଶର ଅର୍ଥନୀତିର ଗତି ଧିମା ହେଉଥିବା ସ୍ପଷ୍ଟ ହେଉଛି। ଏହାକୁ ବୃଦ୍ଧି କରିବାକୁ ହେଲେ ନିର୍ଣ୍ଣାୟକ ମୁଦ୍ରା ନୀତି ଆପଣାଇବାକୁ ପଡିବ। ଚଳିତ ମାସ ୩ରୁ ୬ ତାରିଖ ଯାଏ ମୁଦ୍ରା ନୀତି ସମୀକ୍ଷା ବୈଠକ ବସିଥିଲା। ଏହି ବୈଠକରେ ଦାସ ତାଙ୍କର ମତପୋଷଣ କରିଥିଲେ। ସେ କହିଥିଲେ ଯେ, ଏପ୍ରିଲର ନୀତିଗତ ସୁଧ ହାର ହ୍ରାସ କରାଯିବା ପରେ ବୃହତ୍ ଆର୍ଥିକ ପରିସ୍ଥିତି ସବୁ ସ୍ପଷ୍ଟ ହୋଇଯାଇଥିଲା। ଆର୍ଥିକ ଗତିବିଧି ଧିମା ହେବା ଦୃଷ୍ଟିଗୋଚର ହୋଇଛି। ଗତ ଦୁଇଥର ରେପୋ ରେଟ ହ୍ରାସର ଲାଭ ଗ୍ରାହକଙ୍କ ନିକଟରେ ପହଞ୍ଚାଯିବା ସତ୍ତ୍ୱେ ୨୦୧୯-୨୦ରେ ମୁଦ୍ରାସ୍ଫୀତି ୪% ଆଖପାଖରେ ରହିବ ବୋଲି ଅନୁମାନ କରାଯାଉଛି। ଜିଡିପି ହାର ଗତ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସରେ ହ୍ରାସ ପାଇ ୫.୮% ରହିଛି। ତାଙ୍କ ମତରେ ଆର୍ଥିକ ଅଭିବୃଦ୍ଧି ବଢୁ ନ ଥିବାର ଧାରଣା ସ୍ପଷ୍ଟ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଏକ ନିର୍ଣ୍ଣାୟକ ମୁଦ୍ରାନୀତି ଆପଣାଇବାକୁ ହେବ ବୋଲି ସେ ଆହ୍ୱାନ ଦେଇଥିଲେ।



ମୁଦ୍ରାନୀତିର ଲକ୍ଷ୍ୟକୁ 'ତଟସ୍ଥରୁ ନମନୀୟ' କରିବାକୁ ସମର୍ଥନ କରି ସେ କହିଥିଲେ ଯେ, ବୃଦ୍ଧି ହାରକୁ ବଢ଼ାଇବା ଲାଗି ଭବିଷ୍ୟତରେ ଆହୁରି ପଦକ୍ଷେପ ନେବାକୁ ହେବ। କମିଟିର ଅନ୍ୟତମ ସଦସ୍ୟ ତଥା ଡେପୁଟି ଗଭର୍ନର ବିରାଲ ଆଚାର୍ଯ୍ୟ କହିଥିଲେ ଯେ, ଆର୍ଥିକ ଅଭିବୃଦ୍ଧିର ଛବି ଗୋଳିଆ ରହିଛି। ଗତ ଦୁଇଟି ତ୍ରୈମାସରେ ଏହାର ଗତି ଉଲ୍ଲେଖନୀୟ ଭାବେ ଧିମା ପଡିଛି। ଏଥିସହିତ ଆଉ କିଛି ବିପଦ ମଧ୍ୟ ରହିଛି। ମୌସୁମୀ ବର୍ଷା ଓ ଅଶୋଧିତ ତେଲର ଦରବୃଦ୍ଧିକୁ ଏଥିରେ ସାମିଲ କରାଯାଇପାରେ। ଅନ୍ତର୍ଦ୍ୱନ୍ଦ୍ୱ ସତ୍ତ୍ୱେ ସେ ରେପୋ ରେଟ୍‌କୁ ୬%ରୁ ୫.୭୫%କୁ ହ୍ରାସ କରିବାକୁ ସମର୍ଥନ କରନ୍ତି ବୋଲି ଆଚାର୍ଯ୍ୟ କହିଥିଲେ। କମିଟିର ଅନ୍ୟ ସଦସ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମାଇକେଲ ଦେବବ୍ରତ ପାତ୍ର, ରବୀନ୍ଦ୍ର ଏଚ୍.ଢ଼ୋଲକିଆ, ପାମୀ ଦୁଆ ଓ ଚେତନ ଘାଟେ ରେପୋ ରେଟ୍ ହ୍ରାସକୁ ସମର୍ଥନ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବିଓବିର ୧୩.୪୮ କୋଟି

ଭୁବନେଶ୍ୱର,୨୦-୬

ଫନୀ ପ୍ରଭାବିତ ଲୋକଙ୍କ ଥଇଥାନ ଏବଂ ସହାୟତା ନିମନ୍ତେ ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ୧୩.୪୮ କୋଟି ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଛି। ବ୍ୟାଙ୍କର ମହାପ୍ରବନ୍ଧକ ଏବଂ ପୂର୍ବାଞ୍ଚଳ ମୁଖ୍ୟ ସଂଯୋଜକ ବିଶ୍ୱରୂପ ଦାସ, ପାଟଣା ଜୋନର ମୁଖ୍ୟ ତଥା ମହାପ୍ରବନ୍ଧକ ନିତ୍ୟାନନ୍ଦ ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏଥି ବାବଦ ଚେକ୍ ପ୍ରଦାନ କରିଛନ୍ତି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ମୁଖ୍ୟ ତଥା ଉପମହାପ୍ରବନ୍ଧକ ସୋମନାଥ ନନ୍ଦ, ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ବିବେକ ଗୁପ୍ତା, ସହାୟକ ମହାପ୍ରବନ୍ଧକ ଭାରତ ଭୂଷଣ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବ୍ୟାଙ୍କର ଅଧିକାରୀମାନେ ଚେକ୍ ପ୍ରଦାନ କରୁଛନ୍ତି।

## କିରାନା ଦୋକାନ, ରେଷ୍ଟୁରାଣ୍ଟ ଖୋଲିବା ଏବେ ହେବ ସହଜ

ନୂଆଦିଲ୍ଲୀ,୨୦-୬

କେନ୍ଦ୍ର ସରକାର କିରାନା ଦୋକାନ ଏବଂ ରେଷ୍ଟୁରାଣ୍ଟ ଖୋଲିବା ଲାଗି ଆବଶ୍ୟକ ଲାଇସେନ୍ସ ସଂଖ୍ୟା କମାଇବାକୁ ଯାଉଛନ୍ତି। ନାଲିଫିତା ବ୍ୟବସ୍ଥାକୁ ହ୍ରାସ କରିବା ଲାଗି ସିଙ୍ଗଲ ୱିଣ୍ଡୋ ସିଷ୍ଟମ ଲାଗୁ କରିବାକୁ ଦାବି ହୋଇ ଆସୁଛି। ଏହା ଲାଗୁ ହେଲେ ବ୍ୟବସାୟ କରିବା ସହଜ ହେବ। ବର୍ତ୍ତମାନ ଏକ କିରାନା ଦୋକାନ ଖୋଲିବା ଲାଗି ୨୮ ପ୍ରକାର ଓ ଡାବା, ରେଷ୍ଟୁରାଣ୍ଟ ଖୋଲିବା ଲାଗି ୧୭ ପ୍ରକାର ଲାଇସେନ୍ସ ଆବଶ୍ୟକ ହୋଇଥାଏ। ଏହା ପରେ ହିଁ କୌଣସି ବ୍ୟକ୍ତି ନିଜର ବ୍ୟବସାୟ ଖୋଲିପାରିବେ। ଜଣେ ଅଧିକାରୀ କହିଛନ୍ତି ଯେ, ସରକାର ଇଜ୍ ଅଫ୍ ଡୁଇଂ ବିଜନେସକୁ ପ୍ରୋତ୍ସାହିତ କରିବାକୁ ଚାହାନ୍ତି। ଏହି କାରଣରୁ ନିୟମ କୋହଳ କରାଯିବ। ଏହାଦ୍ୱାରା ବ୍ୟବସାୟ କରିବା ସହଜ ହେବ। ବର୍ତ୍ତମାନ ସ୍ଥିତିରେ ଲାଇସେନ୍ସ ନେବା ଅଥବା ନବୀକରଣ କରିବା ଲାଗି ଦୀର୍ଘ ଦିନ ଲାଗିଥାଏ। ସେ କହିଛନ୍ତି ଯେ, ଲାଇସେନ୍ସ ନବୀକରଣ ବ୍ୟବସ୍ଥାକୁ ହଟାଇ ଦିଆଯିବ। ସୂଚନାଯୋଗ୍ୟ ଯେ, ଚାଇନା ଓ ସିଙ୍ଗାପୁର ଭଳି ରାଷ୍ଟ୍ରରେ ରେଷ୍ଟୁରାଣ୍ଟ ଖୋଲିବା ଲାଗି ମାତ୍ର ୪ ପ୍ରକାର କ୍ଲିୟରାନ୍ସ ନେବାକୁ ପଡିଥାଏ। ନ୍ୟାଶନାଲ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ପୁରୁଣା ଆଇନ ସମ୍ପର୍କରେ ମତପ୍ରକାଶ କରି କୁହାଯାଇଛି ଯେ, ଦିଲ୍ଲୀରେ ଗୋଟିଏ ସ୍ୟାଣ୍ଡୱିଚ୍ ଦୋକାନ ଖୋଲିବା ପାଇଁ ପୋଲିସ ନିକଟରେ ପ୍ରାୟ ୨୪ ପ୍ରକାର ଦସ୍ତାବିଜ ଜମା କରିବାକୁ ପଡ଼ିଥାଏ।

## କିଆର ନୂଆ 'ସେଲ୍‌ଟସ୍' ଏସ୍‌ୟୁଭି ବଜାରରେ

ନୂଆଦିଲ୍ଲୀ,୨୦-୬

କିଆ ମୋଟର୍ସ ପକ୍ଷରୁ ନୂଆ ସେଲ୍‌ଟସ ଏସ୍‌ୟୁଭିକୁ ନୂଆଦିଲ୍ଲୀଠାରେ ବଜାର ପ୍ରବେଶ କରାଯାଇଛି। କମ୍ପାନୀର ସେଲ୍‌ସ ଏବଂ ମାର୍କେଟିଂ ମୁଖ୍ୟ ମନୋହର ଭଟ୍ଟ, କିଆ ମୋଟର୍ସ ଇଣ୍ଡିଆ ଏମ୍‌ଡି କୋଖ୍ୟୁନ ସିମ୍, କିଆ ମୋଟର୍ସ କର୍ପୋରେଶନ ସଭାପତି ତଥା ସିଇଓ ହାନ ଓ ପାର୍କ ନୂଆ ଯାନଟିକୁ ବଜାର ପ୍ରବେଶ କରାଇଥିଲେ। ଏହି ମଡେଲ ଯାନ ସହ କମ୍ପାନୀ ଭାରତୀୟ ବଜାରରେ ଏହାର ଉପସ୍ଥିତିକୁ ଜାହିର କରିବାକୁ ସକ୍ଷମ ହୋଇଛି। ଏଥିରେ ସ୍ୱତନ୍ତ୍ର ଡିଜାଇନ, ସେଗମେଣ୍ଟ ଫାଷ୍ଟ ଫିଚର ଏବଂ ସ୍ପେଶିୟସ ଇଣ୍ଟେରିୟର ରହିଛି। ଏହା ମଧ୍ୟରେ ୬ ଏୟାରବ୍ୟାଗ, ୧.୪ ଲିଟରର ଟର୍ବୋ ଜିଡିଆଇ, ପେଟ୍ରୋଲ ଏବଂ ଡିଜେଲ ଇଞ୍ଜିନ ବିକଳ୍ପ, ବିଏସ୍-୬ ମାନକଯୁକ୍ତ ଇଞ୍ଜିନ, ୪ ଟ୍ରାନ୍ସମିଶନ ବିକଳ୍ପ, ସ୍ମାର୍ଟ ଷ୍ଟ୍ରିମ, ତୃତୀୟ ପିଢ଼ି ପାୱାର ଟ୍ରେନ, ୟୁଭିୟୁ କନେକ୍ଟ ଟେକ୍ନୋଲୋଜି, ୩୭ ସ୍ମାର୍ଟ ଫିଚର ରହିଛି। ଭାରତୀୟ ବଜାରର ଚାହିଦାକୁ ନଜରରେ ରଖି ଯାନଟିକୁ ଡିଜାଇନ କରାଯାଇଛି। ବିଶ୍ୱ ସ୍ତରରେ ସମ୍ପ୍ରସାରଣ ଦିଗରେ ଭାରତ କମ୍ପାନୀ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ବଜାର ବୋଲି କିଆ ମୋଟର୍ସ କର୍ପୋରେଶନର ସିଇଓ ଏବଂ ସଭାପତି ହାନ ଓ ପାର୍କ କହିଛନ୍ତି। ଘରୋଇବଜାରରେ ଏକ ପ୍ରମୁଖ ଅଟୋମୋବାଇଲ ସ୍ଥାନ ହାସଲ ଲାଗି ଏହି ପଦକ୍ଷେପ ସହାୟତା କରିବ ବୋଲି ପାର୍କ ଆଶା ପ୍ରକଟ କରିଛନ୍ତି। ମଡେଲଟି ୧୬୦ ସହରର ୨୬୫ ଟଚ୍‌ପଏଣ୍ଟରେ ଉପଲବ୍ଧ ହେବ।



## କୃଷି,ଏସ୍‌ଏମ୍‌ଇ କ୍ଷେତ୍ରକୁ କର୍ପୋରେଶନ ବ୍ୟାଙ୍କର ଗୁରୁତ୍ୱ



ଭୁବନେଶ୍ୱର,୨୦-୬

କୃଷି, ଅଣୁ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ) ସହ ରିଟେଲ କ୍ଷେତ୍ର ଋଣ ଯୋଗାଣକୁ କର୍ପୋରେଶନ ବ୍ୟାଙ୍କ ପ୍ରାଥମିକତା ଦେଉଛି। ଏହି କ୍ଷେତ୍ରକୁ ଦିଆଯାଇଥିବା ଋଣ ପରିମାଣ ସ୍ୱଳ୍ପ ରହୁଥିବା ବେଳେ ବିପୁଳ ପରିମାଣର ଅର୍ଥ ବୁଡିଯିବାର ଆଶଙ୍କା କମ୍ ରହିଥାଏ। ଏହାକୁ ଧ୍ୟାନରେ ରଖି ଉକ୍ତ କ୍ଷେତ୍ରଗୁଡିକୁ ଋଣ ଯୋଗାଣ ନେଇ ଯୋଜନା ରହିଥିବା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିରୁପାକ୍ଷ ମିଶ୍ର କହିଛନ୍ତି। ଋଣ ଯୋଗାଣ ସମୟରେ ବିଭିନ୍ନ ସତର୍କତା ଅବଲମ୍ବନ କରାଯାଉଥିବା ସେ ସୂଚନା ଦେଇଛନ୍ତି। ରାଜ୍ୟରେ ବ୍ୟାଙ୍କର ମୋଟ କାରବାର ୫,୦୦୦ କୋଟି ଟଙ୍କା ରହିଛି। ଏହା ମଧ୍ୟରେ ଜମା ଏବଂ ଅଗ୍ରିମ ପରିମାଣ ଯଥାକ୍ରମେ ୩,୦୦୦ କୋଟି ଏବଂ ୨୦୦୦ କୋଟି ଟଙ୍କା ରହିଛି। ବ୍ୟାଙ୍କ ଆର୍‌ବିଆଇର ପ୍ରମ୍ପଟ କରେକ୍ଟିଭ ଆକ୍ସନ (ପିସିଏ)ରୁ ବାହାରି ଥିବା ବେଳେ ଚଳିତ ବର୍ଷ ଋଣ ଆବଣ୍ଟନ କ୍ଷେତ୍ରରେ ୧୦ରୁ ୧୫% ଅଭିବୃଦ୍ଧି ନେଇ ଲକ୍ଷ୍ୟ ରଖିଥିବା ମିଶ୍ର କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଜୋନ ଆଞ୍ଚଳିକ ମୁଖ୍ୟ ଏ.ଆର୍.ରାଘବେନ୍ଦ୍ର ଉପସ୍ଥିତ ଥିଲେ। ବ୍ୟାଙ୍କର ଏମ୍‌ଡି ତଥା ସିଇଓ ପି.ଭି ଭାରତୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଫନୀ ପ୍ରଭାବିତଙ୍କ ସହାୟତା ଲାଗି ୩.୩୮ କୋଟି ଟଙ୍କା ପ୍ରଦାନ କରିଛନ୍ତି।

■ ପ୍ରଦୂଷଣମୁକ୍ତ ଯାନ ଚଳାଚଳକୁ ପ୍ରୋତ୍ସାହନ

## ଇ-ଯାନ ରେଜିଷ୍ଟ୍ରେଶନ ଫିସ୍ ହେବ ଛାଡ଼

ନୂଆଦିଲ୍ଲୀ,୨୦-୬

ଦେଶରେ ପ୍ରଦୂଷଣମୁକ୍ତ ଇଲେକ୍ଟ୍ରିକ ଚାଳିତ ଯାନ ଚଳାଚଳକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ବ୍ୟାଟେରିଚାଳିତ ସମସ୍ତ ପ୍ରକାର ଗାଡ଼ିର ରେଜିଷ୍ଟ୍ରେଶନ ଫିସ୍‌କୁ ଛାଡ଼ କରିବାକୁ ଯାଉଛନ୍ତି। ସଡ଼କ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ଚିଠା ଜାରି କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ରୀୟ ମୋଟର ଯାନ ନିୟମ(ସିଏମ୍‌ଭିଆର୍)୧୯୮୯ ଅଧୀନରେ ୨ ପ୍ରକାର ରେଜିଷ୍ଟ୍ରେଶନ ଫିସ୍ ବ୍ୟବସ୍ଥା କରାଯିବ। ମନ୍ତ୍ରଣାଳୟ ପକ୍ଷରୁ ସିଏମ୍‌ଭିଆର୍ ଧାରା ୮୧ ଅଧୀନରେ ସଂଶୋଧନ କରିବା ଲାଗି ଚଳିତ ମାସ ୧୮ରେ ଏକ ଚିଠା ଅଧିସୂଚନା ଜାରି କରାଯାଇସାରିଛି। ନିୟମରେ ସଂଶୋଧନ ଅଣାଯାଇ ବ୍ୟାଟେରି ଚାଳିତ ସମସ୍ତ ଗାଡ଼ିର ରେଜିଷ୍ଟ୍ରେଶନ ଫିସ୍‌କୁ ଛାଡ଼ କରାଯିବାର ପ୍ରସ୍ତାବ ଦିଆଯାଇଛି। ଏନେଇ ସମସ୍ତ ପକ୍ଷଙ୍କଠାରୁ ପରାମର୍ଶ ଲୋଡାଯାଇଛି। ନୂଆ ନିୟମ ଅନୁଯାୟୀ, ବାଟେରିରେ ଚାଲୁଥିବା ଦୁଇ, ତିନି ଓ ଚାରି ଚକିଆ ଗାଡ଼ିର ନୂଆ ରେଜିଷ୍ଟ୍ରେଶନ ଅଥବା ପୁରୁଣା ଗାଡ଼ିର ନବୀକରଣ ଲାଗି କୌଣସି ଫିସ୍ ଆଦାୟ କରାଯିବ ନାହିଁ। ଦେଶରେ ପେଟ୍ରୋଲ ଓ ଡିଜେଲ ଚାଳିତ ଗାଡ଼ି ଯୋଗୁ ପ୍ରଦୂଷଣ ବଢୁଥିବାରୁ ଏହାକୁ ହ୍ରାସ କରିବାକୁ ସରକାର ଚାହୁଁଛନ୍ତି। ଏଣୁ ବ୍ୟାଟେରି ଚାଳିତ ଗାଡ଼ି ଚଳାଚଳକୁ ସରକାର ପ୍ରୋତ୍ସାହିତ କରିବାକୁ ଆଗେଇ ଆସିଛନ୍ତି। ଏହାଦ୍ୱାରା ଅଶୋଧିତ ତେଲ କିଣିବା ଲାଗି ଦେଶକୁ ଭାରି ମାତ୍ରାରେ ଡଲାର ଖର୍ଚ୍ଚରୁ ରକ୍ଷା କରାଯାଇପାରିବ। ଫଳରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

## ଓକେସିଏଲ୍‌ର ସୁପର କ୍ୟାମ୍ପସ କର୍ମଶାଳା

ଭୁବନେଶ୍ୱର,୨୦-୬

ଓଡ଼ିଶା ନଲେଜ୍ କର୍ପୋରେଶନ ଲିମିଟେଡ (ଓକେସିଏଲ୍) ଏବଂ ମହାରାଷ୍ଟ୍ର ନଲେଜ କର୍ପୋରେଶନ ଲିମିଟେଡର ମିଳିତ ସହଯୋଗରେ ସ୍ଥାନୀୟ ଏକ ହୋଟେଲରେ ସୁପରସ୍କୁଲ/ସୁପର କ୍ୟାମ୍ପସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାରାଷ୍ଟ୍ର ନଲେଜ୍ କର୍ପୋରେଶନର ଅଧିକାରୀମାନେ ଅଂଶଗ୍ରହଣ କରି ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରି କିଭଳି ସ୍କୁଲ ଛାତ୍ରୀଛାତ୍ରଙ୍କର ଶିକ୍ଷା ପ୍ରଣାଳୀକୁ ଉନ୍ନତ କରାଯାଇପାରିବ ସେ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ସୁପରସ୍କୁଲ ପ୍ରଯୁକ୍ତିବିଦ୍ୟା ଫ୍ରେମୱାର୍କ ଦ୍ୱାରା ଶିକ୍ଷା ପଦ୍ଧତିରେ ଉନ୍ନତି, ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କୁ ଅଧିକ କ୍ରିୟାଶୀଳ କରାଇବାରେ ପ୍ରଯୁକ୍ତିବିଦ୍ୟା ଭଳି ପ୍ରସଙ୍ଗ ଉପରେ ଏଠାରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏବଂ କଟକର ବିଭିନ୍ନ ସ୍କୁଲର ଶିକ୍ଷକ, କମ୍ପ୍ୟୁଟର ଉପକରଣ ବିତରକ ଏବଂ ଓକେସିଏଲ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ।



# ଅଷ୍ଟ୍ରେଲିଆ ସେମିଫାଇନାଲ ନିକଟତର

ନଟିଂହାମ,୨୦।୬ (ପି.ଟି.)

ବିଶ୍ୱକପ୍‌ର ଅନ୍ୟତମ ଫେଭରାଇଟ ଦଳ ଅଷ୍ଟ୍ରେଲିଆ ଗୁରୁବାର ଅନୁଷ୍ଠିତ ଟୁର୍ନାମେଣ୍ଟର ୨୬ତମ ମ୍ୟାଚ୍‌ରେ ବାଂଲାଦେଶକୁ ୪୮ ରନରେ ପରାସ୍ତ କରିଛି। ଟ୍ରେଣ୍ଟ ବ୍ରିଜ୍‌ରେ ଖେଳାଯାଇଥିବା ଏହି ହାଇସ୍କୋରିଂ ମ୍ୟାଚ୍‌ରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ଅଭିଜ୍ଞ ଓପନର ଡେଭିଡ ୱାର୍ନରଙ୍କ ଧୂଆଁଧାର ଶତକ (୧୬୬ ରନ, ୧୪୭ ବଲ, ୧୪ ଚୌକା, ୫ ଛକା) ସହାୟତାରେ ୫ ଉଇକେଟ ହରାଇ ୩୮୧ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୮ ଉଇକେଟ ହରାଇ ୩୩୩ ରନରେ ସୀମିତ ରହି ପରାସ୍ତ ହୋଇଛି। ଏଥିସହ ଅଷ୍ଟ୍ରେଲିଆ ୬ଟି ମ୍ୟାଚ ଖେଳି ୫ ବିଜୟ ଓ ଗୋଟିଏ ପରାଜୟ ସହ ମୋଟ ୧୦ ପଏଣ୍ଟ ହାସଲ କରି ନ୍ୟୁଜିଲାଣ୍ଡକୁ ହଟାଇ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରି ସେମିଫାଇନାଲର ନିକଟତର ହୋଇଛି। ଅନ୍ୟପଟେ ବାଂଲାଦେଶ ୫ଟି ମ୍ୟାଚ୍ ଖେଳି ୨ ବିଜୟ, ୩ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୫ ପଏଣ୍ଟ ପାଇ ତାଲିକାର ପଞ୍ଚମ ସ୍ଥାନରେ ରହିଛି। ମ୍ୟାଚ୍ ବିଜୟୀ ବୃହତ୍ ଶତକୀୟ ଇନିଂସ ପାଇଁ ୱାର୍ନର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୩୮୨ ରନ କଷ୍ଟସାଧ୍ୟ ବିଜୟଲକ୍ଷ୍ୟର ପିଛା କରି ବାଂଲାଦେଶ ଲଢ଼େଇ କରିଥିଲେ ମଧ୍ୟ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ଉଇକେଟକିପର ବ୍ୟାଟ୍ସମ୍ୟାନ ମୁସ୍ଫିକର ରହିମ ୧୦୨ (୯୭ ବଲ, ୯ ଚୌକା, ୧ ଛକା) ରନର ଶତକୀୟ ପାଳି ଖେଳି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ଏହା ବିଜୟ ପାଇଁ ଯଥେଷ୍ଟ ହୋଇ ନ ଥିଲା। ଅନ୍ୟମାନଙ୍କ ମଧ୍ୟରେ ମହମୁଦୁଲ୍ଲା ୬୯ ରନ (୫୦ ବଲ, ୫ଚୌକା, ୩ ଛକା), ଓପନର ତାମିମ ଇକବାଲ ୬୨, ଇନଫର୍ମ ସାକିବ ଅଲ ହାସନ ୪୧, ଲିଟନ ଦାସ ୨୦, ସୌମ୍ୟ ସରକାର ୧୦ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁପାରି ନ ଥିଲେ। ସବୀର ରହମାନ ଖାତା ଖୋଲିପାରି ନ ଥିଲେ। ମେହିଦି ହାସନ ମିର୍ଜା ଓ ଅଧିନାୟକ ମଶ୍ରାଫି ମୋର୍ତ୍ତାଜା ୬ ରନ ଲେଖାଏ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ, ନାଥନ କୁଲ୍ଟର- ନାଇଲ ଓ ମାର୍କସ ଷ୍ଟୋଇନିସ ୨ଟି ଲେଖାଏ, ସ୍ପିନର ଆଡାମ ଜାମ୍ପା ଗୋଟିଏ ଉଇକେଟ ହାସଲ କରିଥିଲେ।

## ୱାର୍ନରଙ୍କ ଆଗରେ ଫିକା ପଡ଼ିଲା ରହିମଙ୍କ ଶତକ

**ଆଜିର ମ୍ୟାଚ୍**

**ଇଂଲଣ୍ଡ ବନାମ ଶ୍ରୀଲଙ୍କା**

ସ୍ଥାନ: ଲିଡ୍ସ

ସମୟ: ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ୱାର୍ନରଙ୍କ କୀର୍ତ୍ତିମାନ

ପୂର୍ବରୁ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ବିପକ୍ଷରେ ବୃହତ୍ ସ୍କୋର କରିଥିଲା। ତାରକା ଓପନର ଡେଭିଡ ୱାର୍ନର ଜବରଦସ୍ତ ବ୍ୟାଟିଂର ନମୁନା ପ୍ରଦର୍ଶନ କରି ୧୬୬ ରନର ଶତକୀୟ ଇନିଂସ ଖେଳିଥିଲେ। ସେ କ୍ରିଜ୍‌ରେ ୧୮୪ ମିନିଟ ରହିବା ସହ ୧୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୧୪ଟି ଚୌକା ଓ ୫ଟି ଛକା ମାରି ବାଂଲାଦେଶ ବୋଲରଙ୍କୁ ନିରାଶ କରିଥିଲେ। ଏଥିସହିତ ସେ ଟୁର୍ନାମେଣ୍ଟର ଦ୍ୱିତୀୟ ଓ କ୍ୟାରିୟରର ୧୬ତମ ଶତକ ହାସଲ କରିଛନ୍ତି। ସେ ମଧ୍ୟ ଦିନିକିଆରେ ଷଷ୍ଠଥର ପାଇଁ ୧୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ତେବେ ବିଶ୍ୱକପ୍ ଇତିହାସରେ ଦୁଇଥର ୧୫୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିବାରେ ସେ ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇ ରେକର୍ଡ କରିଛନ୍ତି। ଏହାପୂର୍ବରୁ ୱାର୍ନର ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ୧୦୭ ରନର ଶତକୀୟ ଇନିଂସ ଖେଳିଥିଲେ।

ୱାର୍ନରଙ୍କ ଏହି ଧୂଆଁଧାର ଇନିଂସ ବଳରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ ହରାଇ ୩୮୧ ରନ ସଂଗ୍ରହ କରିଥିଲା। ଅଧିନାୟକ ଆରୋନ ଫିଞ୍ଚ୍ ଓ ୱାର୍ନର ଓପନିଂ ଯୋଡିରେ ୨୬ ଓଭର ପୂର୍ବରୁ ୧୨୧ ରନ ସଂଗ୍ରହ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ତେବେ ଫିଞ୍ଚ୍ ୫୩ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ରଥମେ ଆଉଟ ହୋଇଥିଲେ। ସେହିପରି ଉସ୍‌ମାନ ଖ୍ୱାଜା ୭୨ ବଲରୁ ୧୦ ଚୌକା ସହ ୮୯ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଦ୍ୱିତୀୟ ଉଇକେଟ ଯୋଡିରେ ୱାର୍ନର ଓ ଖ୍ୱାଜା ଧୂଆଁଧାର ବ୍ୟାଟିଂ କରି ୧୪୧ ବଲରୁ ୧୯୨ ରନ ସଂଗ୍ରହ କରିଥିଲେ। ଟପ୍ ଅର୍ଡରର ୩ ବ୍ୟାଟ୍ସମ୍ୟାନ ୱାର୍ନର, ଫିଞ୍ଚ୍ ଓ ଖ୍ୱାଜା ମିଡିୟମ ପେସର ସୌମ୍ୟ ସରକାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଖ୍ୱାଜାଙ୍କ ପୂର୍ବରୁ ଦ୍ରୁତ ଗତିରେ ରନ୍ ସଂଗ୍ରହ କରି ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ମାତ୍ର ୧୦ ବଲରୁ ୨ ଚୌକା ଓ ୩ ଛକା ସହ ୩୨ ରନ କରି ରୁବେଲ ହୋସେନଙ୍କ ଦ୍ୱାରା ରନ୍ ଆଉଟ ହୋଇଥିଲେ। ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ମାତ୍ର ୧ ରନ କରିଥିବା ବେଳେ ମୁସ୍ତାଫିଜୁର ରହମାନଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଶେଷରେ ମାର୍କସ ଷ୍ଟୋଇନିସ ୧୧ ବଲରୁ ୧୭ ଓ ଉଇକେଟ କିପର ବ୍ୟାଟ୍ସମ୍ୟାନ ଆଲେକ୍ସ କାରେ ୮ ବଲରୁ ୧୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ବାଂଲାଦେଶ ତରଫରୁ ସୌମ୍ୟ ୩ ଓ ମୁସ୍ତାଫିଜୁର ରହମାନ ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। କେବଳ ମେହିଦି ହାସନ ମିରାଜଙ୍କୁ ବାଦ୍ ଦେଲେ ବାକି ସବୁ ବୋଲର ଓଭର ପିଛା ୬ରୁ ଊର୍ଦ୍ଧ୍ୱ ରନ ବ୍ୟୟ କରିଥିଲେ। ବାଂଲାଦେଶର ସବୁ ବୋଲର ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ଇନିଂସ ଶେଷହେବାକୁ ଆଉ ଗୋଟିଏ ଓଭର ବାକି ଥିବାବେଳେ ବର୍ଷା ହୋଇଥିଲା ଓ ଖେଳ ବାଧାପ୍ରାପ୍ତ ହୋଇଥିଲା।



ଶତକ ସେଲିବ୍ରେଶନ: ୧୬୬ ରନ୍‌ର ଇନିଂସ ଖେଳିଥିବା ଅଷ୍ଟ୍ରେଲିଆର ଡେଭିଡ ୱାର୍ନର।

### ସଂକ୍ଷିପ୍ତ ସ୍କୋର

- ଅଷ୍ଟ୍ରେଲିଆ ୫୦ ଓଭରରେ ୩୮୧/୫ (ୱାର୍ନର- ୧୬୬, ଖ୍ୱାଜା- ୮୯, ଫିଞ୍ଚ୍- ୫୩, ମ୍ୟାକ୍ସୱେଲ- ୩୨, ସୌମ୍ୟ- ୩/୫୮, ମୁସ୍ତାଫିଜୁର- ୧/୬୯)।
- ବାଂଲାଦେଶ ୫୦ ଓଭରରେ ୩୩୩/୮ (ମୁସଫିକର- ୧୦୨*, ମହମୁଦୁଲ୍ଲା- ୬୯, ତାମିମ- ୬୨, ସାକିବ- ୪୧, ଷ୍ଟାର୍କ- ୨/୫୫, କୁଲ୍ଟର ନାଇଲ- ୨/୫୮, ଷ୍ଟୋଇନିସ- ୨/୫୪)।

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୬ | ୫ | ୧ | ୦ | ୦ | ୧୦ | +୦.୮୪୯ |
| ନ୍ୟୁଜିଲାଣ୍ଡ | ୫ | ୪ | ୦ | ୦ | ୧ | ୯ | +୧.୫୯୧ |
| ଇଂଲଣ୍ଡ | ୫ | ୪ | ୧ | ୦ | ୦ | ୮ | +୧.୮୦୨ |
| ଭାରତ | ୪ | ୩ | ୦ | ୦ | ୧ | ୭ | +୧.୦୨୯ |
| ବାଂଲାଦେଶ | ୬ | ୨ | ୩ | ୦ | ୧ | ୫ | +୦.୧୩୮ |
| ଶ୍ରୀଲଙ୍କା | ୫ | ୧ | ୨ | ୦ | ୨ | ୪ | -୧.୭୭୮ |
| ୱେଷ୍ଟଇଣ୍ଡିଜ | ୫ | ୧ | ୩ | ୦ | ୧ | ୩ | +୦.୨୭୨ |
| ଦକ୍ଷିଣ ଆଫ୍ରିକା | ୬ | ୧ | ୪ | ୦ | ୧ | ୩ | -୦.୧୯୩ |
| ପାକିସ୍ତାନ | ୫ | ୧ | ୩ | ୦ | ୧ | ୩ | -୧.୯୩୩ |
| ଆଫଗାନିସ୍ତାନ | ୫ | ୦ | ୫ | ୦ | ୦ | ୦ | -୨.୦୮୯ |





**ନୂଆ ହେୟାର ଷ୍ଟାଇଲ:** ପାକିସ୍ତାନ ବିପକ୍ଷରେ ବୃହତ୍ ବିଜୟ ହାସଲ କରିବା ପରେ ନୂଆ ହେୟାର ଷ୍ଟାଇଲରେ ନଜରକୁ ଆସିଛନ୍ତି ଭାରତୀୟ ଉଇକେଟ କିପର ମହେନ୍ଦ୍ର ସିଂ ଧୋନୀ ଓ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା।

## ଇଂଲଣ୍ଡ-ଶ୍ରୀଲଙ୍କା ମୁକାବିଲା ଆଜି

ଲିଡ୍ସ,୨୦।୬(ପି.ଟି.)

ଚଳିତ ବିଶ୍ୱକପ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଆୟୋଜକ ତଥା ଫେଭରାଇଟ ଇଂଲଣ୍ଡ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଶୁକ୍ରବାର ସ୍ଥାନୀୟ ହେଡିଂଲି ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଟୁର୍ନାମେଣ୍ଟର ଏହି ୨୭ତମ ମ୍ୟାଚ୍ ଶ୍ରୀଲଙ୍କା ପାଇଁ କର ବା ମର ପରିସ୍ଥିତି ସୃଷ୍ଟି କରିଛି। ଶ୍ରୀଲଙ୍କା ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ମାତ୍ର ଗୋଟିଏ ବିଜୟ, ଦୁଇଟି ପରାଜୟ ଓ ଦୁଇଟି ବିନା ଫଳାଫଳ ସହ ୪ ପଏଣ୍ଟ ହାସଲ କରି ତାଲିକାର ପଞ୍ଚମ ସ୍ଥାନରେ ରହିଛି। ଫଳରେ ସେମି ଫାଇନାଲ ଦୌଡରେ ସ୍ଥିତି ବଜାୟ ରଖିବାକୁ ହେଲେ ଶ୍ରୀଲଙ୍କାକୁ ଏବେ ବାକିଥିବା ୪ଟି ମ୍ୟାଚ୍‌ରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି। ତେଣୁ ବିଜୟ ହାସଲ ଛଡ଼ା ଶ୍ରୀଲଙ୍କା ପାଇଁ ଅନ୍ୟ ରାସ୍ତା ନାହିଁ। ୧୯୯୬ ବିଶ୍ୱକପ୍‌ରେ ପ୍ରଥମଥର ପାଇଁ ଟାଇଟଲ ଜିତିଥିବା ଶ୍ରୀଲଙ୍କା ନିଜର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ଏହାପରେ ଦୁଇଟି ମ୍ୟାଚ୍ ବର୍ଷା କାରଣରୁ ବାତିଲ ହୋଇଥିଲା। ଗତ ସପ୍ତାହରେ ଶ୍ରୀଲଙ୍କା ୮୭ ରନରେ ଲଣ୍ଡନରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ଏବେ ଇଂଲଣ୍ଡ ବିପକ୍ଷରେ ଜିତିବାକୁ ହେଲେ ଶ୍ରୀଲଙ୍କାକୁ ସ୍ୱତନ୍ତ୍ର ପ୍ରଦର୍ଶନ କରିବାକୁ ହେବ।

ଘରୋଇ ପରିବେଶରୁ ଫାଇଦା ଉଠାଇ ଫେଭରାଇଟ ବିବେଚିତ ହେଉଥିବା ଇଂଲଣ୍ଡ ଏବେ ବେଶ୍ ଶକ୍ତିଶାଳୀ ମନେହେଉଛି। ୫ଟି ମ୍ୟାଚ୍ ଖେଳି ୪ଟି ବିଜୟ ଓ ଗୋଟିଏ ପରାଜୟ ସହ ୮ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ନ୍ୟୁଜିଲାଣ୍ଡ ୫ଟି ମ୍ୟାଚ ଖେଳି ୪ଟି ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ପାଇ ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛି। ଇଂଲଣ୍ଡ କେବଳ ପାକିସ୍ତାନଠାରୁ ପରାସ୍ତ ହୋଇଥିଲା। ଇଅନ ମୋର୍ଗାନଙ୍କ ନେତୃତ୍ୱରେ ଇଂଲଣ୍ଡର ବ୍ୟାଟିଂ ଏବେ ଶ୍ରେଷ୍ଠ ସାବ୍ୟସ୍ତ ହୋଇଛି। ୫ଟିରୁ ୪ଟି ମ୍ୟାଚ୍‌ରେ ଇଂଲଣ୍ଡ ୩୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଥିଲା। ଏଥିମଧ୍ୟରୁ ବାଂଲାଦେଶ ବିପକ୍ଷରେ ଇଂଲଣ୍ଡ ୩୮୬/୬ ଓ ଆଫଗାନିସ୍ତାନ ବିପକ୍ଷରେ ୩୯୭/୬ ରନ ସ୍କୋର କରିଥିଲା। ଚଳିତ ବିଶ୍ୱକପ୍‌ରେ ଇଂଲଣ୍ଡର ୫ଜଣ ବ୍ୟାଟ୍ସମ୍ୟାନ ଶ୍ରେଷ୍ଠ ୧୦ଜଣ ସର୍ବାଧିକ ସ୍କୋର ହାସଲକାରୀ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ସାମିଲ ହୋଇଛନ୍ତି। ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ହୋଇଥିବା ୧୨ଟି ଶତକରୁ ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କ ନାମରେ ୫ଟି ରହିଛି। ଯଦିଓ ତାରକା ଓପନର ଜାସନ ରୟ ଇଞ୍ଜୁରି କାରଣରୁ ଦଳରେ ନ ଥିଲେ ମଧ୍ୟ ଇଂଲଣ୍ଡ ପ୍ରଦର୍ଶନରେ କୌଣସି ଫରକ ପଡିନାହିଁ। ଆଫଗାନିସ୍ତାନ ବିପକ୍ଷରେ ମୋର୍ଗାନ ୧୪୮ ରନର ଧୂଆଁଧାର ପାଳି ଖେଳିଥିଲେ। ଏହି ଇନିଂସରେ ସେ ୧୭ଟି ଛକା ମାରି ବିଶ୍ୱରେକର୍ଡ ସ୍ଥାପନ କରିଥିଲେ ଓ ଇଂଲଣ୍ଡ ୬ ଉଇକେଟ ହରାଇ ୩୯୭ ରନ ସ୍କୋର କରିଥିଲା। ଇଂଲଣ୍ଡ ଏବେ ଅପରାଜେୟ ମନେହେଉଛି।

ଇଂଲଣ୍ଡକୁ ରୋକିବାକୁ ହେଲେ ଶ୍ରୀଲଙ୍କାକୁ ଦମ୍‌ଦାର ପ୍ରଦର୍ଶନ କରିବାକୁ ହେବ। ଲସିଥ ମାଲିଙ୍ଗା ଓ ନୂଆନ ପ୍ରଦୀପଙ୍କ ଭଳି ଦ୍ରୁତ ବୋଲରଙ୍କୁ ମଧ୍ୟ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିବାକୁ ହେବ। ଶ୍ରୀଲଙ୍କାର ବ୍ୟାଟିଂ ମଧ୍ୟ ଆଶାନୁରୂପ ହୋଇପାରିନାହିଁ। ଶ୍ରୀଲଙ୍କା ମିଡିଲ ଅର୍ଡର ଏପର୍ଯ୍ୟନ୍ତ ସବୁବେଳେ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ନ୍ୟୁଜିଲାଣ୍ଡ ବିପକ୍ଷରେ ଶ୍ରୀଲଙ୍କା ୧୪ ରନରେ ୫ ଉଇକେଟ ହରାଇଥିଲା ଓ ଶେଷରେ ୧୩୬ ରନରେ ଅଲଆଉଟ ହୋଇଥିଲା। ସେହିପରି ଆଫଗାନିସ୍ତାନ ବିପକ୍ଷରେ ଶ୍ରୀଲଙ୍କା ୩୬.୫ ଓଭରରେ ୨୦୧ ରନ କରି ଅଲଆଉଟ ହୋଇଥିଲା। ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ୩୬ ରନରେ ୭ ଉଇକେଟ ହରାଇ ବିପର୍ଯ୍ୟୟର ଶିକାର ହୋଇଥିଲା। ଗତ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ଶ୍ରୀଲଙ୍କା ଭଲ ଆରମ୍ଭ କରି ୩ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା। ତେବେ ଶେଷରେ ୨୪୭ ରନରେ ଅଲଆଉଟ ହୋଇଥିଲା।

## ୱିଲିୟମସନଙ୍କ ଖେଳୁଆଡ଼ ମନୋଭାବ ଉପରେ ପ୍ରଶ୍ନ

ବର୍ମିଂହାମ,୨୦।୬(ପି.ଟି.)

ଏଠାରେ ଖେଳାଯାଇଥିବା ବିଶ୍ୱକପ ମ୍ୟାଚ୍‌ରେ ଅଧିନାୟକ କେନ ୱିଲିୟମସନଙ୍କ ଅପରାଜିତ ଶତକ ବଳରେ ନ୍ୟୁଜିଲାଣ୍ଡ ୪ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ହରାଇ ଦେଇଛି। କିନ୍ତୁ ୱିଲିୟମସନଙ୍କ ଖେଳୁଆଡ଼ ମନୋଭାବ ଉପରେ ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ଖେଳାଳି ପଲ ଆଡାମ୍ସ। ୱିଲିୟମ୍ସନଙ୍କ ଶତକୀୟ ଇନିଂସ ଅବସରରେ ୩୮ତମ ଓଭରରେ ଉଇକେଟକିପର କ୍ୱିଣ୍ଟନ ଡି'କକ୍‌ଙ୍କ ହାତରେ କ୍ୟାଚ ଆଉଟ ହୋଇଥିଲେ। ଦକ୍ଷିଣ ଆଫ୍ରିକୀୟ ଖେଳାଳିଙ୍କ ଅପିଲ ସତ୍ତ୍ୱେ ଏହାକୁ ଅମ୍ପାୟର ଆଉଟ ଦେଇ ନ ଥିଲେ। ଦଳ ନିକଟରେ ରିଭ୍ୟୁ ବାକି ଥିଲା। ହେଲେ ରିଭ୍ୟୁ ବ୍ୟବହାର କରାଯାଇ ନ ଥିଲା। ପରେ ରିପ୍ଲେରେ ବଲ ବ୍ୟାଟ୍ରେ ବାଜିଥିବା ଜଣାପଡ଼ିଥିଲା। ୱିଲିୟମସନ କାହିଁକି ନିଜ ଆଡୁ ପ୍ୟାଭିଲିଅନ ଫେରି ଗଲେ ନାହିଁ ବୋଲି ଆଡାମ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଆମେ ଜାଣି ନ ଥିଲୁ। ସେତେବେଳେ ମୁଁ ଲଙ୍ଗ ଅନ ଅଞ୍ଚଳରେ ଥିଲି। କ୍ୟାଚ ବେଳେ କେବଳ ଡି'କକ୍ ହିଁ ନିକଟରେ ଥିଲେ। ତାଙ୍କ ନିଷ୍ପତ୍ତିକୁ ଭରସା କରିଥିଲି ବୋଲି ଡୁ'ପ୍ଲେସି ମ୍ୟାଚ ପରେ କହିଛନ୍ତି।

## ଆଘାତ ସମସ୍ୟାରୁ ବାଦ୍

ଆଇସିସି ବିଶ୍ୱକପ୍ ଦ୍ୱାଦଶ ସଂସ୍କରଣର ଗ୍ରୁପ୍ ପର୍ଯ୍ୟାୟ ଆଗେଇ ଚାଲିଛି। ପ୍ରତ୍ୟେକ ଦଳ ସେମିଫାଇନାଲରେ ସ୍ଥାନ ପକ୍କା କରିବା ପାଇଁ ସେମାନଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାରେ ଜୋର୍‌ଦାର ପ୍ରୟାସ ଜାରି ରଖିଛନ୍ତି। କିନ୍ତୁ ବିଶ୍ୱକପ୍ ଯେତେ ଆଗେଇ ଚାଲିଛି ଆଘାତଜନିତ ସମସ୍ୟା ପ୍ରତ୍ୟେକ ଟିମ୍ ପାଇଁ ସେତିକି ଚିନ୍ତାର କାରଣ ପାଲଟିଛି। ଆହତ ସମସ୍ୟା ଲାଗି କେତୋଟି ଦଳ ସେମାନଙ୍କ ପ୍ରମୁଖ ଖେଳାଳିଙ୍କୁ ହରାଇବାର ନଜର ସାମ୍ନାକୁ ଆସିଛି। ଏହିକ୍ରମରେ ସଦ୍ୟତମ ଖେଳାଳି ଭାବେ ଭାରତୀୟ ଦଳର ଇନ୍‌ଫର୍ମ ଓପନର୍ ଶିଖର ଧାୱନ ବିଶ୍ୱକପ୍ ଅଧାରୁ ବାଦ୍ ପଡ଼ିଛନ୍ତି। ଚଳିତ ବିଶ୍ୱକପ୍‌ରେ ଆହତ ସମସ୍ୟା ଲାଗି ବାଦ୍ ପଡ଼ିଥିବା କିଛି ଖେଳାଳିଙ୍କ ଉପରେ ନଜର ପକାଇବା...





### ଶିଖର ଧାୱନ (ଭାରତ)

ସଦ୍ୟତମ ଖେଳାଳିଭାବେ ଭାରତୀୟ ଦଳର ଷ୍ଟାର୍ ଓପନର୍ ଶିଖର ଧାୱନ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ବିଶ୍ୱକପ୍ ପୂର୍ବରୁ ଧାୱନଙ୍କ ଫର୍ମକୁ ନେଇ ଦଳ ଚିନ୍ତାରେ ରହିଥିଲେ ମଧ୍ୟ ଗ୍ରୁପ୍ ପର୍ଯ୍ୟାୟରେ ସେ ନିଜର ଚମକ ଛାଡ଼ିବାରେ ସଫଳ ହୋଇଥିଲେ। ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ୮ ରନ କରି ନିରାଶ କରିଥିବା ଧାୱନ କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ୧୦୯ ବଲରୁ ୧୧୭ ରନର ଦର୍ଶନୀୟ ଇନିଂସ ଖେଳିବା ସହ ଏହି ମ୍ୟାଚ୍‌ରେ ଭାରତକୁ ୩୬ ରନରେ ବିଜୟୀ କରାଇବାରେ ଧାୱନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କିନ୍ତୁ ଶତକୀୟ ଇନିଂସ ଅବସରରେ ଏକ ବାଉନ୍ସର ବଲ୍ ବାଜି ତାଙ୍କ ହାତ ଆଙ୍ଗୁଠି ଭାଙ୍ଗି ଯାଇଥିଲା। ଏହାପରେ ସେ ପାକିସ୍ତାନ ବିପକ୍ଷ ମ୍ୟାଚ୍ ଓ ପରେ ପୁରା ବିଶ୍ୱକପ୍‌ରୁ ବାଦ୍ ପଡ଼ିଥିଲେ।

### ଡେଲ୍ ଷ୍ଟେଇନ୍ (ଦକ୍ଷିଣ ଆଫ୍ରିକା)

ଆଘାତଜନିତ ସମସ୍ୟା ଲାଗି ବିଶ୍ୱକପ୍ ଅଧାରୁ ବାଦ୍ ପଡ଼ିଥିବା ଆଉ ଜଣେ ପ୍ରମୁଖ ଖେଳାଳି ହେଲେ ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ଦ୍ରୁତ ବୋଲର ଡେଲ୍ ଷ୍ଟେଇନ୍। ଦକ୍ଷିଣ ଆଫ୍ରିକା ପାଇଁ ଷ୍ଟେଇନ୍ ବିଶ୍ୱକପ୍‌ରେ ଜଣେ ପ୍ରମୁଖ ଅସ୍ତ୍ର ହେବେ ବୋଲି ଆଶା କରାଯାଉଥିଲା। କିନ୍ତୁ କହୁଣିଜନିତ ସମସ୍ୟା ଲାଗି ଶେଷରେ ତାଙ୍କୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼ିଥିଲା। ବିଶ୍ୱକପ୍‌ର ଠିକ୍ ଏକ ମାସ ପୂର୍ବରୁ ଏହି ଭେଟେରାନ ଦ୍ରୁତ ବୋଲର ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳରେ ଯୋଗ ଦେଇଥିଲେ। କିନ୍ତୁ ସମାନ ସମସ୍ୟା ଲାଗି ସେତେବେଳେ ମଧ୍ୟ ସେ ଆଇପିଏଲ୍‌ରୁ ଓହରି ଯାଇଥିଲେ। ଆଘାତ ଥିବା ସତ୍ତ୍ୱେ ସୁସ୍ଥ ହୋଇଯିବା ଆଶା କରି ତାଙ୍କୁ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଦଳରେ ସାମିଲ କରାଯାଇଥିଲା। କିନ୍ତୁ ସେ କ୍ରିକେଟ୍‌ର ମହାକୁମ୍ଭରେ ଗୋଟିଏ ବି ମ୍ୟାଚ୍ ଖେଳିବାକୁ ସମର୍ଥ ହୋଇପାରି ନ ଥିଲେ।

### ମହମ୍ମଦ ଶାହଜାଦ (ଆଫଗାନିସ୍ତାନ)



ଆଫଗାନିସ୍ତାନ ଉଇକେଟ୍‌କିପର ତଥା ଓପନିଂ ବ୍ୟାଟ୍ସମ୍ୟାନ ମହମ୍ମଦ ଶାହଜାଦଙ୍କୁ ଟୁର୍ନାମେଣ୍ଟର ପ୍ରଥମ ୨ଟି ମ୍ୟାଚ୍ ପରେ ବିଶ୍ୱକପ୍‌ରୁ ବାଦ୍ ଦିଆଯାଇଥିଲା। ଆଣ୍ଠୁଜନିତ ସମସ୍ୟା ଲାଗି ସେତେବେଳେ ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନଙ୍କୁ ବିଶ୍ୱକପ୍ ମଝିରୁ ଆଫଗାନିସ୍ତାନ ପଠାଇ ଦିଆଯାଇଥିଲା। କିନ୍ତୁ ପରେ ଶାହଜାଦ ନିଜକୁ ସମ୍ପୂର୍ଣ୍ଣ ଫିଟ୍ ଥିବା ଘୋଷଣା କରିବା ସହିତ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚିଥିବା ଭଳି ଏକ ବିବାଦୀୟ ଅଭିଯୋଗ ଆଣିଥିଲେ।



### ଝେ ରିଚାର୍ଡ଼ଶନ (ଅଷ୍ଟ୍ରେଲିଆ)

ଆଘାତଜନିତ ସମସ୍ୟାର ଶିକାର ହୋଇଥିବା ଆଉ ଜଣେ କ୍ରିକେଟର୍ ହେଲେ ଅଷ୍ଟ୍ରେଲୀୟ ଯୁବ ଦ୍ରୁତ ବୋଲର ଝେ ରିଚାର୍ଡ଼ଶନ। ବିଶ୍ୱକପ୍ ପୂର୍ବରୁ ପାକିସ୍ତାନ ବିପକ୍ଷ ସିରିଜରେ ଏହି ଡାହାଣହାତୀ ବୋଲରଙ୍କ କାନ୍ଧରେ ଗୁରୁତର ଆଘାତ ଲାଗିଥିଲା। ସେତେବେଳେ ସେ ଦମ୍‌ଦାର ଫର୍ମରେ ଥିଲେ। ଭାରତ ବିପକ୍ଷ ସିରିଜରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରି ବିଶ୍ୱକପ୍ ଲାଗି ଘୋଷିତ ୧୫ ଜଣିଆ ଦଳରେ ସ୍ଥାନ ପାଇଥିଲେ। ଏପରି କି ମ୍ୟାଚ୍‌ବେଳେ ସେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ଏକପ୍ରକାର ନିଶ୍ଚିତ ଥିଲା। କିନ୍ତୁ ଏହି ଘଟଣା ପରେ ତାଙ୍କୁ ୧୫ ଜଣିଆ ଦଳରୁ ବାଦ୍ ଦିଆଯିବା ସହ ତାଙ୍କ ସ୍ଥାନରେ କେନ୍ ରିଚାର୍ଡ଼ଶନଙ୍କୁ ଅଷ୍ଟ୍ରେଲିଆ ୧୫ ଜଣିଆ ଦଳରେ ସାମିଲ କରାଯାଇଥିଲା।

### ଏନ୍‌ରିକ୍ ନର୍ଟେଜ (ଦକ୍ଷିଣ ଆଫ୍ରିକା)

ଶ୍ରୀଲଙ୍କା ବିପକ୍ଷରେ ଦିନିକିଆ ପଦାର୍ପଣ କରି ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର ଏନ୍‌ରିକ ନର୍ଟେଜ ୪ ମ୍ୟାଚ୍‌ରୁ ୮ ଉଇକେଟ୍ ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରଭାବୀ ପ୍ରଦର୍ଶନ ଲାଗି ନର୍ଟେଜଙ୍କୁ ଦକ୍ଷିଣ ଆଫ୍ରିକା ୧୫ ଜଣିଆ ବିଶ୍ୱକପ୍ ଦଳ ସମେତ ଆଇପିଏଲ୍‌ରେ କୋଲକାତା ନାଇଟ୍ ରାଇଡର୍ସ ଦଳରେ ସ୍ଥାନ ମିଳିଥିଲା। କିନ୍ତୁ ହାତରେ ଫ୍ୟାକ୍ଚର ଯୋଗୁ ଶେଷରେ ତାଙ୍କୁ ଉଭୟ ବିଶ୍ୱକପ୍ ଓ ଆଇପିଏଲ୍‌ରୁ ବାଦ୍ ଦିଆଯାଇଥିଲା। ନର୍ଟେଜଙ୍କ ବଦଳ ଖେଳାଳି ଭାବେ ଅଲ୍‌ରାଉଣ୍ଡର କ୍ରିସ୍ ମୋରିସ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଦଳରେ ସ୍ଥାନ ପାଇ ଲଣ୍ଡନ ଗସ୍ତ କରିଥିଲେ। ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲେ ମଧ୍ୟ ମୋରିସ ସଫଳ ସାବ୍ୟସ୍ତ ହୋଇଛନ୍ତି।



# ଅଭ୍ୟାସ ବେଳେ ବିଜୟ ଶଙ୍କର ଆହତ

ସାଉଥାମ୍ପଟନ,୨୦।୬(ପି.ଟି.)

ଟିମ୍ ଇଣ୍ଡିଆର ଆଘାତ ସମସ୍ୟା ବଢ଼ିବାରେ ଲାଗିଛି। ଏହାର ସଦ୍ୟତମ ଶିକାର ହୋଇଛନ୍ତି ଅଲରାଉଣ୍ଡର ବିଜୟ ଶଙ୍କର। ବୁଧବାର ଅଭ୍ୟାସ ଅବସରରେ ସେ ଆହତ ହୋଇଛନ୍ତି। ବର୍ଷା ପ୍ରଭାବିତ ଏହି ଅଭ୍ୟାସ ସେସନରେ ବ୍ୟାଟିଂ କରୁଥିବା ବେଳେ ଯଶପ୍ରୀତ ବୁମ୍ରାଙ୍କ ୟର୍କର ତାଙ୍କ ଗୋଡ ଆଙ୍ଗୁଠିରେ ବାଜିଥିଲା। ଫଳରେ ସେ ଯନ୍ତ୍ରଣା ଅନୁଭବ କରିଥିଲେ ଓ ଶେଷରେ ତାଙ୍କୁ ଟ୍ରେନିଂ ଛାଡିବାକୁ ପଡିଥିଲା। ତେବେ ଏଥିରେ କୌଣସି ବ୍ୟସ୍ତ ହେବାର ନାହିଁ ବୋଲି ଦଳୀୟ ସୂତ୍ରରୁ ଜଣାଯାଇଛି। ବିଜୟ ଯନ୍ତ୍ରଣା ଅନୁଭବ କରିଥିଲେ ମଧ୍ୟ ସେଭଳି କିଛି ବିପଦ ନାହିଁ ବୋଲି ସ୍ପଷ୍ଟ କରାଯାଇଛି।

ଗୁରୁବାର ଶଙ୍କର ସ୍ଲିପର ପିନ୍ଧି ସାମାନ୍ୟ ଛୋଟୋଉଥିବାର ଲକ୍ଷ୍ୟ କରାଯାଇଥିଲା। ଏହା ପରେ ଅବଶ୍ୟ ସେ ଜଗିଂ କରିବାର ଦେଖାଯାଇଥିଲା। ସେ ମଧ୍ୟ କେତୋଟି ଅତ୍ୟାବଶ୍ୟକୀୟ ବ୍ୟାୟାମ କରିଥିଲେ। ତେବେ ଅନ୍ୟ ଭାରତୀୟ ଖେଳାଳିମାନେ ଫିଲ୍ଡିଂ ଅଭ୍ୟାସ କରିବା ସହ ନେଟ୍ ସେସନରେ ଭାଗ ନେଇଥିଲେ। ଭାରତୀୟ ବ୍ୟାଟିଂ ଲାଇନର ଚତୁର୍ଥ ନମ୍ବର ବ୍ୟାଟ୍ସମ୍ୟାନ ଭାବେ ଶଙ୍କର ବିବେଚିତ ହେଉଛନ୍ତି। ସେ ମଧ୍ୟ ଭଲ ମିଡିୟମ ପେସ୍ ବୋଲିଂ କରିଥାନ୍ତି। ଗତ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଶଙ୍କର ଅଧିନାୟକ ସର୍ଫରାଜ ଅହମ୍ମଦଙ୍କ ସମେତ ୨ଟି ଉଇକେଟ ଅକ୍ତିଆର କରି ଭାରତ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


ବିଜୟ ଶଙ୍କର

ଉଲ୍ଲେଖଥାଉ କି, ପୂର୍ବରୁ ତାରକା ତଥା ଅଭିଜ୍ଞ ଓପନର ଶିଖର ଧାୱନ ବୁଢା ଆଙ୍ଗୁଠି ଭାଙ୍ଗିବା କାରଣରୁ ବିଶ୍ୱକପ୍‌ରୁ ବାଦ୍ ପଡିସାରିଛନ୍ତି। ସେହିପରି ଦ୍ରୁତ ବୋଲର ଭୁବନେଶ୍ୱର କୁମାର ମଧ୍ୟ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରି କାରଣରୁ ଦୁଇଟି ମ୍ୟାଚ୍‌ରୁ ବାଦ୍ ପଡିଛନ୍ତି। ଏବେ ଶଙ୍କର ଆହତ ହେବା ପରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟର ଚିନ୍ତା ବଢ଼ିଯାଇଛି। ଭୁବନେଶ୍ୱର ୮ ଦିନ ବୋଲିଂ କରିପାରିବେ ନାହିଁ। ବର୍ମିଂହାମ୍‌ରେ ଜୁନ୍ ୩୦ରେ ଖେଳାଯିବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ଖେଳିବାକୁ ସେ ଫିଟ୍ ହୋଇଯାଇଥିବେ ବୋଲି ଆଶା କରାଯାଉଛି। ଟୁର୍ନାମେଣ୍ଟର ଅନ୍ତିମ ଭାଗରେ ଭୁବନେଶ୍ୱର ଫିଟ୍ ହେବା ନେଇ ଟିମ୍ ମ୍ୟାନେଜମେଣ୍ଟ ବିଶ୍ୱାସ ପ୍ରକଟ କରିଛି। ବିଶ୍ୱକପ୍‌ରେ ଭୁବନେଶ୍ୱର ପୁଣି ସାମିଲ ହେବା ନେଇ ଆଶାକ୍ଷୀଣ ବୋଲି କୁହାଯାଇଛି। ସେ ଚଲାବୁଲା କରିବା ସହ ଜଗିଂ କରୁଥିବାର ଲକ୍ଷ୍ୟ କରାଯାଇଛି। ତେବେ ସେ ନେଟ୍ ସେସନରେ ଭାଗ ନେଇ ନ ଥିଲେ। ଷ୍ଟାଣ୍ଡବାଇ ଦ୍ରୁତ ବୋଲରଭାବେ ଖଲିଲ ଅହମ୍ମଦ ଦଳ ସହିତ ରହିଛନ୍ତି। ସେଭଳି ଖରାପ ପରିସ୍ଥିତି ସୃଷ୍ଟି ହୁଏ ଓ ଯଦି ଭୁବନେଶ୍ୱର ଫିଟ୍ ନ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡନ୍ତି, ତାହେଲେ ଅଭିଜ୍ଞ ଇଶାନ୍ତ ଶର୍ମାଙ୍କୁ ଦଳରେ ସାମିଲ କରାଯାଇପାରେ। କାରଣ ଈଶାନ୍ତ ତାଲିକାରେ ରହିଛନ୍ତି। ବିଶ୍ୱକପ୍‌ରେ ଆଘାତ ସମସ୍ୟା କେବଳ ଭାରତ ଲାଗି ନୁହଁ ଅନ୍ୟ ଦଳଗୁଡିକ ପାଇଁ ମଧ୍ୟ ଚିନ୍ତା ସୃଷ୍ଟି କରିଛି।

## ପିଚ୍ ତୁମକୁ ମିସ୍ କରିବ:ମୋଦି

ନୂଆଦିଲ୍ଲୀ,୨୦।୬(ପି.ଟି.)

ତାରକା ତଥା ଅଭିଜ୍ଞ ଓପନର ଶିଖର ଧାୱନ ଇଞ୍ଜୁରି କାରଣରୁ ଭାରତୀୟ ବିଶ୍ୱକପ୍ ଦଳରୁ ବାଦ ପଡିଛନ୍ତି। ଫଳରେ ଭାରତର ବିଶ୍ୱକପ୍ ଅଭିଯାନକୁ ଜବରଦସ୍ତ ଝଟ୍‌କା ଲାଗିଛି। ଧାୱନ ମଧ୍ୟ ଏଥିରେ ନିରାଶ ହୋଇଛନ୍ତି। ଏଥିପାଇଁ ତାଙ୍କୁ ସବୁଆଡୁ ସମବେଦନାର ସୁଅ ଛୁଟିଛି। ଏଥିରେ ଏବେ ସାମିଲ ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ପ୍ରଧାନମନ୍ତ୍ରୀ ଟୁଇଟ୍ କରି ଧାୱନଙ୍କୁ ସାନ୍ତ୍ୱନା ଦେଇ ଉଲ୍ଲେଖ କରିଛନ୍ତି ଯେ, 'ପିଚ୍ ତୁମକୁ ମିସ୍ କରିବ ଓ ଏଥିରେ କୌଣସି ସନ୍ଦେହ ନାହିଁ'। ଗତ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ ଅବସରରେ ସେ ଆହତ ହୋଇଥିଲେ। କ୍ରିକେଟ ପଡିଆରେ ଆମେ ତୁମର ଅନୁପସ୍ଥିତି ଅନୁଭବ କରିବୁ। ଖୁବ୍‌ଶୀଘ୍ର ସୁସ୍ଥ ହୋଇ ତୁମେ ପୁଣି କ୍ରିକେଟ ଫିଲ୍ଡକୁ ପ୍ରତ୍ୟାବର୍ତ୍ତନ କର ଓ ଦେଶକୁ ଅଧିକରୁ ଅଧିକ ମ୍ୟାଚ୍‌ରେ ବିଜୟୀ କରାଅ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ଆଉ କୌଣସି ବିଶ୍ୱକପ୍ ମ୍ୟାଚ୍ ଖେଳିପାରିବେ ନାହିଁ ବୋଲି ଧାୱନ ଦେଇଥିବା ମେସେଜକୁ ଉଦ୍ଧୃତ କରି ପ୍ରଧାନମନ୍ତ୍ରୀ ଏହି ଟୁଇଟ୍ କରିଛନ୍ତି। ଧାୱନଙ୍କ ବଦଳ ଖେଳାଳିଭାବେ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ଧାୱନଙ୍କୁ ବହୁ ପୂର୍ବତନ ଓ ଏବେକାର କ୍ରିକେଟର ଏଥିପାଇଁ ସାନ୍ତ୍ୱନା ଜଣାଇଛନ୍ତି ଓ ଶୀଘ୍ର ଫିଟ୍ ହୋଇ ପୁଣି ପଡିଆକୁ ଫେରିବା ନେଇ ଆଶାପ୍ରକାଶ କରିଛନ୍ତି।

ଜନ୍ମଦିନ ଶୁଭେଚ୍ଛା

(ସାନ୍)
କୃଷ୍ଣ ପ୍ରସାଦ ପରିଡ଼ା
କୁଲିନ୍ଦ, ମହାଜନପୁର, କଟକ
ଆଜି ଇଂରାଜୀ ମାସ ଜୁନ୍ ୨୧ ତାରିଖରେ କୃଷ୍ଣ ପ୍ରସାଦ ପରିଡ଼ା (ସାନ୍)ର ୧୪ତମ ଜନ୍ମଦିନ ଉପଲକ୍ଷେ ପରିବାର ଓ ବନ୍ଧୁବାନ୍ଧବଙ୍କ ତରଫରୁ ଅଭିନନ୍ଦନ ଓ ଆଶିର୍ବାଦ।
ଧ-୧୩୦୬୭

## ଜିମ୍ବାୱେକୁ ହରାଇଲା ନେଦରଲାଣ୍ଡ୍ସ

ଡେଭେଣ୍ଟର (ନେଦରଲାଣ୍ଡ୍ସ), ୨୦।୬

ନେଦରଲାଣ୍ଡ୍ସ ଗସ୍ତରେ ଯାଇଥିବା ଜିମ୍ବାୱେ କ୍ରିକେଟ୍ ଦଳକୁ ପରାଜୟରୁ ଅଭିଯାନ ଆରମ୍ଭ କରିବାକୁ ପଡ଼ିଛି। ଘରୋଇ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌କୁ ଜିମ୍ବାୱେ ଡି/ଏଲ୍ ପଦ୍ଧତିରେ ୭ ଉଇକେଟ୍‌ରେ ପରାଜୟବରଣ କରିଛି। ବର୍ଷା ବାଧାପ୍ରାପ୍ତ ହେବାକୁ ମ୍ୟାଚ୍‌କୁ ୪୭ ଓଭର ବିଶିଷ୍ଟ କରାଯାଇଥିବାବେଳେ ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରି ୪୭ ଓଭରରେ ୮ ଉଇକେଟ୍ ହରାଇ ୨୦୫ ରନ କରିଥିଲା। ବ୍ରେଣ୍ଡନ ଟେଲର ସର୍ବାଧିକ ୭୧ ରନ କରିଥିଲେ। ଜବାବରେ ନେଦରଲାଣ୍ଡ୍ସ ୪୨.୫ ଓଭରରେ ୩ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନର୍ ମାକ୍ସ ଓଡୋଓଡ୍ ୮୬ ଓ ୱେସଲୀ ବାରେସି ୩୯ ରନ୍ କରି ଅପରାଜିତ ରହିଥିଲେ।

## ସଂକ୍ଷେପରେ

### ଭାରତ ଉପରୁ କଟକଣା ଉଠାଇଲା ଆଇଓସି

ଲାଉସାନେ, ୨୦।୬ (ପି.ଟି.)- ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ ନେଇ ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି (ଆଇଓସି) ଭାରତ ଉପରେ ଯେଉଁ କଟକଣା ଜାରି କରିଥିଲା, ତାହାକୁ ଗୁରୁବାର ଉଠାଇ ଦେଇଛି। ରାଜନୈତିକ କାରଣରୁ କୌଣସି ଯୋଗ୍ୟ ଆଥଲେଟଙ୍କୁ ଭିଜା ପ୍ରଦାନରୁ ବଞ୍ଚିତ ନ କରିବା ଲାଗି କେନ୍ଦ୍ର ସରକାର ନିର୍ଭର ପ୍ରତିଶ୍ରୁତି ଦେବାର ଦୁଇ ଦିନ ପରେ ଆଇଓସି ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଗୁରୁବାର ଏଠାରେ ଆଇଓସିର କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ଫେବୃୟାରୀରେ ନୂଆଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱକପ୍‌ରେ ଭାଗନେବା ଲାଗି ପାକିସ୍ତାନ ଶୁଟରଙ୍କୁ ଭିଜା ଦିଆଯାଇ ନ ଥିଲା। ଫଳସ୍ୱରୂପ ଭାରତରେ କୌଣସି ଗ୍ଲୋବାଲ ସ୍ପୋର୍ଟିଂ ଇଭେଣ୍ଟ ଆୟୋଜନ ସଂକ୍ରାନ୍ତ ଆଲୋଚନାକୁ ଆଇଓସି ସସ୍‌ପେଣ୍ଡ କରିଥିଲା।

### ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସାମିଲ ହେବ ମହିଳା କ୍ରିକେଟ

ବର୍ମିଂହାମ୍, ୨୦।୬ (ପି.ଟି.)- ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମହିଳା କ୍ରିକେଟ ଏକ ଅଂଶବିଶେଷ ହେବ। ଏ ନେଇ ପଥ ପରିଷ୍କାର ହୋଇଛି। କାରଣ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସଂଘ (ସିଜିଏଫ୍) ୨୦୨୨ ସଂସ୍କରଣରେ ମହିଳା କ୍ରିକେଟକୁ ସାମିଲ କରିବା ଲାଗି ସୁପାରିସ କରିଛି। ବର୍ମିଂହାମଠାରେ ସିଜିଏଫ୍‌ର କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ ବସିଥିଲା। ଗତ ନଭେମ୍ବରରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏବଂ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ସେମାନଙ୍କ ବିଡ୍ ଦାଖଲ କରିଥିଲେ। ପୂର୍ବରୁ ଥରେ ୧୯୯୮ରେ କୁଆଲାଲମ୍ପୁର ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଂସ୍କରଣରେ ପୁରୁଷ କ୍ରିକେଟକୁ ସାମିଲ କରାଯାଇଥିଲା। ସେଥର ଦକ୍ଷିଣ ଆଫ୍ରିକା ଚାମ୍ପିୟନ ହୋଇଥିଲା।

### ପଏଣ୍ଟ ଖାତା ଖୋଲିଲା ଆର୍ଜେଣ୍ଟିନା

ବେଲୋ ହରାଇଜଣ୍ଟ,୨୦।୬(ଏଏଫ୍‌ପି)- ଚଳିତ କୋପା ଆମେରିକା ଫୁଟବଲ ଟୁର୍ନାମେଣ୍ଟରେ ଆର୍ଜେଣ୍ଟିନା ପଏଣ୍ଟ ଖାତା ଖୋଲିବାକୁ ସକ୍ଷମ ହୋଇଛି। ପ୍ରଥମ ମ୍ୟାଚରେ କଲମ୍ବିଆଠାରୁ ପରାଜୟ ବରଣ କରିଥିବା ଆର୍ଜେଣ୍ଟିନା ଏଠାରେ ଖେଳାଯାଇଥିବା ପାରାଗୁଏ ବିପକ୍ଷ ମ୍ୟାଚକୁ ୧-୧ ଗୋଲରେ ଅମୀମାଂସିତ ରଖି ଏକ ପଏଣ୍ଟ ହାସଲ କରିଛି। ପାରାଗୁଏ ପାଇଁ ରିଚାର୍ଡ ସାଞ୍ଚେଜ (୩୭ତମ ମିନିଟ) ଗୋଲ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ପାରାଗୁଏ ୧-୦ ଗୋଲର ଅଗ୍ରଣୀ ହାସଲ କରିଥିଲା। ଜବାବରେ ଆର୍ଜେଣ୍ଟିନାକୁ ୫୭ତମ ମିନିଟ୍‌ରେ ପେନାଲ୍ଟି ମିଳିଥିଲା, ଯାହାକୁ ଷ୍ଟାର ଲିଓନେଲ ମେସି ସ୍କୋର କରିଥିଲେ। ଗୋଲକିପର ଫ୍ରାଙ୍କୋ ଅର୍ମାନି ଏକ ନିଶ୍ଚିତ ଗୋଲ ସେଭ ଯୋଗୁ ଦଳ ପଏଣ୍ଟ ଖାତା ଖୋଲିବାକୁ ସକ୍ଷମ ହୋଇଛି। ଆର୍ଜେଣ୍ଟିନା ୨ ମ୍ୟାଚରୁ ଏକ ପଏଣ୍ଟ ସହ ଗ୍ରୁପ ବି'ର ଅନ୍ତିମ ସ୍ଥାନରେ ରହିଛି। ଦଳକୁ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବାକୁ ହେଲେ ଅନ୍ତିମ ମ୍ୟାଚ୍‌ରେ କାତାରକୁ ନିଶ୍ଚିତ ହରାଇବାକୁ ପଡ଼ିବ।

### ମହିଳା ଫିଫା ବିଶ୍ୱକପ ସ୍କଟଲାଣ୍ଡକୁ ବିଦାକଲା ଆର୍ଜେଣ୍ଟିନା

ପ୍ୟାରିସ,୨୦।୬(ଏଏଫ୍‌ପି)- ଚଳିତ ମହିଳା ଫିଫା ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ଓ ସ୍କଟଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଗ୍ରୁପ ଡି'ର ଏକ ରୋମାଞ୍ଚକ ମ୍ୟାଚ ଡ୍ର' ସହ ଶେଷ ହୋଇଛି। ମ୍ୟାଚର ୭୪ ମିନିଟ ପର୍ଯ୍ୟନ୍ତ ୩-୦ ଗୋଲରେ ପଛୁଆ ଥିବା ପରେ ମଧ୍ୟ ଆର୍ଜେଣ୍ଟିନା ମ୍ୟାଚକୁ ଫେରିବା ସହ ଏକ ପଏଣ୍ଟ ଅର୍ଜନ କରିପାରିଛି। ଏଥିଯୋଗୁ ୩ ମ୍ୟାଚରୁ ଦୁଇ ପଏଣ୍ଟ ପାଇଥିବା ଆର୍ଜେଣ୍ଟିନା ଦଳର ନକଆଉଟ ରାଉଣ୍ଡକୁ ଉନ୍ନୀତ ହେବାର ଆଶା ଉଜ୍ଜୀବିତ ରହିଛି। ଅନ୍ୟପକ୍ଷରେ ସ୍କଟଲାଣ୍ଡର ବିଶ୍ୱକପ ଅଭିଯାନ ଶେଷ ହୋଇଛି। ସ୍କଟଲାଣ୍ଡ ଦଳ ଲାଗି କିମ ଲିଟଲ (୧୯ତମ ମିନିଟ), ଜେନ୍ନିଫର ବ୍ରେଟି (୪୯ତମ) ଓ ଇରିନ କର୍ଥବ୍ରଟ (୬୯ତମ) ଗୋଲ ଦେଇଥିଲେ। ଜବାବରେ ଆର୍ଜେଣ୍ଟିନାକୁ ମିଲାଗ୍ରସ ମେନେଣ୍ଡେଜ (୭୪ତମ) ପ୍ରଥମ ସଫଳତା ଆଣିଦେଇଥିଲେ। ଲି ଆଲେକ୍ସଜାଣ୍ଡର (୭୯ତମ) ଏକ ଆତ୍ମଘାତୀ ଗୋଲ ଦେଇଥିଲେ। ଶେଷରେ ଅତିରିକ୍ତ ସମୟରେ ମିଳିଥିବା ପେନାଲ୍ଟିକୁ ଫ୍ଲୋରେନ୍ସିଆ ବନ୍ସେଗୁଣ୍ଡୋ ଗୋଲରେ ପରିଣତ କରିଥିଲେ। ମ୍ୟାଚ ଅମୀମାଂସିତ ଭାବେ ଶେଷ ହୋଇଥିବାରୁ ଏପର୍ଯ୍ୟନ୍ତ ଗ୍ରୁପ ପର୍ଯ୍ୟାୟରେ ବିଜୟ ସ୍ୱାଦ ଚାଖିପାରି ନ ଥିବା ନ୍ୟୁଜିଲାଣ୍ଡ, ଚିଲି, ଚାଇନା, କାମେରୁନ ଓ ଥାଇଲାଣ୍ଡ ଦଳର ପ୍ରିକ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବାର ବାଟ ଫିଟିଛି।

## କଟା ହାତ ସତ୍ତ୍ୱେ ଫୁଟ୍‌ବଲକୁ ଫେରିଲେ କ୍ୱିରେକ୍ୱି

ହରାରେ, ୨୦।୬ (ଏଏଫ୍‌ପି)

ହାତ କଟି ଯାଇଥିଲେ ମଧ୍ୟ ଫୁଟ୍‌ବଲ ପଡ଼ିଆକୁ ଫେରିଛନ୍ତି ଜିମ୍ବାୱେର ଜଣେ ଖେଳାଳି ହାର୍ଡଲାଇଫ୍ କ୍ୱିରେକ୍ୱି। ଜିମ୍ବାୱେ ଫୁଟ୍‌ବଲ ଦଳର ଜଣେ ନିୟମିତ ସଦସ୍ୟ ହେଉଛନ୍ତି କ୍ୱିରେକ୍ୱି। ଗତବର୍ଷ ଏକ କାର୍ ଦୁର୍ଘଟଣାରେ ତାଙ୍କ ହାତ କଟି ଯାଇଥିଲା। ଦୃଢ଼ମନା, ସଂକଳ୍ପ, କଠିନ ପରିଶ୍ରମ ଓ ଅଭ୍ୟାସ ବଳରେ ସେ ପୁଣି ପଡ଼ିଆକୁ ଫେରିବାରେ ସଫଳ ହୋଇଛନ୍ତି। ଖବର ଅନୁସାରେ ସମ୍ମୁଖ ଭାଗରୁ ଦ୍ରୁତ ବେଗରେ ଆସୁଥିବା ଏକ ଗାଡ଼ି ଧକ୍କାକୁ ଏଡାଇବାକୁ ଯାଇ ତାଙ୍କ କାର୍‌ଟି ଭାରସାମ୍ୟ ହରାଇ ଏକ ଗଛ ସହିତ ଯାଇ ପିଟି ହୋଇଯାଇଥିଲା। ଯେଉଁଥିରେ ତାଙ୍କ ବାମ ହାତର ଏକ ଅଂଶ କଟି ଯାଇଥିଲା। କ୍ୱିରେକ୍ୱି କହିଛନ୍ତି, ଅଧିକାଂଶ ମନେ କରିଥିଲେ ମୋର କ୍ୟାରିୟରର ପରିସମାପ୍ତି ଘଟିଲା। ମାତ୍ର ମୁଁ ଏଥିରେ ବିଚଳିତ ନ ହୋଇ ମୋ ପ୍ରିୟ ଖେଳକୁ କିପରି ପ୍ରତ୍ୟାବର୍ତ୍ତନ କରିବି ସେ ନେଇ ପ୍ରଚେଷ୍ଟା କରିଥିଲି। ଇଜିପ୍ଟରେ ଆଫ୍ରିକା କପ୍ ଅଫ୍ ନେଶନ୍ସ ଟୁର୍ନାମେଣ୍ଟରେ ମୁଁ ପୂର୍ବତନ ଟିମ୍‌ମେଟ୍‌ଙ୍କ ଖେଳ ଉପରେ ନଜର ରଖିଥିଲି। ଅଙ୍ଗ ହରାଇବା ପରେ ନୂଆ ତରିକାରେ କିପରି ଖେଳିବାକୁ ହେବ ମୋତେ ଶିଖିବାକୁ ହୋଇଥିଲା। ଫୁଟ୍‌ବଲ ଏପରି ଏକ ଖେଳ ଯେଉଁଥିରେ ଦୁଇ ହାତ ସନ୍ତୁଳନ ରକ୍ଷା କରିବାକୁ ପଡ଼ିଥାଏ। ବାଲାନ୍ସ ବ୍ୟତୀତ, ବଲ୍ ଟ୍ୟାକଲ କରିବା ଏବଂ ତଳେ କିପରି ସୁରକ୍ଷିତ ଭାବେ ପଡ଼ିବାକୁ ହେବ ଏସବୁ ଶିଖିବା ଲାଗି ମୋତେ ୫ ମାସ ସମୟ ଲାଗିଗଲା। ନୂଆ ରୂପରେ ଖେଳିବା କୌଶଳ ହାସଲ କରିବା କ୍ଷେତ୍ରରେ ଡାକ୍ତର, ଫିଜିଓଥେରାପିଷ୍ଟ ଏବଂ ଫିଟ୍‌ନେସ ଟ୍ରେନରମାନଙ୍କ ଯଥେଷ୍ଟ ଅବଦାନ ରହିଛି ବୋଲି ସେ କହିଛନ୍ତି।

## ମହସିନଙ୍କ ସ୍ଥାନରେ ଆକ୍ରମ ହେବେ ଚେୟାରମ୍ୟାନ

କରାଚୀ, ୨୦।୬ (ପି.ଟି.)

ପୂର୍ବତନ ଟେଷ୍ଟ କ୍ରିକେଟର ମହସିନ ଖାଁ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି) କ୍ରିକେଟ କମିଟି ଚେୟାରମ୍ୟାନ ପଦବୀରୁ ଓହରିଯାଇଛନ୍ତି। ବୋର୍ଡର ପରିଚାଳନା ନିର୍ଦ୍ଦେଶକ ୱାସିମ ଆକ୍ରମ କମିଟିର ନୂତନ ମୁଖ୍ୟ ହେବେ। କ୍ରିକେଟ କମିଟିରୁ ତାଙ୍କୁ ଅବ୍ୟାହତି ଦେବା ଲାଗି ମହସିନ ପିସିବି ଚେୟାରମ୍ୟାନ ଏହେସାନ ମନିଙ୍କୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, କ୍ରିକେଟ କମିଟି ପାକିସ୍ତାନ ଦଳ ଏବଂ ଏହା ସହଯୋଗୀ ଷ୍ଟାଫ୍‌ଙ୍କ ଗତ ୩ ବର୍ଷର ପ୍ରଦର୍ଶନକୁ ସମୀକ୍ଷା କରିବ ବୋଲି ବୁଧବାର ପିସିବି ଘୋଷଣା କରିଥିଲା। ଗୁରୁବାର ପିସିବି ବୋର୍ଡ ଅଫ୍ ଗଭର୍ନର୍ସ ବୈଠକ ବସିଥିଲା। ଏଥିରେ ସମ୍ବିଧାନ ସଂଶୋଧନ କରାଯାଇ ପରିଚାଳନା ନିର୍ଦ୍ଦେଶକଙ୍କ କ୍ଷମତା ପରିସରକୁ ବୃଦ୍ଧି କରାଯାଇଥିଲା। ଏହେସାନ ମନି କହିଛନ୍ତି ମହସିନଙ୍କ ଭଳି ଜଣେ ବ୍ୟକ୍ତିକୁ ଆମେ ଛାଡ଼ିବାକୁ ଚାହୁଁନା, କିନ୍ତୁ ତାଙ୍କ ନିଷ୍ପତ୍ତିକୁ ଆମେ ସମ୍ମାନ ଦେବାକୁ ଚାହୁଁ। ଅନ୍ୟପକ୍ଷରେ ମହସିନ କହିଛନ୍ତି, ପାକିସ୍ତାନ କ୍ରିକେଟ ପାଇଁ କାର୍ଯ୍ୟକରିବା ଲାଗି ମୁଁ ସବୁବେଳେ ଉପଲବ୍ଧ। ମୋ ଅତୀତ ରେକର୍ଡ ଭିତ୍ତିରେ ଉପଯୁକ୍ତ ପଦବୀ ମିଳିଲେ ମୁଁ ଗ୍ରହଣ କରିବାକୁ ପ୍ରସ୍ତୁତ। ମହସିନ କ୍ରିକେଟ କମିଟିରୁ ଓହରିଯିବା ଅର୍ଥ ବିଶ୍ୱକପ୍ ପରେ ତାଙ୍କୁ ଏକ ଗୁରୁଦାୟିତ୍ୱ ପ୍ରଦାନ କରିବା ଲାଗି ବୋର୍ଡ ଯୋଜନା କରୁଥିବା ସ୍ପଷ୍ଟ ସୂଚନା ମିଳୁଛି। ସୂଚନାଯୋଗ୍ୟ, ମହସିନ, ୱାସିମ ଓ ମିସ୍‌ବା ଟେଲିଭିଜନ ଏବଂ ୟୁଟ୍ୟୁବ୍‌ର ବିଭିନ୍ନ କାର୍ଯ୍ୟକ୍ରମରେ କ୍ରିକେଟ ବିଶେଷଜ୍ଞ ଭାବେ ଅଂଶଗ୍ରହଣ ଚଳିତ ବିଶ୍ୱକପ୍‌ରେ ପାକିସ୍ତାନ ପ୍ରଦର୍ଶନକୁ ନେଇ କଡ଼ା ସମାଲୋଚନା କରିଛନ୍ତି। ୱାସିମ ନିକଟ ଅତୀତରେ ସ୍ପଷ୍ଟ କରିଥିଲେ ପାକିସ୍ତାନ କ୍ରିକେଟ ବ୍ୟବସ୍ଥାରେ ଆମୂଳଚୁଳ ପରିବର୍ତ୍ତନ ଦରକାର। କ୍ରିକେଟ କମିଟି ଠିକଣାରୂପେ କାର୍ଯ୍ୟ କରୁ ନାହିଁ। ଅନ୍ୟପକ୍ଷରେ ବିଶ୍ୱକପ୍ ପରେ ଏହାର ସୁପାରିସ ଚେୟାରମ୍ୟାନ ଏବଂ ବୋର୍ଡ ଅଫ୍ ଗଭର୍ନର୍ସଙ୍କ ନିକଟକୁ ପଠାଇବ ଲାଗି କ୍ରିକେଟ କମିଟିକୁ ପିସିବି ନିର୍ଦ୍ଦେଶ ଦେଇଛି। ଖବର ଅନୁସାରେ ଆଇସିସି ବିଶ୍ୱକପ୍ ପରେ ଅଧିନାୟକ, ଟିମ୍ ମ୍ୟାନେଜମେଣ୍ଟ ଏବଂ ସିଲେକ୍ସନ କମିଟିରେ ପରିବର୍ତ୍ତନ ସହ ଖେଳାଳିମାନଙ୍କ ଲାଗି ନୂଆ ନିୟମ ଲାଗୁ କରାଯିବା ଲାଗି ଯୋଜନା ଚାଲିଛି।

## ଖେଲୋ ଇଣ୍ଡିଆର ହକି କୋଚ୍ କର୍ମଶାଳା ଉଦ୍‌ଯାପିତ


ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ହକି କୋଚ୍‌ମାନେ।

ଭୁବନେଶ୍ୱର, ୨୦।୬(ସ୍ପୋର୍ଟ୍ସ ବ୍ୟୁରୋ)

କେନ୍ଦ୍ର କ୍ରୀଡ଼ା ଓ ଯୁବସେବା ବ୍ୟାପାର ସ୍କିମ ଖେଲୋ ଇଣ୍ଡିଆ ପକ୍ଷରୁ ହକି କୋଚ୍‌ମାନଙ୍କୁ ନେଇ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ତିନିଦିନିଆ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ କୋଚ୍‌ମାନଙ୍କର କୋଚିଂ ଦକ୍ଷତା ବଢ଼ାଇବା ଲକ୍ଷ୍ୟନେଇ ଗତ ୧୮ରୁ ଖେଲୋ ଇଣ୍ଡିଆ ପକ୍ଷରୁ ଏହି କର୍ମଶାଳା ଆୟୋଜିତ କରାଯାଇଥିଲା। ହକି ଇଣ୍ଡିଆର ଟେକ୍‌ନିକାଲ ସମର୍ଥନରେ ମୁଖ୍ୟତଃ ୩ଟି ବିଭାଗରେ ଏଥିରେ କୋଚ୍‌ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କର୍ମଶାଳାକୁ ହକି ଇଣ୍ଡିଆର ହାଇପରଫର୍ମାନ୍ସ ଡିରେକ୍ଟର ଡେଭିଡ୍ ଜନ୍ ପରିଚାଳନା କରିଥିଲେ। ପ୍ରଦର୍ଶନର ମାପ, ଖେଳ ବିଜ୍ଞାନର ମୂଲ୍ୟାଙ୍କନ, ଆଘାତଜନିତ ସମସ୍ୟାରୁ ବର୍ତ୍ତିବା, ଫିଟ୍‌ନେସ ଓ ହକି, ଫିଟ୍‌ନେସ ଟେଷ୍ଟ ଓ ପ୍ରୋଟୋକଲ୍ସ, ହକିର କୌଶଳ, ନୂଆ କୌଶଳର ବିକାଶ ଆଦି ବିଷୟ ଉପରେ ଏହି ୩ ଦିନିଆ କର୍ମଶାଳାରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ହକି ଇଣ୍ଡିଆର ଆର୍.କେ. ଶ୍ରୀବାସ୍ତବ, କଟ୍ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ, ପ୍ରାକ୍ତନ ଭାରତୀୟ ହକି ଅଧିନାୟକ ତଥା ପଦ୍ମଶ୍ରୀ ଦିଲୀପ୍ ତିର୍କୀ, ଦ୍ରୋଣାଚାର୍ଯ୍ୟ ବିଜେତା ଏମ୍.କେ. କୌଶିକ, କିଟ୍ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ଏନ୍. ରମେଶ ପ୍ରମୁଖ ଏହି କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ରହିଥିଲେ।

## ପ୍ରଣତୀ ଭଲ୍ଟ ଫାଇନାଲରେ

ନୂଆଦିଲ୍ଲୀ, ୨୦।୬ (ପି.ଟି.)

ମଙ୍ଗୋଲିଆର ଉଲାନବାଟାରଠାରେ ଚାଲିଥିବା ଏସିଆନ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଭାରତର ପ୍ରଣତୀ ନାୟକ ୧୩.୩୫ ସ୍କୋର ସହ ୬ଷ୍ଠ ସ୍ଥାନ ଅଧିକାର କରି ଭଲ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ବିଭାଗରେ ରାକେଶ କୁମାର ପାତ୍ର ରିଙ୍ଗ୍ସରେ ଭଲ ପ୍ରଦର୍ଶନ କରିଥିଲେ ସୁଦ୍ଧା ୧୩.୬୦ ସ୍କୋର କରି ୧୦ମ ହୋଇଥିଲେ। ପ୍ରଣତୀ ନାୟକ, ପ୍ରଣତୀ ଦାସ, ଶ୍ରଦ୍ଧା ତାଲେକର ଓ ପାପିୟା ଦାସଙ୍କୁ ନେଇ ମହିଳା ଦଳ କ୍ୱାଲିଫିକେଶନ ଓ ଫାଇନାଲ ପ୍ରତିଯୋଗିତାରେ ମୋଟ ୧୩୧.୨୫୦ ସ୍କୋର କରିଛନ୍ତି। ସେହିପରି ରାକେଶ କୁମାର ପାତ୍ର, ଯୋଗେଶ୍ୱର ସିଂ, ଆରିକ୍ ଦେ ଏବଂ ଦେବାଙ୍ଗ ଦେ'ଙ୍କୁ ନେଇ ପୁରୁଷ ଦଳ ମୋଟ ୨୨୯.୬୯୯ ପଏଣ୍ଟ ସ୍କୋର କରିଛନ୍ତି।

## ଅରୁଣାଚଳପ୍ରଦେଶକୁ ହରାଇ ଝାଡ଼ଖଣ୍ଡ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଝାଡଖଣ୍ଡର ଖେଳାଳିମାନେ।

କଟକ ଅଫିସ,୨୦।୬

ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ) ଆନୁକୂଲ୍ୟରେ କଟକରେ ଚାଲିଥିବା ସବ୍‌ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପରେ ଝାଡ଼ଖଣ୍ଡ ଚାମ୍ପିୟନ ହୋଇଛି। ଗୁରୁବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଝାଡ଼ଖଣ୍ଡ ୪-୦ ଗୋଲରେ ଅରୁଣାଚଳପ୍ରଦେଶକୁ ହରାଇ ଦେଇଛି। ଏକତରଫା ଭାବେ ଝାଡ଼ଖଣ୍ଡ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ପ୍ରଥମାର୍ଦ୍ଧର ୧୫ତମ ମିନିଟରେ ସୋନୀ ମୁଣ୍ଡା ଓ ୨୩ତମ ମିନିଟରେ ବାସନ୍ତୀ ଲାକ୍ରା ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସୋନୀ ଓ ବାସନ୍ତୀ ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଗୋଟିଏ ଲେଖାଏ ଗୋଲ ଦେଇ ଦଳକୁ ସହଜ ବିଜୟ ପ୍ରଦାନ କରିଛନ୍ତି। ବାସନ୍ତୀ ୫୮ତମ ମିନିଟରେ ଓ ସୋନୀ ୮୫ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ଝାଡ଼ଖଣ୍ଡକୁ ୪-୦ ଗୋଲରେ ଏକତରଫା ଭାବେ ବିଜୟୀ କରାଇଥିଲେ। ପୂର୍ବତନ ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ଆର୍.ପି, ସିଂ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଉପସଭାପତି ଭକ୍ତ ବଲ୍ଲଭ ଦାସ, ଏଆଇଏଫ୍‌ଏଫ୍‌ର ସହକାରୀ ମ୍ୟାନେଜର ସ୍ୱପ୍ନା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଫାଓ ସମ୍ପାଦକ ସଞ୍ଜୟ ବେହେରା ଟୁର୍ନାମେଣ୍ଟକୁ ସଫଳପୂର୍ଣ୍ଣ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ମନେ ପଡ଼ନ୍ତି

1st Death Anniversary

Late Anil Kumar Behura
(BABUNI)
D.O.B- 30.06.1980
D.O.D- 21.06.2018
Nistipur, Banki
From Behura Family Members
D-66147

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

✓ କାଶିନାଥ ସେଠୀ
(ପ୍ଲଟ୍ ନଂ. ୪୪୮/୩, ପଟିଆ, ଭୁବନେଶ୍ୱର)
ଆବିର୍ଭାବ : ୦୧.୦୨.୧୯୪୯
ତିରୋଧାନ : ୧୬.୦୬.୨୦୧୪
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ :
ପତ୍ନୀ : ଚନ୍ଦ୍ରମୁଖୀ, ପୁତ୍ର-ପିଣ୍ଟୁ, ଲିଟୁ,
ପୁତ୍ରବଧୂ : ରାନୁ, ଅମ୍ରିତା, ଝିଅ-ଜାନ୍‌ବି,
ନାତୁଣୀ : ଇସା, ସୋନୁ, ଇଭା ବନ୍ଧୁ ଓ ପରିବାରବର୍ଗ
ଧ-୧୩୦୪୯

ଯୋଗଯୁକ୍ତ ବିଶୁଦ୍ଧାତ୍ମା ବିଜିତାତ୍ମା ଜିତେନ୍ଦ୍ରିୟ ସର୍ବ ଭୂତାତ୍ମ ଭୂତାତ୍ମା କୁର୍ବନ୍ନପି ନଲିପ୍ୟତେ।

✓ ଦାମୋଦର ରଥ
ଆବିର୍ଭାବ : ୧୨.୦୫.୧୯୩୩
ତିରୋଧାନ : ୨୧.୦୬.୨୦୧୪
ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲା। ନିଜେ ଦୁଃଖ ସହି ସମସ୍ତଙ୍କୁ ଆନନ୍ଦ ଦେଇ ଆପଣ ଚିର ନମସ୍ୟ। ସବୁ ପୂର୍ଣ୍ଣତା ଭିତରେ ଏକ ବିରାଟ ଶୂନ୍ୟତା ଆମେ ଉପଲବ୍ଧି କରୁଛୁ। ଆପଣଙ୍କ ଆଦର୍ଶ ଆମର ପ୍ରେରଣା।
ପରିବାର ବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୬୬୨୪୮

# ନିଟ୍‌କୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଅଭିଭାବକ

**ଭୁବନେଶ୍ୱର,୨୦।୬(ବ୍ୟୁରୋ)**

ଜାତୀୟ ଯୋଗ୍ୟତା ଓ ପ୍ରବେଶିକା ପରୀକ୍ଷା (ଏନଟିଏ) ତରଫରୁ ମେଡିକାଲ କଲେଜରେ ନାମଲେଖା ପାଇଁ ଅନୁଷ୍ଠିତ ଜାତୀୟ ଯୋଗ୍ୟତା ଓ ପ୍ରବେଶିକା ପରୀକ୍ଷା (ନିଟ୍)-୨୦୧୯ରେ ଓଡ଼ିଶାରେ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ପ୍ରତି ଅନ୍ୟାୟ କରାଯାଇଛି। ଫଳରେ ରାଜ୍ୟରେ ପାସ୍‌ହାର ହ୍ରାସ ପାଇଛି। ଏନେଇ ଅଭିଭାବକମାନେ ଅଭିଯୋଗ ଉଠାଇବା ସହ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଭାବକମାନଙ୍କ ତରଫରୁ ମୃଣ୍ମୟ ଦାସ ହାଇକୋର୍ଟରେ ଏକ ମିସ୍‌କେସ୍ ନଂ.୮୭୧୯/୨୦୧୯ ରୁଜୁ କରିଛନ୍ତି।

ଅଭିଯୋଗ ମୁତାବକ, ବାତ୍ୟା 'ଫନୀ' ପାଇଁ ଓଡ଼ିଶାକୁ ଛାଡ଼ି ଅନ୍ୟସବୁ ରାଜ୍ୟରେ ମେ' ୫ରେ ନିଟ୍ ଅନୁଷ୍ଠିତ ହୋଇଥିଲା। ମେ' ୨୦ ତାରିଖରେ ଓଡ଼ିଶାରେ ଏହି ପ୍ରବେଶିକା ପରୀକ୍ଷା ହୋଇଥିଲା। ତେବେ ଓଡ଼ିଶା ଛାତ୍ରୀଛାତ୍ରଙ୍କ ପାଇଁ ପ୍ରସ୍ତୁତ ପ୍ରଶ୍ନପତ୍ର ଅଧିକ ଜଟିଳ ଥିଲା। ଅନ୍ୟପକ୍ଷରେ ର‌୍ୟାଙ୍କ୍ ପାଇଁ ଥିବା ନର୍ମାଲାଇଜେଶନ ପ୍ରସିଜିଓରକୁ ପାଳନ କରାଯାଇ ନ ଥିଲା। ଓଡ଼ିଶାରୁ କମ୍ ପିଲା ପରୀକ୍ଷା ଦେଇଥିବା ଦର୍ଶାଇ ଏହି ପ୍ରକ୍ରିୟାକୁ ଅନୁସରଣ କରାଯାଇ ନ ଥିଲା। ଜୁନ ୫ରେ ପରୀକ୍ଷାଫଳ ପ୍ରକାଶ ପାଇବା ପରେ ଏନ୍‌ଟିଏ ପକ୍ଷରୁ ଓଡିଶା ପିଲାଙ୍କ ପ୍ରତି ଅନ୍ୟାୟ ହୋଇଥିବା ଜଣାପଡିଥିଲା। ଏହାଦ୍ୱାରା ଓଡିଶାରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ ଅନ୍ୟ ରାଜ୍ୟରେ ଥିବା ମେଡିକାଲ କଲେଜରେ ପାଠ ପଢିବାରେ ବାଧା ସୃଷ୍ଟି ହେବ। କିନ୍ତୁ ଅନ୍ୟ ରାଜ୍ୟର ଛାତ୍ରୀଛାତ୍ର ଓଡିଶାରେ ସେମାନଙ୍କ ପାଇଁ ଥିବା ୧୫ ପ୍ରତିଶତ ସିଟ୍‌ରେ ନାମ ଲେଖାଇବାରେ ସୁଯୋଗ ପାଇବେ। ଏପରିସ୍ଥଳେ ଓଡ଼ିଶାର ଛାତ୍ରୀଛାତ୍ରମାନେ ଡାକ୍ତରୀ ପଢ଼ିବାରୁ ବଞ୍ଚିତ ହେବେ। ବର୍ତ୍ତମାନ ରାଜ୍ୟରେ ଡାକ୍ତରଙ୍କ ଅଭାବ ରହିଥିବାବେଳେ ନିଟ୍ ଅବ୍ୟବସ୍ଥା ଯୋଗୁ ଆଗକୁ ଗୁରୁତର ପରିସ୍ଥିତି ସୃଷ୍ଟି ହେବ। ରାଜ୍ୟ ସରାକାରଙ୍କୁ ଏନେଇ ଅନେକ ଅବିଭାବକ ଜଣାଇଲେ ମଧ୍ୟ କୌଣସି ସହଯୋଗ ମିଳିପାରୁ ନାହିଁ ବୋଲି ସେମାନେ ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କୁ ପଚାରିବାରୁ ସେ କହିଲେ, ମେଡିକାଲ ପ୍ରବେଶିକା ପରୀକ୍ଷା ସଂକ୍ରାନ୍ତରେ କ'ଣ ହୋଇଛି ଆଲୋଚନା କରାଯିବ।

ପ୍ରକାଶ ଥାଉକି, ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନ ଭାରତୀୟ ମେଡିକାଲ କାଉନ୍‌ସିଲ ଅନୁମୋଦିତ ମେଡିକାଲ କଲେଜରେ ଏମ୍‌ବିବିଏସ୍ ଓ ବିଡିଏସ୍ ନାମଲେଖା ପାଇଁ ନିଟ୍ ପରୀକ୍ଷା କରାଯାଉଛି। ଚଳିତ ବର୍ଷ ସର୍ବଭାରତୀୟ ସ୍ତରରେ ୧୩ ଲକ୍ଷ ୭୫ ହଜାର ପରୀକ୍ଷାର୍ଥୀ ନିଟ୍ ଦେଇଥିଲେ। ଓଡ଼ିଶାରୁ ୪୨ ହଜାର ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବାବେଳେ ୩୨ ହଜାର ୩୮୭ଜଣ ନିଟ୍ ଦେଇଥିଲେ। ସେଥି ମଧ୍ୟରୁ ୧୯ ହଜାର ୨୪୪ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ।

# ବଜ୍ରପାତରେ ୨ ମୃତ

**ଗାଁ ଦାଣ୍ଡରେ ବ୍ୟବସାୟୀ, ବିଲରେ ଟଳିପଡ଼ିଲେ ଚାଷୀ**

**ଗୋପ/କାକଟପୁର, ୨୦।୬(ଡି.ଏନ୍.ଏ.)**

ବଜ୍ରପାତରେ ଗୁରୁବାର ପୁରୀରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗୋପ ଥାନା ଅନ୍ତର୍ଗତ ବନ୍ତଳିଗ୍ରାମର ଗୋପାଳ ସେନାପତି(୪୫) ଓ କାକଟପୁର ବ୍ଲକ ଲତାହରଣ ଗ୍ରାମର ବାବାଜୀ ସାହୁ (୫୬)। ଗୋପାଳ ଗୁରୁବାର ପୂର୍ବାହ୍ନରେ ବ୍ୟବସାୟ ସାରି ଘରକୁ ଫେରୁଥିବା ବେଳେ ଗାଁ ଦାଣ୍ଡରେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପୁରୀ ସଦର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଗୋପ ଥାନାରେ ୧୫/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେହିପରି ବାବାଜୀ ବିଲରେ କାମ କରୁଥିବାବେଳେ ବଜ୍ରପାତ ହେବାରୁ ସେ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ପ୍ରଥମେ ତାଙ୍କୁ କାକଟପୁର ଏବଂ ପରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁଇ ମୃତକଙ୍କ ପରିବାର ଗରିବ ହୋଇଥିବାରୁ ସହକାରୀ ସହାୟତା ପାଇଁ ଜିଲା ପରିଷଦ ସଭ୍ୟ ସରୋଜିନୀ ନାୟକ ଓ ସାମାଜିକ କର୍ମୀ ଅଭୟ ସେଠୀ ଦାବି କରିଛନ୍ତି।
















## ବିଦ୍ୟୁତ୍ ଖୁଣ୍ଟ ବୋଝେଇ ଟ୍ରାକ୍ଟର ଓଲଟି ୧ ମୃତ, ୬ ଆହତ

**ସାକ୍ଷୀଗୋପାଳ, ୨୦।୬(ଡି.ଏନ୍.ଏ.)**

ସତ୍ୟବାଦୀ ଥାନା ମଧୁବନ ପଞ୍ଚାୟତର ବାଣପୁର ଛକରେ ଗୁରୁବାର ବିଦ୍ୟୁତ ଖୁଣ୍ଟ ବୋଝେଇ ଟ୍ରାକ୍ଟର ଓଲଟି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୬ଜଣ ଆହତ ହୋଇଛନ୍ତି। ମୃତକ ହେଲେ ସୁଶାନ୍ତ ବରାଳ(୨୮)। ସତ୍ୟବାଦୀ ବ୍ଲକର ଶୁକଳ ଗ୍ରାମକୁ ବିଦ୍ୟୁତ ସଂଯୋଗ ନିମନ୍ତେ ଗ୍ରାମର ଯୁବକମାନେ ଏକ ଟ୍ରାକ୍ଟରରେ ୨୦ଟି ଖୁଣ୍ଟ ଲଦି ତାହା ଉପରେ ବସି ଯାଉଥିବାବେଳେ ତାହା ଓଲଟି ପଡିଥିଲା। ବିଦ୍ୟୁତ୍‌ଖୁଣ୍ଟ ତଳେ ଯୁବକମାନେ ଚାପି ହୋଇଯାଇଥିଲେ। ସେମାନଙ୍କ ଘର ଶୁକଳ ବଡ଼ପଡାରେ ହୋଇଥିବାବେଳେ ପିଣ୍ଟୁ ନାୟକ ଗୁରୁତର ଅଛନ୍ତି।








2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
-ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### ବଧୂ ହତ୍ୟା ଅଭିଯୋଗ

**ବାଙ୍କୀ,୨୦।୬(ସ୍ୱ.ପ୍ର.):** ଡମପଡ଼ା ବ୍ଲକ ଅନ୍ତର୍ଗତ ରଗଡି ଗ୍ରାମର ସସ୍ମିତା ମହାପାତ୍ର (୨୦)ଙ୍କୁ ଶ୍ୱଶୁର ଘର ଲୋକ ମାରିଦେଇଛନ୍ତି। ଏନେଇ ତାଙ୍କ ବାପା ରମେଶ ମହାପାତ୍ର ଗୁରୁବାର ବାଙ୍କୀ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ୩ ମାସ ତଳେ ସେହି ଗ୍ରାମର ବଳରାମ ମହାପାତ୍ରଙ୍କ ପୁତ୍ର ମକରା ସହ ସସ୍ମିତାଙ୍କ ବିବାହ ହୋଇଥିଲା। ବିବାହର କିଛି ଦିନ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ କଳହ ଲାଗି ରହିଥିଲା। ସକାଳେ ଶ୍ୱଶୁର ଓ ସ୍ୱାମୀ ମିଶି ଝିଅକୁ ଜବରଦସ୍ତ ବିଷ ପିଆଇ ହତ୍ୟା କରିଛନ୍ତି ବୋଲି ରମେଶ ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲେ। ଏସଆଇ ଦୀପିକା ମଲ୍ଲିକ ସଦଳବଳେ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଜବତ କରିଥିଲେ। ଏନେଇ ଥାନାରେ ମାମଲା (ନଂ-୧୫୩/୧୯)ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ବିଧାୟକଙ୍କ ସମୀକ୍ଷା ବୈଠକ

**କଟକ ଅଫିସ, ୨୦।୬:** କଟକ ସଦର ତହସିଲର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ, ଜନସାଧାରଣଙ୍କୁ ନାନା କ୍ଷେତ୍ରରେ ଯୋଗାଇ ଦିଆଯାଉଥିବା ସେବା, ଲିଗାଲ ହେୟାର ପ୍ରମାଣପତ୍ର ଦେବା କ୍ଷେତ୍ରରେ ଅହେତୁକ ବିଳମ୍ବ ହେଉଛି। ଏ ନେଇ କଟକ ସଦର ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଉପସ୍ଥିତ ଥିବା ତହସିଲଦାର ସଞ୍ଜୟ ପ୍ରତିହାରୀ, ଅତିରିକ୍ତ ତହସିଲଦାର ଓ ବିଭାଗୀୟ ଅଧିକାରୀମାନଙ୍କ ସହିତ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଆଲୋଚନା କରିଥିଲେ। ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନଙ୍କ ମଧ୍ୟରୁ କେହି ଜଣେ ହେଲେ ବି ଯେମିତି ସରକାରୀ ସାହାଯ୍ୟ ପାଇବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ବିଧାୟକ ଗୁରୁତ୍ୱାରୋପ କରିଥିଲେ।

### ଦୁର୍ଘଟଣାରେ ଚିକିତ୍ସାଧୀନ ରୋଗୀଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି, ୨୦।୬ (ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଥାନା କଟିକଟା ପଞ୍ଚାୟତ ଅନ୍ତର୍ଗତ କଟିକଟା ଗ୍ରାମର ରଞ୍ଜିତ ସିଂଙ୍କ ଗୁରୁବାର କଟକର ଏକ ଘରୋଇ ନର୍ସିଂ ହୋମ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ଗତ ୧୪ରେ ବାଇକ୍‌ରେ ଭୁବନେଶ୍ୱର ଯାଉଥିବା ବେଳେ ଭାତପଡା ନିକଟରେ ଏକ ଅଜଣା କାର ଧକ୍କାରେ ଗୁରୁତର ହୋଇଥିଲେ। ରଞ୍ଜିତ ଖାରବେଳ ନଗର ଥାନାରେ ପୋଲିସ ଗାଡି ଚାଳକଭାବେ କାର୍ଯ୍ୟ କରୁଥିଲେ।

### ଶିଶୁ କଳାକାରଙ୍କ ପକ୍ଷରୁ ଗୀତିନାଟ୍ୟ ପରିବେଷଣ

**ଆଠଗଡ, ୨୦।୬(ସ୍ୱ.ପ୍ର.):** ଆଠଗଡ ଏନ.ଏ.ସି. ଅନ୍ତର୍ଗତ କନ୍ଥୋଲର ଶ୍ରୀ ଶ୍ରୀ ମା'ଚଣ୍ଡୀ ଯୁବକଳା ପରିଷଦ ଆନୁକୁଲ୍ୟରେ ଶିଶୁ କଳାକାରଙ୍କ ଦ୍ୱାରା ବୁଧବାର ରାତିରେ ଗୀତିନାଟ୍ୟ ପରିବେଷଣ କରାଯାଇଛି। ସ୍ଥାନୀୟ ଭାଗବତ ସାହି ଛକଠାରେ ଅନୁଷ୍ଠିତ ଏହି ଉତ୍ସବରେ ଆଠଗଡ ଉପଖଣ୍ଡ ଚିକିତ୍ସା ଅଧୀକ୍ଷକ ଡାକ୍ତର ବିଜୟ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସ୍ୱର୍ଗତ ବୈଷ୍ଣବ ପାଣିଙ୍କ ରଚିତ ଏହି ଗୀତିନାଟ୍ୟରେ ଶିଶୁ କଳାକାରମାନେ ଅଭିନୟ କରିଥିଲେ। ଏହି ଅବସରରେ ଏନଏସି ପୂର୍ବତନ ଉପାଧ୍ୟକ୍ଷ ଲଳିତ ମୋହନ ନାୟକ, ସମ୍ପାଦକ ଶୁଶାନ୍ତ କୁମାର ସାହୁ, ଶତ୍ରୁଘ୍ନ ମୁଦୁଲି ଓ କାଳନ୍ଦୀ ଚରଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

### ବଲ୍ଲାରପୁର କାଗଜକଳ କ୍ୱାର୍ଟର୍ସରେ ତାଲା ପଡ଼ିଲା

**ଚୌଦ୍ୱାର,୨୦।୬(ଡି.ଏନ୍.ଏ.):** ଦୀର୍ଘଦିନ ଧରି ବନ୍ଦ ରହିଥିବା ବଲ୍ଲାରପୁର କାଗଜକଳର ଶ୍ରମିକ କ୍ୱାର୍ଟର୍ସ ଓ ଅଫିସ ଗୃହକୁ ଭଙ୍ଗାଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। କମ୍ପାନୀ ପକ୍ଷରୁ କଣ୍ଟ୍ରାକ୍ଟର ମାଧ୍ୟମରେ କ୍ୱାର୍ଟର୍ସର କବାଟ, ଝରକା ଓ ଗ୍ରୀଲ ଭଙ୍ଗା ଯାଉଥିବାବେଳେ ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକେ ଏହାକୁ ବିରୋଧ କରିବା ସହ ବନ୍ଦ କରିଥିଲେ। ଏନେଇ ଟିପିଏମ୍ ଫାଣ୍ଡିରେ ମଧ୍ୟ ଅଭିଯୋଗ କରିଥିଲେ। ପରେ ଏ ସମ୍ପର୍କରେ ଟାଙ୍ଗି-ଚୌଦ୍ୱାର ତହସିଲଦାରଙ୍କୁ ମଧ୍ୟ ଅବଗତ କରାଇଥିଲେ। ଗୁରୁବାର କ୍ୱାର୍ଟର୍ସ ଲାଇନରେ ଥିବା ଏକ ଉଚ୍ଚ ପାଣିଟାଙ୍କିକୁ କଣ୍ଟ୍ରାକ୍ଟର ଜେସିବି ଦ୍ୱାରା ଭାଙ୍ଗୁଥିବାବେଳେ ସେଠାରେ ଗ୍ରାମବାସୀ ପହଞ୍ଚି ବିରୋଧ କରିବା କ୍ୱାର୍ଟର୍ସକୁ ତାଲା ପକାଇଥିଲେ। ଅନ୍ୟପକ୍ଷରେ କମ୍ପାନୀ ଦାୟିତ୍ୱରେ ଥିବା ଅଧିକାରୀ ବିପିନ ସୁବୁଦ୍ଧିରାୟ କୁହନ୍ତି, କୌଣସି କାର୍ଯ୍ୟ ବେଆଇନ ହେଉନାହିଁ, ଏହା ସମ୍ପୂର୍ଣ୍ଣଭାବେ ଆଇନ୍ ସମ୍ମତ।

## ■ ପଲିଥିନ ବଣ୍ଟନରେ ଅନିୟମିତତା

# ତହସିଲ ସମ୍ମୁଖରେ ବିପନ୍ନଙ୍କ ଧାରଣା

**ନିଶ୍ଚିନ୍ତକୋଇଲି, ୨୦।୬ (ସ୍ୱ.ପ୍ର.)**



ସାନ୍ତପୁର ଗ୍ରାମର ବାତ୍ୟା କ୍ଷତିଗ୍ରସ୍ତ ଲୋକେ ତହସିଲ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି।

ଫନୀ ବାତ୍ୟା ପରିସ୍ଥିତର ମୁକାବିଲା ପାଇଁ ରାଜ୍ୟ ସରକାର ବାହାବା ନେଉଛନ୍ତି। ମାତ୍ର ବହୁ ବିପନ୍ନଙ୍କୁ ପଲିଥିନ ଖଣ୍ଡେ ସହାୟତା ମିଳିପାରିନାହିଁ। ଫଳରେ ଏହି ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ବହୁ ବିପନ୍ନ ଏବେବି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଘର ଭାଙ୍ଗିଯାଇଥିବାରୁ ଖରା, ବର୍ଷାରେ ଦିନ କାଟିବାକୁ ବାଧ୍ୟ ହେଉଛନ୍ତି। ମାତ୍ର ପ୍ରଶାସନ ପକ୍ଷରୁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନଥିବା ସାଧାରଣରେ ଅଭିଯୋଗ ହୋଇଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ସାନ୍ତପୁର ଗ୍ରାମରେ। ଫନୀ ବାତ୍ୟାର ଦେଢମାସ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ରାଜସ୍ୱ ବିଭାଗ ବିପନ୍ନଙ୍କ ପାଖରେ ପଲିଥିନ ପହଞ୍ଚାଇବାରେ ସକ୍ଷମ ହୋଇନାହିଁ। ଏହାକୁ ବିରୋଧ କରି ଗୁରୁବାର ଏହି ଗ୍ରାମରେ ବିପନ୍ନମାନେ ନିଶ୍ଚିନ୍ତକୋଇଲି ତହସିଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ବାତ୍ୟା ପରବର୍ତ୍ତୀ ସମୟରେ ରାଜସ୍ୱ ନିରୀକ୍ଷକମାନେ ଘର ଘର ବୁଲି ଘରଭଙ୍ଗା କ୍ଷୟକ୍ଷତି ଆକଳନ କରିଥିଲେ। ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ପଲିଥିନ ଯୋଗାଇ ଦେବାର ବ୍ୟବସ୍ଥା ରହିଥିବା ବେଳେ ସାନ୍ତପୁର ପଞ୍ଚାୟତରେ ଏହି ନିୟମ ପାଳନରେ ଅବହେଳା କରାଯାଇଛି। ଏଠାରେ ବିପନ୍ନମାନଙ୍କୁ ଅଦ୍ୟାବଧି ପଲିଥିନ ମିଳିପାରିନାହିଁ। ଏନେଇ ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି।

ଏହାପରେ ରାଜସ୍ୱ ବିଭାଗ ପକ୍ଷରୁ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ବୁଧବାର ସାନ୍ତପୁର ପଞ୍ଚାୟତରେ ମାତ୍ର ଦୁଇଟି ପଲିଥିନ ବଣ୍ଟନ କରାଯାଇଥିଲା। ଏହି ପଲିଥିନ ବଣ୍ଟନରେ ଅନିୟମିତତା ଓ ପ୍ରିୟାପ୍ରିତି ତୋଷଣ ନୀତି ଅବଲମ୍ବନ କରାଯାଇଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ପଞ୍ଚାୟତ ଅଫିସରେ ତାଲା ପକାଇ ଦେଇଥିଲେ। ଏପରିକି ପଞ୍ଚାୟତ ଅଫିସ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏନେଇ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ନେମାଳ ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଗୁରୁବାର ମଧ୍ୟ ଏନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ବିପନ୍ନମାନେ ତହସିଲକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ପରେ ତହସିଲଦାର ଜିତେନ୍ଦ୍ର ପାତ୍ର ଆସି ଧାରଣାକାରୀଙ୍କୁ ବୁଝାସୁଝା କରିବା ସହ ପ୍ରକୃତ ହିତାଧିକାରୀଙ୍କୁ ପଲିଥିନ ମିଳିବ ବୋଲି ପ୍ରତିଶ୍ରୁତି ଦେବା ସହ କିଛି ବିପନ୍ନଙ୍କୁ ତୁରନ୍ତ ଏହା ପ୍ରଦାନ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏସମ୍ପର୍କରେ ତହସିଲଦାର ପାତ୍ର କହିଛନ୍ତି ବାତ୍ୟା ହେବାର ୭ ଦିନ ମଧ୍ୟରେ ଗୃହଶୂନ୍ୟ ହୋଇଥିବା ଲୋକଙ୍କୁ ପଲିଥିନ ବଣ୍ଟନ କରାଯାଇଛି। ତଦନ୍ତ ପୂର୍ଣ୍ଣାଙ୍ଗ ହୋଇ ନ ଥିବାରୁ କିଛି ସ୍ଥାନରେ ପଲିଥିନ ବଣ୍ଟନରେ ବିଳମ୍ବ ହୋଇଛି। ଏହି ତହସିଲରେ ପ୍ରାୟ ୫ ହଜାରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପଲିଥିନ ପ୍ରଦାନ କରାଯାଇଛି।

> ■ପୂର୍ବରୁ ପଞ୍ଚାୟତ ଅଫିସରେ ତାଲା ପକାଇଥିଲେ
>
> ■ଖରା, ବର୍ଷାରେ ଦିନ କାଟୁଛନ୍ତି ବାତ୍ୟା ବିପନ୍ନ

## ବଡ଼ଶଙ୍ଖରେ ବନ୍ଧ ପକାଇବାରୁ ପ୍ରତିବାଦ

# ଉପଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

**ବାଙ୍କୀ,୨୦।୬(ସ୍ୱ.ପ୍ର)**

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ ଢଁସର ଓ ହରିହର ମଧ୍ୟରେ ଥିବା ଭୋକା ବଡଶଙ୍ଖ ଧୋଡାକୁ ଜଣେ ଚାଷୀ ପୋତି ବନ୍ଧ ବାନ୍ଧି ଦେଇଛନ୍ତି। ଏହାକୁ ବିରୋଧ କରି ଢଁସର ଅଞ୍ଚଳର ଚାଷୀମାନେ ବୁଧବାର ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ସେଥିରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, ବହୁ ପୁରାତନ କାଳରୁ ଧୋଡାରେ ଆସୁଥିବା ବର୍ଷାଜଳ ମାଳିଖଣ୍ଡି ନାଳରେ ମିଶୁଥିଲା। ମାତ୍ର ଏଠାରେ ବନ୍ଧ ବନ୍ଧା ଯାଇଥିବାରୁ ବର୍ଷା ଜଳ ସେହିବାଟ ଦେଇ ନିଷ୍କାସନ ହେବାରେ ବାଧାପ୍ରାପ୍ତ ହୋଇଛି। ଏଥିଯୋଗୁ ଧୋଡାର ଦୁଇ ପାର୍ଶ୍ୱର ଦୁର୍ବଳ ସ୍ଥାନଗୁଡିକରେ ଘାଇ ସୃଷ୍ଟି ହୋଇପାରେ । ଯାହା ଫଳରେ ବହୁ ଚାଷଜମି ବାଲିଚର ହେବାର ଆଶଙ୍କା ରହିଛି। ଏପରି ହେଲେ ସେସବୁ ଚାଷ ଜମିଗୁଡିକ କ୍ଷତିଗ୍ରସ୍ତ ହେବାର ଆଶଙ୍କାକୁ ଏଡାଇ ଦେଇ ହେବନି ଚାଷୀମାନେ କହିଛନ୍ତି। ଉକ୍ତ ଘଟଣାର ସ୍ଥାୟୀ ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ଢଁସର ଅଞ୍ଚଳର ଚାଷୀ ଜୟଦେବ ପ୍ରଧାନ, ଶ୍ରୀଧର ପଣ୍ଡା, ଧନେଶ୍ୱର ସ୍ୱାଇଁ, ମାୟାଧର ବେହେରା, ବିପିନି ବିହାରୀ ସ୍ୱାଇଁ, ବସୁଦେବ ପ୍ରଧାନ, ବିଶ୍ୱନାଥ ପ୍ରଧାନ , ପ୍ରମୋଦ କୁମାର ମହାରଣା, ରାଜ କିଶୋର ସାହାଣୀ, ସୁଦର୍ଶନ ଜେନା, ଭିକାରୀ ଲେଙ୍କା ପ୍ରମୁଖ ଦାବି କରିଛନ୍ତି। ଏନେଇ ଏକ ଦସ୍ତଖତ ସମ୍ବଳିତ ଦାବି ପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିବା ସହ ଏହାର ଗୋଟିଏ ଲେଖାଁଏ ନକଲ କଟକ ଜିଲ୍ଲାପାଳ, ବାଙ୍କୀ ଡମପଡ଼ା ବିଡିଓ, ବାଙ୍କୀ ତହସିଲଦାର ଓ ଢଁସର ପଞ୍ଚାୟତର ସରପଞ୍ଚଙ୍କୁ ପ୍ରଦାନ କରିଛନ୍ତି।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

**ବାଙ୍କୀ,୨୦।୬(ସ୍ୱ.ପ୍ର.)**

ବାଙ୍କୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନବନିର୍ବାଚିତ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଗୁରୁବାର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉପଜିଲ୍ଲାପାଳ ଅରୁଣ କୁମାର ବିଶ୍ୱାଳଙ୍କ ଉପସ୍ଥିତିରେ ବାଙ୍କୀ ଉପଖଣ୍ଡର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ତ୍ରିପାଠୀ ଏନେଇ ଏକ ବୈଠକ କରିଥିଲେ। ଏହି ଅବସରରେ ସେ ବିଭିନ୍ନ ବଭାଗର ସମସ୍ୟାଗୁଡିକ ବୁଝିବା ସହ ବାଙ୍କୀ ନିର୍ବାଚନ ମଣ୍ଡଳୀକୁ ସାରା ରାଜ୍ୟ ତଥା କଟକ ଜିଲ୍ଲାରେ ଏକ ନମ୍ବର ମାନ୍ୟତା ଦେବା ପାଇଁ ସମସ୍ତଙ୍କ ଉଦ୍ୟମ କରାଯିବା ଉପରେ ଆଲୋକପାତ କରିଥିଲେ। ବୈଠକରେ ବାଙ୍କୀ ବିଡିଓ ପ୍ରଭାତ କୁମାର ସାହୁ, ଡମପଡ଼ା ବିଡିଓ ଆର୍ତ୍ତବନ୍ଧୁ ଲେଙ୍କା ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ■ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷମତା ଏକ୍ସପ୍ରେସ ଶୁଭାରମ୍ଭ

# ଭିନ୍ନକ୍ଷମ, ବରିଷ୍ଠ ନାଗରିକ, କିନ୍ନରଙ୍କୁ ମିଳିବ ସୁବିଧା

**କଟକ ଅଫିସ, ୨୦।୬**




କ୍ଷମତା ଏକ୍ସପ୍ରେସକୁ ଅତିଥିମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

କଟକ ଜିଲ୍ଲାରେ ଭିନ୍ନକ୍ଷମ, ବରିଷ୍ଠ ନାଗରିକ ଓ କିନ୍ନରମାନଙ୍କ କଲ୍ୟାଣ ନିମନ୍ତେ ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟକ୍ରମର କରାଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ 'କ୍ଷମତା ଏକ୍ସପ୍ରେସ'କୁ ଅତିରିକ୍ତ ଜିଲ୍ଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀକାନ୍ତ ତରାଇ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି 'କ୍ଷମତା ଏକ୍ସପ୍ରେସ' ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ବାରଙ୍ଗ, ସାଲେପୁର, କଟକ ସଦର, ବାଙ୍କୀ ଓ ଡମପଡା ବ୍ଲକ ଅନ୍ତର୍ଗତ ୧୦ଟି ପଞ୍ଚାୟତ ପରିକ୍ରମା କରିବ। ଏହାଦ୍ୱାରା ଭିନ୍ନକ୍ଷମମାନଙ୍କ ଚିହ୍ନଟ, ଭିନ୍ନକ୍ଷମ ପ୍ରମାଣ ପତ୍ର ନିମନ୍ତେ ୟୁଡିଆଇଡି (ୟୁନିକ୍ ଡିଜାବିଲିଟି ଆଇଡେନଟିଟି) ରେଜିଷ୍ଟ୍ରେଶନ, ଦୃଷ୍ଟିଶକ୍ତି ଓ ଶ୍ରବଣ ଶକ୍ତି ପରୀକ୍ଷା, ଫିଜିଓଥେରାପି, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ପାଇଁ ମାପ ନିର୍ଦ୍ଧାରଣ, ସହାୟକ ଉପକରଣ ପାଇଁ ଯୋଗ୍ୟ ବ୍ୟକ୍ତି ଚିହ୍ନଟ, ଧନ୍ଦାମୂଳକ ଏବଂ ଦକ୍ଷତାଭିତ୍ତିକ ତାଲିମ ନିମନ୍ତେ ମନୋନୟନ, ଛାତ୍ର ବୃତ୍ତି ନିମନ୍ତେ ପରାମର୍ଶ ଓ ରେଜିଷ୍ଟ୍ରେଶନ, ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ ନିମନ୍ତେ ପରାମର୍ଶ, ବରିଷ୍ଠ ନାଗରିକ ଓ କିନ୍ନରମାନଙ୍କ ସାମାଜିକ ସ୍ଥିତି ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ ଦିଆଯିବ। ଏହି ଅବସରରେ କଟକ ଜିଲ୍ଲାର ଭିନ୍ନକ୍ଷମ ବିବାହ କରିଥିବା ୫ ଦମ୍ପତି ଯଥା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର କଳ୍ପନା ସେଠୀ ଓ ଅରୁଣ ସେଠୀ, ସାଲେପୁର ବ୍ଲକ ଅଞ୍ଚଳର ମାନିନୀ ଦଲାଇ ଓ ବିରଞ୍ଚି ଦଲାଇ, ଆଠଗଡର ପ୍ରଶାନ୍ତ ଦାସ ଓ ସତ୍ୟଭାମା ପାଣ୍ଡେ, ମାହାଙ୍ଗାର ବିଳାସ କୁମାର ପୃଷ୍ଟି ଓ ପ୍ରତିମା ପୃଷ୍ଟି ଏବଂ କଟକ ମହାନଗର ନିଗମ ଅଧୀନରେ କୃଷ୍ଣଚନ୍ଦ୍ର ବେହେରା ଓ କଲ୍ୟାଣୀ ବେହେରାଙ୍କୁ ୫୦ହଜାର ଟଙ୍କା ଲେଖାଏଁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ କଟକ ଜିଲ୍ଲା ପ୍ରଶାସନ ଓ ଆନଜେଲସ୍ ଆଣ୍ଡ ଆର୍କସ, ସିଡ଼ିଏ କଟକ ସହାୟତାରେ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଅଶୋକ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଡେପୁଟି କଲେକ୍ଟର ଅନିତା ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଘରପୋଡ଼ି ମାମଲାରେ ପୋଲିସର ନିଷ୍କ୍ରିୟତା ଅଭିଯୋଗ

# ଉପଜିଲ୍ଲାପାଳଙ୍କୁ ଭେଟିଲା ବିପନ୍ନ ପରିବାର

**ଆଠଗଡ, ୨୦।୬(ସ୍ୱ.ପ୍ର.)**

ଆଠଗଡ ବ୍ଲକର ଗୁରୁଡିଝାଟିଆ ଥାନା ଅଧୀନ କପୁରସିଂହ ଗ୍ରାମରେ ମେ ୧୧ରେ ଏକ ଘର ପୋଡି ଘଟଣା ନେଇ ଥାନାରେ ଅଭିଯୋଗ ହୋଇଥିଲେ। ଏଥିରେ ଉକ୍ତ ଗ୍ରାମର ଝରଣା ପାତ୍ରଙ୍କ ପରିବାର କ୍ଷତିଗ୍ରସ୍ତ ହୋଇଥିଲା। ମେ ୧୨ରେ ଏନେଇ ଥାନାରେ ମାମଲା (ନଂ ୪୬/୧୯) ରୁଜୁ ହୋଇଥିଲା। ମାତ୍ର ଏହି ମାମଲାରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଅଭିଯୋଗ କରି ଗୁରୁବାର ଝରଣାଙ୍କ ପରିବାର ଆଠଗଡ଼ ଉପଜିଲ୍ଲାପାଳଙ୍କୁ ଭେଟିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ମେ ୧୧ରେ କେତେଜଣ ବ୍ୟକ୍ତି ତାଙ୍କ ଘରେ ନିଆଁ ଲଗେଇଦେବା ସହ ସେମାନଙ୍କୁ ମାରଧର କରିଥିଲେ। ଏହି ଘଟଣା ପରଠାରୁ ତାଙ୍କ ପରିବାର ଅନ୍ୟତ୍ର ରହୁଛନ୍ତି। ତୁରନ୍ତ ଏନେଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିପନ୍ନଙ୍କ ପରିବାର ପକ୍ଷରୁ ଦାବି ହୋଇଛି। ଉପଜିଲ୍ଲାପାଳ ଅମୀୟ କୁମାର ସାହୁ ଏସମ୍ପର୍କରେ ଗୁରୁଡିଝାଟିଆ ଥାନା ଆଇଆଇସିଙ୍କୁ ଅବଗତ କରାଇବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ମହୋତ୍ସବ ପଡ଼ିଆ ନିକଟରୁ ଅଚେତ ଅବସ୍ଥାରେ ନାବାଳିକା ଉଦ୍ଧାର ଘଟଣା

# କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କଲା ଭାଜପା



ଭାଜପାର ପ୍ରତିନିଧିମଣ୍ଡଳୀ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ବାଙ୍କୀ,୨୦।୬(ସ୍ୱ.ପ୍ର.)**

ବାଙ୍କୀରେ ରଜ ମହୋତ୍ସବ ଚାଲିଥିବାବେଳେ ସୋମବାର ରାତିରେ ମହୋତ୍ସବ ପଡ଼ିଆ ନିକଟରୁ ଜଣେ ନାବାଳିକାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯିବା ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛି ଭାଜପା। ଭାଜପା ନେତା ସୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଗୁରୁବାର ବାଙ୍କୀ ଉପଜିଲ୍ଲାପାଳ, ଏସ୍‌ଡିପିଓ ଓ ଥାନା ଅଧିକାରୀଙ୍କୁ ଭେଟି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଦାବି କରିଛନ୍ତି। ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ନେଇ ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହେଉଥିବାବେଳେ ଘଟଣାକୁ ଚପାଇ ଦେବାକୁ ଚେଷ୍ଟା କରାଯାଉଛି ବୋଲି ପାଢ଼ୀ ଅଭିଯୋଗ କରିଛନ୍ତି। ବାଙ୍କୀରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିବା ଏବଂ ପୋଲିସ ରିପୋର୍ଟ ହୋଇ ନ ଥିବା କହି ଚୁପ ବସିବା ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବୁଧବାର କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ଆଧାରରେ ଏସ୍‌ଡିପିଓ ପ୍ରସନ୍ନ ବିଶ୍ୱାଳ, ଥାନାଧିକାରୀ ସମୀର ପଣ୍ଡା ପ୍ରମୁଖ ଏକ ୪ଜଣିଆ ଟିମ୍ କଟକ ବଡ଼ ଡାକ୍ତରଖାନା ଗସ୍ତ କରି ନାବାଳିକାଙ୍କୁ ଭେଟିଥିଲେ। ତାଙ୍କୁ କୌଣସି ପ୍ରକାର ଅତ୍ୟାଚାର କରାଯାଇ ନାହିଁ ବୋଲି ନାବାଳିକା ଜଣକ ପ୍ରକାଶ କରିଥିବା ଏସଡିପିଓ ସୂଚନା ଦେଇଥିଲେ। ତେବେ ଘଟଣା ଦିନ ରାତିରେ ନାବାଳିକାଙ୍କୁ ଅଚେତ ଅବସ୍ଥାରେ ପଡ଼ିଥିବାର ଦେଖିଥିବା ଲୋକ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତେଣୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଲୋକ ଲୋଚନକୁ ଆସିପାରିବ ଏବଂ ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନେ ଧରାପଡ଼ିବେ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି। ନାବାଳିକା ଜଣକ ଏବେ ବି କଟକ ବଡ଼ମେଡିକାଲରେ ଚିକିତ୍ସାଧିନ ଅଛନ୍ତି। ତେଣୁ ନାବାଳିକାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ଏବଂ ତାଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ୫ଲକ୍ଷ ଟଙ୍କା ପ୍ରଶାସନ ତରଫରୁ ଯୋଗାଇ ଦେବାକୁ ପାଢ଼ୀ ଦାବି କରିଛନ୍ତି।

# ସାହିତ୍ୟିକ ଲକ୍ଷ୍ମୀ ନାରାୟଣ ରାୟସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା

**କଟକ ଅଫିସ, ୨୦।୬**

ଶିକ୍ଷକ ଆନ୍ଦୋଳନର ଅନ୍ୟତମ ଅଗ୍ରଗଣ୍ୟ ନେତା, ମାର୍କସବାଦୀ ତାତ୍ତ୍ୱିକ, ଓଡ଼ିଶାର ପ୍ରଗତିଶୀଳ ସାହିତ୍ୟର ଅନ୍ୟତମ କର୍ଣ୍ଣଧାର କମ୍ରେଡ ଡକ୍ଟର ଲକ୍ଷ୍ମୀ ନାରାୟଣ ରାୟସିଂଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀ ନାରାୟଣ ଛାତ୍ର ଅବସ୍ଥାରେ ଓଡ଼ିଶାର ଛାତ୍ର ଆନ୍ଦୋଳନ, ଖୋର୍ଦ୍ଧା ଅଞ୍ଚଳର କୃଷକ ଆନ୍ଦୋଳନର ଅନ୍ୟତମ ସୈନିକ, ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ ଏବଂ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ଗୁରୁବାର କଟକ ଓଷ୍ଟା ସମ୍ମିଳନୀ କକ୍ଷରେ କିଶୋର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂ, ସାମାଜିକ କର୍ମୀ ରବିରଞ୍ଜନ ସାହୁ, ଖବରଦାତା ଡ. ସତ୍ୟ ରାୟ, ଶୈଳ ବେହେରା, ଦାମୋଦର ସାହୁ, ଶ୍ରମିକ କର୍ମଚାରୀ ନେତା ରବିନାରାୟଣ ମଲ୍ଲିକ, ଶିକ୍ଷକ ନେତା ବିବେକାନନ୍ଦ ଦାଶ, ଡ. ସନ୍ତୋଷ ମହାପାତ୍ର, ପ୍ରଫୁଲ୍ଲ ତ୍ରିପାଠୀ, ପ୍ରଶାନ୍ତ ଦାସ ପ୍ରମୁଖ ଯୋଗଦେଇ ଲକ୍ଷ୍ମୀ ନାରାୟଣଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସିପିଆଇ କଟକ ନଗର ସମ୍ପାଦକ ବିନୋଦ ବେହେରା ଧନ୍ୟବାଦ ଦେଇଥିଲେ।




କଟକ ନୟାସଡ଼କସ୍ଥିତ ଓଷ୍ଟା ସମ୍ମିଳନୀ କକ୍ଷରେ ଗୁରୁବାର ସାହିତ୍ୟିକ କମ୍ରେଡ ଡକ୍ଟର ଲକ୍ଷ୍ମୀନାରାୟଣ ରାୟସିଂହଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥିବୃନ୍ଦ।

## ଏମ୍‌ସ ପ୍ରବେଶିକା ପରୀକ୍ଷାରେ ସାଲେପୁର ଛାତ୍ରଙ୍କ କୃତିତ୍ୱ

**ସାଲେପୁର,୨୦।୬(ଡି.ଏନ୍.ଏ.)–** ସର୍ବଭାରତୀୟ ଏମ୍‌ସ ପ୍ରବେଶିକା ପରୀକ୍ଷାରେ ସାଲେପୁର ଅଞ୍ଚଳର ଜଣେ ଛାତ୍ର ୪୬୮ ନଂ ର୍ୟାଙ୍କ ରଖି କୃତିତ୍ୱ ହାସଲ କରିଛନ୍ତି। ସେ ହେଲେ ସାଲେପୁର କଲେଜ ରୋଡ ନିକଟରେ ରହୁଥିବା ବିଜ୍ଞାନ ଶିକ୍ଷକ ହରପ୍ରସାଦ ଷଡ଼ଙ୍ଗୀଙ୍କ ପୁତ୍ର ଜ୍ୟୋତିପ୍ରକାଶ ଷଡ଼ଙ୍ଗୀ। ସେ ନିଟ୍ ପରୀକ୍ଷାରେ ୭୦୦ ରୁ ୬୩୧ ନମ୍ବର ରଖି ଏହି କୃତିତ୍ୱ ହାସଲ କରିଛନ୍ତି। ପୂର୍ବରୁ ସେ ସାଲେପୁର ସରସ୍ୱତୀ ଶିଶୁ ମନ୍ଦିରରେ ଓ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ମଧ୍ୟ ଏହି କୃତିତ୍ୱ ହାସଲ କରିଥିଲେ। ଏହି ସଫଳତା ପାଇଁ ସେ ତାଙ୍କର ମାତାପିତା, ଜେଜେମା, ଜେଜେ ଓ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି।

## ■ ନେମାଳ ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପିତ

# ଭାଇଚାରା ବାଣ୍ଟିଲେ ହିନ୍ଦୁ, ମୁସଲମାନ

**ନେମାଳ ୨୦।୬(ଡି.ଏନ୍.ଏ.)**



ବାଲିଯାତ୍ରା ମହୋତ୍ସବରେ ହିନ୍ଦୁ-ମୁସିଲମ ଭାଇ ପରସ୍ପରକୁ ଅଭିନନ୍ଦନ ଜଣାଉଛନ୍ତି।

ଦେବସ୍ନାନ ପୂର୍ଣ୍ଣିମାଠାରୁ ନେମାଳରେ ଚାଲିଥିବା ୩ ଦିନିଆ ବାଲିଯାତ୍ରା ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି ।ଶ୍ରୀ ଶ୍ରୀ ଗୋପୀନାଥଜୀଉ ଓ ମହାପୁରୁଷ ଅଚ୍ୟୁତାନନ୍ଦ ଆଶ୍ରମ ଟ୍ରଷ୍ଟ ଏବଂ ନେମାଳ ପ୍ରେସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଏହି ବାଲିଯାତ୍ରା ମହୋତ୍ସବର ଉଦ୍‌ଯାପନୀ ସଂଧ୍ୟାରେ ବହୁ ଭକ୍ତ ଆସି ମହାପୁରୁଷଙ୍କୁ ଦର୍ଶନ କରିଥିଲେ । ଏହି ଅବସରରେ ହିନ୍ଦୁ , ମୁସଲମାନ ଗୋଟିଏ ମଞ୍ଚରେ ପରସ୍ପରକୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ମହୋତ୍ସବ କମିଟିର ଅଧ୍ୟକ୍ଷ ବିନୟ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନିଶ୍ଚିନ୍ତକୋଇଲି ତହସିଲଦାର ଜିତେନ୍ଦ୍ର କୁମାର ପାତ୍ର, ମୁଖ୍ୟବକ୍ତା ପ୍ରାକ୍ତନ ନେମାଳ କଲେଜ ଅଧ୍ୟକ୍ଷ ଡ. ଦିଲିପ କୁମାର ଦେ, ସମ୍ମାନିତଅତିଥି ଭାବେ ନେମାଳ ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି, ବିପିନ ବିହାରି ଦାସ , ସାମାଜିକ କର୍ମୀ ସେକ୍ ଅକ୍ତର ଅଲ୍ଲୀ, ସଂଗଠକ ଆଲୋକ କୁମାର ଦତ୍ତ ଓ ଶଶୀକାନ୍ତ ପୂଝାରୀ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ମହାପୁରୁଷଙ୍କ ମହିମା ଓ ବାଲିଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବରିଷ୍ଠ ଖବରଦାତା ରତ୍ନାକର ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାଲିଯାତ୍ରା ଉତ୍ସବ କମିଟି ସଭ୍ୟ ଖବରଦାତା କ୍ଷମାନିଧି ପୂଝାରୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ହରପ୍ରସାଦ ପୃଷ୍ଟି, ନିକେଶ ଦାସ, ଇଂ ସରୋଜକାନ୍ତ ଦାସ ପ୍ରମୁଖ ପରିଚାଳନାରେ କରିଥିଲେ।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
-ବୁକର ଟି. ୱାଶିଂଟନ

## ସଂକ୍ଷେପରେ

### ୨୧୧ କଳାକାର ପାଇଲେ ବକେୟା ଭତ୍ତା

କୃଷ୍ଣପ୍ରସାଦ,୨୦।୬(ଡି.ଏନ୍.ଏ.)-ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ରାଜ୍ୟ ସରକାରଙ୍କଠାରୁ ୨୧୧ଜଣ କଳାକାର ପ୍ରତିମାସରେ ୧୨୦୦ ଟଙ୍କା ଲେଖାଏ ଭତ୍ତା ପାଉଥିଲେ। ତେବେ ଚଳିତ ଜାନୁୟାରୀରୁ କୌଣସି କାରଣରୁ ସେମାନଙ୍କ କଳାକାର ଭତ୍ତା ବନ୍ଦ ହୋଇଯାଇଥିଲା। ତେଣୁ ୬ମାସ ଧରି ଏମାନେ ଦୁର୍ଦ୍ଦିନରେ ଜୀବନ ବିତାଉଥିଲେ। ଏହି କଳାକାରମାନଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ପାଇଁ ଗତ ୧୨ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏବେ ସରକାର ଏହି କଳାକାରମାନଙ୍କୁ ଗତ ୨ମାସର ଭତ୍ତା ପ୍ରଦାନ କରିଛନ୍ତି। ଅବଶିଷ୍ଟ ବକେୟା ଭତ୍ତା ଖୁବ୍ଶୀଘ୍ର ପ୍ରଦାନ କରାଯିବ ବୋଲି ବିଡିଓ ଜିତେନ୍ଦ୍ର ନାୟକ କହିଛନ୍ତି। ଏହି କଳାକାରମାନେ ହେଲେ ସାନଅଁଳର ରାମଚନ୍ଦ୍ର ସିଂ, କୁରୁପାଳର ପ୍ରଫୁଲ୍ଲ କୁମାର ଜେନା, ମୂଳିରାମ ଜେନା ଓ ଭାବଗ୍ରାହୀ ଜେନା, ସିପିଆର ଭଗବାନ ବରାଳ, ପର୍ଶୁରାମ ପ୍ରଧାନ, ତ୍ରିନାଥ ପଲେଇ, ଗଙ୍ଗାଧର ପଲେଇ, ପଞ୍ଚାନନ ପଲେଇ ଓ ଜଗନ୍ନାଥ ପଲେଇ ପ୍ରମୁଖ। ଏଥିସହିତ ତିତିପର କେଲୁ ଜେନା ଓ ବଡ଼ଝାଡ଼ର ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ୨୧୧ ଜଣ ଭତ୍ତା ପାଇଛନ୍ତି।

### ବାତ୍ୟା ଆଶ୍ରୟସ୍ଥଳରେ ମକ୍ଡ୍ରିଲ୍

କୃଷ୍ଣପ୍ରସାଦ,୨୦।୬(ଡି.ଏନ୍.ଏ.)-ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥ ବିଭିନ୍ନ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ମକ୍ଡ୍ରିଲ୍ କରାଯାଇଛି। ବିପର୍ଯ୍ୟୟ ସମୟରେ ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ କିଭଳି ସୁରକ୍ଷିତ ରଖାଯାଇପାରିବ, ସେ ସମ୍ପର୍କରେ ଅଭ୍ୟାସ କରାଯାଇଥିଲା। ତିତିପ ପଞ୍ଚାୟତସ୍ଥ ଗଉଡ଼ ନୂଆଗାଁ ବାତ୍ୟା ଆଶ୍ରୟସ୍ଥଳୀଠାରେ ସରପଞ୍ଚ ତଥା ଆଶ୍ରୟସ୍ଥଳୀ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ମହାପାତ୍ର, ସମ୍ପାଦକ ସହଦେବ ତରେଇ, ନୋଡାଲ ଅଫିସର ଭାସ୍କର ଚନ୍ଦ୍ର ସାହୁ, ପରିଚାଳନା କମିଟି ସଦସ୍ୟ ପ୍ରମୋଦ କୁମାର ତରେଇ ପ୍ରମୁଖ ମକ୍ଡ୍ରିଲ୍‌ରେ ଭାଗ ନେଇଥିଲେ। ଲକ୍ଷ୍ମଣ ଚନ୍ଦ୍ର ବିଦ୍ୟାପୀଠ ପରିସରସ୍ଥ ବାତ୍ୟା ଆଶ୍ରୟସ୍ଥଳୀରେ ଓସ୍‌ଡମାର କମ୍ୟୁନିଟି ମୋବଲାଇଜର୍ ସୁରେନ୍ଦ୍ର କୁମାର ପଲେଇ ବିପର୍ଯ୍ୟୟ ସମୟରେ ସୁରକ୍ଷାଭିତ୍ତିକ ସଚେତନ କରିଥିଲେ। ସେହିଭଳି ବଜ୍ରକୋଟ ପଞ୍ଚାୟତର ଉଦୟଗିରି ବାତ୍ୟା ଆଶ୍ରୟସ୍ଥଳୀଠାରେ ଜାତୀୟ ବିପର୍ଯ୍ୟୟ ଉଦ୍ଧାରକାରୀ ଦଳ ତରଫରୁ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବଡ ଖଟିଆକୁଦୀ ବାତ୍ୟା ଆଶ୍ରୟସ୍ଥଳୀରେ ଏହାର ସମ୍ପାଦକ ପ୍ରଫୁଲ୍ଲ କୁମାର ତରେଇ, ନୋଡାଲ ଅଫିସର ବସନ୍ତ କୁମାର ପଣ୍ଡାଙ୍କ ନେତୃତ୍ୱରେ ମକ୍ଡ୍ରିଲ୍ ହୋଇଥିଲା। କୃଷ୍ଣପ୍ରସାଦ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତଙ୍କ ନେତୃତ୍ୱରେ ମଧ ବିପର୍ଯ୍ୟୟ ସମ୍ପର୍କିତ ଏକ ସଚେତନତା ସଭା ହୋଇଥିଲା। ନୋଡାଲ ଏନ୍‌ଜିଓ ସମ୍ପାଦକ ପ୍ରବୀର କୁମାର ନାୟକ, ବାତ୍ୟା ଆଶ୍ରୟସ୍ଥଳୀ ସମ୍ପାଦକ ହରମୋହନ ମାନସିଂହ, ପୂର୍ବତନ ସରପଞ୍ଚ କୁମାର ସିଂହ, ରମେଶ ଚନ୍ଦ୍ର ବାହୁବଳେନ୍ଦ୍ର, ସୀମାଞ୍ଚଳ ନାୟକ, କୃଷ୍ଣପ୍ରସାଦ ମଣ୍ଡଳ ଉନ୍ନୟନ ଅଧିକାରୀ ଅଭିମନ୍ୟୁ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ଖୁବ୍ଶୀଘ୍ର ଭୁବନେଶ୍ୱରରେ ଦ୍ୱିତୀୟ ବିମାନବନ୍ଦର

## ଖୋର୍ଦ୍ଧାରୁ ଭୁବନେଶ୍ୱର ମଧ୍ୟରେ ଜମି ଚିହ୍ନଟ

ଭୁବନେଶ୍ୱର,୨୦।୬(ବ୍ୟୁରୋ

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି। ଭୁବନେଶ୍ୱରରୁ ଏବେ ଦୈନିକ ୭୦ରୁ ୮୦ ବିମାନ ଚଳାଚଳ କରୁଛି। ବ୍ୟାଙ୍କକ୍ ଓ କୁଆଲାଲମ୍ପୁରକୁ ଦୁଇ ଇଣ୍ଟରନ୍ୟାଶନାଲ ଫ୍ଲାଇଟ୍ ଚାଲୁଛି। ଧୀରେ ଧୀରେ ଯାତ୍ରୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏତେ ବଡ଼ ଟର୍ମିନାଲ ବିଲ୍ଡିଂ ଥାଇ ମଧ ତାହା କମ୍ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଏବେ ଆଉ ଏକ ବିମାନବନ୍ଦର ନିର୍ମାଣ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ)ର ଚେୟାରମ୍ୟାନ୍ ଗୁରୁପ୍ରସାଦ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ଏଥିପାଇଁ ଜମି ଚିହ୍ନଟ କରିବା ଆମର ପ୍ରାଥମିକ କାମ ହୋଇଥିବା ବେଳେ ରାଜ୍ୟ ସରକାର ଭୁବନେଶ୍ୱରରୁ ଖୋର୍ଦ୍ଧା ମଧ୍ୟରେ ୩ଟି ସ୍ଥାନ ଚିହ୍ନଟ କରିଛନ୍ତି। ଟେକ୍ନିକାଲ ସର୍ଭେ ପରେ ଆମେ ଗୋଟିଏ ସ୍ଥାନ ଉପରେ ନଜର ରଖିଛୁ। ସେଠାରେ ଦ୍ୱିତୀୟ ବିମାନବନ୍ଦର ହେବା ଯଥେଷ୍ଟ ସମ୍ଭାବନା ରହିଛି। ଭୁବନେଶ୍ୱରରେ ଦ୍ୱିତୀୟ ବିମାନବନ୍ଦର ପାଇଁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ମିଳିତ ପ୍ରୟାସ କରୁଛନ୍ତି।

ପୂର୍ବ ଭାରତରେ ଥିବା ବିମାନବନ୍ଦରଗୁଡ଼ିକର ଆଞ୍ଚଳିକ ସମୀକ୍ଷା ବୈଠକରେ ଯୋଗଦେବାକୁ ଭୁବନେଶ୍ୱର ଆସିଥିବା ଅବସରରେ ମହାପାତ୍ର ଏହା କହିଛନ୍ତି। ଭୁବନେଶ୍ୱରରେ ଆଉ ଏକ ଏୟାରପୋର୍ଟ ପାଇଁ ଏଏଆଇ ଓଡ଼ିଶା ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛି। ଏହାସହିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ଭିତ୍ତିଭୂମି ବିକାଶ ଦିଗରେ ପଦକ୍ଷେପ ନିଆଯାଉଛି। ଏବେ ଏଠାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଚାଲିଛି। ଏୟାର୍ ଇଣ୍ଡିଆ ବ୍ୟବହାର କରୁଥିବା ପୁରୁଣା ଟର୍ମିନାଲ ବିଲ୍ଡିଂର ନବୀକରଣ କରାଯାଉଛି। ୩୦ରୁ ୪୦କୋଟି ଟଙ୍କା ଖର୍ଚ୍ଚ କରାଯାଇ ଇଣ୍ଟେରିୟରକୁ ନୂଆ ରୂପ ଦିଆଯାଉଛି। ତାହାକୁ ନୂଆ ଟର୍ମିନାଲ ବିଲ୍ଡିଂ ସହ ଯୋଡ଼ାଯିବ। ଏଥିପାଇଁ ୭୦କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହାଛଡ଼ା ଆଉ ଏକ ବଡ଼ ଟର୍ମିନାଲ ବିଲ୍ଡିଂ ତିଆରି ହେଉଛି। ଏଥିପାଇଁ ଆଡ୍‌ମିନିଷ୍ଟ୍ରେଟିଭ୍ ଆପ୍ରୁଭାଲ ମିଳିସାରିଥିବା ବେଳେ ୯୦୦କୋଟି ଟଙ୍କା ଖର୍ଚ୍ଚ ହେବ। ୩ ବର୍ଷ ଭିତରେ କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ପାରାଲାଲ୍ ଟ୍ୟାକ୍ସି ଟ୍ରାକ୍ କାମ ସରିବା ପରେ ରନ୍‌ୱେରେ ଏବେ ଯେତିକି ଫ୍ଲାଇଟ୍ ଚଳାଚଳ କରୁଛି, ତା'ର ଦୁଇଗୁଣା ଅଧିକ ଫ୍ଲାଇଟ୍ ଚଳାଚଳ କରିପାରିବ। ଫଳରେ ଭୁବନେଶ୍ୱରରେ ଅଧିକ ଫ୍ଲାଇଟ୍ ଦେବା ପାଇଁ ସୁବିଧା ହେବ। ଏବେ ଏରୋବ୍ରିଜ୍ କମ୍ ଥିବା ଯୋଗୁ ବସ୍ ବୋର୍ଡିଂ ହେଉଛି। ଆଉ ଦୁଇଟି ନୂଆ ଏରୋବ୍ରିଜ୍ ହେବା ପରେ ବସ୍ ବୋର୍ଡିଂ ବନ୍ଦ ହୋଇଯିବ। ଅକ୍ଟୋବର ସୁଦ୍ଧା ଭୁବନେଶ୍ୱର ବିମାନବନ୍ଦରରେ ୪ ଏରୋବ୍ରିଜ୍ କାର୍ଯ୍ୟକ୍ଷମ ହେବ। ବିମାନବନ୍ଦରର ସୌନ୍ଦର୍ଯ୍ୟକରଣ, ସ୍ୱଚ୍ଛ ଓ ପରିମଳ ଉପରେ ମଧ ଗୁରୁତ୍ୱ ଦିଆଯାଉଛି। ଏହାବ୍ୟତୀତ ଓଡ଼ିଶାରେ ଏବେ ଉତ୍କଳ ଏବଂ ଜୟପୁରରେ ଉଡାନ୍ ସ୍କିମ୍ ଅଧୀନରେ ଦୁଇ ନୂଆ ବିମାନବନ୍ଦର କାମ ଚାଲିଛି। ନଭେମ୍ବର ସୁଦ୍ଧା ଦୁଇଟି ଯାକ ଏୟାରପୋର୍ଟ କାମ ସରିବା ସମ୍ଭାବନା ରହିଛି।



ଶୋଚନୀୟ ଅବସ୍ଥାରେ ବ୍ଲକ ମୁଖ୍ୟ ରାସ୍ତା।

# ବିପଜ୍ଜନକ ଅବସ୍ଥାରେ ବ୍ଲକ ମୁଖ୍ୟ ରାସ୍ତା

କୃଷ୍ଣପ୍ରସାଦ,୨୦।୬(ଡି.ଏନ୍.ଏ.)

ଫନୀ ପ୍ରଭାବରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ଘୋର କ୍ଷୟକ୍ଷତି ଘଟିଛି। ସମୁଦ୍ର ଏହାର ସୀମା ଲଂଘନ କରି ଚିଲିକା-ନୂଆପଡା ଅଞ୍ଚଳର ବ୍ଲକ ମୁଖ୍ୟରାସ୍ତାକୁ ଧୋଇ ନେଇଥିଲା। ତେଣୁ ଏହି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ପଇଶାଣ ସେତୁଠାରୁ ନୂଆପଡା ପର୍ଯ୍ୟନ୍ତ ୧ କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଏହା ବ୍ଲକର ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତିଦିନ ହଜାର ହଜାର ଲୋକ ଓ ଯାନବାହନ ଯାତାୟାତ କରୁଛନ୍ତି। ସମ୍ପ୍ରତି ରାସ୍ତାଟି ବିପଜ୍ଜନକ ଅବସ୍ଥାରେ ରହିଥିବାରୁ ଏହି ରାସ୍ତାରେ ଯିବାକୁ ଲୋକେ ଭୟ କରୁଛନ୍ତି। ବେଳେବେଳେ ଛୋଟ ଛୋଟ ଦୁର୍ଘଟଣାମାନ ମଧ ଘଟୁଛି। ସୂଚନାଯୋଗ୍ୟ, ବାତ୍ୟାର ଦୀର୍ଘଦିନ ପରେ ମଧ ରାସ୍ତାର ମରାମତି ହୋଇପାରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ରାସ୍ତାଟିର ମରାମତି କରିବାକୁ କୃଷ୍ଣପ୍ରସାଦ ବ୍ଲକ ଭାଜପା ସଭାପତି ଦୀନବନ୍ଧୁ ଜେନା, ଭାଜପା ଯୁବମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରେଇ, ସରପଞ୍ଚ ମମତାମୟୀ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

## ■ ଖୋର୍ଦ୍ଧାରୋଡ୍ ଟ୍ରେନ ଷ୍ଟେଶନ

# ରଥଯାତ୍ରା ପାଇଁ ଅସ୍ଥାୟୀ ସେଡ୍ କରିବାକୁ ଦାବି

ଜଟଣୀ, ୨୦।୬ (ଡି.ଏନ.ଏ.):




ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଟ୍ରେନ୍ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧାରୋଡ ରେଳ ଷ୍ଟେଶନ ବାହାରେ ଅସ୍ଥାୟୀ ସେଡ୍‌ର ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି। ରଥଯାତ୍ରାକୁ ସୂଚାରୁ ରୂପେ ସମ୍ପନ୍ନ କରିବାକୁ ବିଭିନ୍ନ ସ୍ତରରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ଭାରତୀୟ ରେଲୱେର ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପୂର୍ବବର୍ଷଗୁଡିକ ପରି ରେଲୱେ ପକ୍ଷରୁ ମଧ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଅଧିକ ଟ୍ରେନ୍, ଟିକେଟ୍ କାଉଣ୍ଟର, ଅସ୍ଥାୟୀ ସେଡ୍‌ଠାରୁ ଆରମ୍ଭ କରି ଅନେକ ବ୍ୟବସ୍ଥା ପୂର୍ବବର୍ଷଗୁଡିକ ପରି ଚଳିତବର୍ଷ କରିବାକୁ ରେଲୱେ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ଲକ୍ଷାଧିକ ଯାତ୍ରୀ ଟ୍ରେନ୍ ଯୋଗେ ପୁରୀ ଯାତ୍ରା କରୁଥିବା ଦୃଷ୍ଟିରେ ରଖି ଏପରି ବ୍ୟାପକ ପ୍ରସ୍ତୁତି କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଶୌଚାଳୟ ସହ ବିଭିନ୍ନ ସୁବିଧା ଉପଲବ୍ଧ ରହି ୫ ହଜାର ଯାତ୍ରୀ ବିଶ୍ରାମ ନେବା ଭଳି ଅସ୍ଥାୟୀ ସେଡ୍‌ର ବ୍ୟବସ୍ଥା ପୁରୀ ଷ୍ଟେଶନ ବାହାରେ ରେଲୱେ ସବୁ ବର୍ଷ କରିଆସୁଛି। ହେଲେ ରେଳପଥରେ ପୁରୀ ଯିବା ପାଇଁ ଖୋର୍ଦ୍ଧାରୋଡ ରେଳ ଷ୍ଟେଶନ ଏକମାତ୍ର ପ୍ରବେଶପଥ। ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ଯାତ୍ରୀ ଖୋର୍ଦ୍ଧାରୋଡ ଷ୍ଟେଶନ ପର୍ଯ୍ୟନ୍ତ ଆସି ଏଠାରେ ଟ୍ରେନ୍ ପରିବର୍ତ୍ତନ କରି ପୁରୀ ଅଭିମୁଖେ ଯାଇଥାନ୍ତି। ଏଣୁ ରଥଯାତ୍ରା ଦିନ ଏହି ଷ୍ଟେଶନରେ ହଜାର ହଜାର ସଂଖ୍ୟାରେ ଯାତ୍ରୀଙ୍କ ସମାଗମ ହୋଇଥାଏ। ତେବେ ଏଠାରେ ପୁରୀ ପରି ଅସ୍ଥାୟୀ ସେଡର ବ୍ୟବସ୍ଥା ନ ଥିବାରୁ ଯାତ୍ରୀମାନେ ହଇରାଣ ହୋଇଥାନ୍ତି। ଏହି ଷ୍ଟେଶନରେ ଥିବା ଗୋଟିଏ ଶୌଚାଳୟ ଓ ୱେଟିଂ ରୁମ୍ ଏତେ ସଂଖ୍ୟକ ଯାତ୍ରୀଙ୍କ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥାଏ। ଏଣୁ ପୁରୀ ପରି ଖୋର୍ଦ୍ଧାରୋଡ ରେଳ ଷ୍ଟେଶନରେ ଅସ୍ଥାୟୀ ସେଡ୍ କରିବାକୁ ଦାବି ହେଉଛି। ଖୋର୍ଦ୍ଧାରୋଡ ରେଳ ଡିଭିଜନର ପ୍ରବନ୍ଧକ ଏଥିପ୍ରତି ଦୃଷ୍ଟି ଦେବାକୁ ପାସେଞ୍ଜର ଆମେନିଟିଜ୍ ୱେଲ୍‌ଫେୟାର ଆସୋସିଏଶନ୍‌ର ସମ୍ପାଦକ ଦେବନାରାୟଣ ସେଠୀ, ଅଧାପକ ତପନ ମିଶ୍ର, ଜଟଣୀ ୟୁଥ୍ ଫେଡେରେଶନ୍‌ର ସଭାପତି ପ୍ରଶାନ୍ତ ପାଇକରାୟ, ସମ୍ପାଦକ ଅନନ୍ତ ଶତପଥୀ ଦାବି କରିଛନ୍ତି।

## ଇଦ୍ ମିଳନ, ସମ୍ବର୍ଦ୍ଧନା ସଭା

ଖୋର୍ଦ୍ଧା ଅଫିସ,୨୦।୬

ଖୋର୍ଦ୍ଧା ବ୍ଲକ ତୋଟାପଡ଼ା ଖେଳପଡିଆଠାରେ ମନସୁର ଅଲ୍ଲୀଙ୍କ ସଭାପତିତ୍ୱରେ ଇଦ୍ ମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଂଖ୍ୟାଲଘୁ ସେଲ୍‌ର ସଭାପତି ତଥା ସିନେ ତାରକା ମୁନା ଖାଁ ଓ ମୁଖ୍ୟବକ୍ତା ରୂପେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଓ ଜିଲାପରିଷଦର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସେହିଭଳି ଟାଙ୍ଗୀ ସଂଖ୍ୟା ଲଘୁ ସେଲ୍‌ର ସଭାପତି ହାଜି ଅବଦୁଲ ରଜାକ ଖାଁ ଓ ଇସମାଇଲ ଖାଁ, ନଉସଦ ଖାଁ, ଅୟମତ ଖାଁ, ଆଲାଦିନ ଖାଁ, ମହମ୍ମଦ ଆରିଫ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମକୁନ୍ଦପ୍ରସାଦ, ଖୋର୍ଦ୍ଧା ସହର, ସରଧାପୁର, ତରତୁଆ, ପାନବରଜ, ତୋଟାପଡ଼ା, ଗୟାବନ୍ଧ, ଟାଙ୍ଗୀ ଅଞ୍ଚଳର ବିଭିନ୍ନ ମୁସଲମାନ ସମ୍ପ୍ରଦାୟ ଓ ସଂଘ ପକ୍ଷରୁ ଖୋର୍ଦ୍ଧା ବିଧାୟକ ମିତ୍ର, ଚିଲିକା ବିଧାୟକ ଜଗଦ୍ଦେବ ଓ ରାଜ୍ୟ ସଂଖ୍ୟାଲଘୁ ସେଲ୍‌ର ସଭାପତି ମୁନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ■ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଞ୍ଚକତା

# ଅନ୍ୟ ଲୋକଙ୍କ ଘର ଦେଖାଇ ବିଲ୍ ପାସ୍

ବେଗୁନିଆ,୨୦।୬ (ଡି.ଏନ.ଏ.)



ସଦାଶିବ ବେହେରାଙ୍କ ଘର।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ଥିବା ଯୋଗ୍ୟ ହିତାଧିକାରୀମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ନିର୍ମାଣ କରଯାଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଚଞ୍ଚକତା କରାଯାଇଥିବା ଅଭିଯୋଗ ଉଠିଛି। ଜମି ପଟ୍ଟା ନ ଥିବା ଲୋକଙ୍କର ସରକାରୀ ଜାଗାରେ ଗୃହ ନିର୍ମାଣ କରାଯାଇଥିବାବେଳେ ଆଉ କେତେକ ହିତାଧିକାରୀଙ୍କଠାରୁ ହାତ ଗୁଞ୍ଜା ନେଇ ବିଲ୍ ପାଶ୍ କରି ଦିଆଯାଉଛି। ସବୁଠୁ ବଡ ବ୍ୟତିକ୍ରମ ହେଲା ଜଣେ ହିତାଧିକାରୀ ନିଜେ ଗୃହ ନିର୍ମାଣ କରିନାହାନ୍ତି। ମାତ୍ର ଅନ୍ୟ ଲୋକଙ୍କ ବାସଗୃହ ଦେଖାଇ ୩ କିସ୍ତି ବିଲ୍ ପାସ୍ କରି ନେଇ ଯାଇଥିବା ଅଭିଯୋଗ ହେଉଛି। ଘଟଣାସ୍ଥଳରେ ଦେଉଳି ପଞ୍ଚାୟତ ଅଧୀନ କୋଚିଆଖାଲ ଗାଁର ସଦାଶିବ ବେହେରା ଏକ ଗୁରୁତର ଅଭିଯୋଗ ଉଠାଇଛନ୍ତି। ତାଙ୍କ ବାସଗୃହକୁ ଦେଖାଇ ପଡୋଶୀ ଜଣେ ଲୋକ ଘର ନିର୍ମାଣ ନ କରି ସମସ୍ତ ବିଲ ପାଇ ଯାଇଥିବା ଜଣାପଡିଥିଲା। ଏ ନେଇ ସଦାଶିବ ବେଗୁନିଆ ବିଡିଓଙ୍କୁ ଅବଗତ କରାଇଥିଲେ ହେଁ ବିଡିଓ କର୍ଣ୍ଣପାତ କରି ନ ଥିଲେ। ଅନ୍ୟପକ୍ଷରେ ସଦାଶିବଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ୧୦ ହଜାର ଟଙ୍କା ନେଇ ଚୁପ ହୋଇ ଯାଅ ବୋଲି ଚାପ ପକା ଯାଇଥିଲା। ମାତ୍ର ସଦାଶିବ ଏହାକୁ ଖାତିର ନ କରି ଖୋର୍ଦ୍ଧା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ମିଶ୍ରଙ୍କ ପାଖରେ ୧୮ ତାରିଖରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପିଡି ମିଶ୍ର, ବିଡିଓଙ୍କୁ ତଦନ୍ତ ଆଦେଶ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ରବି ନାରାୟଣ ମାଝି କୁହନ୍ତି, ସଦାଶିବଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭୁଲ୍। ଏଭଳି ଭୁଲ ହେବା ଆମ ପକ୍ଷରେ ଅସମ୍ଭବ। ଏ ସମ୍ପର୍କରେ ସଦାଶିବ କୁହନ୍ତି, ବିଗତ ଦୁଇବର୍ଷ ମଧ୍ୟରେ ବ୍ଲକର ବହୁ ଅଧିକାରୀ ଓ କର୍ମଚାରୀ ଜାଲିଆତି ଏବଂ ଲାଞ୍ଚ ଅଭିଯୋଗରେ ଭିଜିଲାନ୍ସ ହାତରେ ଧରା ପଡିଥିଲେ। ଠିକ୍ ମୁଁ କରିଥିବା ଅଭିଯୋଗର ସତ୍ୟତା ରହିଛି। ବ୍ଲକ ଡାଟା ଏଣ୍ଟ୍ରି କମ୍ପ୍ୟୁଟରରେ ମୋ ନିଜ ବାସଗୃହର ଫଟୋ ରହିଥିବାର ଦେଖାଯାଇଛି। ଅଭିଯୋଗ ପରେ ପ୍ରକୃତ ହିତାଧିକାରୀଙ୍କୁ ଶୀଘ୍ର ଘର ତୋଳି ଦେବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଚାପ ପକାଯିବା ସହ ଡାଟା ଫାଇଲରୁ ଫଟୋ ଡିଲିଟ୍ ପାଇଁ ମସୁଧା କରାଯାଉଛି। ଏହାର ଉଚ୍ଚ ରୀୟ ତଦନ୍ତ କରାଗଲେ ପ୍ରକୃତ ସତ୍ୟତା ଲୋକଲୋଚନକୁ ଆସିପାରିବ।

# ସ୍କୁଲ ଛୁଟି ବଢ଼ାଇବା, କମାଇବା ନେଇ ଅସନ୍ତୋଷ

ଖୋର୍ଦ୍ଧା ଅଫିସ,୨୦।୬:

ଗ୍ରୀଷ୍ମ ଅବକାଶ ପରେ ସ୍କୁଲ ଖୋଲିବା ନେଇ ସରକାରଙ୍କର ବାରମ୍ବାର ନିଷ୍ପତ୍ତି ପରିବର୍ତ୍ତନକୁ ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୧୯ରେ ସ୍କୁଲ ଖୋଲିଥାନ୍ତା। ଏ ନେଇ ଛାତ୍ରୀଛାତ୍ର ଓ ଶିକ୍ଷକ ପ୍ରସ୍ତୁତି ହୋଇ ସାରିଥିଲେ। ତେବେ ୧୮ ତାରିଖ ଅପରାହ୍ନରେ ସରକାର ଖରା ଓ ଗୁଳୁଗୁଳିକୁ ଦେଖି ୨୧ରେ ସ୍କୁଲ ଖୋଲିବ ବୋଲି ଘୋଷଣା କରିଥିଲେ। ଛୁଟି ଅବଧି ବଢ଼ିବା ପରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ପ୍ରସ୍ତୁତିରେ ଲଗାମ ଲାଗିଥିଲା। କେତେଜଣ ଛାତ୍ରୀଛାତ୍ର ଓ ଶିକ୍ଷକ ବିଭିନ୍ନ କାର୍ଯ୍ୟକ୍ରମ କରି ବାହାରକୁ ଚାଲିଗଲେ। ଛୁଟି ବଢ଼ିବା କାରଣରୁ ଫନୀରେ କ୍ଷତିଗ୍ରସ୍ତ ସ୍କୁଲର କାର୍ଯ୍ୟ ମଧ ଧିମେଇ ଗଲା। ଏଭଳିସ୍ଥଳେ ପାଣିପାଗରେ ପରିବର୍ତ୍ତନ ହୋଇଥିବା ନେଇ ପୁଣି ଛୁଟି କମାଇ ୨୧ ତାରିଖରେ ସ୍କୁଲ ଖୋଲିବାର ଘୋଷଣା ଠିକ୍ ନୁହେଁ ବୋଲି ପ୍ରତିବାଦ ଉଠିଲାଣି। ଅପରପକ୍ଷେ ମାନସିକ ଭାବେ ପ୍ରସ୍ତୁତ ହୋଇ ନ ଥିବା ଛାତ୍ରୀଛାତ୍ର ଓ ଶିକ୍ଷକ ୨୧ରେ ସ୍କୁଲ ଯିବାକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି। ଅନ୍ୟପକ୍ଷେ ଖୋର୍ଦ୍ଧା ଜିଲାରେ ଖୋର୍ଦ୍ଧା ବ୍ଲକର ଭଗବତ ଦେବ ବିଦ୍ୟାପୀଠ ଜଙ୍କିଆ, ଚିନ୍ତାମଣି ବିଦ୍ୟା ନିକେତନ ନରଣଗଡ ଓ କାଇପଦର ହାଇସ୍କୁଲ ଏବଂ ଟାଙ୍ଗୀ ବ୍ଲକର କମାଗୁରୁ ନୋଡାଲ ହାଇସ୍କୁଲ, ଏସଟିୟୁ ଏକାଡେମୀ ନୋଡାଲ ହାଇସ୍କୁଲ ଫନୀରେ ପୁରା ଭାଙ୍ଗି ଯାଇଛି। ଏହି ସ୍କୁଲରେ ପାଠପଢ଼ା ସମ୍ଭବ ନ ଥିବାରୁ ଏଗୁଡିକର ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବାର ବ୍ୟବସ୍ଥା ହୋଇଛି। ସେହିପରି ଖୋର୍ଦ୍ଧା, ଟାଙ୍ଗୀ ଓ ବାଣପୁରରେ ୪ଟି ବାତ୍ୟା ଆଶ୍ରୟସ୍ଥଳରେ ଛାତ୍ରୀଛାତ୍ର ପାଠ ପଢ଼ିବେ। ପ୍ରାୟ ୧ କିମି ଦୂରତା ମଧ୍ୟରେ ଥିବା ୧୦୧ ସ୍କୁଲରେ ୧୩୦ ସ୍କୁଲ ମର୍ଜ କରାଯାଇ ପାଠପଢ଼ା ଯିବ। ୨ଟି ସିଫ୍ଟରେ ୧୩ଟି ସରକାରୀ ସ୍କୁଲ ଚାଲୁ ରହିବ। ସେହିଭଳି ୧୭ଟି ଅନୁଦାନପ୍ରାପ୍ତ ସ୍କୁଲରେ ମଧ ପାଠପଢ଼ା ହେବ।

### ଭୁଷଣ୍ଡପୁରରେ ରଥଯାତ୍ରା ପ୍ରସ୍ତୁତି ଆରମ୍ଭ

ଟାଙ୍ଗୀ(ଖୋର୍ଦ୍ଧା), ୨୦।୬ (ଡି.ଏନ୍.ଏ.)

ଚିଲିକା ଉପକୂଳସ୍ଥ ଭୁଷଣ୍ଡପୁରରେ ଶ୍ରୀଜୀଉଙ୍କ ରଥଯାତ୍ରା ପାଳନ ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ରଥଯାତ୍ରାର ସୁପରିଚାଳନା ପାଇଁ ଏକ ୧୧ ଜଣିଆ କମିଟି ଗଠନ କରାଯାଇଛି। ଯାତ୍ରା ସମୟରେ ଖୋର୍ଦ୍ଧା ଜିଲା ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ହୋଇଛି। ପାରିକୁଦ ରାଜା ସନ୍ତୋଷ ସିଂ ମର୍ଦ୍ଦରାଜ ଭ୍ରମରବରରାୟ ଶ୍ରୀଜୀଉଙ୍କ ରଥରେ ଛେରାପହଁରା କାର୍ଯ୍ୟ କରିବେ ବୋଲି ସ୍ୱୀକୃତି ଦେଇଛନ୍ତି।

### ବଳାତ୍କାର ଅଭିଯୋଗ: ଜଣେ ଗିରଫ

ନିରାକାରପୁର,୨୦।୬(ଡି.ଏନ୍.ଏ.)

ଯୁବତୀକୁ ବଳାତ୍କାର ଅଭିଯୋଗରେ ଜଣେ କାର୍ଯ୍ୟରତ ରେଳ କର୍ମଚାରୀଙ୍କୁ ଗୁରୁବାର ପୋଲିସ ଗିରଫ କରିଛି। ସେ ହେଉଛନ୍ତି ନିରାକାରପୁର ଥାନା ରାମେଶ୍ୱର ପଞ୍ଚାୟତସ୍ଥ ଭାସ୍କର ପରିଡ଼ା (୨୭)। ଅଭିଯୁକ୍ତ ଏବଂ ଯୁବତୀ ଉଭୟଙ୍କ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରାଯାଇଛି। ତଦନ୍ତ କରୁଥିବା ରେଳ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆଙ୍କ ସୂତ୍ରରୁ ପ୍ରକାଶ, ଗତ ଫନୀ ବାତ୍ୟା ସମୟରେ ଅଭିଯୋଗକାରିଣୀ ଭାସ୍କରଙ୍କ ଘରେ ଆଶ୍ରୟ ନେଇଥିଲେ। ତେବେ ଗତ ମାସ ୨୮ତାରିଖରେ ଯୁବତୀଙ୍କୁ ଏକା ଦେଖି ଭାସ୍କର ତାଙ୍କୁ ବଳାତ୍କାର କରିଥିଲେ। ଯୁବତୀ ଜଣକ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୋଧରେ ଗ୍ରାମବାସୀଙ୍କଠାରୁ ନ୍ୟାୟ ନ ପାଇ ଶେଷରେ ସ୍ଥାନୀୟ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୬୫/୧୯ରେ ତଦନ୍ତ ଜାରି ରଖିଥିଲା। ତେବେ ଭାସ୍କର ଟ୍ରାକ୍ ମେଣ୍ଟେନାନ୍ସ ଦାୟିତ୍ୱରେ ଥିବାବେଳେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନ ଜଣାଇ ପୋଲିସ ଗିରଫ କରିବାକୁ ନେଇ ଅଭିଯୋଗ ହୋଇଛି। ସେ ଲାଲ୍ ପତାକା ଦେଖାଇ ଗାଡ଼ିକୁ ଅଟକାଇବା ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବାବେଳେ ତାଙ୍କୁ କାର୍ଯ୍ୟକ୍ଷେତ୍ରରୁ ହଠାତ୍ କିଭଳି ଗିରଫ କରାଗଲା ସେ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହୋଇଛି। ଏ ସମୟରେ ରେଳ ଚଳାଚଳରେ ମଧ ବାଧା ଘଟିଥିଲା। ଏ ନେଇ ବିଭାଗୀୟ ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ପୋଲିସ ଏ ବିଷୟରେ ଆମକୁ ଜଣାଇ ନ ଥିବା କହିଛନ୍ତି। ତେବେ ତଦନ୍ତ ଅଧିକାରୀ କହିଥିଲେ କି, କାହାକୁ ନ ଜଣାଇ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିବ। ଗିରଫ କର୍ମଚାରୀଙ୍କ ବଦଳରେ ଅନ୍ୟ ଜଣଙ୍କୁ ନିୟୋଜିତ କରାଯାଇଥିବା ସେ କହିଥିଲେ।

## ■ ଡ୍ରେନ୍ ନିର୍ମାଣ ନାଁରେ ଦୁର୍ନୀତି

# ଅସମ୍ପୂର୍ଣ୍ଣ ଯୋଗୁ ସୃଷ୍ଟି ହେଉଛି କୃତ୍ରିମ ବନ୍ୟା

ଖୋର୍ଦ୍ଧା ଅଫିସ,୨୦।୬:





ମହିଳା ମହାବିଦ୍ୟାଳୟ ସମ୍ମୁଖ ରାସ୍ତାକଡରେ ଥିବା ଡ୍ରେନ ଅଳିଆ ପୋତି ହୋଇଛି। ଷଡଙ୍ଗୀଲେନରେ ଥିବା ଡ୍ରେନରେ ପାଚେରି ଭାଙ୍ଗିପଡିଛି।

ଜିଲାର ସଦର ମହକୁମା ଖୋର୍ଦ୍ଧା ସହରରେ ଡ୍ରେନ ନିର୍ମାଣ ନାଁରେ ଲକ୍ଷାଧିକ ଟଙ୍କା ହରିଲୁଟ୍ ହୋଇଛି। ସାମାନ୍ୟ ବର୍ଷାରେ ସହରର ଜାତୀୟ ରାଜପଥ ଓ ବିଭିନ୍ନ ୱାର୍ଡର ରାସ୍ତା ଉପରେ ନର୍ଦ୍ଦମା ଓ ବର୍ଷା ଜଳ ପ୍ରବାହିତ ହେଉଛି। ଅସମ୍ପୂର୍ଣ୍ଣ ଡ୍ରେନ ସୃଷ୍ଟି କରୁଛି କୃତ୍ରିମ ବନ୍ୟା। ସ୍ଥାୟୀ ନିରାକରଣ ଲାଗି ବିଭିନ୍ନ ସମୟରେ ପ୍ରଶାସନିକ ଓ ରାଜନୈତିକ ସ୍ତରରେ ପ୍ରତିଶ୍ରୁତି ଦିଆଯାଉଥିଲେ ହେଁ କୌଣସି ପଦକ୍ଷେପ ନିଆଯାଉନାହିଁ। ବର୍ଷାଋତୁ ଆରମ୍ଭ ହୋଇଯାଇଥିଲେ ହେଁ ଏଯାବତ ଡ୍ରେନ ସଫେଇ ହୋଇନାହିଁ। ଠିକଣା ସମୟରେ ପ୍ରଶାସନ ପକ୍ଷରୁ ଯେଉଁ ତରବରିଆ ସାମୟିକ ପଦକ୍ଷେପ ନିଆଯାଉଛି ତାହା ସମସ୍ୟାକୁ ସମାଧାନ କରିପାରୁନାହିଁ। ପ୍ରତି ବର୍ଷାଋତୁରେ ସହରବାସୀ ହନ୍ତସନ୍ତ ହେଉଛନ୍ତି।

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଛକଠାରୁ ଗଜପତି ଛକ ପର୍ଯ୍ୟନ୍ତ ଉଭୟପାର୍ଶ୍ୱରେ ଡ୍ରେନ ନିର୍ମାଣ ଚାଲିଛି। ଡ୍ରେନ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ବର୍ଷାଜଳ ଡମସାହି ଭିତରେ ଜମି ରହିବ। ଗଜପତି ଛକଠାରୁ ବାଇପାସର ଚୈତନ୍ୟ ମଠ ଓ ବାଟମଙ୍ଗଳା ମନ୍ଦିରଠାରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ମଧ ଡ୍ରେନ ଅଧାପନ୍ତରିଆ ହୋଇ ପଡିରହିଛି। ବାଇପାସର ଶାନ୍ତି କଲ୍ୟାଣ ମଣ୍ଡପଠାରୁ ମହିଳା ମହାବିଦ୍ୟାଳୟ, ଠେଙ୍ଗା ହାଟ ଛକ, ସାମନ୍ତରାପୁର ଛକ ଦେଇ କାମନାବର ସାହି ପର୍ଯ୍ୟନ୍ତ ଗଭୀର ଡ୍ରେନ ରହିଛି। ହେଲେ ମହିଳା ମହାବିଦ୍ୟାଳୟ ସମ୍ମୁଖ ୩ ସ୍ଥାନରେ, ଠେଙ୍ଗାହାଟ ଛକ, ସ୍ୱପ୍ନେଶ୍ୱର ମନ୍ଦିର ପାଖଠାରେ ଡ୍ରେନ ଅସମ୍ପୂର୍ଣ୍ଣ ହୋଇ ରହିଛି। ପୁଣି ଏହି ଡ୍ରେନ ତିଆରି ପରଠାରୁ ସଫେଇ ହୋଇ ନ ଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ ସାମାନ୍ୟ ବର୍ଷାରେ ନର୍ଦ୍ଦମା ପାଣି ସିଦ୍ଧେଶ୍ୱର ମନ୍ଦିର ସମ୍ମୁଖ ରାସ୍ତା ଉପରେ ଢେଉ ମାରୁଛି। ଖ୍ରୀଷ୍ଟିୟାନ ସାହିର ମହିଳା କଲେଜରୋଡର କାର୍ମେଲ ସ୍କୁଲଠାରୁ ଷଡଙ୍ଗୀ ଲେନ ନର୍ଦ୍ଦମାରେ ପାଚେରି ଭୁଶୁଡି ଡ୍ରେନ ପୋତି ହୋଇରହିଛି। ନୂଆ ବସଷ୍ଟାଣ୍ଡଠାରୁ ଚଣ୍ଡିଟୁଆ ଏବଂ ନୂଆ ବସଷ୍ଟାଣ୍ଡଠାରୁ ବିଡିଏ କଲୋନୀ ପର୍ଯ୍ୟନ୍ତ ରାସ୍ତାର ଦକ୍ଷିଣପାର୍ଶ୍ୱରେ ଡ୍ରେନ ଅଧାପନ୍ତରିଆ ହୋଇ ରହିଛି। ନୂଆ ବସଷ୍ଟାଣ୍ଡରେ ଯେଉଁଠି ମାର୍କେଟ ଶେଷ ହୋଇଛି ସେଠାରେ ଡ୍ରେନ ନ ଥିବାରୁ ନର୍ଦ୍ଦମା ଜଳ ବାଉରିସାହି ଛକଠାରେ ଜମି ରହୁଛି। ଷ୍ଟେଟବ୍ୟାଙ୍କ ଛକର ପୂର୍ବପାର୍ଶ୍ୱରେ ଉପଜିଲାପାଳ, ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଡ୍ରେନ ବ୍ୟବସ୍ଥା ନାହିଁ। ଭୁବନେଶ୍ୱର ବାଇପାସ୍‌ର ପିତାପଲ୍ଲୀ ଛକଠାରୁ ଆରମ୍ଭ ହୋଇଥିବା ୫୭ ନଂ. ଜାତୀୟ ରାଜପଥର ଖୋର୍ଦ୍ଧା ସହରର ଗୋଡିପୋଖରୀ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ଡ୍ରେନେଜ ନାହିଁ। ଗୋଡିପୋଖରୀଠାରୁ ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ ଡ୍ରେନ ରହିଛି। ଏହା ବ୍ୟବସାୟୀ ଓ କେତେଜଣ ଘରୋଇ ଲୋକଙ୍କ ଦ୍ୱାରା ଜବରଦଖଲରେ କରାଯାଇଛି। ବିଶେଷକରି ତେଲେଙ୍ଗାସାହି ଛକ ସମ୍ମୁଖରେ ଡ୍ରେନ ପୋତା ଯାଇଥିବାରୁ ନର୍ଦ୍ଦମା ଜଳ ରାସ୍ତା ଉପରେ ପ୍ରବାହିତ ହେଉଛି। ପୁରୁଣାସହରର ମୁଖ୍ୟ ବ୍ୟବସାୟ ପେଣ୍ଠସ୍ଥଳୀ ମାରୱାଡିପଟିରେ ଡ୍ରେନ ନିୟମିତ ସଫେଇ ହେଉନାହିଁ। ଟ୍ରାଫିକ ଛକଠାରୁ ପେଟ୍ରୋଲ ପମ୍ପ ଛକ ପର୍ଯ୍ୟନ୍ତ ଥିବା ଡ୍ରେନ କେତେଜଣ ବ୍ୟବସାୟୀଙ୍କ ଦ୍ୱାରା ପୋତି ଦିଆଯାଇଛି। ସମବାୟ ବ୍ୟାଙ୍କ ଛକଠାରୁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ଡ୍ରେନ ଉପରେ ଦୋକାନ ଘର ନିର୍ମାଣ ଯୋଗୁ ବର୍ଷାଜଳ ଡ୍ରେନରେ ନ ଯାଇ ରାସ୍ତାରେ ଜମି ରହୁଛି। ଚଣ୍ଡିଟୁଆ ଛକଠାରୁ ନୂଆ ମେଡିକାଲ ଫାଟକ ଦେଇ ଖୋର୍ଦ୍ଧା ସହର ଶେଷ ପର୍ଯ୍ୟନ୍ତ ଡ୍ରେନ ବ୍ୟବସ୍ଥା ଆଦୌ ନାହିଁ। ବର୍ଷର ଯେକୌଣସି ସମୟରେ ଅସରାଏ ବର୍ଷାରେ ସହରର ରାସ୍ତାଗୁଡିକ ଜଳାର୍ଣ୍ଣବ ହୋଇପଡୁଛି। ବର୍ଷାଜଳ ନିଷ୍କାସିତ ହୋଇ ନ ପାରି ୫୭ ନଂ. ଜାତୀୟ ରାଜପଥ ଓ ଅନ୍ୟ ରାସ୍ତା ଉପରେ ଚାଲୁଛି। ଯୁଆଡେ ଦେଖିବ ନର୍ଦ୍ଦମା ପାଣି। ପାଣିରେ ଭାସୁଛି ପରିତ୍ୟକ୍ତ ପଲିଥିନ୍, ଗୁଟ୍‌କା ପାଉଚ ଓ କୁଢ଼ କୁଢ଼ ଆବର୍ଜନା। ରାସ୍ତା ଉପରେ ପାଣି ବହିଯିବା ପରେ ରହିଯାଉଛି ଗୋଡି, ପଥର, ବାଲି ଓ ଭଙ୍ଗା ମଦ ବୋତଲ ପ୍ରଭୃତି। ଡ୍ରେନ ସଫେଇ ହୋଇ ନ ଥିବାରୁ ଚଳିତବର୍ଷ ଖୋର୍ଦ୍ଧା ସହରବାସୀଙ୍କୁ ହଟହଟା ହେବାକୁ ପଡିବ। ଏ ନେଇ ଜିଲାପାଳ, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ, ବିଧାୟକ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ମିଳିତ ଭାବେ ପଦକ୍ଷେପ ନ ନେଲେ ଏହି ସମସ୍ୟାର ସମାଧାନ ହୋଇପାରିବ ନାହିଁ।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
-ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### ଘରଭଙ୍ଗା ତଦନ୍ତରେ ବ୍ୟାପକ ଅନିୟମିତତା ଅଭିଯୋଗ

ଗୋପ, ୨୦।୬(ଡି.ଏନ୍.ଏ.): ଫନୀରେ ଗୋପ ତହସିଲ ଅଧୀନ ବୀରତୁଙ୍ଗ ଗ୍ରାମ ପଞ୍ଚାୟତରେ ଘରଭଙ୍ଗା ତଦନ୍ତରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆସିଛି। ତହସିଲ ଓ ବ୍ଲକ ପକ୍ଷରୁ ଲଗାଯାଇଥିବା ତାଲିକାରେ ଅଯୋଗ୍ୟ ଓ ଧନୀଶ୍ରେଣୀର ବ୍ୟକ୍ତିଙ୍କ ନାମ ଥିବାବେଳେ ପ୍ରକୃତ ବିପନ୍ନଙ୍କ ନାମ ବାଦ୍ ପଡ଼ିଥିବା ଗୁରୁବାର ଗୋପ ତହସିଲଦାର ଏବଂ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିବା ଅଭିଯୋଗ ପତ୍ରରୁ ଜଣାପଡ଼ିଛି। ଏହି ଅଭିଯୋଗକୁ ଯଦି ବିଚାରକୁ ନ ନିଆଯାଏ ଓ ପୁନଃ ତଦନ୍ତ ନ କରାଯାଏ ତେବେ ବାଦ୍ ପଡ଼ିଥିବା ଗରିବ ବିପନ୍ନମାନେ ତହସିଲ, ବ୍ଲକ୍ ଘେରାଉ କରିବା ସହ ରାଜରାସ୍ତାକୁ ଆସିବେ ବୋଲି ବିପନ୍ନ ପବିତ୍ର ମୋହନ ପରିଡ଼ା, ପ୍ରଫୁଲ୍ଲ କୁମାର ପରିଡ଼ା, ଅକ୍ଷୟ ସ୍ୱାଇଁ, ଗନ୍ଧର୍ବ ସ୍ୱାଇଁ, ରମେଶ ଚନ୍ଦ୍ର ମହାନ୍ତି, ବିଜୟ କୁମାର ପ୍ରଧାନ, ସାଧୁ ବିଶ୍ୱାଳ, ବୃନ୍ଦାବନ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ପତ୍ରରେ ବିପନ୍ନମାନେ ଉଲ୍ଲେଖ କରିଛନ୍ତି ଯେ, ଘରଭଙ୍ଗା ତଦନ୍ତରେ ଛାତଘର ଓ ଧନୀ ଶ୍ରେଣୀର ନାମ ଥିବାବେଳେ ଗରିବ ଓ କଚ୍ଚା ଘର ଥିବା ଲୋକମାନଙ୍କ ନାମକୁ ବାଦ୍ ଦିଆଯାଇଛି ଏବଂ ଧନୀଶ୍ରେଣୀ ବ୍ୟକ୍ତିଙ୍କ ଠାରୁ ହାତଗୁଞ୍ଜ ନେଇ ତାଙ୍କ ନାମ ଅନ୍ତର୍ଭୁକ୍ତ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କୁ ପଚାରିବାରେ ମୋ ପାଖରେ ଏପରି କିଛି ଅଭିଯୋଗ ପହଞ୍ଚିନାହିଁ। ହୋଇଥିବା ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ।

### ହରିଣର କ୍ଷତାକ୍ତ ମୃତଦେହ ଜବତ କଲା ବନ ବିଭାଗ

କାକଟପୁର, ୨୦।୬(ଡି.ଏନ୍.ଏ.):ଅସ୍ତରଙ୍ଗ ବନବିଭାଗ ଗୁରୁବାର ମାଣ୍ଡୁକି ଗାଁ ନିକଟସ୍ଥ ଜଙ୍ଗଲରୁ ଏକ ହରିଣର କ୍ଷତାକ୍ତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଜବତ ମୃତଦେହର ପଛପଟ ସମ୍ପୂର୍ଣ୍ଣ କ୍ଷତାକ୍ତ ହୋଇଛି। ଏହାକୁ କୌଣସି ବନ୍ୟଜନ୍ତୁ ଆକ୍ରମଣ କରି କ୍ଷତାକ୍ତ କରିଛି ନା ମାଂସ ପାଇଁ ଯୋଜନାବଦ୍ଧ ଭାବେ ଏହାକୁ ହତ୍ୟା କରାଯାଇଛି ସେ ନେଇ ଅସ୍ତରଙ୍ଗ ଅଞ୍ଚଳରେ ଜୋର ଚର୍ଚ୍ଚା ହେଉଛି। ବୁଧବାର ଖାଦ୍ୟ ଓ ପାନୀୟ ଗୋଟିଏ ହରିଣ ଦଳ ଅସ୍ତରଙ୍ଗ ଉପକୂଳ ଜଙ୍ଗଲରୁ ଗାଁ ମୁହାଁ ହୋଇଥିଲେ। ସେଥିରୁ ଗୋଟିଏ ହରିଣକୁ ବଡ଼ସିରେଇ ଗ୍ରାମବାସୀ ଧରି ବନବିଭାଗକୁ ହସ୍ତାନ୍ତର କରିଥିଲେ। ଗୁରୁବାର ସକାଳୁ ମାଣ୍ଡୁକି ଗାଁ ନିକଟ ଜଙ୍ଗଲରେ ହରିଣ ମରିପଡ଼ିଥିବା ଦେଖି କେତେଜଣ ଲୋକେ ବନବିଭାଗକୁ ଖବର ଦେଇଥିଲେ। ବନପାଳ କାର୍ତ୍ତିକ ମୁଣ୍ଡା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ହରିଣର ମୃତଦେହ ଜବତ କରି ଅସ୍ତରଙ୍ଗ ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। ଏ ସମ୍ପର୍କରେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ଦାୟିତ୍ୱରେ ଥିବା କୋଣାର୍କ ରେଞ୍ଜର ଆଦିତ୍ୟ ମିଶ୍ରଙ୍କୁ ପଚାରିବାରେ ହରିଣର କ୍ଷତାକ୍ତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ବନ ବିଭାଗ ତଦନ୍ତ କରି ପଦକ୍ଷେପ ନେବ ବୋଲି ସୂଚନା ଦେଇଥିଲେ।

# ରିଲିଫରୁ ବଞ୍ଚିତ ୩ ହଜାର ବିନା ରାଶନକାର୍ଡଧାରୀ

## ଆବେଦନ ନେଇ ଚାଲିଛି ତଦନ୍ତ

ନିମାପଡ଼ା,୨୦।୬(ଡି.ଏନ୍.ଏ.):

ବାତ୍ୟା 'ଫନୀ'ରେ ନିମାପଡ଼ା ବ୍ଲକର ୩୨ପଞ୍ଚାୟତ ଓ ଏନ୍ଏସିର ୧୧ୱାର୍ଡରେ ବ୍ୟାପକ କ୍ଷତି ଘଟିଛି। ପ୍ରାୟ ୫୨ହଜାର ପରିବାରର ୨ଲକ୍ଷରୁ ଊର୍ଦ୍ଧ୍ୱ ଲୋକେ ବିପନ୍ନ ହୋଇପଡିଛନ୍ତି। ବାତ୍ୟାରେ ପ୍ରଭାବିତ ପ୍ରତ୍ୟେକ ରାଶନକାର୍ଡ ଧାରୀ ଓ ବିନା ରାଶନ କାର୍ଡ ଧାରୀଙ୍କୁ ୫୦କେଜି ଚାଉଳ ଓ ୩ ହଜାର ଟଙ୍କା ଲେଖାଏଁ ରିଲିଫ ଦେବାକୁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଏହି ବ୍ଲକ ଓ ଏନ୍ଏସି ଅଞ୍ଚଳରେ ସରକାରୀ ନିର୍ଦ୍ଦେଶ ଅପହଞ୍ଚ ପାଲଟିଥିବା ଦେଖାଦେଇଛି। ବ୍ଲକରେ ୪୨ହଜାର ୨୯୨ହିତାଧିକାରୀ ଓ ଏନ୍ଏସିର ୨ହଜାର ୮୦୪ରାଶନ କାର୍ଡ ହିତାଧିକାରୀଙ୍କୁ ୫୦କେଜି ଚାଉଳ ଓ ୩ହଜାର ଟଙ୍କା ମିଳିଥିବା ବେଳେ ଏହି ବ୍ଲକର ପ୍ରାୟ ୭ହଜାର ବିନା ରାଶନ କାର୍ଡ ହିତାଧିକାରୀଙ୍କୁ ଚାଉଳ ଓ ଟଙ୍କା ମିଳି ଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସେହିପରି ଏନ୍ଏସିର ୧୭୮୭ ବିନା ରାଶନ କାର୍ଡଧାରୀଙ୍କୁ ଚାଉଳ ଓ ଟଙ୍କା ମିଳି ଥିବା ଏନ୍ଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

ବ୍ଲକର ପ୍ରତ୍ୟେକ ପଞ୍ଚାୟତ ଓ ଏନ୍ଏସିର ପ୍ରତ୍ୟେକ ୱାର୍ଡରେ ଅଙ୍ଗନୱାଡି କର୍ମୀ ଓ ଶିକ୍ଷକମାନଙ୍କ ଦ୍ୱାରା ବିନା ରଶନକାର୍ଡଧାରୀଙ୍କୁ ସର୍ଭେ କରାଯାଇ ତାଲିକା ପ୍ରସ୍ତୁତ କରାଯାଇଥିଲା। ମାତ୍ର ଏହି ତାଲିକାରୁ ଶହ ଶହ ବିନା ରାଶନକାର୍ଡଧାରୀଙ୍କ ନାମ ବାଦ ପଡିଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ବଡଶିରୁଳା ପଞ୍ଚାୟତର ନକୁଳଚନ୍ଦ୍ର ସ୍ୱାଇଁ, ସୁରେନ୍ଦ୍ର ନାଥ ବାରିକ, ରମେଶ ଚନ୍ଦ୍ର ବାରିକ, କେଳୁ ସାହୁ, ବିମ୍ବାଧର ପରିଡା, ତେରୁଣ୍ଡିଆ ପଞ୍ଚାୟତର ଅବନୀ ପ୍ରଧାନ, ସୁଦାମ ପଡିଆରୀ, ବିଶ୍ୱନାଥ ମଲ୍ଲିକ, ବଳରାମ ନାୟକ, କୈଳାସ ମହାପାତ୍ର, ଅଭିବନ୍ଧୁ ନାୟକ, ଡେଣୁଆଁ ପଞ୍ଚାୟତର ନାରାୟଣ ସାବୁତ, ବିଦ୍ୟୁତ୍‌ଲତା ମିଶ୍ର, ଉମାକାନ୍ତ ମିଶ୍ର, ବଳଙ୍ଗା ପଞ୍ଚାୟତର ସନ୍ତୋଷ କୁମାର ବୀର, ଶରତ କୁମାର ପ୍ରଧାନ, ବଳଭଦ୍ର ପଣ୍ଡା, ଉଚ୍ଛପୁର ପଞ୍ଚାୟତର ସନ୍ଦୀପ ମଙ୍ଗରାଜ, ହାରାମଣୀ ଜେନା, କୈଳାସ ମହାପାତ୍ର, ପରମାନନ୍ଦ ମହାପାତ୍ର, ଅରିଷଣ୍ଡ ପଞ୍ଚାୟତର ହରେକୃଷ୍ଣ ସୁଖାରୀ, ଅଭିମନ୍ୟୁ ଦିକ୍ଷୀତ, କାଳନ୍ଦୀ ମହାନ୍ତି, ଅସୀତ କୁମାର ଦାସ, ସୁଧିର କୁମାର ବେହେରା, ଅନ୍ତୁଆର ପଞ୍ଚାୟତର ହୃଷିକେଶ ରାଉତରାୟ, ଦିଲ୍ଲୀପ ମିଶ୍ର, ବାବୁଲି ଭୋଇଙ୍କ ସମେତ ପ୍ରାୟ ୪ହଜାର ବିନା ରାଶନକାର୍ଡ ଧାରୀ ବ୍ୟକ୍ତ ସରକାରୀ ରିଲିଫ ପାଇ ନ ଥିବା ସରପଞ୍ଚ କାଳନ୍ଦୀ ବାରିକ, ରାମଚନ୍ଦ୍ର ନାୟକ, ପବିତ୍ର ମହାପାତ୍ର, ଜୟନ୍ତ କୁମାର ପାଟ୍ଟଶାଣୀ ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ବିଡିଓ ଶ୍ରୀଧର ବିଶ୍ୱାଳ କୁହନ୍ତି, ନିମାପଡ଼ା ବ୍ଲକରେ ପ୍ରାୟ ୭ହଜାର ବିନା ରାଶନକାର୍ଡ ଧାରୀ ବ୍ୟକ୍ତିଙ୍କୁ ରିଲିଫ ଚାଉଳ ଓ ଟଙ୍କା ପ୍ରଦାନ କରାଯାଇଛି। ବ୍ଲକର ପ୍ରାୟ ୩ ହଜାର ବିନା ରାଶନକାର୍ଡଧାରୀ ରିଲିଫ ଓ ଟଙ୍କା ପାଇବା ପାଇଁ ଆବେଦନ କରିଛନ୍ତି। ଆବେଦନକାରୀ ବ୍ୟକ୍ତି ରିଲିଫ ପାଇଁ ଯୋଗ୍ୟ କି ନୁହେଁ ସେ ସମ୍ପର୍କରେ ତଦନ୍ତ ଚାଲିଛି। ତଦନ୍ତ ପରେ ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବ। ଜିଲାପାଳ ଏ ସମ୍ପର୍କରେ ଯାହା ପଦକ୍ଷେପ ନେବେ ବୋଲି ବିଶ୍ୱାଳ କହିଛନ୍ତି।



ପୁରୀରେ ବର୍ଷା ଯୋଗୁ ଗୁରୁବାର ରଥଖଳାରେ କାମ ବନ୍ଦ ରହିଛି।

# ସୁଧୁରିନି ଭିତ୍ତିଭୂମି: ଆଜି ଖୋଲିବ ଶିକ୍ଷାନୁଷ୍ଠାନ

ପୁରୀ ଅଫିସ,୨୦।୬:

ବାତ୍ୟା ଫନୀରେ ପୁରୀ ଜିଲାରେ ଅନେକ ଶିକ୍ଷାନୁଷ୍ଠାନ ଛାରଖାର ହୋଇଯାଇଛି। ଗଛଲତା ଉଜୁଡ଼ି ସବୁଜିମା ପରିବେଶ ନଷ୍ଟ ହୋଇଛି। କାହାର ଛାତ ଭାଙ୍ଗିଛି ତ କାହାର ଆଜବେଷ୍ଟସ ଛପର ଉଡ଼ିଯାଇଛି। ଗଛ ପଡ଼ି ପାଚେରି, କାନ୍ଥ ଭାଙ୍ଗିଛି। ଜିଲାରେ ୨ହଜାରରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନ କ୍ଷତିଗ୍ରସ୍ତ ହୋଇଥିବା ନେଇ ଜିଲା ଶିକ୍ଷାଧିକାରୀ ହୃଷିକେଶ କାଣ୍ତି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ମୋଟ ୩୮କୋଟି ଟଙ୍କାର କ୍ଷୟକ୍ଷତି ଘଟିଥିବା ଡିଇଓ କାଣ୍ତି କହିଛନ୍ତି। ଅନ୍ୟପଟେ ଗ୍ରୀଷ୍ମ ଅବକାଶ ଛୁଟି ପରେ ଜୁନ ୧୭ତାରିଖରେ ସ୍କୁଲ ଖୋଲିବା ନେଇ ସରକାରଙ୍କ ନିର୍ଦ୍ଦେଶନାମା ରହିଥିଲା। ଖରା ପ୍ରଖରତା ଦୃଷ୍ଟିରୁ ଗଣଶିକ୍ଷା ବିଭାଗ ପୁଣି ୨୫ତାରିଖ ପର୍ଯ୍ୟନ୍ତ ଛୁଟି ଘୁଞ୍ଚାଇଥିଲେ। ପରେ ପାଗ ଅନୁକୂଳ ଯୋଗୁ ୨୧ତାରିଖଠାରୁ ସ୍କୁଲ ଖୋଲିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଭଗ୍ନାବସ୍ଥାରେ ଥିବା ଶିକ୍ଷାନୁଷ୍ଠାନଗୁଡିକର ପୁନରୁଦ୍ଧାର କାମ ଶେଷ ହୋଇପାରିନାହିଁ। ବର୍ଷାଦିନ ଆସୁଥିବାରୁ ଏଭଳି ସ୍ଥିତିରେ ସ୍କୁଲ ଚାଲିବା ନେଇ ଅନିଶ୍ଚିତତା ପ୍ରକାଶ ପାଇଛି। ଏବେ ନୂତନ ଶିକ୍ଷାବର୍ଷ ଆରମ୍ଭ ହେବ। ଅସ୍ୱାସ୍ଥ୍ୟକର ପରିବେଶ, ଭଙ୍ଗାସ୍କୁଲ ଘରେ କିପରି ପାଠପଢା ଚାଲିବ, ସେନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକମାନଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଭାବକ ଚନ୍ଦ୍ରଶେଖର ମିଶ୍ର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ପରିବେଶ, ପାନୀୟଜଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇନାହିଁ। ବାତ୍ୟା କ୍ଷତିଗ୍ରସ୍ତ ବିଦ୍ୟାଳୟଗୁଡ଼ିକୁ ପାଠ୍ୟପୁସ୍ତକ ଓ ବିଦ୍ୟୁତ ସଂଯୋଗ ଯୋଗାଇ ଦିଆଯାଇନାହିଁ। ବିଦ୍ୟାଳୟଗୁଡିକର ଭିତ୍ତିଭୂମି ଅସଜଡ଼ା ଅବସ୍ଥାରେ ପଡ଼ିରହିଥିବାବେଳେ ପାଠପଢା କିପରି ଆରମ୍ଭ ହେବ ତାହା ବୁଝାପଡୁନାହିଁ। ଶିକ୍ଷାବିତ୍ ବ୍ରଜବନ୍ଧୁ ମହାରଣା କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ସ୍କୁଲଗୁଡ଼ିକର ମରାମତି କରାଯିବା ଆବଶ୍ୟକ। ଶ୍ରେଣୀଗୃହ ଭାଙ୍ଗିଥିବା ଛାତ୍ରୀଛାତ୍ର ଅନ୍ୟତ୍ର ପଢିବେ। ସେମାନଙ୍କୁ ଯାତାୟତ ଖର୍ଚ୍ଚ ଦିଆଯିବ। ଏହା ହାସ୍ୟାସ୍ପଦ କଥା। ଏହାଦ୍ୱାରା ପିଲାଙ୍କ ପାଠପଢାରେ କୌଣସି ସମାଧାନ ହେବନି। ଏହାର ବିକଳ୍ପ ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଜିଲା ଶିକ୍ଷାଧିକାରୀ କାଣ୍ତି କହିଛନ୍ତି, ମଣ୍ଡଳ ଶିକ୍ଷାଧିକାରୀ, ସିଆର୍‌ସିମାନେ ବିଦ୍ୟାଳୟଗୁଡିକୁ ଯାଇ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପିଲାଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଉଛି। ବିଦ୍ୟାଳୟର ଶୈକ୍ଷିକ ବାତାବରଣ ଲାଗି ଉଦ୍ୟମ କରାଯିବ।

### ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବ୍ରହ୍ମଗିରି, ୨୦।୬(ଡି.ଏନ୍.ଏ.)

ବ୍ରହ୍ମଗିରି ଥାନା ଅଧୀନସ୍ଥ ବେଣ୍ଟପୁର ଗ୍ରାମର ଏକ ଭଡା ଘରୁ ଗୁରୁବାର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ଯୁବତୀଙ୍କ ବାପା ଝିଅକୁ ହତ୍ୟାକରାଯାଇଥିବା ନେଇ ବ୍ରହ୍ମଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ପ୍ରକାରେ ସେହି ଅଞ୍ଚଳର ଜଣେ ଯୁବକ ଯୁବତୀଙ୍କୁ ଭଲ ପାଇ ବିବାହ ପ୍ରତିଶ୍ରୁତି ଦେଇ ବେଣ୍ଟପୁର ଗ୍ରାମରେ ଘର ଭଡ଼ାନେଇ ରହୁଥିଲେ। ମାତ୍ର ଗୁରୁବାର ସକାଳୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଦେଖି ଯୁବକ ଜଣଙ୍କ ତାଙ୍କୁ ପ୍ରଥମେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ପୁରୀ ସଦର ଡାକ୍ତରାନାକୁ ନେଇଥିଲେ। ସେଠାରେ ଡାକ୍ତର ଯୁବତୀଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଯୁବକ ଜଣକ ଯଥାଶୀଘ୍ର ଭଡାଘରେ ପହଞ୍ଚି ନିଜର ସମସ୍ତ ଆସବାବପତ୍ର ନେଇ କେଉଁ ଆଡେ ଫେରାର ହୋଇଯାଇଥିବା ଜଣାପଡିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଆଇଆଇସି ମନୋଜ କୁମାର ଶତପଥୀ କହିଛନ୍ତି।

### ପୂର୍ବ ବିବାଦକୁ ନେଇ ଆକ୍ରମଣ ଅଭିଯୋଗ

ନିମାପଡ଼ା,୨୦।୬(ଡି.ଏନ୍.ଏ.):

ନିମାପଡ଼ା ଥାନା ଅନ୍ତର୍ଗତ ପୁରୁଷଣ୍ଡ ଗ୍ରାମର ରବୀନ୍ଦ୍ର ବେହେରାଙ୍କୁ ବୁଧବାର ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ରବୀନ୍ଦ୍ର ଶୌଚ କରିବାକୁ ଯାଇଥିବା ବେଳେ ପୂର୍ବ ବିବାଦକୁ ନେଇ ଉକ୍ତ ଗ୍ରାମର ବ୍ରଜକିଶୋର ବେହେରା, ରାଜେନ୍ଦ୍ର ବେହେରା, କାବୁଲି ବେହେରା, ମିଥୁନ ବେହେରା, ଓ ପ୍ରଦୀପ୍ତ ବେହେରା ମିଳିତଭାବେ ତାଙ୍କୁ ଆକ୍ରମଣ କରିଥିଲେ। ରବୀନ୍ଦ୍ରଙ୍କ ଅଭିଯୋଗକ୍ରମେ ପୋଲିସ ୫ ଆକ୍ରମଣକାରୀଙ୍କ ବିରୋଧରେ(ନଂ.୧୫୯/୧୯) ମାମଲା ରୁଜୁ କରି ଚଳାଇଛି।

# ଟଙ୍କା ପାଇଁ ସାଢ଼େ ୬ଘଣ୍ଟା ଅପେକ୍ଷା କଲେ ହିତାଧିକାରୀ



ଫନୀ ସହାୟତା ପାଇଁ ଆସିଥିବା ହିତାଧିକାରୀମାନେ ବର୍ଷାରେ ଛିଡ଼ାହୋଇଛନ୍ତି।

ଗୋପ, ୨୦।୬(ଡି.ଏନ୍.ଏ.)

ସରକାରଙ୍କ ପକ୍ଷରୁ ରାସନକାର୍ଡ଼ଧାରୀଙ୍କୁ ମିଳିବାକୁ ଥିବା ଫନୀ ସହାୟତା ରାଶି ପାଇଁ ହିତାଧିକାରୀଙ୍କୁ ସାଢ଼େ ୬ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ଏହିଭଳି ଘଟଣା ସାମ୍ନାକୁ ଆସିଛି ଗୋପ ବ୍ଲକରେ। ଗୁରୁବାର ବ୍ଲକର ୩୧ପଞ୍ଚାୟତର ହିତାଧିକାରୀ ବାତ୍ୟା ସହାୟତା ରାଶି ୧୦୦୦ ଟଙ୍କା ପାଇବାକୁ ଆସି ନିରାଶ ହୋଇଥିଲେ। ଅପରାହ୍ନରେ ମାତ୍ର କେଇ ଜଣଙ୍କୁ ଏହି ସହାୟତା ରାଶି ମିଳିଥିବାବେଳେ ୮୦ଭାଗ ହିତାଧିକାରୀ ନିରାଶରେ ଫେରିବା ଭଳି ଅଭିଯୋଗ ହୋଇଛି।

ଗୋପ ବ୍ଲକର ୩୧ଗୋଟି ଗ୍ରାମ ପଞ୍ଚାୟତରେ ଥିବା ୩୬, ୩୨୩ ଜଣ ହିତାଧିକାରୀଙ୍କୁ ପୂର୍ବରୁ ଫନୀ ଲାଗି ୨୦୦୦ ଟଙ୍କା ସହ ୫୦ କିଲୋ ଚାଉଳ ମିଳିଥିଲା। ମାତ୍ର ପରେ ସରକାରଙ୍କ ପକ୍ଷରୁ ପୁରୀ ଜିଲା ପାଇଁ ଆଉ ଅଧିକ ଏକ ହଜାର ଟଙ୍କା ଦିଆଯିବା ଲାଗି ସୂଚନା ଦିଆଯାଇଥିଲା। କିନ୍ତୁ ହିତାଧିକାରୀମାନେ ଟଙ୍କା ପାଇଁ ଆସି ନିରାଶରେ ଫେରିଥିଲେ। ପୁନର୍ବାର ବ୍ଲକ ପକ୍ଷରୁ ଗୁରୁବାର ଏହି ଟଙ୍କା ବଣ୍ଟାଯିବା ଲାଗି ସୂଚନା ଦିଆଯାଇଥିଲା। ଗୁରୁବାର ସକାଳୁ ପ୍ରବଳ ବର୍ଷା ସତ୍ତ୍ୱେ ହିତାଧିକାରୀମାନେ ଏହି ସହାୟତା ରାଶି ପାଇବା ଲାଗି ଲମ୍ବା ଧାଡ଼ିରେ ଠିଆ ହୋଇଥିଲେ। ଏ ସମ୍ପର୍କରେ ଗୋପ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ବ୍ୟାଙ୍କର ଅବହେଳା ଯୋଗୁ ଟଙ୍କା ଆସିବାରେ ବିଳମ୍ବ ହୋଇଥିଲା। ଫଳରେ ଅଧିକାଂଶ ହିତାଧିକାରୀ ଟଙ୍କା ପାଇପାରି ନ ଥିଲେ। ଶୁକ୍ରବାର ଏହି ଟଙ୍କା ବଣ୍ଟନ କରାଯିବ ବୋଲି ସେ କହିଥିଲେ।

### ■ ଘର ନିର୍ମାଣ ସାମଗ୍ରୀ ରଖି ରାସ୍ତା ଅବରୋଧ

# ୧ ଲକ୍ଷ ଟଙ୍କା ଜରିମାନା ଆଦାୟ

ପୁରୀ ଅଫିସ,୨୦।୬:

ଆଗକୁ ରଥଯାତ୍ରା। ପୁରୀକୁ ଲକ୍ଷାଧିକ ଭକ୍ତ ଆସିବେ। ରଥଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ଲାଗିବ ଗହଳି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ସ୍ୱାସ୍ଥ୍ୟ, ପରିମଳ, ରାସ୍ତାଘାଟ, ବିଦ୍ୟୁତ୍, ପାନୀୟଜଳ ଉପରେ ଗୁରୁତ୍ୱ ଦିଆଯାଉଛି। ସହରର ଡ୍ରେନ୍ ସଫେଇ କରାଯାଉଥିବାବେଳେ ଜବରଦଖଲ ଉଚ୍ଛେଦ ଚାଲିଛି। ସେହିପରି ରାସ୍ତାଘାଟ ଉପରେ ଯେଉଁମାନେ ଘର ନିର୍ମାଣ ସାମଗ୍ରୀ ଗଦା କରୁଛନ୍ତି ସେମାନଙ୍କଠାରୁ ଜରିମାନା ଆଦାୟର ବ୍ୟବସ୍ଥା ହୋଇଛି। ବଡ଼ଦାଣ୍ଡ ଉଭୟପାର୍ଶ୍ୱକୁ ଜବରଦଖଲ କରି ବସୁଥିବା ଉଠାଦୋକାନୀ ଏବଂ ଡ୍ରେନ୍ ଉପରେ ବସିଥିବା ଦୋକାନ ଉଚ୍ଛେଦ କରାଯାଉଛି। ବଡ଼ଦାଣ୍ଡ ସମେତ ସହରର ବିଭିନ୍ନ ଗଳିକନ୍ଦିରେ ଘର ନିର୍ମାଣ ସାମଗ୍ରୀ ଗଦା କରି ରାସ୍ତା ଅବରୋଧ କରିଥିବା ବ୍ୟକ୍ତିଙ୍କଠାରୁ ଜରିମାନା ବାବଦରେ ପ୍ରାୟ ୧ଲକ୍ଷ ଟଙ୍କା ଏନ୍‌ଫୋର୍ସମେଣ୍ଟ ଟିମ୍ ଆଦାୟ କରିଛି। ଏହି ପ୍ରକ୍ରିୟା ଆଗକୁ ଜାରି ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ପୁରୀ ଦୋଳବେଦୀ କଣରେ ଆବର୍ଜନାମୟ ପରିବେଶରେ ୩ ରଥପାଇଁ ନିର୍ମିତ ସାରଥିମାନଙ୍କୁ ରଖାଯାଇଛି।

# ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ଦ୍ୱିତୀୟ ବିମାନବନ୍ଦର

## ଖୋର୍ଦ୍ଧାରୁ ଭୁବନେଶ୍ୱର ମଧ୍ୟରେ ଜମି ଚିହ୍ନଟ

ଭୁବନେଶ୍ୱର,୨୦।୬(ବ୍ୟୁରୋ)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ଚାହିଦା ଦିନକୁ ଦିନ ବୃଦ୍ଧି ପାଉଛି। ଭୁବନେଶ୍ୱରରୁ ଏବେ ଦୈନିକ ୭୦ରୁ ୮୦ ବିମାନ ଚଳାଚଳ କରୁଛି। ବ୍ୟାଙ୍କକ୍ ଓ କୁଆଲାଲମ୍ପୁରକୁ ଦୁଇ ଇଣ୍ଟରନ୍ୟାଶନାଲ ଫ୍ଲାଇଟ୍ ଚାଲୁଛି। ଧୀରେ ଧୀରେ ଯାତ୍ରୀ ସଂଖ୍ୟା ବୃଦ୍ଧିପାଉଥିବାରୁ ଏତେ ବଡ଼ ଟର୍ମିନାଲ ବିଲ୍ଡିଂ ଥାଇ ମଧ୍ୟ ତାହା କମ୍ ପଡୁଛି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଏବେ ଆଉ ଏକ ବିମାନବନ୍ଦର ନିର୍ମାଣ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ)ର ଚେୟାରମ୍ୟାନ୍ ଗୁରୁପ୍ରସାଦ ମହାପାତ୍ର କହିଛନ୍ତି। ସେ କହିଛନ୍ତି, ଏଥିପାଇଁ ଜମି ଚିହ୍ନଟ କରିବା ଆମର ପ୍ରାଥମିକ କାମ ହୋଇଥିବା ବେଳେ ରାଜ୍ୟ ସରକାର ଭୁବନେଶ୍ୱରରୁ ଖୋର୍ଦ୍ଧା ମଧ୍ୟରେ ୩ଟି ସ୍ଥାନ ଚିହ୍ନଟ କରିଛନ୍ତି। ଟେକ୍ନିକାଲ ସର୍ଭେ ପରେ ଆମେ ଗୋଟିଏ ସ୍ଥାନ ଉପରେ ନଜର ରଖିଛୁ। ସେଠାରେ ଦ୍ୱିତୀୟ ବିମାନବନ୍ଦର ହେବା ଯଥେଷ୍ଟ ସମ୍ଭାବନା ରହିଛି। ଭୁବନେଶ୍ୱରରେ ଦ୍ୱିତୀୟ ବିମାନବନ୍ଦର ପାଇଁ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ମିଳିତ ପ୍ରୟାସ କରୁଛନ୍ତି।

ପୂର୍ବ ଭାରତରେ ଥିବା ବିମାନବନ୍ଦରଗୁଡ଼ିକର ଆଞ୍ଚଳିକ ସମୀକ୍ଷା ବୈଠକରେ ଯୋଗଦେବାକୁ ଭୁବନେଶ୍ୱର ଆସିଥିବା ଅବସରରେ ମହାପାତ୍ର ଏହା କହିଛନ୍ତି। ଭୁବନେଶ୍ୱରରେ ଆଉ ଏକ ଏୟାରପୋର୍ଟ ପାଇଁ ଏଏଆଇ ଓଡ଼ିଶା ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛି। ଏହାସହିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ଭିତ୍ତିଭୂମି ବିକାଶ ଦିଗରେ ପଦକ୍ଷେପ ନିଆଯାଉଛି। ଏବେ ଏଠାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଚାଲିଛି। ଏୟାର୍ ଇଣ୍ଡିଆ ବ୍ୟବହାର କରୁଥିବା ପୁରୁଣା ଟର୍ମିନାଲ ବିଲ୍ଡିଂର ନବୀକରଣ କରାଯାଉଛି। ୩୦ରୁ ୪୦କୋଟି ଟଙ୍କା ଖର୍ଚ୍ଚ କରାଯାଇ ଇଣ୍ଟେରିୟରକୁ ନୂଆ ରୂପ ଦିଆଯାଉଛି। ତାହାକୁ ନୂଆ ଟର୍ମିନାଲ ବିଲ୍ଡିଂ ସହ ଯୋଡ଼ାଯିବ। ଏଥିପାଇଁ ୭୦କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହାଛଡ଼ା ଆଉ ଏକ ବଡ଼ ଟର୍ମିନାଲ ବିଲ୍ଡିଂ ତିଆରି ହେଉଛି। ଏଥିପାଇଁ ଆର୍କିଟେକ୍ଟ ଓ ଆପ୍ରୁଭାଲ ମିଳିସାରିଥିବା ବେଳେ ୯୦୦କୋଟି ଟଙ୍କା ଖର୍ଚ୍ଚ ହେବ। ୩ ବର୍ଷ ଭିତରେ କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ପାରାଲାଲ୍ ଟ୍ୟାକ୍ସି ଟ୍ରାକ୍ କାମ ସରିବା ପରେ ରନ୍‌ୱେରେ ଏବେ ଯେତିକି ଫ୍ଲାଇଟ୍ ଚଳାଚଳ କରୁଛି, ତା'ର ଦୁଇଗୁଣା ଅଧିକ ଫ୍ଲାଇଟ୍ ଚଳାଚଳ କରିପାରିବ। ଫଳରେ ଭୁବନେଶ୍ୱରରେ ଅଧିକ ଫ୍ଲାଇଟ୍ ଦେବା ପାଇଁ ସୁବିଧା ହେବ। ଏବେ ଏରୋବ୍ରିଜ୍ କମ୍ ଥିବା ଯୋଗୁ ବସ୍ ବୋର୍ଡିଂ ହେଉଛି। ଆଉ ଦୁଇଟି ନୂଆ ଏରୋବ୍ରିଜ୍ ହେବା ପରେ ବସ୍ ବୋର୍ଡିଂ ବନ୍ଦ ହୋଇଯିବ। ଅକ୍ଟୋବର ସୁଦ୍ଧା ଭୁବନେଶ୍ୱର ବିମାନବନ୍ଦରରେ ୪ ଏରୋବ୍ରିଜ୍ କାର୍ଯ୍ୟକ୍ଷମ ହେବ। ବିମାନବନ୍ଦରର ସୌନ୍ଦର୍ଯ୍ୟକରଣ, ସ୍ୱଚ୍ଛ ଓ ପରିମଳ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏହାବ୍ୟତୀତ ଓଡ଼ିଶାରେ ଏବେ ଉତ୍କେଲା ଏବଂ ଜୟପୁରରେ ଉଡାନ୍ ସ୍କିମ୍ ଅଧୀନରେ ଦୁଇ ନୂଆ ବିମାନବନ୍ଦର କାମ ଚାଲିଛି। ନଭେମ୍ବର ସୁଦ୍ଧା ଦୁଇଟି ଯାକ ଏୟାରପୋର୍ଟ କାମ ସରିବା ସମ୍ଭାବନା ରହିଛି।

### ■ ଆଇକନ ସିଟିର ନିଚ୍ଛକ ଚିତ୍ର

# ରାସ୍ତା ଗର୍ତ୍ତକୁ ଭରସା କାଠଗଣ୍ଡି

ପୁରୀ ଅଫିସ,୨୦।୬:

ଆଗକୁ ରଥଯାତ୍ରା। ପୁରୀରେ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ପ୍ରସିଦ୍ଧ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ପ୍ରଶାସନିକ ପ୍ରସ୍ତୁତି ଚାଲିଛି। ରଥଯାତ୍ରା ସମନ୍ୱୟ କମିଟି ବୈଠକରେ ସବୁ ବିଭାଗର ଅଧିକାରୀ ଯୋଗଦେଇ ଠିକଣା ସମୟରେ ସବୁ ସାରିଦେବୁ ବୋଲି ବାହୁସ୍ଫୋଟ ମାରୁଛନ୍ତି । ମାତ୍ର ବାସ୍ତବତା ଯେ ସମ୍ପୂର୍ଣ୍ଣ ଭିନ୍ନ ତାହା ବିଭିନ୍ନ ବିଭାଗର କାର୍ଯ୍ୟକୁ ଦେଖିଲେ ସ୍ପଷ୍ଟ ଜଣାପଡୁଛି। କେନ୍ଦ୍ର ସରକାରଙ୍କ ଆଇକନ ସିଟି ତାଲିକାରେ ରହିଛି ପୁରୀ ସହର। ତେବେ ଏହି ଆଦର୍ଶ ସହରରେ ଯଦି କୌଣସି ସ୍ଥାନରେ ରାସ୍ତା ଦବି ଗର୍ତ୍ତ ହେଉଛି ତେବେ ସେଠାରେ କାଠଗଣ୍ଡି ପକାଯାଇ ଲୋକଙ୍କୁ ସତର୍କ କରାଯାଉଛି। ଭିଆଇପି ରୋଡ–ରମାବଲ୍ଲଭ ରୋଡ ସଂଯୋଗ ସ୍ଥଳର ଏହି ଦୃଶ୍ୟ ଆଇକନ ସିଟିର ନିଛକ ଚିତ୍ରକୁ ପ୍ରମାଣିତ କରୁଛି । ୩/୪ ଦିନ ହେବ ଏକ ବଡ଼ କାଠଗଣ୍ଡି ପ୍ରାୟ ୨ ଫୁଟ ଉପରକୁ ରହିଥିଲେ ମଧ ଏଥିପ୍ରତି ଆର୍ ଆଣ୍ଡ୍ ବି କାର୍ଯ୍ୟାଳୟର ନିଘା ନାହିଁ।

ପୁରୀ ସହରର ଏକ ପ୍ରମୁଖ ରାସ୍ତା ହେଉଛି ଭିଆଇପି ରୋଡ। ବଡ଼ଦାଣ୍ଡରୁ ସମୁଦ୍ରକୂଳକୁ ପର୍ଯ୍ୟଟକମାନେ ଏହି ରାସ୍ତା ଦେଇ ଯା'ଆସ କରିଥାନ୍ତି। ଭିଆଇପି ରୋଡ୍‌ରୁ ରମାବଲ୍ଲଭ ରୋଡ୍‌ର ସଂଯୋଗ ସ୍ଥଳରେ କିଛିଦିନ ହେବ ରାସ୍ତା ଦବିଯାଇ ପ୍ରାୟ ୩/୪ ଫୁଟର ଏକ ଗର୍ତ୍ତ ସୃଷ୍ଟି ହୋଇଛି ଏହା ବିପଦପୂର୍ଣ୍ଣ ଅବସ୍ଥାରେ ଥିବାବେଳେ ଅଜାଣତରେ କେହି ଦୁର୍ଘଟଣାର ଶିକାର ହେବା ଆଶଙ୍କାକରି କୌଣସି ବ୍ୟକ୍ତି ଏକ କୃଷ୍ଣଚୁଡ଼ା ଗଛର ଗଣ୍ଡି ଏଥିରେ ପକାଇ ଦେଇଛନ୍ତି। ଏହି ଗଣ୍ଡି ପ୍ରାୟ ୨ଫୁଟ ଉପରକୁ ବାହାରି ରହିଛି। ଏହି ରାସ୍ତାରେ ଜାଭିୟର୍ସ ସ୍କୁଲ, ଏସ୍‌ସିଏସ୍ କଲେଜର ୪ନମ୍ବର ହଷ୍ଟେଲ, ସିଡିପିଓ ଅଫିସ, ଆର୍‌ଡି ଅଫିସ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ରହିଛି। ଏହି ରାସ୍ତା ଦେଇ ସରକାରୀ ବାବୁମାନେ ବି ଯାତାୟାତ କରୁଛନ୍ତି। ହେଲେ କେହି ଏହାର ସମାଧାନ ପାଇଁ ଉଦ୍ୟମ କରୁନାହାନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଏହାର ପ୍ରାୟ ୫୦୦ ମିଟର ଦୂରରେ ଆର୍ ଆଣ୍ଡ୍ ବି କାର୍ଯ୍ୟାଳୟ ରହିଛି। ହେଲେ ଅଧିକାରୀମାନଙ୍କ ନଜର କିନ୍ତୁ ଏହା ଉପରେ ପଡୁନାହିଁ। ୩/୪ ମାସ ପୂର୍ବରୁ ଏହି ରାସ୍ତାର ଶେଷ ମୁଣ୍ଡରେ ଅର୍ଥାତ୍ କଲେଜ ରୋଡର ସଂଯୋଗ ସ୍ଥଳରେ ମଧ ଏକ ବଡ ଗର୍ତ୍ତ ସୃଷ୍ଟି ହୋଇଥିଲା। ଦୀର୍ଘ ୧୫ଦିନରୁ ଊର୍ଦ୍ଧ୍ୱ ଧରି ଏହି ଗର୍ତ୍ତରେ ଗଛ ଡାଳ ପକାଯାଇ ଲୋକଙ୍କୁ ସତର୍କ କରାଯାଇଥିଲା। ଏବେ ପୁଣି ଏହି ରାସ୍ତା ଦବି ଗର୍ତ୍ତ ହେବା ନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସହର ବାସିନ୍ଦା ପ୍ରତାପ ଶତପଥୀ କହିଛନ୍ତି, ପୁରୀକୁ ଆଇକନ ସିଟିର ମାନ୍ୟତା ମିଳିଛି। ହେଲେ ରାସ୍ତା ଦବି ଯାଇ ବିପଦପୂର୍ଣ୍ଣ ଅବସ୍ଥାରେ ଥିଲ ମଧ୍ୟ ମରାମତି ଲାଗି ପଦକ୍ଷେପ ନିଆଯାଉନାହିଁ ।



ଦବିଥିବା ସ୍ଥାନରେ କାଠଗଣ୍ଡି ରଖାଯାଇଛି।